

ଆର୍ଯ୍ୟନଙ୍କ ମାଷ୍ଟର୍ ପ୍ଲାନ୍

▶ପୃଷ୍ଠା 9 ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-137 • THURSDAY • 13 NOVEMBER 2025 • PAGE-12 • ₹ 6.00 | JEYPORE | ବର୍ଷ-୪୩ • ସଂଖ୍ୟା-୧୩୭ • ଗୁରୁବାର • ୧୩ ନଭେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


## ୧୦/୧୧ ବିସ୍ଫୋରଣ

# ୩୭ ଦିନର ଷଡ଼ଯନ୍ତ୍ର

## ବିବାହ କାର୍ଯ୍ୟକ୍ରମରେ ଗଠନ ହୋଇଥିଲା ଆତଙ୍କୀ ଗ୍ରୁପ୍





ଏଲ୍ଏନ୍ଜେପି ହସ୍ପିଟାଲ୍‌ରେ ଆହତଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

## ବିସ୍ଫୋରଣକୁ ନିନ୍ଦା କରି କେନ୍ଦ୍ର କ୍ୟାବିନେଟରେ ପ୍ରସ୍ତାବ ଗୃହୀତ

■ ନୂଆଦିଲ୍ଲୀ, ୧୨।୧୧ (ଏଜେନ୍ସି): ଦିଲ୍ଲୀର ଲାଲକିଲ୍ଲା ବିସ୍ଫୋରଣ (୧୦/୧୧) ଘଟଣାକୁ 'ଆତଙ୍କୀ ଆକ୍ରମଣ' ବୋଲି ସ୍ପଷ୍ଟ କରିଛନ୍ତି କେନ୍ଦ୍ର ସରକାର। ଏହି ଘଟଣା ପଛରେ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ (ଜେଇଏମ)ର 'ନୂଆ ହ୍ୱାଇଟ କଲାର ଟେରର ମଡ୍ୟୁଲୋ'ର ପର୍ଦ୍ଦାଫାସ ହୋଇଛି। ଏହି ମଡ୍ୟୁଲ୍‌ରେ ପେଶାଦାର ଡାକ୍ତର ସାମିଲ ଥିବା ସହ ପାକିସ୍ତାନୀ ହ୍ୟାଣ୍ଡଲର୍ସ ସହ ଯୋଗାଯୋଗରେ ଥିଲେ। ହରିୟାଣାର ଫରିଦାବାଦ, ଜମ୍ମୁ-କଶ୍ମୀରର ପୁଲୱାମା ଏବଂ ଉତ୍ତର ପ୍ରଦେଶର ସାହାରନପୁର ସହିତ ଅନେକ ଅଞ୍ଚଳରେ ଏହି ମଡ୍ୟୁଲ୍ କାମ କରୁଥିଲା।

■ ଘଟଣା ସହ ଜଡ଼ିତ ଥିଲେ ପାକିସ୍ତାନୀ ହ୍ୟାଣ୍ଡଲର୍
■ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୁରକ୍ଷା କମିଟି ବୈଠକ
■ ଘଟଣାକୁ 'ଆତଙ୍କୀ ଆକ୍ରମଣ' ଘୋଷଣା କଲା କେନ୍ଦ୍ର

ବୁଧବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୧୦/୧୧ ବିସ୍ଫୋରଣକୁ ନିନ୍ଦା କରାଯାଇ ପ୍ରସ୍ତାବ ଗୃହିତ ହୋଇଛି। ଏହି ବିସ୍ଫୋରଣକୁ ଅତ୍ୟନ୍ତ ଘୃଣ୍ୟ ଏବଂ କାପୁରୁଷତାପୂର୍ଣ୍ଣ ବୋଲି ବର୍ଣ୍ଣନା କରାଯିବା ସହ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ଆପଣାଇବାର ନୀତି ପ୍ରତି ଭାରତର ଅଟଳ ପ୍ରତିବଦ୍ଧତାକୁ ପୁଣି ଦୋହରାଇଛନ୍ତି ସରକାର। ଆକ୍ରମଣକୁ ବିଶ୍ୱର ଅନେକ ସରକାରଙ୍କ ନିନ୍ଦା ଏବଂ ସମର୍ଥନପୂର୍ଣ୍ଣ ବିବୃତିକୁ କ୍ୟାବିନେଟ୍ ମଧ୍ୟ ପ୍ରଶଂସା କରିଛି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଭିଯୁକ୍ତ ଏବଂ ସେମାନଙ୍କ ପ୍ରାୟୋଜକମାନଙ୍କୁ ଚିହ୍ନଟ କରାଯାଇ ଅବିଳମ୍ବେ ଦଣ୍ଡ ଦେବାକୁ ସୁରକ୍ଷା ଏଜେନ୍ସିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସରକାର ସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି।

ଦିଲ୍ଲୀ ବିସ୍ଫୋରଣର ୩୭ ଦିନ ପୂର୍ବରୁ ଅକ୍ଟୋବର ୪ରେ ଏଥିସହିତ ସମ୍ପୃକ୍ତ ଗୋଷ୍ଠୀ ସକ୍ରିୟ ହୋଇଥିଲା। ସାହରନପୁରର ଏକ ବିବାହରେ ସବୁ ଆତଙ୍କୀ ଏକତ୍ରିତ ହୋଇ ଟେଲିଗ୍ରାମ୍ ଆପ୍‌ରେ ଏକ ଗ୍ରୁପ୍ ଆରମ୍ଭ କରିଥିଲେ। ଏହା ପରେ ସେନାକୁ ଧମକାଉଥିବା ପୋଷ୍ଟର, ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଏବଂ ପାଣ୍ଠି ସଂଗ୍ରହ ପାଇଁ ନେଟୱର୍କ ପ୍ରସ୍ତୁତ କରାଯାଇଥିଲା। ପ୍ରଥମ ଥର ପାଇଁ ଅକ୍ଟୋବର ▶ପୃଷ୍ଠା-୭

## ଟାର୍ଗେଟ୍ ଥିଲା ଡିସେମ୍ବର ୬

ଦିଲ୍ଲୀ ବିସ୍ଫୋରଣ ତଦନ୍ତରୁ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ବିସ୍ଫୋରକ ଭର୍ତ୍ତି କାର୍ ଚଲାଇ ନିଜକୁ ଲାଲକିଲ୍ଲା ନିକଟରେ ବିସ୍ଫୋରଣରେ ଉଡ଼ାଇ ଦେଇଥିବା ଡ. ଉମର ନବି ଲିଙ୍କ ଆଫଗାନିସ୍ତାନ ଏବଂ ତୁର୍କୀକୁ ଲମ୍ବିଛି। ସେହିପରି ସେ ଡିସେମ୍ବର ୬ରେ ସିରିଜ୍ ବିସ୍ଫୋରଣ କରିବାକୁ ଚାହୁଁଥିଲା; କାରଣ ଏହି ଦିନ ବାବ୍ରୀ ମସ୍‌ଜିଦ ଧ୍ୱଂସ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ସେ ସମ୍ପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରିଥିଲା। କିନ୍ତୁ ୩ ଡାକ୍ତରଙ୍କ ସହ ବିସ୍ଫୋରକ ଜବତ ହେବା ପରେ ବିଚଳିତ ହୋଇ ସେ ଲାଲ୍‌କିଲ୍ଲାରେ ବିସ୍ଫୋରଣ ଘଟାଇଥିବା କୁହାଯାଉଛି।

**ବାହାରିଲା ତୁର୍କୀ, ଆଫଗାନିସ୍ତାନ ସହ ଉମର୍‌ର ଲିଙ୍କ୍**

ଦିଲ୍ଲୀ ପୁଲିସର ସୂଚନା ଅନୁଯାୟୀ ଉମର୍‌ର ବିଦେଶୀ ଲିଙ୍କ୍ ସାମ୍ନାକୁ ଆସିଛି। ତୁର୍କୀ ଏବଂ ଆଫଗାନିସ୍ତାନର ନଙ୍ଗରହାରରେ ଥିବା ହ୍ୟାଣ୍ଡଲରଙ୍କ ସହ ନବି ଯୋଗାଯୋଗରେ ଥିଲା। ଡ. ମୁଜାମିଲ ଏବଂ ଡ. ଉମର୍‌ର ପାସପୋର୍ଟରୁ ଏହି ଦୁଇଜଣ ତୁର୍କୀ ଗସ୍ତ କରିଥିବାର ପ୍ରମାଣ ମିଳିଛି। ତୁର୍କୀ ଏବଂ ନଙ୍ଗରହାରରେ ବସିଥିବା ଆତଙ୍କବାଦୀଙ୍କ ସଙ୍କେତରେ ଏହି ଆକ୍ରମଣ ହୋଇଥିଲା ବୋଲି କୁହାଯାଉଛି। ଏହି ହ୍ୟାଣ୍ଡଲରମାନେ କ୍ରମାଗତ ଭାବେ ଉମର୍ ସହ ଯୋଗାଯୋଗରେ ଥିଲେ। ଏହି ଡାକ୍ତର ମଡ୍ୟୁଲୋ ବିଷୟରେ ଉଭୟେ ତାଙ୍କ ହ୍ୟାଣ୍ଡଲରଙ୍କୁ ସୂଚନା ଦେଉଥିଲେ। ନିର୍ଦ୍ଦିଷ୍ଟ ଆପ୍ ଜରିଆରେ ହ୍ୟାଣ୍ଡଲର୍‌ମାନଙ୍କ ସହ ଯୋଗାଯୋଗ କରାଯାଉଥିଲା।

## ବିହାର ନିର୍ବାଚନ ଏକ୍‌ଜିଟ୍ ପୋଲ୍‌କୁ ନେଇ ସଂଶୟ

# ୭ ନିର୍ବାଚନ; ୬ଟିରେ ଆକଳନ ଭୁଲ୍

■ ନୂଆଦିଲ୍ଲୀ, ୧୨।୧୧ (ସମିସ): ଗତକାଲି ବିହାରରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ପ୍ରାୟ ସମସ୍ତ ଏକଜିଟ୍ ପୋଲ ଏନ୍‌ଡ଼ିଏ ସପକ୍ଷରେ ମତ ଦେଇଛନ୍ତି। ସମସ୍ତ ଏକ୍‌ଜିଟ୍ ପୋଲକୁ ନେଇ କରାଯାଇଥିବା ପୋଲ୍ ଅଫ୍ ଦି ପୋଲରେ ଏନ୍‌ଡ଼ିଏ ୧୪୮ ଓ ମହାଗଠବନ୍ଧନକୁ ୮୮ ଆସନ ମିଳିପାରେ ବୋଲି କୁହାଯାଇଛି। ଅନ୍ୟ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ଖାତାରେ ୭ଟି ଆସନ ପଡ଼ିପାରେ ବୋଲି ଏଥିରେ ଉଲ୍ଲେଖ ରହିଛି । ସେହିପରି ମୋଟ ଭୋଟର ସର୍ବାଧିକ ୪୩% ଏନ୍‌ଡ଼ିଏ ସପକ୍ଷରେ ଓ ୪୧% ମହାଗଠବନ୍ଧନ ସପକ୍ଷରେ ଆସିପାରେ ବୋଲି ଏଥିରେ କୁହାଯାଇଛି। ଯାହାକୁ ନେଇ ବିଜେପି ନେତୃତ୍ୱାଧୀନ ଏନ୍‌ଡ଼ିଏ ବେଶ୍ ଉତ୍ସାହିତ ହୋଇଥିବାବେଳେ ମହାଗଠନବନ୍ଧନ ଏହି ଏକ୍‌ଜିଟ୍ ପୋଲକୁ 'ଫେକ୍‌ଜିଟ୍ ପୋଲ୍' ବୋଲି ଅଭିହିତ କରିଛି। ମାତ୍ର ଏକଜିଟ୍ ପୋଲର ଇତିହାସ ଦେଖିଲେ ଗତ ୧୮ ମାସ ମଧ୍ୟରେ ଦେଶରେ ଅନୁଷ୍ଠିତ ୭ଟି ନିର୍ବାଚନ ମଧ୍ୟରୁ ୬ଟି ଭୁଲ ସାବ୍ୟସ୍ତ ହୋଇଛି। ସବୁଠାରୁ କୌତୂହଳର ବିଷୟ ହେଉଛି ବିହାରରେ ଗତ ୪ଟି ନିର୍ବାଚନରେ ଏକଜିଟ୍ ପୋଲ ମଧ୍ୟରୁ ୩ଟି ସମ୍ପୂର୍ଣ୍ଣ ଭୁଲ ହୋଇଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୪ ତାରିଖରେ ଭୋଟଗଣନା ଉପରେ ସମସ୍ତଙ୍କର ନଜର ରହିଛି। ଯଦି ଏନ୍‌ଡିଏ ବିଜୟୀ ହୁଏ ନୀତୀଶ ପୁନର୍ବାର ଅର୍ଥାତ୍ ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଇ ପାରନ୍ତି। ଏକ୍‌ଜିଟ୍ ପୋଲ ଆସିବା ପରେ ବିହାରରେ ଏବେ 'ପଚିଶ୍ ସେ ତିଶ୍, ଫିର ସେ ନୀତିଶ' ସ୍ଲୋଗାନ ▶ପୃଷ୍ଠା-୭



**ବିହାରରେ ୪ଟି ନିର୍ବାଚନରେ ସଠିକ ହୋଇନାହିଁ ଏକଜିଟ୍ ପୋଲ୍**

**ଏନ୍‌ଡିଏ ଜିତିଲେ ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ନୀତୀଶ କୁମାର!**

# ନୂଆପଡ଼ାରେ ରେକର୍ଡ ୮୩.୪୫% ମତଦାନ

■ ଭୁବନେଶ୍ୱର, ୧୨।୧୧ (ସମିସ): ନୂଆପଡ଼ା ଉପ ନିର୍ବାଚନରେ ଐତିହାସିକ ୮୩.୪୫ ପ୍ରତିଶତ ମତଦାନ ହୋଇଛି। ଯାହା ପୂର୍ବ ନିର୍ବାଚନ ତୁଳନାରେ ପାଖାପାଖି ୧୦ ପ୍ରତିଶତ ଅଧିକ ଅଟେ। ବିଶେଷକରି ମହିଳା ମତଦାତାଙ୍କ ଅଂଶଗ୍ରହଣ ପୁରୁଷଙ୍କୁ ଅତିକ୍ରମ କରିଛି, ଯାହା ଏକ ସୁସ୍ଥ ସମାଜ ଓ ଉତ୍ତମ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରତିଫଳିତ କରୁଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ମତଦାନ ଦିନ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଆସିଥିବା ଅଭିଯୋଗକୁ ଖଣ୍ଡନ କରିବା ସହ ଇଭିଏମ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି ବୋଲି କହିଛନ୍ତି।

**ଇଭିଏମ ସମ୍ପୂର୍ଣ୍ଣ ସୁରକ୍ଷିତ: ସିଇଓ**

ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ୍ କହିଛନ୍ତି ଯେ ଦେଶର ଅନ୍ୟ ୮ଟି ବିଧାନସଭା ମଣ୍ଡଳୀରେ ସମାନ ସମୟରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା ବେଳେ ନୂଆପଡ଼ାରେ ଅନ୍ୟ ଉପନିର୍ବାଚନ ତୁଳନାରେ ସର୍ବାଧିକ ମତଦାନ ରେକର୍ଡ କରାଯାଇଛି। ଯାହା ଏଠାକାର ମତଦାତାମାନଙ୍କ ଲୋକତନ୍ତ୍ର ପ୍ରତି ଥିବା ଅହେତୁକ ଆସ୍ଥା ଓ ବିଶ୍ୱାସକୁ ପ୍ରମାଣ କରୁଛି। ଆସନ୍ତା ୧୪ ତାରିଖରେ ଉପ ନିର୍ବାଚନ ଫଳାଫଳ ପାଇଁ ଭୋଟ ଗଣନା ହେବ ଓ ଏଥିପାଇଁ ମତଗଣନା ଟେବୁଲ, ପର୍ଯ୍ୟବେକ୍ଷକ ନିଯୁକ୍ତି, ସିସିଟିଭି ନିରୀକ୍ଷଣର ବ୍ୟବସ୍ଥା ଓ ଷ୍ଟ୍ରଙ୍ଗରୁମର ପର୍ଯ୍ୟବେକ୍ଷଣ କରାଯାଇସାରିଛି । ସେହିପରି ମତଦାନ ବେଳେ ଆସିଥିବା ବିଭିନ୍ନ ଅଭିଯୋଗ ଉପରେ ମଧ୍ୟ ସେ ସ୍ପଷ୍ଟୀକରଣ ରଖିଛନ୍ତି। କୋମନା ବ୍ଲକ ଅଧୀନ ବୁଥ୍ ନମ୍ବର ୩୫୧ ସିଙ୍ଗାରି ▶ପୃଷ୍ଠା-୭

## ଖସୁଛି ପାରଦ

# ଦାରିଙ୍ଗବାଡ଼ିରେ ୮ ଡିଗ୍ରୀ ଥଣ୍ଡା



■ ଭୁବନେଶ୍ୱର, ୧୨।୧୧ (ସମିସ): ତାପମାତ୍ରା ଖସୁଛି ଥଣ୍ଡା ବଢୁଛି। ସଞ୍ଜ ନଇଁଲେ ଆସୁଛି ଶୀତ। ରାତି ୧୦ ପରେ ସାରା ରାଜ୍ୟରେ ଆରମ୍ଭ ହୋଇଯାଉଛି ଶୀତର ପ୍ରଭାବ। ଅନେକ ସ୍ଥାନରେ ତାପମାତ୍ରା ତଳମୁହାଁ ହେତୁ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଏହି ଧାରା ଆହୁରି ପ୍ରାୟ ୬ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବାରୁ ଅନେକ ସ୍ଥାନରେ ଶୀତ ଜାରିରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟରେ ଶୀତର ପ୍ରଭାବ ପ୍ରବଳ ଅନୁଭୂତ ହୋଇଥିବା ବେଳେ ଦାରିଙ୍ଗବାଡ଼ିରେ ତାପମାତ୍ରା ୮ ଡିଗ୍ରୀକୁ ଖସିଛି। ଦାରିଙ୍ଗବାଡ଼ିରେ ତାପମାତ୍ରା ୮.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଜି.ଉଦୟଗିରିରେ ୮.୭ ଡିଗ୍ରୀ, ▶ପୃଷ୍ଠା-୭

## ଏଜେନ୍ସିର ସ୍ୱଚ୍ଛତା ଉପରେ ସନ୍ଦେହ

# ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ରଦ୍ଦ

■ ଭୁବନେଶ୍ୱର, ୧୨।୧୧ (ସମିସ): ପୁଣି ରଦ୍ଦ ହୋଇଛି ଆଉ ଏକ ନିଯୁକ୍ତି ପରୀକ୍ଷା। ହାଇକୋର୍ଟରେ ଏଏସ୍‌ଓ ନିଯୁକ୍ତି ପାଇଁ ଅନୁଷ୍ଠିତ ମୁଖ୍ୟ ଲିଖିତ ପରୀକ୍ଷାକୁ ରଦ୍ଦ କରାଯାଇଛି। ପରୀକ୍ଷା ପରିଚାଳନାରେ ନିୟୋଜିତ ଏଜେନ୍ସିର ପ୍ରକ୍ରିୟା ଓ ସ୍ୱଚ୍ଛତା ଉପରେ ସନ୍ଦେହ ପ୍ରକାଶ କରି ହାଇକୋର୍ଟ ଏହାକୁ ରଦ୍ଦ କରିଛନ୍ତି। ଫଳରେ ରାଜ୍ୟରେ ନିଯୁକ୍ତି ପରୀକ୍ଷା ବିଭ୍ରାଟରେ ଆଉ ଏକ ପରୀକ୍ଷା ସାମିଲ୍ ହୋଇଛି।

ହାଇକୋର୍ଟ ଏଏସ୍‌ଓ ନିଯୁକ୍ତି ପାଇଁ ଏହି ପରୀକ୍ଷା ପରିଚାଳନା କରାଯାଉଥିଲା। ଏଥିପାଇଁ ମେ ୪ ତାରିଖରେ ପ୍ରିଲିମିନାରୀ ପରୀକ୍ଷା ହୋଇଥିଲା। ତହିଁରେ ୭୧୧୩ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେବା ସହ ମୁଖ୍ୟ ପରୀକ୍ଷା ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ସେମାନଙ୍କୁ ନେଇ ଗତ ଜୁଲାଇ ୧୩ ତାରିଖରେ ମୁଖ୍ୟ ଲିଖିତ ପରୀକ୍ଷା ହୋଇଥିଲା। ପରୀକ୍ଷାରେ ବ୍ୟାପକ ଅସଂଗତି ଏବଂ ସ୍ୱଚ୍ଛତା ନ ଥିବା ନେଇ ହାଇକୋର୍ଟରେ ମାମଲା ହୋଇଥିଲା। ଯାହାର ଶୁଣାଣି କରି ଏହି ମୁଖ୍ୟ ଲିଖିତ ପରୀକ୍ଷାକୁ କୋର୍ଟ ରଦ୍ଦ କରିଛନ୍ତି। ଏନେଇ ହାଇକୋର୍ଟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ପରୀକ୍ଷା ପରିଚାଳନା କରୁଥିବା ଏଜେନ୍ସିର ସ୍ୱଚ୍ଛତା ଉପରେ ସନ୍ଦେହ ପ୍ରକଟ କରି ପରୀକ୍ଷାକୁ ରଦ୍ଦ କରାଯାଇଥିବା ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ତେବେ କେଉଁ ଏଜେନ୍ସି ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିଲା, ତାହା ସ୍ପଷ୍ଟ ହୋଇ ନାହିଁ।

**ନିଯୁକ୍ତି ବିଭ୍ରାଟରେ ଯୋଡ଼ିହେଲା ଆଉ ଏକ ପରୀକ୍ଷା**

ପରୀକ୍ଷା ରଦ୍ଦ ହେବା ପରେ ପୁଣିଥରେ ମୁଖ୍ୟ ଲିଖିତ ପରୀକ୍ଷା କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଡିସେମ୍ବର ୭ ତାରିଖରେ ମୋଟ୍ ତିନୋଟି ସିଫ୍ଟରେ ପରୀକ୍ଷା ଅନୁଷ୍ଠିତ ହେବ। ସକାଳ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ପ୍ରଥମ ସିଫ୍ଟରେ ଇଂରାଜୀ ପରୀକ୍ଷା ହେବାକୁ ଥିବାବେଳେ ମଧ୍ୟାହ୍ନ ୧୨ରୁ ୧ଟା ଏବଂ ସାଢ଼େ ୨ ରୁ ସାଢ଼େ ୪ ପର୍ଯ୍ୟନ୍ତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସିଫ୍ଟ ପରୀକ୍ଷା ଅନୁଷ୍ଠିତ ହେବ। ଆସନ୍ତା ୧୭ ତାରିଖରୁ ପ୍ରିଲିମିନାରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନେ ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ ବୋଲି କୁହାଯାଇଛି।

# ଜେମିନି ଏଆଇ ବିବାଦରେ ଗୁଗଲ୍

**ୟୁଜରଙ୍କ ଗୋପନୀୟତା ପ୍ରଘଟ କରିଥିବା ଅଭିଯୋଗ**




■ ନୂଆଦିଲ୍ଲୀ, ୧୨।୧୧ (ଏଜେନ୍ସି): ସର୍ଚ୍ଚ ଇଞ୍ଜିନ୍ ଗୁଗଲ୍ ବିରୋଧରେ ହୋଇଛି ବଡ଼ ଅଭିଯୋଗ। କମ୍ପାନୀ ବିରୋଧରେ ୟୁଜରଙ୍କ ଗୋପନୀୟତା ପ୍ରଘଟ କରିଥିବା ନେଇ ଅଭିଯୋଗ ଆସିଛି। ଏଥିରେ ଗୁଗୁଲ୍ ଏହାର ଜେମିନି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି (ଏଆଇ) ଆସିଷ୍ଟାଣ୍ଟ ବ୍ୟବହାର କରି ଜି-ମେଲ୍, ଚାଟ୍ ଏବଂ ମିଟ୍ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ଯୋଗାଯୋଗକୁ ସେମାନଙ୍କ ସମ୍ମତି ବିନା ଟ୍ରାକ୍ କରିଥିବା ଅଭିଯୋଗ ହୋଇଛି। ପୂର୍ବରୁ, ବ୍ୟବହାରକାରୀମାନଙ୍କୁ ଗୁଗୁଲ୍‌ର ଏଆଇ ବୈଶିଷ୍ଟ୍ୟକୁ ଚାଲୁ କିମ୍ବା ବନ୍ଦ କରିବାର ବିକଳ୍ପ ଦିଆଯାଇଥିଲା। ତଥାପି, ଅକ୍ଟୋବରରେ ଆଲଫାବେଟ୍ ଇନକର୍ପୋରେଟେଡ୍ ୟୁନିଟ୍ ସମସ୍ତ ଉପଭୋକ୍ତାଙ୍କ ପାଇଁ ଏହି ବୈଶିଷ୍ଟ୍ୟକୁ ସ୍ୱୟଂଚାଳିତ ଭାବରେ ଆକ୍ଟିଭ୍ କରିଦେଇଥିବା ▶ପୃଷ୍ଠା-୭

## ସହଜ ହେବ ବନ୍ଦୋବସ୍ତ ପୂର୍ବ ଦଲିଲ୍‌ର ପଟ୍ଟା ପାଇବା

# ତହସିଲ୍‌ରେ ଜମି ପଟ୍ଟା ସଂଶୋଧନ

■ ଭୁବନେଶ୍ୱର, ୧୨।୧୧ (ସମିସ): ଜମି କ୍ରେତା-ବିକ୍ରେତାଙ୍କ ସମସ୍ୟାକୁ ଦୂର କରିବା ପାଇଁ ଓଡ଼ିଶା ସର୍ଭେ ଆଣ୍ଡ ସେଟଲମେଣ୍ଟ ରୁଲ୍‌ସର ସଂଶୋଧନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି। ଏହି ଅନୁମୋଦନ ପରେ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ପଡ଼ିରହିଥିବା ଅନେକ ମାମଲା ତହସିଲ୍ ଅଫିସରେ ସମାଧାନ ହେବାର ବାଟ ଫିଟିଛି। ଏଣିକି ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ କିଣାଯାଇଥିବା ଜମିର ପଟ୍ଟା ତହସିଲ ଅଫିସ୍‌ରେ ମିଳିପାରିବ। ତହସିଲମାନେ କ୍ରେତାଙ୍କ ଉପଯୁକ୍ତ କାଗଜପତ୍ର ଯାଞ୍ଚ କରିବା ପରେ ଏହି ପଟ୍ଟା ପ୍ରଦାନ କରିପାରିବେ। ଏହାଦ୍ୱାରା ରାଜ୍ୟର ଅନେକ ପୁରୁଣା ଜମିର ମାଲିକମାନେ ପଟ୍ଟା ପାଇପାରିବେ।

**ନିୟମର ସଂଶୋଧନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ**

ବର୍ତ୍ତମାନ ପ୍ରାବଧାନ ଅନୁସାରେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ କିଣିଥିବା ଜମିର ଜମି ପଟ୍ଟା ବନ୍ଦୋବସ୍ତ ଅଧିକାରୀ କ୍ରେତାଙ୍କ ନାମରେ କରନ୍ତି। କିନ୍ତୁ ଯଦି କୌଣସି କାରଣ ଯୋଗୁଁ ବନ୍ଦୋବସ୍ତ ପ୍ରକ୍ରିୟାରେ ଏହି ଜମିପଟ୍ଟା କ୍ରେତାଙ୍କ ନାମରେ କରାଯାଇ ନ ଥାଏ, ତେବେ କ୍ରେତା ଏଥିପାଇଁ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ୍ କରିଥାନ୍ତି। ଏହି ଅପିଲଗୁଡ଼ିକ ବର୍ଷ ବର୍ଷ ଧରି ଫଇସଲା ନ ହୋଇ ପଡି ରହିଥାଏ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ଉପରୋକ୍ତ ରୁଲ୍ ସଂଶୋଧନ ଦ୍ୱାରା ବର୍ତ୍ତମାନ ଏପରି ମାମଲାରେ ଜମିପଟ୍ଟା କ୍ରେତାଙ୍କ ନାମରେ ରେକର୍ଡ କରିବା ପାଇଁ ସଂପୃକ୍ତ ତହସିଲଦାରମାନେ କ୍ଷମତାପ୍ରାପ୍ତ ହେବେ। ଏହାଦ୍ୱାରା ସଂପୃକ୍ତ କ୍ରେତାମାନେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ ବୈଧ ଭାବେ କିଣିଥିବା ଜମିର ଜମିପଟ୍ଟା ନିଜ ନାମରେ କରିବା ପାଇଁ ସଂପୃକ୍ତ ତହସିଲଦାରଙ୍କ ପାଖରେ ଆବେଦନ କରିପାରିବେ। ସେମାନଙ୍କୁ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ ବା ଆବେଦନ କରିବା ଆଉ ଦରକାର ହେବନାହିଁ।

# ଅନିଶ୍ଚିତତା ଘେରରେ ଓଡ଼ିଶା କ୍ରିକେଟ

## ଦଳ ପ୍ଲେଟ୍ ଗ୍ରୁପ୍‌କୁ ଖସିବାର ଡର ଘାରିଲା

■ କଟକ, ୧୨।୧୧ (ସମିସ): ଜାତୀୟ କ୍ରିକେଟରେ ଓଡ଼ିଶାର ପ୍ରଦର୍ଶନ କ୍ରମାଗତ ଭାବେ ନିରାଶାଜନକ ହୋଇଛି। ଚଳିତ ରଣଜୀ ସିଜନରେ ଓଡ଼ିଶା ଦଳ ପ୍ରଥମ ୪ଟି ମ୍ୟାଚ୍‌ରୁ ୩ଟି ପରାଜୟ ବରଣ କରିବା ପରେ ମାତ୍ର ଗୋଟିଏ ପଏଣ୍ଟ ପାଇଛି। ଦଳରେ ସ୍ଥାନ ପାଇଥିବା ବରିଷ୍ଠ ଓ ଅଭିଜ୍ଞ ଖେଳାଳିମାନେ ସଙ୍କଟ ସମୟରେ ଦଳକୁ ସାହା ହେବାରେ ବିଫଳ ହେଉଛନ୍ତି। ସେମାନଙ୍କ ସ୍ଥାନରେ ନବାଗତଙ୍କୁ ସୁଯୋଗ ଦେଲେ ମଧ୍ୟ ପ୍ରଦର୍ଶନରେ ଉନ୍ନତି ହେଉନାହିଁ। ଏପରିସ୍ଥଳେ ଏକାଧିକ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିଥିବା ଓଡ଼ିଶା କ୍ରିକେଟର ଭବିଷ୍ୟତ ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଉଛି।

ଏକଦା ରଣଜୀ ଏଲିଟ୍ ଗ୍ରୁପ୍‌ରେ ଶକ୍ତିଶାଳୀ ଦଳ ଭାବେ ପରିଗଣିତ ହେଉଥିବା ଓଡ଼ିଶା ଦଳର ନିରାଶାଜନକ ପ୍ରଦର୍ଶନ ଏବେ ଚିନ୍ତାର କାରଣ ପାଲଟିଛି। ଏପରିକି ଦଳର ଭବିଷ୍ୟତକୁ ନେଇ କୌଣସି ଆଶାର କିରଣ ଦେଖାଯାଉନାହିଁ। ଦଳ ପ୍ଲେଟ୍ ଲିଗ୍‌କୁ ଖସିଯିବାର ସ୍ଥିତି ଉପୁଜିଥିବାବେଳେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ)ର କାର୍ଯ୍ୟ ଖସଡ଼ା ଓ ପ୍ରଶିକ୍ଷକଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଦଳର ପ୍ରଦର୍ଶନ ଦୁଃଖଦାୟକ ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଯାଇଛନ୍ତି।




**ଚିନ୍ତା ବଢ଼ାଉଛି ପ୍ରତିଭା ଚିହ୍ନଟ ଓ ପ୍ରଶିକ୍ଷଣ**

**ପ୍ରଶ୍ନ ଘେରରେ ଓସିଏର କାର୍ଯ୍ୟଖସଡ଼ା, ପ୍ରଶିକ୍ଷକଙ୍କ ଭୂମିକା**

ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକ ପ୍ରଶିକ୍ଷଣ ବ୍ୟବସ୍ଥା ଉପଲବ୍ଧ କରାଯାଇଛି ବୋଲି ଓସିଏ ପକ୍ଷରୁ ବାରମ୍ବାର କୁହାଯାଉଛି। କିନ୍ତୁ ଚଳିତ ସିଜିନ୍‌ରେ ଦଳର ବ୍ୟାଟିଂ ଓ ବୋଲିଂ ବିପର୍ଯ୍ୟୟ ଏହିପରିପ୍ରେକ୍ଷୀରେ ଅଧିକ ଚିନ୍ତା ବଢ଼ାଇଛି। ଓଡ଼ିଶା ଏଯାଏଁ ୪ଟି ରଣଜୀ ମ୍ୟାଚ୍ ଖେଳିସାରିଥିଲେ ହେଁ ଜଣେ ହେଲେ ବ୍ୟାଟର ଶତକ ହାସଲ କରିପାରିନାହାନ୍ତି। ଦଳ ମଧ୍ୟ ବଡ଼ ସ୍କୋର୍ କରିବାରେ ସମର୍ଥ ହୋଇପାରିନାହିଁ। ସେହିପରି ବୋଲରଙ୍କ ପ୍ରଦର୍ଶନ ମଧ୍ୟ ପ୍ରଭାବଶାଳୀ ହୋଇପାରି ନଥିବାରୁ ପ୍ରତିପକ୍ଷ ଦଳର ସମସ୍ତ ୨୦ଟି ୱିକେଟ ଅକ୍ତିଆର କରିବାରେ ଦଳକୁ ସଫଳତା ମିଳିନାହିଁ।

ଜିଲ୍ଲାୱାରୀ କ୍ରିକେଟ୍ ଭିତ୍ତିଭୂମିର ବିକାଶ କରାଯାଇଛି ବୋଲି ଓସିଏ ପକ୍ଷରୁ ▶ପୃଷ୍ଠା-୭

ସମ୍ପୂର୍ଣ୍ଣ
ସକାଳ THE SAKALA
www.sakalaepaper.com

## ଆଜି ଆସିଥିଲେ: କବି ମାୟାଧର ମାନସିଂହ



ମାୟାଧର ମାନସିଂହ ଏକାଧାରରେ ଥିଲେ ଜଣେ ସଫଳ କବି, ପ୍ରାବନ୍ଧିକ, ସମାଲୋଚକ, ଅନୁବାଦକ, ଭ୍ରମଣବୃତ୍ତାନ୍ତ ରଚୟିତା, ସମ୍ପାଦକ। ସେ ପ୍ରେମ ଓ ପ୍ରଣୟର କବି ଭାବେ ଅଧିକ ପରିଚିତ ଓ ଲୋକପ୍ରିୟ। ତାଙ୍କର ସାରସ୍ୱତ ଅବଦାନ ମଧ୍ୟରେ କବିତା ବ୍ୟତୀତ ନାଟକ, ପ୍ରବନ୍ଧ, ଜୀବନୀ, ଗଳ୍ପ ଏବଂ ଅନୁବାଦ ଓ ଗୀତିକବିତା ରହିଛି। ସାହିତ୍ୟର ଏମିତି କୌଣସି ବିଭାଗ ନାହିଁ ଯେଉଁଥିରେ କି ସେ ତାଙ୍କର ଲେଖନୀ ଚାଳନା କରିନାହାଁନ୍ତି। ଆଧୁନିକ ଓଡ଼ିଆ କବିତାରେ କବିବର ରାଧାନାଥଙ୍କ ପରେ ମାୟାଧର ମାନସିଂହ ହେଉଛନ୍ତି ନୂତନ ପିଢ଼ିର ପ୍ରମୁଖ ରୋମାଣ୍ଟିକ୍ କବି। ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ସେ ଲେଖୁଥିଲେ। ମାୟାଧର ମାନସିଂହ ଓଡ଼ିଶାର ପୁରୀ ଜିଲ୍ଲାସ୍ଥିତ ନନ୍ଦଳା ଗ୍ରାମରେ ୧୯୦୫ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ସେ ଓଡ଼ିଆ ଲେଖିକା ଓ କବି ହେମଲତା ମାନସିଂହଙ୍କୁ ବିବାହ କରିଥିଲେ। ତରୁଣ ବୟସରେ ସେ ସତ୍ୟବାଦୀ ବନ ବିଦ୍ୟାଳୟର ଛାତ୍ର ଥିଲେ। ସେ ରେଭେନ୍ସା ମହାବିଦ୍ୟାଳୟ ବି.ଏ. ଓ ପାଟଣା ବିଶ୍ୱବିଦ୍ୟାଳୟରୁ ଏମ୍.ଏ. ପାସ୍ କରିଥିଲେ। ଇଂଲଣ୍ଡର ଡରହାମ ବିଶ୍ୱବିଦ୍ୟାଳୟରେ ସେକ୍ସପିୟର ଓ କାଳିଦାସଙ୍କ ସାହିତ୍ୟରେ ତୁଳନାତ୍ମକ ପ୍ରବନ୍ଧ ପ୍ରସ୍ତୁତ କରି ସେ ପିଏଚ୍‌ଡି ଲାଭ କରିଥିଲେ। ମାୟାଧର ମାନସିଂହ ଓଡ଼ିଶାର ପ୍ରଥମ ଡକ୍ଟରେଟ୍ ଉପାଧିଧାରୀ ଥିଲେ। ସେ ସେକ୍ସପିଅରଙ୍କ ଲିଖିତ 'Othello'ର ଓଡ଼ିଆରେ ରୂପାନ୍ତର କରିଥିଲେ। ସେ ପଦ୍ମଶ୍ରୀ ପୁରସ୍କାର ପାଇଥିଲେ। ଅତି ତରୁଣ ବୟସରୁ ତାଙ୍କ ଠାରେ କାବ୍ୟପ୍ରତିଭାର ଉନ୍ମେଷ ହୋଇଥିଲା। ତାଙ୍କର କବିତା ଗ୍ରନ୍ଥଗୁଡ଼ିକ 'ଧୂପ', 'ହେମଶସ୍ୟ', 'କୋଣାର୍କ', 'ସାଧବଝିଅ', 'କମଳାୟନ' ଇତ୍ୟାଦି। ପ୍ରକୃତି ଓ ମାନବପ୍ରେମ, ସୌନ୍ଦର୍ଯ୍ୟର ବର୍ଣ୍ଣାଢ଼୍ୟ ଅଭିବ୍ୟକ୍ତିରେ ଉଦ୍ବୋଧିତ କବି ମାୟାଧର ମାନସିଂହଙ୍କ କାବ୍ୟ ସୃଷ୍ଟି। ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ତାଙ୍କର ଗଭୀର ମମତା ଓ ଆନ୍ତରିକତା ରହିଥିଲା। ଏହା ତାଙ୍କ ରଚନାରେ ପ୍ରତିଫଳିତ ହୋଇଥାଏ। ଓଡ଼ିଆ ସମେତ ସଂସ୍କୃତ, ଇଂରାଜୀ ଓ ବଙ୍ଗଳା ସାହିତ୍ୟରେ ତାଙ୍କର ଗଭୀର ପାଣ୍ଡିତ୍ୟ ଥିଲା। ଜଣେ ମାନବବାଦୀ, ଜାତୀୟତାବାଦୀ କବି ସତ୍ତ୍ୱେ ସେ ମୁଖ୍ୟତଃ ରୋମାଣ୍ଟିକ୍ ଚେତନାର କବି ପାଇଁ ଓଡ଼ିଆ ସାହିତ୍ୟରେ ବିଶେଷ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କର ଜଣାଶୁଣା ପ୍ରବନ୍ଧ ପୁସ୍ତକ ମଧ୍ୟରେ 'ଜୀବନପଥ', 'ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ' ପ୍ରଭୃତି ଅନ୍ୟତମ। ୧୧ ଅକ୍ଟୋବର ୧୯୭୩, ୬୭ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା। ପରମ୍ପରାଗତ ଧାରାରୁ ବାହାରି ମାୟାଧର ମାନସିଂହ ଓଡ଼ିଆ ସାହିତ୍ୟରେ ଏକ ନୂତନ ଧାରା ସୃଷ୍ଟି କରିଥିଲେ।

## ଆର୍ୟନ୍‌ଙ୍କ ମାଷ୍ଟର ପ୍ଲାନ୍



ବଲିଉଡ୍‌ର କିଙ୍ଗ ଖାନ୍ ଶାହାରୁଖଙ୍କ ପୁଅ ଆର୍ୟନ୍ ଖାନ୍ "ଦ ବା*ଡ୍ସ ଅଫ୍ ବଲିଉଡ୍" ଜରିଆରେ ତାଙ୍କର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିଛନ୍ତି। ଏହା ତାଙ୍କ ପାଇଁ ସଫଳ ସାବ୍ୟସ୍ତ ହୋଇଛି। ଏବେ ସେ ତାଙ୍କ କ୍ୟାରିୟରକୁ ଆହୁରି ଭଲ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ଓଟିଟି ପରେ ଏବେ ଆର୍ୟନ୍ ବଡ଼ ପରଦାରେ ତାଙ୍କ କ୍ୟାରିୟର ଆରମ୍ଭ କରିବା ଲକ୍ଷ୍ୟ ରଖିଛନ୍ତି। ସେ ଏକ ମନୋରଞ୍ଜନ ଭିତ୍ତିକ ଫିଲ୍ମ ଆଣିବା ପାଇଁ ଯୋଜନା କରିଛନ୍ତି। ଏହା ୨୦୨୭ରେ ଆସିବ। ଫିଲ୍ମର କାହାଣୀ ଓ ଏହାର କଳାକାରଙ୍କୁ ଆର୍ୟନ୍ ସଂପୂର୍ଣ୍ଣ ଗୋପନୀୟ ରଖିଛନ୍ତି। ତେବେ ଏହି ଫିଲ୍ମରେ ଶାହାରୁଖ୍ ଲିଡ୍ ରୋଲରେ ନଜରକୁ ଆସିବେନି। ଆର୍ୟନ୍ ତାଙ୍କ ସୁପରଷ୍ଟାର୍ ପିତାଙ୍କ ଫିଲ୍ମକୁ ନିର୍ଦ୍ଦେଶନା ଦେବା ପୂର୍ବରୁ ଏକ ନୂଆ ସିନେମାର ଅନୁଭବ ନେବାକୁ ଚାହୁଁଛନ୍ତି। ସେ ଶାହାରୁଖଙ୍କ ସହ କାମ କରିବା ପୂର୍ବରୁ ଜଣେ ସଫଳ ନିର୍ଦ୍ଦେଶକ ଭାବେ ନିଜକୁ ପ୍ରମାଣିତ କରିବାକୁ ଚାହୁଁଛନ୍ତି। ଯଦି ସବୁକିଛି ଯୋଜନା ମୁତାବିକ ହୁଏ, ତେବେ ଆର୍ୟନ୍‌ଙ୍କ ତୃତୀୟ ଫିଲ୍ମରେ ଶାହାରୁଖ୍ ନଜରକୁ ଆସିବେ। ୨୦୨୭ରେ ଏହି ଫିଲ୍ମ ଆସିବ। ଏବେ ଆର୍ୟନ୍ ତାଙ୍କ ଦ୍ୱିତୀୟ ଫିଲ୍ମର କାହାଣୀରେ ବ୍ୟସ୍ତ ଅଛନ୍ତି। ଏହାର ଷ୍ଟାରକାଷ୍ଟ ମଧ୍ୟ ଖୁବ୍‌ଶୀଘ୍ର ଘୋଷଣା କରାଯିବ।

## ଆଜିର ଇତିହାସ

- ୧୭୮୦- ମହାରାଜା ରଣଜୀତ ସିଂହଙ୍କ ଜନ୍ମ।
- ୧୯୧୮ - ଅଷ୍ଟ୍ରିଆ ଗଣରାଜ୍ୟ ହେଲା।
- ୧୯୭୧- ଆମେରିକୀୟ ମହାକାଶଯାନ ମ୍ୟାରିନର୍- ୯ ମଙ୍ଗଳ ଗ୍ରହ ପରିକ୍ରମା କଲେ।
- ୧୯୮୫- କଲମ୍ବିଆରେ ଜ୍ୱାଳାମୁଖୀ ବିସ୍ଫୋରଣ ହେବାରୁ ୨୩ ହଜାର ଲୋକଙ୍କ ମୃତ୍ୟୁ।
- ୧୯୯୭ - ସୁରକ୍ଷା ପରିଷଦ ଇରାକ୍ ଯାତ୍ରା ଉପରେ ପ୍ରତିବନ୍ଧକ ଲଗାଇଲା।
- ୨୦୧୫- ଆତଙ୍କବାଦୀମାନେ ପ୍ୟାରିସ୍ ଉପରେ ଆକ୍ରମଣ କରିବାରୁ ୧୩୦ ଲୋକଙ୍କ ମୃତ୍ୟୁ, ୩୫୦ରୁ ଅଧିକ ଆହତ।

## ପ୍ରତିମୂର୍ତ୍ତିକୁ ମାଡ଼



ସର୍ବଦା ଭଲ କାମ କରିଥିବା ବ୍ୟକ୍ତିଙ୍କ ନାଁ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଛି। ହେଲେ ଚୀନ୍‌ର କିନ୍ ହୁଇ ନାମକ ବ୍ୟକ୍ତିଙ୍କ ଘୃଣ୍ୟ କାମକୁ ଆଜି ବି ଲୋକେ ଭୁଲି ପାରୁନାହାନ୍ତି। ତାଙ୍କ ଉପରେ ରାଗ ସୁଝାଇବା ପାଇଁ ଲୋକେ ତାଙ୍କ ପ୍ରତିମୂର୍ତ୍ତିକୁ ପ୍ରତିଦିନ ମାଡ଼ ମାରୁଛନ୍ତି। ଚୀନ୍, ହାଙ୍ଗଝୋଉରେ କିନ୍ ହୁଇ ଏବଂ ତାଙ୍କ ପତ୍ନୀଙ୍କର ଏକ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି। ଏହି ପ୍ରତିମୂର୍ତ୍ତିକୁ ଲୋକେ ଚାପୁଡ଼ା, ଲାତ ମାରନ୍ତି। ଉକ୍ତ ପ୍ରତିମୂର୍ତ୍ତି ଦୁଇଟି ସମ୍ମୁଖରେ ସାହସୀ ଜେନେରାଲ ୟୁଫେଇଙ୍କ ସମାଧି ରହିଛି। କିନ୍ ହୁଇ ଓ ତାଙ୍କ ପତ୍ନୀଙ୍କ ଆଣ୍ଠେଇକି ମୁଣ୍ଡକୁ ନୁଆଁଇବା ଅବସ୍ଥାରେ ପ୍ରତିମୂର୍ତ୍ତି ରହିଛି। ସେମାନଙ୍କ ହାତକୁ ପଛକୁ କରି ବନ୍ଧା ଯାଇଛି। ତେବେ ଏହି ପ୍ରତିମୂର୍ତ୍ତି ଲୋକେ ରାଗ ଶୁଝାଇବା ପାଇଁ ନିର୍ମାଣ କରିଛନ୍ତି। ସ୍ୱାମୀସ୍ତ୍ରୀଙ୍କ ପ୍ରତିମୂର୍ତ୍ତିକୁ ଲୋକେ ଚାପୁଡ଼ା, ଲାତ ମାରିବା ସହିତ ଛେପ ପକାଇଥାନ୍ତି। ଏହି ଦମ୍ପତି ଦେଶଦ୍ରୋହୀ ଥିଲେ ବୋଲି କୁହାଯାଏ। ସୋଙ୍ଗ ରାଜବଂଶ ସମୟରେ କିନ୍ ହୁଇ ଚୀନ୍‌ର ଚାନସେଲର ଥିଲେ। ଦେଶ ଚଳାଇବା ସହ ଲୋକଙ୍କୁ ସୁରକ୍ଷା ଦେବା ତାଙ୍କର କାମ ଥିଲା। କିନ୍ ହୁଇ, ୟୁଫେଇ ରାଜାଙ୍କ ଶତ୍ରୁମାନଙ୍କ ସହିତ ଶାନ୍ତି ଚୁକ୍ତି କରିବାକୁ ଚେଷ୍ଟା କରୁଛନ୍ତି ବୋଲି ମିଥ୍ୟା ଅଭିଯୋଗ ଆଣିଥିଲେ। ଫଳରେ ୟୁଫେଇଙ୍କୁ ଜେଲ୍ ଦଣ୍ଡ ସହ ମୃତ୍ୟୁଦଣ୍ଡ ଭୋଗିବାକୁ ପଡ଼ିଥିଲା। ଲୋକେ ଯେତେବେଳେ ଏହି କଥା ଜାଣିବାକୁ ପାଇଲେ କିନ୍ ହୁଇଙ୍କ ଉପରେ ରାଗି ଯାଇଥିଲେ। ୟୁଫେଇଙ୍କୁ ଜାତୀୟ ନାୟକ ଭାବେ ଘୋଷଣା କରିବା ସହ କିନ୍ ହୁଇଙ୍କୁ ଚୀନ୍ ଇତିହାସର ସବୁଠୁ ବଡ଼ ଦେଶଦ୍ରୋହୀ ଘୋଷଣା କରିଥିଲେ। ତେଣୁ ପ୍ରାୟ ୧୫ ଶହ ଶତାବ୍ଦୀରୁ କିନ୍ ହୁଇ ଓ ତାଙ୍କ ପତ୍ନୀଙ୍କ ପ୍ରତିମୂର୍ତ୍ତିକୁ ମାଡ଼ ମାରିବାର ପରମ୍ପରା ଚାଲିଆସୁଛି। ବାରମ୍ବାର ମାଡ଼ ହେଉଥିବାରୁ ପ୍ରତିମୂର୍ତ୍ତି ଦୁଇଟି ଭାଙ୍ଗିଯାଉଥିବାରୁ ଏଯାବତ୍ ୧୧ ଥର ବଦଳା ଯାଇଛି। ଶେଷଥର ପାଇଁ ଏହି ମୂର୍ତ୍ତି ୧୯୭୯ ମସିହାରେ ବଦଳା ଯାଇଥିଲା। ଇତିମଧ୍ୟରେ ପାଞ୍ଚଶହରୁ ଅଧିକ ବର୍ଷ ବିତି ଯାଇଥିଲେ ବି ଲୋକେ ସେମାନେ ଏହି ପ୍ରତିମୂର୍ତ୍ତି ଉପରେ ଛେପ ପକାଇ ନିଜ ରାଗ ସୁଝାଉଛନ୍ତି।

## ସଡ଼କ ନ ଥିବା ଗାଁ



ଦୁନିଆରେ ଏମିତି କିଛି ଗାଁ ଅଛି ଯାହା ତା'ର ନିଜସ୍ୱ ଭିନ୍ନତା ଓ ସ୍ୱତନ୍ତ୍ରତା ପାଇଁ ଜଣାଯାଏ। ଏଭଳି ଏକ ଗାଁ ହେଉଛି ନେଦରଲ୍ୟାଣ୍ଡର ଗିଥର୍ଣ୍ଣ। ଏହାର ବିଶେଷତା ହେଲା ଅନ୍ୟ ଗାଁଗୁଡ଼ିକ ଭଳି ଏଠାରେ ନାଁ ରାସ୍ତା ଅଛି ନା ଯାନବାହନ। ଏହା 'ଡଚ୍ ଭେନିସ୍' ନାମରେ ମଧ୍ୟ ଜଣାଶୁଣା। ଏଠାକୁ ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ପର୍ଯ୍ୟଟକ ଆସନ୍ତି, ନାଆରେ ବସି ପୂରା ସହର ବୁଲନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ଗାଁ ମଧ୍ୟରେ ପିଚୁ ସଡ଼କଟିଏ ନାହିଁ। ଗାଁଟି ପାଣି ଆଚ୍ଛାଦିତ। ଏଠାରେ କାଠ ନିର୍ମିତ ୧୮୦ଟି ପୋଲ ରହିଛି। ସ୍ଥାନୀୟ ଲୋକେ ଓ ପର୍ଯ୍ୟଟକମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତାୟତ କରିବା ପାଇଁ ଡଙ୍ଗା ବ୍ୟବହାର କରିଥାନ୍ତି। ଗିଥର୍ଣ୍ଣରେ ପାଖାପାଖି ୩୦୦୦ ଲୋକ ରୁହନ୍ତି। ଏଠିକାର ସୁନ୍ଦର ପରିବେଶ, ନିର୍ମଳ ପାଣି ଓ ସବୁଜ ବନାନୀ ଫିଲ୍ମ ଦୃଶ୍ୟ ଭଳି ମନେ ହୋଇଥାଏ। କୋଳାହଳଠୁ ଦୂରରେ ରହିବାକୁ ପସନ୍ଦ କରୁଥିବା ଲୋକଙ୍କ ପାଇଁ ଏହି ପରିବେଶ ଖୁବ୍ ଖାସ୍ ହୋଇଥାଏ। ସେହିପରି ଏଠାରେ କାର୍ ଓ ମୋଟର ସାଇକଲ ଭଳି କୌଣସି ଯାନ ଦେଖିବାକୁ ମିଳେନି। ପ୍ରତିଘର ଆଗରେ ଗୋଟିଏ ଲେଖାଏଁ ଛୋଟ ଡଙ୍ଗା ଥାଏ। ବିଦ୍ୟୁତ୍ ମୋଟର ଦ୍ୱାରା ଏହି ଡଙ୍ଗାଗୁଡ଼ିକ ଚାଲେ। ଏହାଦ୍ୱାରା ପରିବେଶ ମଧ୍ୟ ସୁରକ୍ଷିତ ରହିଥାଏ। କୋଳାହଳ ନ ଥିବାରୁ ସହର ମଧ୍ୟରେ ଏକ ଶାନ୍ତିପୂର୍ଣ୍ଣ ବାତାବରଣ ବଜାୟ ରହିଥାଏ। ଅବଶ୍ୟ କିଛି ସ୍ଥାନରେ ସଂକୀର୍ଣ୍ଣ ପାଦଚଲା ରାସ୍ତା ଓ ସାଇକଲ ଚାଳନା ପାଇଁ ଟ୍ରାକ୍ ରହିଛି। ଏଠାରେ ପର୍ଯ୍ୟଟକମାନେ ଆରାମରେ ବୁଲାବୁଲି କରିପାରିବେ। ଏଠିକାର ସରଳ ଜୀବନଶୈଳୀ ଓ ଭିନ୍ନତା ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ୧୨୩୦ରେ ଏହି ଗାଁଟିର ନିର୍ମାଣ କରାଯାଇଥିଲା। ପ୍ରାରମ୍ଭରେ ଏହାର ନାମ 'ଗେଟେନହର୍ଣ୍ଣ' ଥିଲା। ତେବେ ଖୋଳାଖୋଳି ହେବାରୁ ଏଠାରେ ଥିବା ଏକ ପୋଖରୀ ଏକ ହ୍ରଦର ରୂପ ନେଇଥିଲା ବୋଲି ସ୍ଥାନୀୟ ଲୋକେ କୁହନ୍ତି। ପର୍ଯ୍ୟଟକଙ୍କୁ ଏହା ସ୍ୱର୍ଗ ଭଳି ଅନୁଭୂତି ଦେଇଥାଏ। ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଏଠାରେ ସେମାନେ ପେଡାଲ ବୋଟିଂର ମଜା ନେଇଥାନ୍ତି। ଏଥିସହ କୂଳରେ ନିର୍ମିତ ହୋଟେଲ ଓ ରେଷ୍ଟୋରାଁ ଆଦିର ସୁନ୍ଦରତାକୁ ଡଙ୍ଗାରେ ବସି ଅନୁଭବ କରନ୍ତି।

## ଗାତରେ ଦୀପ ଜାଳି ପ୍ରତିବାଦ

ଅନେକ ସମୟରେ ନିମ୍ନ ମାନର କାମ ଯୋଗୁଁ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ଓ ଖାଲ ଢିପ ଦେଖାଯାଏ। ଲୋକଙ୍କ ବାରମ୍ବାର ଅଭିଯୋଗ ପରେ ବି ପ୍ରଶାସନ ଏଦିଗରେ କିଛି ପଦକ୍ଷେପ ଗ୍ରହଣ କରି ନ ଥାଏ। ନିକଟରେ କର୍ଣ୍ଣାଟକ ମାଣ୍ଡ୍ୟା ଜିଲ୍ଲାରେ ରାସ୍ତା ଦୁର୍ଦ୍ଦଶାର ସ୍ଥିତିକୁ କିଛି ବୟସ୍କ ନିଆରା ଉପାୟରେ ପ୍ରଶାସନର ଦୃଷ୍ଟିଆକର୍ଷଣ କରିବାକୁ ଚାହିଁଛନ୍ତି। ଯାହାକି ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଦୀପାବଳି ଅବସରରେ ଏହି ରାସ୍ତା ନିକଟରେ ଥିବା ଏକ ଜରାଶ୍ରମର କିଛି ବୟସ୍କ ବ୍ୟକ୍ତି ଶାନ୍ତିପୂର୍ଣ୍ଣ ଭାବେ ବିରୋଧ କରିଥିଲେ। ସେମାନେ ଘରକୁ ଆଲୋକିତ କରିବା ପରିବର୍ତ୍ତେ ରାସ୍ତାରେ ହୋଇଥିବା ଗାତରେ ଦୀପ ଜାଳିଛନ୍ତି। ଏପରିକି ଏହାକୁ ଫୁଲରେ ସଜାଇଥିଲେ। ରାସ୍ତା କେବଳ ଗାଡ଼ି ଚଳାଇବା ପାଇଁ ନୁହେଁ, ବରଂ ଲୋକଙ୍କ ସୁରକ୍ଷାର ମାଧ୍ୟମ ମଧ୍ୟ ବୋଲି ଏହା ସ୍ଥାନୀୟ ପ୍ରଶାସନକୁ ଅବଗତ କରାଇବା ଉଦ୍ଦେଶ୍ୟରେ ଏହି ବୟସ୍କ ଲୋକମାନେ ଏପରି କରିଥିବା କହିଛନ୍ତି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ବୟସ୍କ ବ୍ୟକ୍ତିମାନେ ଫୁଲ ଏବଂ ମହମବତୀରେ ରାସ୍ତାର ଗାତ ତଥା ଖାଲଢ଼ିପକୁ ସଜାଇଛନ୍ତି। ପରେ ଧୂପ ଦେଇ ପୂଜା କରିଛନ୍ତି। ଏହାସହିତ ହାତ ଯୋଡ଼ି ରାସ୍ତା ମଝିରେ ଛିଡ଼ା ହୋଇ ପ୍ରାର୍ଥନା କରୁଥିବାର ଦେଖାଯାଇଛି। ତେବେ ଏଭଳି ବିରୋଧ ପରେ ପ୍ରଶାସନ ଏଦିଗରେ କିଛି ପଦକ୍ଷେପ ନେଇପାରେ ବୋଲି ସେମାନେ ଆଶାବାଦୀ ଅଛନ୍ତି। ତେବେ ସେମାନେ ଏହି ବିରୋଧ କିକେରି କେଆର୍ ପେଟ୍ ହାଇୱେରେ କରିଛନ୍ତି। ଏହି ରାସ୍ତା ଦୀର୍ଘ ଦିନ ଧରି ଖରାପ ସ୍ଥିତିରେ ଅଛି। ଅନ୍ୟପଟେ ଏହା ଉପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



## ଟ୍ରାଫିକ୍‌ରେ ହୃଦୟାଲୋକ

ସାଧାରଣତଃ ଟ୍ରାଫିକ୍ ସିଗ୍ନାଲ ଲାଇଟ୍ ଗୋଲାକୃତିରେ ଜଳୁଥିବା ସମସ୍ତେ ଦେଖିଛନ୍ତି ଓ ଜାଣିଛନ୍ତି। ହେଲେ ଜୟପୁରରେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳିଛି। ଜୟପୁର ଟ୍ରାଫିକ୍ ପୁଲିସ୍ ଏଠାକାର ପ୍ରାୟ ୨୦ଟି ପ୍ରମୁଖ ଛକରେ ଟ୍ରାଫିକ୍ ଲାଇଟ୍‌କୁ ନେଇ ଏକ ନିଆରା ପଦକ୍ଷେପ ଆରମ୍ଭ କରିଛି। ଏଠାରେ ଟ୍ରାଫିକ୍ ସିଗନାଲରେ ଜଳୁଥିବା ରେଡ ଲାଇଟ୍ ଗୋଲାକୃତି ବଦଳରେ ହୃଦୟାକୃତି ହୋଇଛି। ଏହାକୁ ନେଇ ଲୋକଙ୍କଠାରେ ଉତ୍ସାହ ଦେଖିବାକୁ ମିଳିଛି। ଅବଶ୍ୟ ଏବେ ଏହାକୁ ଟ୍ରାଏଲ ପାଇଁ ଲଗାଯାଇଛି। ଅନ୍ୟପଟେ ଟ୍ରାଫିକ୍ ସିଗ୍ନାଲର ଲାଇଟ୍‌କୁ ହୃଦୟାକୃତି କରି ଲୋକଙ୍କୁ ସୁରକ୍ଷିତ ରହିବା ଲାଗି ବାର୍ତ୍ତା ପ୍ରଦାନ କରାଯାଉଛି। କାରଣ ଏହି ଡିଜାଇନ୍‌ରେ ଟ୍ରାଫିକ୍ ଲାଇଟ୍ ଜଳିବା ଦେଖି ଲୋକଙ୍କ ମୁହଁରେ ଆପେ ଆପେ ହସ ଆସୁଛି। ତେବେ ଟ୍ରାଫିକ୍ ସିଗ୍ନାଲରେ ଦୀର୍ଘ ସମୟ ଅପେକ୍ଷା କରିବା ଲୋକଙ୍କ ପାଇଁ ବିରକ୍ତିକର ହୋଇଥାଏ। ହେଲେ ଏହି ଲାଇଟ୍ ହୃଦୟାକୃତିରେ ଜଳିଲେ ଲୋକଙ୍କ ରାଗକୁ ଯେଭଳି ପ୍ରଶମିତ କରୁଛି। ସେହିପରି ଲୋକଙ୍କ ମତରେ ଏହି ହୃଦୟାକୃତି ଲାଇଟ୍ ହୃଦୟକୁ ଶାନ୍ତି ପ୍ରଦାନ କରୁଛି। ଏମିତି ଲାଗୁଛି ଯେମିତି ସିଗନାଲ ଲୋକଙ୍କୁ କହୁଛି, 'ଅଟକି ରହି ସୁରକ୍ଷିତ ରୁହ। ଘରେ କେହି ତୁମର ଅପେକ୍ଷା କରିଛନ୍ତି।' ଅନ୍ୟପଟେ ଏହି ପଦକ୍ଷେପ ପଛରେ କେବଳ ଡିଜାଇନ ନୁହେଁ, ବରଂ ସମ୍ବେଦନଶୀଳ ଚିନ୍ତାଧାରା ଥିବା ଟ୍ରାଫିକ୍ ପୁଲିସ୍ ସତ୍ୟବୀର ସିଂହ କହିଛନ୍ତି। ହୃଦୟାକୃତିର ଚିହ୍ନ ଆପଣାପଣର ଅନୁଭବ ଦେଉଛି। ଟ୍ରାଫିକ୍ ପୁଲିସ ଯଦିଓ କଠୋର ହେଲେ ବି ଲୋକଙ୍କ ସହିତ ସବୁବେଳେ ଅଛି। ଲୋକଙ୍କ ସୁରକ୍ଷା ଓ ଦାୟିତ୍ୱବୋଧକୁ ଟ୍ରାଫିକ୍ ପୁଲିସ୍ ମନେ ପକାଇ ଦେଇଥାନ୍ତି। ତେଣୁ ଟ୍ରାଫିକ୍ ନିୟମ ପାଳନ କରିବା ଜରୁରି। ଏହି ସମ୍ବେଦନା ମାଧ୍ୟମରେ ଲୋକଙ୍କୁ ସଚେତନ କରିବା ଅତ୍ୟନ୍ତ ପ୍ରଭାବଶାଳୀ ଉପାୟ ବୋଲି ସତ୍ୟବୀର କହିଛନ୍ତି। ତେବେ ହୃଦୟାକୃତି ପ୍ରେମର ଚିହ୍ନ ହୋଇଥିଲେ ବି ନିୟମ ଉଲ୍ଲଂଘନକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବୃଷ:** ବ୍ୟସ୍ତତା ଭିତରେ ଦିନ କଟିପାରେ। ଅତିଥି ସତ୍କାର କରିବେ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଚାକିରିରେ ନୂଆ ସୁଯୋଗ ଜୁଟିପାରେ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେଇପାରନ୍ତି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

# ସରକାରୀ କଳର ଅପବ୍ୟବହାର ସତ୍ତ୍ୱେ ବିଜୟ ନିଶ୍ଚିତ: ବିଜେଡି



■ ନିର୍ବାଚନ ଇତିହାସରେ ନୂଆପଡ଼ା ଉପନିର୍ବାଚନ କଳଙ୍କମୟ ଅଧ୍ୟାୟ
■ କେବଳ ବିରୋଧୀ ଦଳଙ୍କ ପାଇଁ ଲାଗୁ ହୋଇଥିଲା ଆଚରଣ ବିଧି
■ ସରକାରୀ କର୍ମଚାରୀ ସାଜିଥିଲେ ବିଜେପିର ଏଜେଣ୍ଟ

ଭୁବନେଶ୍ୱର,୧୨।୧୧(ସମିସ): ନୂଆପଡ଼ା ଉପନିର୍ବାଚନରେ ବିଜେପି ସରକାରୀ କଳର ଅପବ୍ୟବହାର କରି, ଓ ଆଦର୍ଶ ଆଚରଣ ବିଧିର ଖୋଲା ଉଲ୍ଲଂଘନ କରି ନିର୍ବାଚନ ବୈତରଣୀ ପାର ହେବା ପାଇଁ ବ୍ୟାପକ ଅପଚେଷ୍ଟା କରିଛି। ଏହାସତ୍ତ୍ୱେ ଉପ ନିର୍ବାଚନରେ ସ୍ନେହାଙ୍ଗିନୀ ଛୁରିଆ ବିଜୟୀ ହେବେ ବୋଲି ଦୃଢୋକ୍ତି ବାଢ଼ିଛି ବିଜେଡି । ଶଙ୍ଖ ଭବନରେ ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତ୍ରୀ ତଥା ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ ଶାସକ ଦଳ ଓ ପ୍ରଶାସନକୁ କଟୁ ସମାଲୋଚନା କରିଥିଲେ। ପ୍ରମିଳା ମଲ୍ଲିକ କହିଥିଲେ ଯେ ବିଜେପି ଦ୍ୱାରା କରାଯାଇଥିବା ବିଭିନ୍ନ ଆଚରଣ ବିଧି ଉଲ୍ଲଂଘନ ଗୁଡିକୁ ଆମେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ। ନିର୍ବାଚନ ପ୍ରଚାର ସମୟରେ ବିଜେପି ପକ୍ଷରୁ ଶାଢ଼ି ଓ ଟଙ୍କା ବଣ୍ଟନ କରାଗଲା ଯାହାର ପ୍ରାମାଣିକ ତଥ୍ୟ ସହିତ ଆମେ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିଥିଲୁ। ସେହିପରି ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ବାସସ୍ଥଳୀ ଉପରେ ବିନା ସର୍ଚ୍ଚ ୱାରେଣ୍ଟରେ ଚଢ଼ଉ କରାଯାଇଥିଲା ଓ ବିଜେଡିର ସ୍ଥାନୀୟ ନେତା ମନୋଜ ମିଶ୍ରଙ୍କ ଘରେ ଆଇଟି ରେଡ କରାଯାଇଥିଲା। ନବୀନ ପଟ୍ଟନାୟକଙ୍କ ହେଲିକେପ୍ଟରକୁ ତିନି ଘଣ୍ଟା କାଳ ବିଳମ୍ବ କରାଯାଇଥିଲା। ସାଇଲେଣ୍ଟ ପିରିଅଡରେ ବିରୋଧୀ ଦଳର ନେତା ମାନେ ନିର୍ବାଚନ ମଣ୍ଡଳୀ ଅଞ୍ଚଳ ଛାଡି ଦେଇଥିବା ବେଳେ ବିଜେପିର ନେତା ମାନେ ସେଠାରେ ଉପସ୍ଥିତ ରହି ଟଙ୍କା ବଣ୍ଟା କାର୍ଯ୍ୟ ଜାରି ରଖିଥିଲେ। ନିର୍ବାଚନ ଅଧିକାରୀଙ୍କ ପାଖରେ ଏହି ଉଲ୍ଲଂଘନ କାର୍ଯ୍ୟର ପ୍ରମାଣ ସହିତ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ବିଜେପିର ସମସ୍ତ ଆଇନ ଉଲ୍ଲଂଘନ ଉଦ୍ୟମ ସତ୍ତ୍ୱେ ନୂଆପଡାବାସୀ ବିଜେଡିକୁ ଅକୁଣ୍ଠ ସମର୍ଥନ ଜଣାଇଛନ୍ତି। ତେଣୁ ୧୪ ତାରିଖ ଦିନ ଫଳାଫଳ ଘୋଷଣା ହେବା ବେଳେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ବିଜୟୀ ହେବେ ବୋଲି ଶ୍ରୀମତୀ ମଲ୍ଲିକ କହିଥିଲେ।

ଟୁକୁନି ସାହୁ କହିଥିଲେ ଯେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କ୍ଷେତ୍ରରେ ଏବଂ ସରକାରୀ କଳର ଅପବ୍ୟବହାର କରି ନିର୍ବାଚନକୁ ପ୍ରଭାବିତ କରିବାରେ ବିଜେପି ସମସ୍ତ ସୀମା ଉଲ୍ଲଂଘନ କରିଛି, ଗଣତନ୍ତ୍ରକୁ ହତ୍ୟା କରାଯାଇଛି । ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସରକାରୀ କର୍ମଚାରୀ ମାନେ ବିଜେପିର ଏଜେଣ୍ଟ ଭଳି ବ୍ୟବହାର କରୁଥିଲେ। ଇଭିଏମରେ ଭୋଟିଂ ବେଳେ ଯେ କୌଣସି ବଟନ ଚିପିଲେ ପଦ୍ମଫୁଲକୁ ଭୋଟ ଯାଉଥିବା ଅଭିଯୋଗକୁ ବି ଚାପି ଦିଆଗଲା। ଏଇ ସବୁକୁ ଅନୁଶୀଳନ କଲେ ନୂଆପଡା ଉପନିର୍ବାଚନରେ ମୁକ୍ତ ଓ ଅବାଧ ନିର୍ବାଚନ ହେବା ଉକ୍ତି ଏକ ପ୍ରହସନରେ ପରିଣତ ହୋଇଥିଲା। ଇପ୍ସିତା ସାହୁ କହିଥିଲେ ଯେ ସମଗ୍ର ଉପନିର୍ବାଚନ ସମୟରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ଭୂମିକା ଯେଉଁଭଳି ସରକାରୀ ଦଳକୁ ଜିତାଇବାକୁ ଖୋଲା ଖୋଲି କାର୍ଯ୍ୟ କରୁଥିଲେ, ତାହା ରାଜ୍ୟର ନିର୍ବାଚନ ଇତିହାସରେ ଏକ କଳଙ୍କମୟ ଅଧ୍ୟାୟ ହୋଇ ରହିବ। ଯେଉଁଭଳି ଭାବେ କାର୍ଯ୍ୟରତ ଡିଆଇଜିଙ୍କୁ ଛୁଟିରେ ପଠାଯାଇ ତାଙ୍କ ସ୍ଥାନରେ ଆଇଜି ହିମାଂଶୁ ଲାଲଙ୍କୁ ଦାୟିତ୍ୱ ଦିଆଯାଇଥିଲା, ତାହା ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବାକୁ ଏକ ସୁଚିନ୍ତିତ ଯୋଜନା ଥିଲା ବୋଲି ସେ କହିଥିଲେ।

ପୁଲିସ ଚାକିରି ବିକ୍ରି ଘଟଣା

# ଶଙ୍କର ପୃଷ୍ଟିର ଘନିଷ୍ଠ ସହଯୋଗୀ ସାଗର ଗିରଫ

କଟକ, ୧୨।୧୧(ସମିସ): ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି) ଦ୍ୱାରା ପରିଚାଳିତ କମ୍ବାଇନ୍ ପୁଲିସ ସର୍ଭିସ ପରୀକ୍ଷା (ସିପିଏସଇ)୨୦୨୪ ନିଯୁକ୍ତି ପାଇଁ ପ୍ରଶ୍ନପତ୍ର ଲିକ୍ ଓ ଚାକିରି ବେପାର ଘଟଣାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ଘନିଷ୍ଠ ସହଯୋଗୀ ସାଗର ଗୌଡ଼ (୨୨)କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଏହି ଘଟଣାରେ ଆଜି ସୁଦ୍ଧା ମୋଟ ୧୨୬ ଜଣଙ୍କୁ ଗିରଫ କରାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ଘଟଣାରେ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଥାନା ବାଲିପଡା ନିବାସୀ ତଥା ଏମକେସିଜି ମେଡିକାଲ କ୍ୟାମ୍ପସରେ ରହୁଥିବା ସାଗରକୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ଘଟଣାରେ ଗିରଫ ହୋଇଥିବା ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ନିର୍ଦ୍ଦେଶ ଅନୁସାରେ ସାଗର କାର୍ଯ୍ୟ କରିଆସୁଥିଲା। ତଦନ୍ତରୁ ଜଣାପଡିଛି ଯେ ସାଗର ବାଲେଶ୍ୱର ଦୀଘା ମଡ୍ୟୁଲରେ ସମଗ୍ର କାର୍ଯ୍ୟ ତଦାରଖ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଆନ୍ଧ୍ରପ୍ରଦେଶର ବିଜୟନଗରମ ଯାଉଥିବା ବେଳେ ପ୍ରାର୍ଥୀମାନେ ଧରାପଡିବା ତଥା ଚାକିରି ବେପାର ଲୋକଲୋଚନକୁ ଆସିବା ପରେ ଆଉ ଦୀଘା ଯୋଜନା କାର୍ଯ୍ୟକାରୀ ହୋଇ ପାରିନଥିଲା। ଦୀଘାଠାରେ ବି ପ୍ରାର୍ଥୀଙ୍କୁ ଆଗୁଆ ପ୍ରଶ୍ନପତ୍ର ଦେଇ ଅଭ୍ୟାସ କରିବା ପାଇଁ ସମସ୍ତ ବନ୍ଦୋବସ୍ତ ହୋଇସାରିଥିଲା। ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ଅରବିନ୍ଦ ଦାସକୁ ଦୀଘାଠାରେ ପ୍ରଶ୍ନପତ୍ର ଅଭ୍ୟାସ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିର ନିର୍ଦ୍ଦେଶ ଅନୁଯାୟୀ ବ୍ୟବସ୍ଥାରେ ସମନ୍ୱୟ ରଖୁଥିଲା ସାଗର। ଏପରିକି ଗତ ସେପ୍ଟେମ୍ବର ୨୯ ତାରିଖରେ ଶଙ୍କରର ନିର୍ଦ୍ଦେଶକ୍ରମେ ସାଗର ଦୀଘା ଗସ୍ତ କରିଥିଲା। ସେଠାରେ ପ୍ରାର୍ଥୀ ମାନଙ୍କ ପାଇଁ ଅରବିନ୍ଦ ଦାସଙ୍କ ଦ୍ୱାରା ହୋଟେଲ ରହଣି ବୁକ୍ କରାଯାଇଥିଲା। ଦୀଘାରେ ଏହାର ପରିଚାଳନା ଏବଂ ତଦାରଖ କରୁଥିଲା ସାଗର। ନୂଆଦିଲ୍ଲୀରେ ରହି ଏହି ଅପରାଧ ସିଣ୍ଡିକେଟକୁ ଶଙ୍କର ଚଳାଉଥିଲା ବେଳେ ଉଭୟ ସାଗର ଓ ଅରବିନ୍ଦ ସମସ୍ତ ଘଟଣା ସମ୍ପର୍କରେ ମାଷ୍ଟରମାଇଣ୍ଡ ଶଙ୍କରକୁ ରିପୋର୍ଟ କରିଆସୁଥିଲେ। ସୂଚନାଥାଉକି, ଏବେ ପୁଲିସ ଚାକିରି ବେପାର ଘଟଣାର ତଦନ୍ତ ସିବିଆଇ ତଦନ୍ତ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇସାରିଛି।



ଦୀଘାରେ ସମସ୍ତ ବନ୍ଦୋବସ୍ତର ତଦାରଖ କରୁଥିଲା

# କଡ଼ାସୁରକ୍ଷା ଭିତରେ ଇଭିଏମ୍, ୨୪ ଘଣ୍ଟାପରେ ଗଣତି

● ସକାଳ ୮ରୁ ହେବ ଭୋଟ୍ ଗଣତି
● ୧୪ ଟେବୁଲ, ୨୬ ରାଉଣ୍ଡ ଗଣନା

ନୂଆପଡ଼ା,୧୨।୧୧(ସମିସ): ନୂଆପଡ଼ା ଜିଲ୍ଲା ସଦର ନିର୍ବାଚନ ମଣ୍ଡଳୀ-୭୧ରେ ମତଦାନ ଶେଷ ହେବାର ଇତି ମଧ୍ୟରେ ଚବିଶ ଘଣ୍ଟା ବିତିଯାଇଛି। କଡ଼ା ସୁରକ୍ଷା ଭିତରେ ଇଭିଏମ୍ କଣ୍ଟ୍ରୋଲ ରୁମ୍। ଚବିଶ ଘଣ୍ଟା ପରେ ହେବ ଗଣତି। ପ୍ରକାଶ ଯେ ମଙ୍ଗଳବାର ଦିନ ତମାମ ନୂଆପଡ଼ାର ୩୫୮ଟି ମତଦାନ କେନ୍ଦ୍ରରେ ଭୋଟଗ୍ରହଣ ହୋଇଥିବାବେଳେ ନୂଆପଡ଼ାସ୍ଥିତ ନ୍ୟାସନାଲ କଲେଜରେ ଅବସ୍ଥାପିତ କଣ୍ଟ୍ରୋଲ ରୁମରେ ଇଭିଏମ ସବୁ ସିଲ୍ ହୋଇରହିଛି। ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏହାକୁ ନେଇ ଜିଲ୍ଲାପାଳ ମଧୁସୂଦନ ଦାଶ ସୂଚନା ଦେଇଛନ୍ତି ଯେ ଶୁକ୍ରବାର ସକାଳ ୮ଟାବେଳେ ଭୋଟ ଗଣତି ଆରମ୍ଭ ହେବ। ପ୍ରଥମେ ପୋଷ୍ଟାଲ ଭୋଟ ଗଣତି କରାଯିବ। ତା'ପରେ ସାଢେ ୮ଟା ସମୟରେ ଇଭିଏମ ଭୋଟ ଗଣତି କରାଯିବ। ଏଥି ସକାଶେ ମୋଟ ୧୪ଟି ଟେବୁଲ ଖଞ୍ଜାଯାଇଛି। ୨୬ଟି ରାଉଣ୍ଡରେ ଗଣତି ହେବାକୁଥିବାବେଳେ କେବଳ ଅଧିକୃତ ଲୋକମାନଙ୍କୁ ହିଁ ପ୍ରବେଶ ଅନୁମତି ଦିଆଯିବ। ଗଣତି ସକାଶେ ଭିତରେ ଏବଂ କେନ୍ଦ୍ର ବାହାରେ ମଧ୍ୟ ସାଧାରଣ ଲୋକଙ୍କ ସକାଶେ ବ୍ୟବସ୍ଥା କରାଯାଇଥିବା କହିଛନ୍ତି। ସୂଚନା ଯୋଗ୍ୟ ଯେ ନିର୍ବାଚନ ମଣ୍ଡଳୀର ମୋଟ ୨ଲକ୍ଷ ୫୪ହଜାର ୪୯୭ ମଧ୍ୟରୁ ୨ଲକ୍ଷ ୧୨ହଜାର ୩୮୫ଜଣ ମତଦାନ କରିଛନ୍ତି।



# ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାର ପଞ୍ଜୀକରଣ ଆରମ୍ଭ

କଟକ,୧୨।୧୧(ସମିସ): ଆସନ୍ତା ୨୦୨୬-୨୭ ଶିକ୍ଷାବର୍ଷରେ ରାଜ୍ୟର ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ସିଧାସଳଖ ପ୍ରବେଶ ପାଇଁ ଏବଂ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ଖାଲି ଆସନରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ପାଇଁ ଅନଲାଇନ ମାଧ୍ୟମରେ ଆବେଦନ ଆରମ୍ଭ ହୋଇଛି। ଛାତ୍ରଛାତ୍ରୀଙ୍କ ପିତାମାତା ଏହି ପଞ୍ଜୀକରଣ କରିପାରିବେ। ଯଦି କିଛି ସମସ୍ୟା ଥାଏ ତାହେଲେ ସହାୟକ ଦସ୍ତାବିଜ ସହିତ ସେମାନଙ୍କ ବ୍ଲକ ମଧ୍ୟରେ ଅବସ୍ଥିତ ଆଦର୍ଶ ବିଦ୍ୟାଳୟ ସହିତ ଯୋଗାଯୋଗ କରିପାରିବେ। ଅନଲାଇନ୍ ପଞ୍ଜୀକରଣ ପାଇଁ ଲିଙ୍କ୍ ଆଜିଠାରୁ ଆସନ୍ତା ନଭେମ୍ବର ୨୫ ମଧ୍ୟରାତ୍ରୀ ପର୍ଯ୍ୟନ୍ତ ବୋର୍ଡ ୱେବସାଇଟରେ ଉପଲବ୍ଧ ରହିବ। ପଞ୍ଜୀକରଣ ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ, ସହାୟତା ପାଇଁ ନିମ୍ନଲିଖିତ ହେଲ୍ପଲାଇନ୍ ଫୋନ୍ ନମ୍ବର ୯୮୬୧୯୨୪୮୦୭ରେ ଯୋଗାଯୋଗ କରିବାକୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ

# ପଢୁଆଁ ହେଲେ ମହାପ୍ରଭୁ

ପୁରୀ,୧୨।୧୧(ସମିସ): ମାର୍ଗଶୀର କୃଷ୍ଣ ଅଷ୍ଟମୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ପାଳିତ ହୋଇଛି ପ୍ରଥମାଷ୍ଟମୀ। ପଢୁଆଁ ହୋଇଛନ୍ତି ମହାପ୍ରଭୁ। ଏହି ଅବସରରେ ସ୍ୱତନ୍ତ୍ର ପୂଜାବିଧି ଅନୁଷ୍ଠିତ ହୋଇଥିଲା। ଭୋଗମଣ୍ଡପ ବଢ଼ିବା ପରେ ତିନିବାଡ଼ରେ ମଇଲମ କରାଯାଇ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଠାକୁରଙ୍କୁ ନୂଆ ଲୁଗା ଲାଗି କରାଯାଇଥିଲା। ଚନ୍ଦନ ଲାଗି ସରିବା ପରେ ଦାରୁବିଗ୍ରହଙ୍କୁ ବେଶ କରାଯାଇଥିଲା। ଏହି ବେଶରେ ୬ ମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ଲାଗି ହୋଇଥିଲେ ମହାପ୍ରଭୁ। ଦ୍ୱିପ୍ରହର ଧୂପ ପରେ ତିନିବାଡ଼ରେ ମଙ୍ଗଳାର୍ପଣ ନୀତି ସରି ଫୁଲପରିଆ ଖଦି ଛେଦା ପ୍ରସାଦ ଲାଗି କରାଯାଇ ଠାକୁରମାନଙ୍କୁ ବନ୍ଦାପନା କରାଯାଇଥିଲା। ଏହିପରି ଶ୍ରୀମନ୍ଦିରରେ ପାରମ୍ପରିକ ରୀତିରେ ପ୍ରଥମାଷ୍ଟମୀ ପର୍ବ ପାଳିତ ହୋଇଥିଲା। ଏହି ପର୍ବ ମହାପ୍ରଭୁଙ୍କ ମାନବୀୟ ଲୀଳାର ଏକ ଅନନ୍ୟ ଉଦାହରଣ।

ସରକାରୀ ବସ୍‌ରେ ନାହିଁ ବ୍ୟବସ୍ଥା

# ଦିବ୍ୟାଙ୍ଗ କ'ଣ ମଣିଷ ନୁହନ୍ତି

■ ପାଳନ ହେଉନି ଦିବ୍ୟାଙ୍ଗ ଅଧିକାର ଅଧିନିୟମ
■ ଦକ୍ଷତା ବିକାଶ କେନ୍ଦ୍ରକୁ ଆସି ଦିବ୍ୟାଙ୍ଗ ହଟହଟା
■ ୨୮ ସୁଦ୍ଧା ବିସ୍ତୃତ ରିପୋର୍ଟ ମାଗିଲେ ଆୟୋଗ

ଭୁବନେଶ୍ୱର,୧୨।୧୧(ସମିସ): ଦିବ୍ୟାଙ୍ଗ ଅଧିକାର ଅଧିନିୟମ-୨୦୧୬ର ସେକ୍ସନ-୪୦ ଅନୁସାରେ ଦିବ୍ୟାଙ୍ଗମାନଙ୍କୁ ସମାନ ଅଧିକାର, ସମାନ ସୁଯୋଗ ଓ ସହଭାଗିତା ମିଳିବାରର ବ୍ୟବସ୍ଥା ରହିଛି। ଏହି ଆଇନ୍ ଅନୁଯାୟୀ ଯାତ୍ରୀବାହୀ ବସ୍‌ଗୁଡ଼ିକରେ ଦିବ୍ୟାଙ୍ଗମାନଙ୍କ ପାଇଁ ରାମ୍ପ, ବସ୍‌ଗୁଡ଼ିକରେ ତଳୁଆ ପ୍ରବେଶ ପଥ ଓ ଦୃଷ୍ଟିବାଧିତଙ୍କ ପାଇଁ 'ଅଡ଼ିଓ-ଭିଜୁଆଲ୍' ବ୍ୟବସ୍ଥା ସାଙ୍ଗକୁ ଦିବ୍ୟାଙ୍ଗମାନଙ୍କ ପାଇଁ ଆବଶ୍ୟକୀୟ ସିଟ୍‌ଗୁଡ଼ିକ ସଂରକ୍ଷିତ ରଖିବାର ନିୟମ ରହିଛି। ବିଶେଷ କରି ସରକାରୀ ଯାନବାହନରେ ଏହି ନିୟମ ସୁନିଶ୍ଚିତ କରିବାକୁ କଡ଼ାକଡ଼ି ନିୟମ ରହିଛି। ସୁପ୍ରିମ୍‌କୋର୍ଟ ମଧ୍ୟ ୨୦୨୪ ଏ କ୍ଷେତ୍ରରେ ଦିବ୍ୟାଙ୍ଗମାନଙ୍କ ପାଇଁ ସୁଗମତା ବ୍ୟବସ୍ଥା ଆପଣାଇବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଦେଶର ୨-ଟାୟାର ସହର ଓ ମେଟ୍ରୋପଲିଟାନ୍ ସହରଗୁଡ଼ିକରେ ଏହି ସେବା ପ୍ରଦାନରେ କୌଣସି ଅବହେଳା ଗ୍ରହଣୀୟ ନ ଥିଲେ ମଧ୍ୟ ଓଡ଼ିଶାରା ରାଜଧାନୀରେ ମଧ୍ୟ ଦିବ୍ୟାଙ୍ଗମାନଙ୍କୁ ଏହି ସୁବିଧା ମିଳିପାରୁ ନାହିଁ। ରାଜ୍ୟରେ ଓଏସ୍‌ଆରଟିସି ଓ ମୋ ବସ୍ ସଂଖ୍ୟା ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଯଥେଷ୍ଟ ଅଧିକ ରହିଛି। ମାତ୍ର ଏହି ବସ୍‌ଗୁଡ଼ିକରେ ଏପରି ସେବା ପ୍ରଦାନ ପାଇଁ ବିଭାଗଗୁଡ଼ିକ ଆଦୌ ପ୍ରାସଙ୍ଗିକ ମଣୁନାହାନ୍ତି।

ରାଜ୍ୟରେ ଚାଲୁଥିବା ଯାତ୍ରୀବାହୀ ବସ୍‌ଗୁଡ଼ିକରେ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ବିଶେଷ ସୁବିଧା ଉପଲବ୍ଧ ହୋଇପାରୁ ନାହିଁ। ମୁଖ୍ୟତଃ ଦୃଷ୍ଟିବାଧିତ ଓ ଚାଲିବାକୁ ଅକ୍ଷମ ଥିବା ମହିଳା ଓ ପୁରୁଷମାନଙ୍କ ପାଇଁ ବସ୍ ଚଢ଼ିବାର କୌଣସି ବ୍ୟବସ୍ଥା ନ ଥିବାରୁ ଏମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।



ଘରୋଇ ବସ୍ ଦୂରର କଥା, ରାଜ୍ୟରେ ଚାଲୁଥିବା ସରକାରୀ ବସ୍‌ଗୁଡ଼ିକରେ ମଧ୍ୟ ଏହି ସୁବିଧା ଉପଲବ୍ଧ କରାଇବାକୁ ବିଭାଗଗୁଡ଼ିକ ଧ୍ୟାନ ଦେଉନାହାନ୍ତି। ଯାହାଦ୍ୱାରା ସରକାରଙ୍କ କଡ଼ା ନିୟମ ଥିବା ସତ୍ତ୍ୱେ ଦିବ୍ୟାଙ୍ଗମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ ରଖାଯାଉଛି।

ରାଜ୍ୟକୁ ଅନେକ ସମୟରେ ବିଦେଶରୁ ଅନେକ ଦିବ୍ୟାଙ୍ଗ ଆସୁଛନ୍ତି। ହେଲେ ଦିବ୍ୟାଙ୍ଗଙ୍କ ପାଇଁ ପରିବହନ ବ୍ୟବସ୍ଥାରେ ସେଭଳି କୌଣସି ବ୍ୟବସ୍ଥା ଉପଲବ୍ଧ ନ ଥିବାରୁ ରାଜ୍ୟର ଛବି ମଧ୍ୟ ବିଦେଶସ୍ତରରେ ଖରାପ ହେଉଛି। ଗତ ୨ ମାସ ତଳେ କଳିଙ୍ଗ ଷ୍ଟାଡିୟମରେ ଷ୍ଟେଟ୍ ପାରା ଆଥଲେଟ୍ ଚାମ୍ପିୟନସିପ୍ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଅନେକ ଦିବ୍ୟାଙ୍ଗ କଳିଙ୍ଗ ଷ୍ଟାଡିୟମକୁ ଆସିଥିବା ବେଳେ ଯାତ୍ରା କରିବା କ୍ଷେତ୍ରରେ ବହୁ ସମସ୍ୟାରେ ପଡ଼ିଛନ୍ତି। ଏହା ବ୍ୟତୀତ ଗତ କିଛି ଦିନ ତଳେ ଭୁବନେଶ୍ୱର ମଞ୍ଚେଶ୍ୱରଠାରେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ୭୦ ଜଣ ଦିବ୍ୟାଙ୍ଗ ବାଳକ ଓ ବାଳିକା ଓଳଟପୁରରୁ ଆସିଥିଲେ। ବସ୍‌ଗୁଡ଼ିକରେ ଏହି ଦିବ୍ୟାଙ୍ଗମାନଙ୍କ ଚଢ଼ିବା ଓ ଓହ୍ଲାଇବା ପାଇଁ କୌଣସି ବିଶେଷ ସୁବିଧା ନ ଥିବାରୁ ସେମାନେ ବହୁ କଷ୍ଟରେ ବୁହା ହୋଇ ଭିତରକୁ ଯାଇଥିଲେ, ଏହା ସେମାନଙ୍କ ମାନବିକ ଅଧିକାରର ଉଲ୍ଲଂଘନକୁ ଦର୍ଶାଉଥିବା ବେଳେ ସେମାନଙ୍କ ପାଇଁ ରହିଥିବା ସରକାରୀ ନିୟମର ଉଲ୍ଲଂଘନ। ନିକଟରେ ମୋ ବସ୍(ଆମ୍ ବସ୍)ରେ ଏଭଳି ତିକ୍ତ ଅନୁଭୁତିକୁ ନେଇ ମଣ୍ଟୁଦାସ ନାମକ ଜଣେ ଦିବ୍ୟାଙ୍ଗ ଅଧିକାର କର୍ମୀ ରାଜ୍ୟ ଭିନ୍ନକ୍ଷମ ଆୟୋଗଙ୍କ କୋର୍ଟରେ ଲିଖିତ ଅଭିଯୋଗ କରିଥିଲେ। ମୋ ବସ୍‌ଗୁଡ଼ିକରେ ଦିବ୍ୟାଙ୍ଗମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନ ଥିବା ସେ ନିଜ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହାକୁ ନେଇ ଆୟୋଗ ମୋ ବସ୍ ପରିଚାଳନା ସଂସ୍ଥା 'କ୍ରୁଟ୍'କୁ ଆସନ୍ତା ୨୮ ତାରିଖ ସୁଦ୍ଧା ଏ ସମ୍ପର୍କିତ ବିସ୍ତୃତ ବିବରଣୀ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଘଟଣା ପରେ ମଧ୍ୟ ସରକାରୀ ବସ୍‌ରେ ଦିବ୍ୟାଙ୍ଗଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା ଉପଲବ୍ଧ ନ ହେବା ସରକାରୀ ଅଧିକାରୀଙ୍କ ମନୋଭାବ ଉପରେ ପ୍ରଶ୍ନ ସୃଷ୍ଟି କରିଛି।

ଭାରତ-ଦକ୍ଷିଣ ଆଫ୍ରିକା ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ସମୀକ୍ଷା

# ଓଡ଼ିଶାର ମର୍ଯ୍ୟାଦା ଦୃଷ୍ଟିରୁ ତ୍ରୁଟିଶୂନ୍ୟ ହେଉ ଆୟୋଜନ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୨।୧୧(ସମିସ): ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କରିବାରେ ଓଡ଼ିଶାର ସୁନାମ ରହିଛି। ଅତୀତରେ କଟକ ବାରବାଟୀ ଷ୍ଟାଡିୟମ୍‌ରେ ଅନେକ ଅନ୍ତର୍ଜାତୀୟ ମ୍ୟାଚ୍ ସୁବ୍ୟବସ୍ଥିତ ଭାବେ ଭାବେ ଆୟୋଜନ କରାଯାଇଛି। ତେଣୁ ଆସନ୍ତା ଡିସେମ୍ବର ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଯେପରି ସୁବ୍ୟବସ୍ଥିତ ଓ ସୁନିୟନ୍ତ୍ରିତ ଭାବେ ଆୟୋଜିତ ହେବ ସେଥିପାଇଁ ସମସ୍ତ ବ୍ୟବସ୍ଥାକୁ ତ୍ରୁଟିଶୂନ୍ୟ ଭାବେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଛନ୍ତି।

ବୁଧବାର ଲୋକସେବା ଭବନରେ ଏନେଇ ଏକ ପ୍ରସ୍ତୁତି ବୈଠକରେ ଅଧକ୍ଷତା କରି ମୁଖ୍ୟମନ୍ତ୍ରୀ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଓ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ କହିଛନ୍ତି ଯେ ଏହି ମ୍ୟାଚ୍ ପ୍ରତି ସମଗ୍ର ଦେଶ ଓ ବିଶ୍ୱର ନଜର ରହିବ। ତେଣୁ ଓଡ଼ିଶାର ମର୍ଯ୍ୟାଦା ସୁରକ୍ଷିତ ହେବ, ସେଥିପାଇଁ ସମସ୍ତେ ସଚେତନ ରହିବା ଆବଶ୍ୟକ। ବୈଠକରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ମ୍ୟାଚ୍‌ର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଟିକେଟ୍ କିଣାବିକା, ଦର୍ଶକଙ୍କ ପାଇଁ ସୁବ୍ୟବସ୍ଥା, ନିରନ୍ତର ଲାଇଟିଙ୍ଗ ବ୍ୟବସ୍ଥା, ଷ୍ଟାଡିୟମ୍‌ର ଭିତ୍ତିଭୂମି ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାର୍କିଂ ଏବଂ ଟ୍ରାଫିକ୍ ପରିଚାଳନା ଆଦି ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଦିଲ୍ଲୀରେ ହୋଇଥିବା ବିସ୍ଫୋରଣ ପରିପ୍ରେକ୍ଷୀରେ ଏହି ଅନ୍ତର୍ଜାତୀୟ କ୍ରୀଡା ସମୟରେ ପୁଲିସ ପ୍ରଶାସନ ପକ୍ଷରୁ ଲୋକଙ୍କ ସୁରକ୍ଷା ପ୍ରତି ଏକ ଫୁଲପ୍ରୁଫ୍ ବ୍ୟବସ୍ଥା କରାଯିବା ଆବଶ୍ୟକ। ଏଥିପାଇଁ ପୁଲିସ ଅଧିକ ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକର ସୂଚନା ଅନୁଯାୟୀ ମ୍ୟାଚ୍ ସମୟରେ ନିରନ୍ତର ଲାଇଟିଙ୍ଗ ବ୍ୟବସ୍ଥା ପାଇଁ ଅଧିକ ଜେନ୍‌ସେଟ୍ ଅଣାଯାଇଥିବା ବେଳେ ଏହାର ମନିଟରିଂ ପାଇଁ ନୂଆ ସଫ୍ଟୱେୟାର୍ ମଧ୍ୟ ଇନ୍‌ଷ୍ଟଲ କରାଯାଇଛି। ଗୋଟିଏ ଜେନ୍‌ସେଟ୍ ଫେଲ୍ ହେଲେ ତୁରନ୍ତ ଅନ୍ୟ ଗୋଟିଏ ଜେନ୍‌ସେଟ୍ ଚାଲୁ ହେବ ଏବଂ ଲାଇଟିଙ୍ଗ ବ୍ୟବସ୍ଥା ନିରନ୍ତର ଭାବେ ଜାରି ରହିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ବୈଠକରେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ମ୍ୟାଚ୍ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ।

ସରକାରୀ ଯୋଜନା ବାଟବଣା

# ମିଳୁନି ଚାଉଳ; ଶିକ୍ଷାରୁ ବଞ୍ଚିତ ଶିଶୁ

ଜୟପାଟଣା,୧୨।୧୧(ସମିସ): ଗରିବ ଲୋକମାନଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୋଷଣ ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତୃଣମୂଳରେ କିପରି ସୁବିଧା ଆଉ ସହଜରେ ଲାଭ ପାଇପାରିବେ ସେଥିପାଇଁ ବିଭିନ୍ନ ନାରା ସହ ପ୍ରଚାରପ୍ରସାର ମଧ୍ୟ କରାଯାଉଛି। କିନ୍ତୁ ଏସବୁ କାଗଜପତ୍ରରେ ସୀମିତ ଥିବାବେଳେ ବାସ୍ତବତା ଯୋଜନାଠାରୁ ବହୁ ଦୂରରେ ବୋଲି ଆଲୋଚନା ହେଉଛି। କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ୍ ନବରଙ୍ଗପୁର ଜିଲ୍ଲା ସୀମାନ୍ତକୁ ଲାଗିଥିବା ଧନସୁଲି ପଞ୍ଚାୟତର କେନ୍ଦୁଗୁଡା ଗାଁରେ ଏବେବି ଲୋକଙ୍କୁ ମୌଳିକ ସୁବିଧା ମିଳିପାରି ନାହିଁ। ଆଧାର କାର୍ଡ ନ ଥିବାରୁ କୁନିକୁନି ଛୁଆମାନେ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ହେବାସହ ଅନେକ ବୃଦ୍ଧବୃଦ୍ଧାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମଧ୍ୟ ମିଳୁନାହିଁ। ଗାଁରେ ନିରୀହ ଗରିବ ଆଦିବାସମାନେ ବସବାସ କରୁଥିବା ବେଳେ ଜନ୍ମ ପଞ୍ଜିକରଣ ପ୍ରମାଣପତ୍ର ମଧ୍ୟ ନାହିଁ। ଯାହାଫଳରେ ତାଙ୍କର କୁନି କୁନି ଛୁଆମାନଙ୍କ ଆଧାର କାର୍ଡ ହୋଇପାରୁ ନାହିଁ। ଆଧାରକାର୍ଡ ପାଇଁ ନା ମିଳୁଛି ଚାଉଳ ନା ମିଳିପାରୁଛି ସ୍କୁଲରେ ଆଡ୍‌ମିଶନ। ଏପରିସ୍ଥଳେ ଗାଁର ଅନେକ କୁନିକୁନି ଛୁଆଙ୍କ ଭବିଷ୍ୟତ ଅନ୍ଧାରରେ। ଆଧାରକାର୍ଡ ପାଇଁ ଜନ୍ମ ପଞ୍ଜିକରଣ ପ୍ରମାଣପତ୍ର ଦରକାର, ଯାହା ତାଙ୍କ ପାଖରେ ବର୍ତ୍ତମାନ ନାହିଁ। ଉକ୍ତ ଗାଁର ଇଚ୍ଛା ମାଝୀ (୧୦), ଗଜୀନ୍ଦ୍ର ମାଝୀ (୭), ଅଞ୍ଜନା ମାଝୀ (୬) ଆଧାରକାର୍ଡ ପାଇଁ ସ୍କୁଲ ଶିକ୍ଷାରୁ ବଞ୍ଚିତ ରହିଛନ୍ତି। ଗାଁରେ ଥିବା ସ୍କୁଲ, ଅଙ୍ଗନବାଡିରୁ ରିପୋର୍ଟ ଯାଉଛି କିନ୍ତୁ ତାହାର ନିରାକରଣ ପାଇଁ କୌଣସି



ସ୍ୱତନ୍ତ୍ର ବ୍ୟବସ୍ଥା ଅଦ୍ୟାବଧି ଗ୍ରହଣ କରାଯାଇ ନାହିଁ। ଜୟପାଟଣାରୁ ମାତ୍ର ୮ କିମି ଦୂରରେ ଥିବା ଗାଁର ଏଭଳି ଅବସ୍ଥା। ଏନେଇ ସ୍ଥାନୀୟ ସରପଞ୍ଚ କୈଳାସ ସାହୁଙ୍କୁ ପଚାରିବାରୁ ସେ ମୁଁ ଏନେଇ ବିଡିଓ ତଥା ଅନେକ ଥର ସମିତି ମିଟିଂରେ କହିଛି କିନ୍ତୁ କିଛି ସମାଧାନ ହୋଇନାହିଁ। ମୋ ପଞ୍ଚାୟତରେ ଏଭଳି ଅନେକ ଲୋକେ ହନ୍ତସନ୍ତ ହେଉଛନ୍ତି। ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଅନୁରୋଧ କରିଛନ୍ତି।

# ଶିମିଳିପାଳରେ ଆରମ୍ଭ ହେବ ବାଘ ଗଣନା

■ 'ସିଜେଡ୍‌ଏ'ଙ୍କ ଅନୁମତିକୁ ଅପେକ୍ଷା
■ ସଂଖ୍ୟା ଦ୍ୱିଗୁଣ ନେଇ 'ଏସ୍‌ଟିଆର୍' କର୍ତ୍ତୃପକ୍ଷ ଆଶାବାଦୀ
■ ଲଗାଯାଇଛି ଏକ ହଜାରରୁ ଉର୍ଦ୍ଧ୍ୱ କ୍ୟାମେରା

ବାରିପଦା,୧୨।୧୧(ସମିସ): ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନଟିସିଏ) ପକ୍ଷରୁ ପ୍ରତି ୪ ବର୍ଷ ଅନ୍ତରରେ ହେଉଥିବା ସର୍ବଭାରତୀୟ ବାଘଗଣନା ୨୦୨୬ ମସିହାରେ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଶିମିପାଳ ବ୍ୟାଘ୍ର ସଂରକ୍ଷଣ (ଏସଟିଆର) ପ୍ରକଳ୍ପ ପକ୍ଷରୁ ରୋଡ ମ୍ୟାପ ପ୍ରସ୍ତୁତି କରାଯାଇଛି। ୱାଇଲ୍ଡ ଲାଇଫ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆର ବିଶେଷଜ୍ଞ ସଦସ୍ୟ ଓ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ୬ମାସ ଧରି ଚାଲିବାକୁ ଥିବା ବାଘ ଗଣନା ନିମନ୍ତେ କାଗଜ କଲମ ପରିବର୍ତ୍ତେ ସ୍ୱତନ୍ତ୍ର ଆପ୍ଲିକେସନ ଓ ୱେବ ଲଗ୍ ଇନର ବ୍ୟବହାର କରାଯାଇ ବାଘ ଗଣନା ଆରମ୍ଭ ହେବ। ଏଥିପାଇଁ ଶିମିଳିପାଳ ବ୍ୟାଘ ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ସମସ୍ତ ପ୍ରସ୍ତୁତି ଚଳାଇଛନ୍ତି।

ଶିମିଳିପାଳର ଘନ ଜଙ୍ଗଲରେ ସ୍ୱତନ୍ତ୍ର ସଫ୍ଟୱେର ବ୍ୟବହାର ମାଧ୍ୟମରେ ବାଘର ପ୍ରଜାତି, ବୟସ ଓ ଲିଙ୍ଗ ଆଦି ତଥ୍ୟ ଅପଲୋଡ କରାଯିବ। ଏଆଇ କ୍ୟାମେରା ବ୍ୟବହାର କରି ସ୍ୱତନ୍ତ୍ର ଆପ୍ଲିକେସନ ଓ ୱେବ ଲଗ୍ ଇନ ଦ୍ୱାରା ଏହା ସମ୍ପନ୍ନ ହେବ। ଏ ନେଇ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ କର୍ତ୍ତୃପକ୍ଷ କେନ୍ଦ୍ରୀୟ ଚିଡିଆଖାନା ପ୍ରାଧିକରଣ (ସିଜେଡ୍‌ଏ)ରୁ ଅନୁମତି ପାଇବା ପରେ ଗଣନା ଆରମ୍ଭ ହେବ; ଯାହାକି ଶିମିଳିପାଳରେ ଚଳିତମାସଠାରୁ ବାଘ ଗଣନା ଆରମ୍ଭ ବୋଲି ଆଶା କରାଯାଉଛି। ଏଥିରେ ତାଲିମପ୍ରାପ୍ତ ଅଧିକାରୀଙ୍କ ସହିତ ବିଭିନ୍ନ ରେଞ୍ଜର କର୍ମଚାରୀ ସାମିଲ ହେବେ। ସିଜେଡ୍‌ଏଠାରୁ ଅନୁମତି ମିଳିବା ପରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଶିମିଳିପାଳ ଉତ୍ତର, ଦକ୍ଷିଣ, ବାରିପଦା, ରାଇରଙ୍ଗପୁର, କରଞ୍ଜିଆ, ଆନନ୍ଦପୁର ଓ କୁଲଡିହା ଆଦି ୭ଟି ବନଖଣ୍ଡର ୧୬ଟି ରେଞ୍ଜରେ ଥିବା ୧୭୩ଟି ବିଟ୍ ଅଞ୍ଚଳରେ ଏହି ଗଣନା ଆରମ୍ଭ ହେବ। ଏହି ଗଣନା



ମାସାଧିକ କାଳ ପର୍ଯ୍ୟନ୍ତ ଚାଲିବ। ଏହି ଗଣନା ୨୦୨୬ ମାର୍ଚ୍ଚରେ ଶେଷ ହେବ। ସମସ୍ତ ତଥ୍ୟ ଏନଟିସିଏକୁ ପଠାଇବା ପରେ ୨୦୨୭ରେ ବାଘ ଗଣନା ରିପୋର୍ଟ ପ୍ରକାଶ ପାଇବ ବୋଲି ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି। ପ୍ରତିଦିନ ସକାଳ ୯ରୁ ଅପରାହ୍ନ ୪ଟା ଯାଏ ବାଘ ଗଣନା ହେବ। ନଭେମ୍ବରରୁ ଜାନୁଆରୀ ମଧ୍ୟରେ କ୍ୟାମେରା ଟ୍ରାପିଂ କରାଯିବ। ବାଘଙ୍କ ପାଦଚିହ୍ନ (ପଗ୍ ମାର୍କ) ସହ ମଳ ନମୁନା ସଂଗ୍ରହ କରାଯାଇ ଡିଏନ୍‌ଏ ସାମ୍ପଲିଂ କରାଯିବାର କାର୍ଯ୍ୟକ୍ରମ ରହିଛି।

ବାଘ ଗଣନାରେ ଏକ ହଜାରରୁ ଅଧିକ କ୍ୟାମେରା ଲଗାଯାଇଛି। ଏହି କ୍ୟାମେରାର ଚିତ୍ର ଉତ୍ତୋଳନ ସମୟରେ ଫ୍ଲାସ ହୋଇ ରେକର୍ଡ ହୋଇଥିବା ଫଟୋ ଏବଂ ଅନ୍ୟାନ୍ୟ ତଥ୍ୟ ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ଏନ୍‌ଟିସିଏକୁ ପ୍ରଦାନ କରାଯିବ। ଉକ୍ତ ଚିତ୍ରକୁ ସଫ୍ଟୱେର ମାଧ୍ୟମରେ ବିଶ୍ଳେଷଣ କରାଯାଇ ୨୦୨୭ରେ ରିପୋର୍ଟ ପ୍ରକାଶ ପାଇବ ବୋଲି ଡ ଗୋଗିନେନୀ କହିଛନ୍ତି। ପ୍ରାୟ ଏକ ବର୍ଷ ଧରି ମହାରାଷ୍ଟ୍ରରୁ ଅଣାଯାଇଥିବା ମହାବଳ ବାଘୁଣି ଜମୁନା ଓ ଜୀନତ ଶିମିଳିପାଳ ଲ୍ୟାଣ୍ଡସ୍କାପରେ ରହିଥିବା ବେଳେ ଦେଶର ସମସ୍ତ ୩୯ଟି କଳା ମହାବଳ ବାଘ ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ହିଁ ରହିଛନ୍ତି। ଏହି ୩୯ଟି ଯାକ କଳା ବାଘ "ମେଲାନିଷ୍ଟିକ' ପ୍ରଜାତିର।

ଗତ ୨୦୨୨ର ପାନ୍‌ଇଣ୍ଡିଆ ବାଘ ଗଣନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟରେ ୧୦ଟି କଳା ବାଘ ରହିଥିଲେ। ୨୦୦୭ ମସିହାରେ ଜଙ୍ଗଲ ମଧ୍ୟରେ ବିଭିନ୍ନ ସ୍ଥାନରେ ୨୫୦ରୁ ଟ୍ରାପ୍ କ୍ୟାମେରା ଲଗାଯାଇଥିଲା। ଉକ୍ତ କ୍ୟାମେରାରେ ଉକ୍ତ କଳା ମହାବଳ ବାଘର ଫଟୋ ସାମ୍ନାକୁ ଆସିଥିଲା। ତେବେ ଅଲ ଓଡିଶା ଟାଇଗର ଏଷ୍ଟିମେଟ ଅନୁଯାୟୀ ରାଜ୍ୟରେ ମହାବଳ ବାଘ ସଂଖ୍ୟା ଶିମିଳିପାଳ ଅଭୟାରଣ୍ୟରେ ସର୍ବାଧିକ ରହିଛି। ରାଜ୍ୟରେ ୩୦ଟି ମହାବଳ ବାଘ ମଧ୍ୟରୁ କେବଳ ୨୭ଟି ଶିମିଳିପାଳରେ ରହିଛନ୍ତି। ପୂର୍ବରୁ ଏନଟିସିଏ ଶିମିଳିପାଳକୁ ବାଘ ବଂଶ ବୃଦ୍ଧି ପାଇଁ ଉତ୍କୃଷ୍ଟ ସ୍ଥାନ ଘୋଷଣା କରିଥିବା ବେଳେ ୨୦୨୨ରେ ଗଣନା ରିପୋର୍ଟରେ ଶାବକଙ୍କ ବାଦ ଦେଲେ ଶିମିଳିପାଳରେ ୧୬ଟି ମହାବଳ ରହିଥିବା ନେଇ ଉଲ୍ଲେଖ ଥିଲା। ଆଗାମୀ ୨୦୨୬ ଗଣନାରେ ଏହି ସଂଖ୍ୟା ୪୦ରେ ପହଞ୍ଚିବ ବୋଲି ବନବିଭାଗର ଅଧିକାରୀ ଅନୁମାନ ଚଳାଇଛନ୍ତି। ଏଭଳିଭାବେ ବୃଦ୍ଧି ପାଇଲେ ୨୦୩୦ସୁଦ୍ଧା ବାଘ ସଂଖ୍ୟା ୬୦ରୁ ୭୦ ମଧ୍ୟରେ ରହିବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ ଆକଳନ କରାଯାଇଛି।


■ ମହିଳାଙ୍କ ଆତ୍ମହତ୍ୟା ଘଟଣା

# ସ୍ୱାମୀ, ଶଶୁର ଓ ଦିଅର ଗିରଫ



ବୈପାରିଗୁଡ଼ା, ୧୨।୧୧(ସମିସ): ଝିଅ ଆତ୍ମହତ୍ୟା କରିନାହିଁ, ବରଂ ତାକୁ ହତ୍ୟା କରାଯାଇଥିବା ନେଇ ଗତ ୧୦ ତାରିଖ ଦିନ ବୈପାରିଗୁଡା ଥାନାରେ ଏତଲା ଦିଆଯାଇଥିଲା। ଏହି ଘଟଣାରେ ପୁଲିସ ସ୍ୱାମୀ, ଶଶୁର ଓ ଦିଅରକୁ ଗିରଫ କରିଛି। ସୂଚନାଯୋଗ୍ୟ ଯେ, ଜୟପୁର ସଦର ଥାନା ଅନ୍ତର୍ଗତ ବାମୁଣିପୁଟ ଗ୍ରାମର ଧନ ବାରିକଙ୍କ ଝିଅ ପଦ୍ମିନୀ ବାରିକ (୨୫) ବୈପାରିଗୁଡା ଥାନା ଅନ୍ତର୍ଗତ ପ୍ରଧାନୀପୁଟ ଗ୍ରାମରରମେଶ ହରିଜନଙ୍କୁ ବିବାହ କରିଥିଲେ। ଗତ ସୋମବାର ସକାଳ ୯ଟା ବେଳେ ପଦ୍ମିନୀ ଶୌଚ ହେବାକୁ ଯିବି କହି ଘର ପଛପଟେ ଥିବା ଏକ କାଜୁ ଗଛରେ ଦଉଡ଼ି ଦେଇ ଝୁଲି ପଡ଼ିଥିଲେ। ସ୍ୱାମୀ ରମେଶ ଏବଂ ପରିବାର ଲୋକେ ପଦ୍ମିନୀ ଝୁଲି ପଡ଼ିଥିବା ଜାଣି ତୁରନ୍ତ ଦଉଡ଼ି କାଟି ବୈପାରିଗୁଡା ମେଡ଼ିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ମୃତ୍ୟୁକୁ ନେଇ ବାପ ଘର ଲୋକେ ବିଶ୍ୱାସ କରିନଥିଲେ ବରଂ ତାକୁ ହତ୍ୟା କରାଯାଇଥିବା ନେଇ ବୈପାରିଗୁଡା ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ପୁଲିସ ଏବଂ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଆଜି ଏତଲା ଅନୁଯାୟୀ ପଦ୍ମିନୀଙ୍କ ସ୍ୱାମୀ ରମେଶ ହରିଜନ, ଶଶୁର ଗଙ୍ଗା ଏବଂ ଦିଅର ପବିତ୍ର ହରିଜନଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ବୈପାରିଗୁଡା ଥାନା ଓଆଇସି ଡମ୍ବରୁଧର ବାତ୍ରିଆ ସୂଚନା ଦେଇଛନ୍ତି।

# କେନ୍ଦୁଗୁଡ଼ାରେ ଝାଡ଼ାବାନ୍ତି; ୨ ମୃତ, ୧୬ ଆକ୍ରାନ୍ତ







କୁନ୍ଦୁରା, ୧୨।୧୧(ସମିସ): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ କେନ୍ଦୁଗୁଡାରେ ଏକ ସପ୍ତାହ ହେଲା ଝାଡ଼ାବାନ୍ତି ଲାଗି ରହିଛି। ଗାଁରେ ଝାଡ଼ାବାନ୍ତିରେ ୧୮ ଜଣ ଆକ୍ରାନ୍ତଙ୍କ ହୋଇଥିବା ବେଳେ ସେଥିମଧ୍ୟରୁ ଦୁଇ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ମୃତକ ଦୁଇ ଜଣ ମହିଳା କେନ୍ଦୁଗୁଡାର ୩୫ ବର୍ଷୀୟ ଫୁଲମତି ଘସର୍ଲାଆ ଏବଂ ୫୧ ବର୍ଷୀୟ ହୀରାଦେବୀ ଘସର୍ଲାଆ ବୋଲି ଜଣାପଡ଼ିଛି। ଝାଡ଼ାବାନ୍ତି ବ୍ୟାପିବାର କାରଣ କଣ ରହିଛି ତାହା ସ୍ୱଷ୍ଟ ହୋଇନାହିଁ। ତେବେ ଦୂଷିତ ପାଣି ଯୋଗୁ ଏହିଭଳି ପରିସ୍ଥିତି ଉପୁଜିଥିବା ଅନୁମାନ କରାଯାଇଛି। କୁନ୍ଦୁରା ମେଡିକାଲ ଟିମ ଗାଁରେ ପହଞ୍ଚି ଗାଁ ର ବିଭିନ୍ନ ସ୍ଥାନର ପିଇବା ପାଣି ନମୁନା ସଂଗ୍ରହ କରିଛି । ରିପୋର୍ଟ ଆସିଲେ ତାହା ସ୍ୱଷ୍ଟ ହେବ ଜଣା ପଡିଛି । ଆକ୍ରାନ୍ତଙ୍କ ମଧ୍ୟରୁ ଯୋଗେଶ ଗୋରାହାଣ୍ଡିଆ, ରତ୍ନବତୀ ଭୂମିଆ, ଜିତେନ୍ଦ୍ର ପୂଜାରୀ, ଦେବେନ୍ଦ୍ର ଭୂମିଆ, ବାସୁ ଭୂମିଆ, ରୀନା ପୂଜାରୀ, ଏବଂ ଫୁଲମତି ମସିଆ ପ୍ରମୁଖ ଚିକିତ୍ସା ପରେ ସୁସ୍ଥ ଅଛନ୍ତି । ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗଣେଶ ପ୍ରସାଦ ଦାସଙ୍କୁ ପଚାରିବାରୁ ସେ କହିଛନ୍ତିଯେ, ଗାଁପ୍ରତି ତୀକ୍ଷ୍ଣ ନଜର ରଖାଯାଇଛି । ପ୍ରତିଦିନ ଦୁଇ ବେଳା ଡାକ୍ତରୀ ଦଳ ଯାଇ ସ୍ଥିତି ନିରୀକ୍ଷଣ କରୁଛନ୍ତି। ଗାଁରେ ଅଧିକ ଯେପରି ନ ବ୍ୟାପିବ ସେଥିପାଇଁ ଗ୍ରାମବାସୀଙ୍କୁ ସଚେତନ କୋରାଯଉଛି। ଔଷଧ, ଓଆର୍‌ଏସ୍ ଆଦି ଯୋଗାଇ ଦିଆଯାଉଛି । ଆକ୍ରାନ୍ତ ହେବା ସଙ୍ଗେ ସଙ୍ଗେ ରୋଗୀଙ୍କୁ ମେଡିକାଲ୍ ଆଣିବା ପରିବର୍ତ୍ତେ ଶିରା,ଗୁଣିଆକୁ ପାଖକୁ ନିଆଯାଉଛି। ବହୁ ବିଳମ୍ବରେ ଓ ସ୍ଥିତି ଅଣାୟତ ହେବା ପରେ ମେଡିକାଲ୍‌କୁ ଅଣାଯାଉଛି। ତେଣୁ ଗାଁରେ ଦୁଇ ମହିଳାଙ୍କ ମୃତ୍ୟୁ ଘଟିଛି । ଖବର ପାଇ କୋରାପୁଟ ଡିପିଏମ୍ ଏବଂ ଆଶା ମ୍ୟାନେଜର ଗାଁକୁ ଆସି ସ୍ଥିତି ଅନୁଧ୍ୟାନ କରି ଫେରିଥିବା ଜଣାପଡିଛି ।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



କୋଷାଗୁମୁଡ଼ା,୧୨।୧୧(ସମିସ): ଆଜି କୋଷାଗୁମୁଡା ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୫ ସହିଦ ଲକ୍ଷ୍ମଣ ନାୟକ ଷ୍ଟାଡିଅମ ଠାରେ ଅନୁଷ୍ଠିତ ହୋଇଯାଇଛି । ୨୬ ଗ୍ରାମ ପଞ୍ଚାୟତରୁ ମୋଟ ୭୦୦ ଜଣ ଚାଷୀ ଯୋଗ ଦେଇଥିଲେ। ସେମାନଙ୍କୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ବିଭିନ୍ନ ଯୋଜନା ସମ୍ବନ୍ଧରେ ସୂଚନା ପୁସ୍ତିକା ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ଆରମ୍ଭରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଏବଂ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ ପ୍ରଦର୍ଶନୀ ଷ୍ଟଲ ଉଦ୍‌ଘାଟନ କରାଯାଇଥିଲା। ଏଥି ସହିତ ମୁଖ୍ୟବକ୍ତା ଭାବରେ ପ୍ରାଣୀ ସମ୍ପଦ ବିଭାଗର ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ପ୍ରଶାନ୍ତ କୁମାର ସାମଲ, ଡ. ଦିଲ୍ଲୀପ କୁମାର କବିରାଜ, ଜିଲ୍ଲା ବିଜେପି ସଭାପତି କୁଞ୍ଜ ବିହାରୀ ଦାଶ,ଏମ୍‌ପି ପ୍ରତିନିଧି ସୁରେଶ ପାତ୍ର, ସାଂସଦ ପ୍ରତିନିଧି ବଦ୍ରି ନାରାୟଣ ସିଂ, କୋଷାଗୁମୁଡା ବ୍ଲକ ଅଧକ୍ଷା ଶ୍ରୀମତି ସର୍ବେଶ୍ୱରୀ ମାଝୀ, ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ, ତିନୋଟି ଜୋନର ଜିଲ୍ଲା ପରିଷଦ ସଭ୍ୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀ, ୨୬ ଗୋଟି ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ, ଅତିରିକ୍ତ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ସ୍ୱପ୍ନ ସରିତା ସାହୁ, କୋଡୀଙ୍ଗା ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରିତମ ଦ୍ୱିବେଦୀ ଯୋଗଦେଇ ଲୋକ ମାନଙ୍କୁ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ଏବଂ ଏହି ମେଳାରେ ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ୮ ଜଣ ସଫଳ କୃଷକ ଓ ଉଦ୍ୟାଗୀ ମାନଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ୨ ଜଣ ପ୍ରାଣୀ ପାଳକ ଏବଂ ୧ ଜଣ ମତ୍ସ୍ୟ ଚାଷୀଙ୍କୁ ୧୦୦୦ ଟଙ୍କା ପ୍ରମାଣ ପତ୍ର ଏବଂ ଉତ୍ତରୀୟ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବୈଷୟିକ ଅଧିବେଶନର ବିଭିନ୍ନ ଯୋଜନା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହ ଚାଷୀ ମାନେ ବିଭିନ୍ନ ଯୋଜନା ସମ୍ପର୍କରେ ଗୋ ସୁଗମରେ କିପରି ଆବେଦନ କରିବେ ସେ ସମ୍ପର୍କରେ ବୁଝାଯାଇଥିଲା। ସଭା ଶେଷରେ ପ୍ରାଣୀ ଚିକିତ୍ସକ ଡ. ପ୍ରିତମ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ।

# ମହିଳାଙ୍କ ଆତ୍ମହତ୍ୟା

ବୈପାରିଗୁଡ଼ା, ୧୨।୧୧(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଜି. ମାଝିଗୁଡା ଗ୍ରାମରେ ଅଭାବନୀୟ ଘଟଣା ଘଟିଛି । ଘର ଭିତରେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କଲେ ମହିଳା। ମୃତକ ଜି.ମାଝିଗୁଡା ଗ୍ରାମର ପ୍ରସାଦ ଚେନ୍ଦ୍ରିଆଙ୍କ ସ୍ତ୍ରୀ କୁନି ଚେନ୍ଦ୍ରିଆ (୨୧) ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ପରିବାର ଲୋକେ ଘରେ କେହି ନଥିବା ସୁଯୋଗ ନେଇ ଘର ଭିତରେ ବେକରେ ଦଉଡି ଦେଇ ଝୁଲି ପଡିଥିଲେ ମହିଳା । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ଥାନାରେ ଏତଲା ଦେବା ପରେ ବୈପାରିଗୁଡା ପୁଲିସ ଆଜି ଜି. ମାଝିଗୁଡା ଗ୍ରାମରେ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ମା' ନିଶାନିମୁଣ୍ଡା କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

କୋରାପୁଟ,୧୨।୧୧(ସମିସ): ନିଶାନୀମୁଣ୍ଡାର ସାମଗ୍ରିକ ବିକାଶ ସହ ଅନ୍ୟାନ୍ୟ ଦାବି ନେଇ ରଙ୍ଗବାଲିକୁମ୍ଭା ଗ୍ରାମ ସ୍ଥିତ ମା'ନିଶାନୀମୁଣ୍ଡା କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କମିଟି ସଭାପତି ବଳରାମ ନାୟକ, ଉପସଭାପତି ଶ୍ୟାମ ପରଜା, ସମ୍ପାଦକ ଜଗନ୍ନାଥ ପରଜା, ଯୁଗ୍ମ ସମ୍ପାଦକ ମାଧବ ପରଜାଙ୍କ ନେତୃତ୍ୱରେ କମିଟି ସଦସ୍ୟ ବୃନ୍ଦ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। କୋରାପୁଟ ନିଷାନିମୁଣ୍ଡାରେ ରଙ୍ଗବାଲିକୁମ୍ଭା ଗ୍ରାମବାସୀଙ୍କ ଆରାଧ୍ୟ ଦେବୀଙ୍କ ପୀଠ, ଗ୍ରାମବାସୀ ସେମାନଙ୍କ ଚୈତ୍ର ପର୍ବ, ପୁଷ ପୂର୍ଣ୍ଣିମା, ଦଶହରା ଭଳି ପୂଜା ପାର୍ବଣ ପାଳନ କରନ୍ତି। ଏପରିକି କୋରାପୁଟ ଜିଲ୍ଲାର ଲୋକ ମହୋତ୍ସବ 'ପରବ' ମଧ୍ୟ ନିଷାନିମୁଣ୍ଡା ପୀଠରେ ପୂଜାର୍ଚ୍ଚନା କରି ଆରମ୍ଭ କରାଯାଏ। ତେଣୁ ଏହାର ସାମଗ୍ରୀକ ବିକାଶ ଅତ୍ୟନ୍ତ ଜରୁରୀ ବୋଲି କମିଟି ପକ୍ଷରୁ ଦାବି କରାଯାଇଛି। ଏହା ବ୍ୟତୀତ ନିଷାନମୁଣ୍ଡା ଚତୁପାଶ୍ୱର୍ରେ ଥିବା ଅସମ୍ପୂର୍ଣ୍ଣ ପାଚେରୀ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହ 'ପରବ' ମୁଖ୍ୟ ସମାରୋହର ପାର୍କିଂ ଦାୟିତ୍ୱ ଏବଂ ପୁରୁଣା ଇଭିଏମ୍ ଷ୍ଟୋର ଗୃହ କମିଟି ଅଫିସ ନିମନ୍ତେ ଦେବାକୁ ଦାବି କରାଯାଇଛି। ଦାବିପତ୍ରର ନକଲ ସ୍ଥାନୀୟ ସାଂସଦ, ଜିଲ୍ଲାର ସମସ୍ତ ବିଧାୟକ, ଜିଲ୍ଲା ପରିଷଦ ଅଧକ୍ଷା, ପୌର ଅଧକ୍ଷ ପ୍ରମୁଖଙ୍କୁ ପ୍ରଦାନ କରିଛନ୍ତି।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ଚନ୍ଦାହାଣ୍ଡି,୧୨।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ପିଙ୍କି ଶର୍ମା ଏବଂ ବ୍ଲକ ସହକାରୀ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଭାବଗ୍ରାହୀ ନାୟକଙ୍କ ତତ୍ତ୍ୱାବଧାନରେ ପାନାବେଡା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ଚନ୍ଦାହାଣ୍ଡି ବ୍ଲକ ଅଧକ୍ଷା ସୁମିତ୍ରା ପୂଜାରୀ ଅଧକ୍ଷତା କରିବା ସହ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବ ନବରଙ୍ଗପୁର ସାଂସଦଙ୍କ ପ୍ରତିନିଧି ଆକାଲୁ ଜାଲି, ଝରୀଗାଁ ବିଧାୟକଙ୍କ ପ୍ରତିନିଧି ଶ୍ୟାମ ସୁନ୍ଦର ମାଝୀ, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ରାଧେଶ୍ୟାମ ଲାଇକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଷ୍ଣୁ ମୋହନ କିସାନ, ଚନ୍ଦାହାଣ୍ଡି ବିଡ଼ିଓ ଚଇନୁ ରାମ ଗଣ୍ଡ ପ୍ରମୁଖ ମଞ୍ଚାସୀନ ରହିଥିଲେ। ବିଭିନ୍ନ ପଶୁ ପକ୍ଷୀ ପାଳନ କରି ଏହାର ବିଭିନ୍ନ ଲାଭ ବିଷୟରେ ଜିଲ୍ଲା ପ୍ରାଣୀ ଚିକିତ୍ସକ ଚାଷୀଙ୍କୁ ସଚେତନତା ଉପରେ ବୁଝାଇବା ସହ ସରକାରଙ୍କ ଦ୍ୱାରା ଦିଆଯାଉ ଥିବା ଋଣ ଏବଂ ଏହାର ରିହାତି ବାବଦରେ ବୁଝାଇଥିଲେ। ବିଭାଗୀୟ ଅଧିକାରୀ ସରକାରଙ୍କ ବିଭିନ୍ନ ଯୋଜନା ଯଥା ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ପ୍ରାଣୀ କଲ୍ୟାଣ ଯୋଜନା, ଜାତୀୟ ପ୍ରାଣୀଧନ ମିଶନ ଯୋଜନା ସହ ମାଛ ଚାଷର ବିଭିନ୍ନ ପ୍ରଣାଳୀ ଏହାର ଲାଭ ଏବଂ ଚାଷୀଙ୍କୁ ଦିଆଯାଉଥିବା ଋଣ ଏବଂ ରିହାତି ସମ୍ପର୍କରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ବୁଝାଇଥିଲେ। ସଫଳ ଛେଳି ଚାଷୀ ଭାବରେ ପୂଜାରୀଗୁଡା ଗ୍ରାମର ପଦ୍ମନ ମାଳି, ବଏଲର ଚାଷୀ ହେମନ୍ତ ଧରୁଆ,ସଫଳ ଗାଇ ଚାଷୀ ସୁଶୀଲ ଦଣ୍ଡସେନା, ମଇଷି ଚାଷୀ ଭାବରେ ସମୁଦ୍ର ମାଝି ଙ୍କୁ ପ୍ରୋତ୍ସାହନ ରାଶି ସହ ମାନପତ୍ର, ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସେହିପରି ସଫଳ ମାଛ ଚାଷୀ ଭାବରେ ପୂଜାରୀଗୁଡା ମା' ବୈଷ୍ଣବି ସ୍ୱୟଂ ସହାୟିକା ଗୋଷ୍ଠୀ ପୂଜାରୀଗୁଡା କୁଣ୍ଡ ମତ୍ସ୍ୟ ଚାଷୀ ଭାବରେ ଗବ ପୂଜାରୀ, ଲକ୍ଷ୍ମୀ ବାଘ, କାଳେନ୍ଦ୍ରି ଧୋବା,ଦିବ୍ୟଲତା ନାୟକ ଙ୍କୁ ପୁରସ୍କୃତ କରାଯାଇ ଥିଲା କ୍ଷ ଓମଫେଡ ଦୁଗ୍ଧ, ଶିଶୁ ବିଭାଗର କଞ୍ଚା ପନିପରିବା ମତ୍ସ୍ୟ ଖାଦ୍ୟ ଏବଂ ସାମଗ୍ରୀ, ଘାସ ଚାଷର ଷ୍ଟଲ ପକା ଯାଇଥିଲା। ସୂଚନାନୁଯାୟୀ ଏହା ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ ହୋଇଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ଜନପ୍ରତିନିଧି ତଥା ସମିତି ସଭ୍ୟ ସଭ୍ୟାଙ୍କୁ ନିମନ୍ତ୍ରଣ କରାନଯିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏଥିରେ ପ୍ରଣୀଧନ ନିରୀକ୍ଷକ ମନୋଜ ବିଶୋଇ, ରୋହିଦାସ ନାୟକ,କାହ୍ନୁ ଜଗତ, ଡମାର ସାହୁ, ଗେଲ୍ଲୀ ପାଣିଗ୍ରାହୀ, କୀରଣ ପତି, ବିକାଶ ଦାସ ଓ ବନମାଳୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ମାଛ ଚାଷ, ଛେଳି ଓ ଗୋ ସମ୍ପଦ ପାଳନ ନେଇ ସଚେତନତା



ଜୟପୁର, ୧୨।୧୧(ସମିସ): ଜୟପୁର ବ୍ଲକ୍ ବଡ଼ଜିଉନା ଗ୍ରାମ ପଞ୍ଚାୟତର ଗଉଡ଼ଗୁଡ଼ା ଗ୍ରାମରେ ସହକାର ଭାରତୀର ଏକ ବୈଠକରେ ମାଛ ଚାଷ ଏବଂ ଛେଳି ଓ ଗୋସମ୍ପଦ ପାଳନ ନେଇ ଏକ ସଚେତନା ବୈଠକ ଗତ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସମ୍ପାଦିକା ଭାରତୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗ ଦେଇଥିଲେ। ଏଥିରେ ରାଜ୍ୟ ସାଧାରଣ ସମ୍ପାଦକ ସୋନାଶିଷ ପ୍ରିୟଦର୍ଶନ ଜେନା ଉପସ୍ଥିତ ଏସଏଚଜି ସଭ୍ୟ ଓ ସଭ୍ୟା ମାନଙ୍କୁ ଏକ ବହୁମୁଖୀ ସମବାୟ ସମିତି ଗଠନ କରିବା ସହ ମାଛ ଚାଷ, ଛେଳି ଓ ଗୋ ପାଳନ ସହିତ ଉନ୍ନତି ନିମନ୍ତେ ପଦକ୍ଷେପ ନେବା ପାଇଁ ସଚେତନ କରିଥିଲେ। ଏହାଦ୍ୱାର ସମସ୍ତଙ୍କ ଆର୍ଥିକ ପ୍ରଗତି ହୋଇପାରିବ ଏବଂ ସମବାୟ ସମିତି ରାଜ୍ୟ ଓ ରାଜ୍ୟ ବାହାରେ ଗଠନ କରାଯାଇ ସ୍ୱାବଲମ୍ବୀ ହେବା ସହିତ ଆର୍ଥିକ ବିକାଶ ହୋଇଥିବା ନେଇ ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ସହକାର ଭାରତୀ ପକ୍ଷରୁ ଏଥିରେ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାମଗୌଡ. ରାଜେନ୍ଦ୍ର ଗୌଡ , ଲକ୍ଷ୍ମଣ ଗୌଡ଼, ଶ୍ୟାମଦାସ ଗୌଡ଼ , ଶିବ ଗୌଡ , ତୁଳାରାମ ଗୌଡ, ପଦ୍ମନ ଗୌଡ଼, ସୁଭଦ୍ରା ମାଝୀ, ସୀତାରାମ ମାଝୀ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ବୈଠକ ଶେଷରେ ରାଧାକାନ୍ତ ଗୌଡ଼ ଧନ୍ୟବାଦ ପ୍ରଦାନ କରିଥିଲେ।

# ଟ୍ରକ୍- ଅଟୋ ଧକ୍କା; ଜଣେ ମୃତ, ୨ ଆହତ

ପୋଡ଼ାଗଡ଼,୧୨।୧୧(ସମିସ): ଆଜି ସକାଳେ ବାରିଗୁଡ଼ା ନିକଟସ୍ଥ ଆମିନିଗୁଡ଼ା କୁଣ୍ଡଳୀ ଭାରତମାଳା ସେତୁ ନିକଟରେ କୋରାପୁଟ-ରାୟଗଡ଼ା ଜାତୀୟ ରାଜପଥରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ସୂଚନା ଅନୁଯାୟୀ, ଏକ ଦ୍ରୁତଗାମୀ ଅଟୋ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଅଟୋରେ ଥିବା ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତୁରନ୍ତ ଆହତମାନଙ୍କୁ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଡାକ୍ତରଙ୍କ ଅନୁସାରେ, ସେମାନଙ୍କ ଅବସ୍ଥା ବର୍ତ୍ତମାନ ସ୍ଥିର ଅଛି। ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ ଦୁର୍ଘଟଣା ପରେ ଲରି ଡ୍ରାଇଭର ଏବଂ କ୍ଲିନର ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଯୋଗୁଁ ଜାତୀୟ ରାଜପଥରେ କିଛି ସମୟ ପାଇଁ ଯାତାୟାତ ବନ୍ଦ ରହିଥିଲା। ପୁଲିସ ଗାଡ଼ିଗୁଡ଼ିକୁ ଏକ ପାଶ୍ୱର୍ ରାସ୍ତାକୁ ବୁଲାଇ ଯାତାୟାତ ସ୍ୱାଭାବିକ କରିଥିଲେ। କିନ୍ତୁ କୋରାପୁଟରୁ ବିଶାଖାପାଟଣା ଜଣକୁ ସ୍ଥାନାନ୍ତର ନିମନ୍ତେ ଡାକ୍ତର କହିଥିଲେ। ଫଳରେ ସନ୍ତୋଷ ଗଉଡ଼ ନାମକ ୨୭ ବର୍ଷିଆ ଯୁବକକୁ ନେଉଥିଲେ। କିନ୍ତୁ ଅଧା ବାଟରେ ତାର ମୃତ୍ୟୁ ହୋଇଥିଲା। ମୃତ ଯୁବକ ଜଣଙ୍କ ହେଲେ ମସ୍ତିପୁଟ ପଞ୍ଚାୟତ ବାରିଗୁଡାର ସଦା ଗଉଡଙ୍କ ପୁଅ ବୋଲି ଜଣାପଡ଼ିଛି।

# ପୁଲିସ କବ୍‌ଜାରେ ବାଇକ୍ ଲୁଟେରା ଗ୍ୟାଙ୍ଗ୍

ଜୟପୁର,୧୨।୧୧(ସମିସ): ଜୟପୁର ସହରରେ ଚୋର ଓ ଲୁଟେରାଙ୍କ ପାଦୁର୍ଭାବ ବୃଦ୍ଧି ପାଇଛି। ବାଇକ୍ ଲୁଟେରା ମାନେ ସହରର ବିଭିନ୍ନ ଅଞ୍ଚଳରୁ ବାଇକ ଗୁଡିକ ତାଲ ଭାଙ୍ଗି ଲୁଟି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ବାରମ୍ବାର ବାଇକ୍ ଚୋରି ପୁଲିସ ପାଇଁ ମୁଣ୍ଡବ୍ୟଥା ହୋଇଥିଲା। ଶେଷରେ ପୁଲିସ ବାଇକ୍ ଲୁଟେରା ଗ୍ୟାଙ୍ଗକୁ ଠାବ କରିବାରେ ସଫଳତା ପାଇଥିବା ବେଳେ ଅତିଶୀଘ୍ର ଚୋରି ବାଇକ୍ ଉଦ୍ଧାର କରିବା ନେଇ ପୁଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ବାଇକ୍ ଲୁଟେରା ଗ୍ୟାଙ୍ଗର ୩ଜଣ ଲୁଟେରାଙ୍କୁ ଟାଉନ ଥାନା ପୁଲିସ ଧରିଥିବା ବେଳେ ସହରରୁ ଚୋରି ହୋଇଥିବା ୬ଟି ବାଇକର ସନ୍ଧାନ ମିଳିଛି। ଏହା କଳାହାଣ୍ଡି ଜିଲ୍ଲାରେ ରହିଥିବା ନେଇ ସେଠିକାର ପୁଲିସ ସହାୟତାରେ ଠାବ କରାଯାଇଥିବା ସୂଚନା ମିଳିଛି। ସେହିପରି ସହରର ବନ୍ଦ ଘରର ତାଲା ଭାଙ୍ଗି ଚୋରି ହୋଇଥିବା ସୁନା, ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ତେଣୁ ଜିଲ୍ଲା ପୁଲିସ ନିର୍ଦ୍ଦେଶକ୍ରମେ ଏକ ପୁଲିସ ଦଳ କଳାହାଣ୍ଡି ଜିଲ୍ଲା ଗସ୍ତରେ ଯାଇଥିବା ଜଣାପଡ଼ିଛି।

● ନାରାୟଣାପାଟଣାର ପଲ୍ଲୀ ପ୍ରତିଭା ମନୋଜ

# ଉଚ୍ଚଡିଆଁରେ ସାଉଁଟିଛନ୍ତି ସଫଳତା



ନାରାୟଣାପାଟଣା,୧୨।୧୧(ସମିସ): କୋରାପୁଟ ଜିଲ୍ଲା ନାରାୟଣାପାଟଣା ବ୍ଲକ, ବଲିପେଟାସ୍ଥିତ ଏସ୍‌ଏସ୍‌ଡି ହାଇସ୍କୁଲ ୧୪ ବର୍ଷରୁ କମ୍ ବୟସ୍କ ବାଳକ ମନୋଜ ଉଚ୍ଚଡିଆଁରେ ସମସ୍ତଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି। ବାଲେଶ୍ୱର ଖୀଷ୍ଟୀୟାନ ସ୍କୁଲ ପରିସର ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଉନ୍ନତ କ୍ରୀଡ଼ା ପ୍ରଦର୍ଶନ କରି ଜାତୀୟ କ୍ରୀଡ଼ା ପାଇଁ ମନୋନୀତ ହୋଇଛନ୍ତି। ଏଣୁ ସେ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତର ଉଚ୍ଚଡିଆଁ ପ୍ରତିଯୋଗିତାରେ ଭାଗ ନେବେ। ମନୋଜ ବ୍ଲକ ସ୍ତରୀୟ ଖେଳରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିଲେ। ଜିଲ୍ଲା ସ୍ତରୀୟ ଖେଳରେ ମଧ୍ୟ ଉନ୍ନତ ଖେଳ ପଦର୍ଶନ କରି ରାଜ୍ୟସ୍ତରୀୟ ଖେଳରେ ମନୋନୀତ ହୋଇ ରାଜ୍ୟ ସ୍ତରୀୟ ଖେଳ, ବାଲେଶ୍ୱର ଜିଲ୍ଲା ଆୟୋଜନ ହେଉଥିଲା କୋରାପୁଟ ଜିଲ୍ଲା ତରଫରୁ ମନୋଜ ଦିଶାରୀ ଭାଗ ନେଇଥିଲେ। ସବୁ ଜିଲ୍ଲାକୁ ପଛରେ ପକାଇ ସେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ସ୍ତରରେ ଖେଳିବାକୁ ମନୋନୀତ ହୋଇଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ଜିଲ୍ଲା ମଙ୍ଗଳ ଅଧିକାରୀ, ଶିକ୍ଷାଧିକାରୀଙ୍କ ସମେତ ବ୍ଲକ ମଙ୍ଗଳ ସାମ୍ପ୍ରସାରଣ ଅଧିକାରୀ ସ୍ୱାଧୀନ ବର୍ଦ୍ଧଣ, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଦେବବ୍ରତ ମିଶ୍ର, କ୍ରୀଡ଼ା ଶିକ୍ଷକ କନ୍ଦରପା ଶବରଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉଜ୍ଜଳ ଭବିଷ୍ୟତ କାମନା ସହିତ ଅଭିନନ୍ଦନ ଜଣାଇଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ଜିଲ୍ଲାର କ୍ରୀଡ଼ା ପ୍ରେମୀ ମହଲରୁ ମଧ୍ୟ ପ୍ରଶଂସାର ସୁଅ ଛୁଟିଛି। ଜାତୀୟ ସ୍ତରରେ ମଧ୍ୟ ଉତ୍ତମ ପ୍ରଦର୍ଶନ କରି ନିଜର ନାମ ଅର୍ଜନ କରିବା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ଚଳିତ ବର୍ଷ କୋରାପୁଟ ଲୋକ ମହୋତ୍ସବ 'ପରବ'ରେ ତାଙ୍କୁ ସମ୍ମାନିତ କରାଯିବ ବୋଲି ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ କହିଛନ୍ତି।

## ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ପ୍ରତିଯୋଗିତା


# ଜିଲ୍ଲା ଦଳର ଚୟନ ପ୍ରକ୍ରିୟା ଆରମ୍ଭ



ଜୟପୁର,୧୨।୧୧(ସମିସ): ଜୟପୁର ସହରର ଦଶହରା ପଡିଆ ଷ୍ଟାଡିୟମ ଏବଂ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଖେଳ ପଡିଆ ଠାରେ କୋରାପୁଟ ଜିଲ୍ଲା ଆନ୍ତଃ ବିଦ୍ୟାଳୟ କ୍ରିକେଟ ଖେଳାଳି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ସମୁଦାୟ ୬୦ଜଣ ଖେଳାଳିଙ୍କୁ ନେଇ ଏହି ପ୍ରତିଯୋଗିତାରେ ୪ଟି ଦଳ ରେଡ୍, ବ୍ଲୁ, ଓରେଞ୍ଜ ଏବଂ ୟେଲୋରେ ବିଭାଜନ କରାଯାଇଛି। ଆଜିର ପ୍ରଥମ ମ୍ୟାଚ ଦଶହରା ପଡିଆ ଠାରେ ରେଡ୍ ଏବଂ ବ୍ଲୁ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲୁ ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ୨୧. ୨ ଓଭରରେ ସମସ୍ତ ୱିକେଟ ହରାଇ ୧୨୫ ରନ ସଂଗ୍ରହ କରିଥିଲେ। ନିର୍ଦ୍ଧାରିତ ବିଜୟୀ ରନର ପିଛା କରି ରେଡ୍ ଦଳ ୨୦.୧ ଓଭରରେ ୩ଟି ୱିକେଟ୍ ହରାଇ ୧୨୭ ରନ୍ କରି ୭ ୱିକେଟର ବଜୟୀ ହାସଲ କରିଛନ୍ତି। ବ୍ଲୁ ଦଳର ସଲମିତ ସଲାମ ଡଙ୍ଗରୀ ୨୮ ରନ ଏବଂ ବିଜୟୀ ରେଡ ଦଳର ଅଂଶୁମାନ ପରିଡା ୨୮ ରନ୍ ସଂଗ୍ରହ କରିଥିଲେ। ରେଡ୍ ଦଳର ବୋଲର ଶୁଭ୍ରାଂଶୁ ଷଡଙ୍ଗୀ ୩ଟି ୱିକେଟ ହାସଲ କରିଥିଲେ। ସେହିପରି ଦ୍ୱିତୀୟ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପଡିଆ ଠାରେ ଅନୁଷ୍ଠିତ ୟେଲୋ ଓ ଅରେଞ୍ଜ ଦଳ ମଧ୍ୟରେ ମ୍ୟାଚରେ ୟେଲୋ ଦଳ ପ୍ରଥମେ ବ୍ୟାଟିଂ କରିବା ସହିତ ୨୨.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୫୯ ରନ ସଂଗ୍ରହ କରିବା ସହ ସମସ୍ତ ୱିକେଟ ହରାଇଥିଲେ। ଓରେଞ୍ଜ ଦଳ ୩୫ ଓଭରରେ ୯ଟି ୱିକେଟ ହରାଇ ୧୬୦ ରନ ସଂଗ୍ରହ କରିବା ସହ ବିଜୟୀ ହୋଇଥିଲେ। ଆଜିର ପ୍ରଥମ ମ୍ୟାଚରେ ଅନୁପ ପାତ୍ର ଓ ରାଜେନ୍ଦ୍ର ଗୌଡ ଏବଂ ଦ୍ୱିତୀୟ ମ୍ୟାଚରେ ବାଲା ରାୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଆମ୍ପାୟାର ଭାବେ ପ୍ରିୟ ରଞ୍ଜନ ପାତ୍ର , ଅବିେଦ ନାୟକ ଏବଂ ଶୁଭମ ସିଂ ଓ ରୋସନ ବେହେରା ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ବିକ୍ରମ ଦେବ ମହାପାତ୍ର, ଅକ୍ଷୟ କୁମାର ପ୍ରଧାନୀ ଏବଂ ସାହୁକାର ଗୌରବ ସ୍କୋର ଲେଖକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଉପଖଣ୍ଡ କ୍ରୀଡା ସମ୍ପାଦକ ରବି ନାୟକଙ୍କ ତତ୍ତ୍ୱାବଧାନରେ ଚୟନ କର୍ତ୍ତା ଭାବେ ବାବୁଲା ରାଉତ, ବାପି ପରିଡା, ବଳରାମ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ଚୟନ ପ୍ରକ୍ରିୟାରେ ଶେଷରେ ଶ୍ରେଷ୍ଠ ୧୫ ଜଣିଆ ଜିଲ୍ଲା କ୍ରିକେଟ୍ ଦଳ ଆସନ୍ତା ୨୦ ତାରିଖରେ କଟକ ଠାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଃ ଜିଲ୍ଲା ବିଦ୍ୟାଳୟ ଟୁର୍ଣ୍ଣାମେଣ୍ଟରେ ଯୋଗଦେବେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ପରବ ୨୦୨୫ ଉଦ୍‌ଘାଟିତ





## ଢେମ୍‌ସା ନୃତ୍ୟରେ ଦୁଲୁକିଲା ରାସ୍ତା

'ପରବ' ଉଦ୍‌ଘାଟନୀ ସ୍ଥାନ ଠାରୁ ମୂଖ୍ୟ ସମାରୋହ ପଡ଼ିଆ ପ୍ରାୟ ଦୁଇ କିଲୋମିଟର ଦୂର ହୋଇଥିବାବେଳେ ବିଭିନ୍ନ ବ୍ଲକରୁ ଆସିଥିବା ସାଂସ୍କୃତିକ ଦଳର ଢେମଶା, ଦୂରୁଆ ଏବଂ ଆଦିବାସୀ ନୃତ୍ୟରେ ରାସ୍ତା କମ୍ପି ଉଠିଥିଲା। ଗ୍ରାମାଞ୍ଚଳର କଳାକାର ମାନଙ୍କ ସହ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ ଓ ଅଧିକାରୀ ନୃତ୍ୟରେ ସାମିଲ ହେବା ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା।



# ଢେମସା ଓ ଦୁରୁଆ ନୃତ୍ୟରେ କମ୍ପିଲା ଅଞ୍ଚଳ

## ଖୁଟୁଣିପଦର ଶୈବ ପୀଠରୁ ଶୁଭାରମ୍ଭ

### ପ୍ରତ୍ୟେକ ବ୍ଲକ୍‌କୁ ଗଲା 'ପରବ ମଶାଲ'

ଲକ୍ଷ୍ମୀପୁର,୧୨।୧୧(ସମିସ): ପରବ-୨୦୨୫ ଉଦ୍‌ଘାଟନ ପରେ ପ୍ରତ୍ୟେକ ବ୍ଲକ୍‌କୁ ଗଲା 'ପରବ ମଶାଲ'। କୋରାପୁଟ ହେଉଛି ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା। ଏଠାକାର କଳା ସଂସ୍କୃତି, ପରମ୍ପରା, ଖାଦ୍ୟପେୟ ଏବଂ ଜିଲ୍ଲାର ପ୍ରକୃତ ବିଷୟ ବସ୍ତୁକୁ ଆମେ ରାଜ୍ୟ ଓ ଜାତୀୟ ସ୍ତରରେ ପହଞ୍ଚାଇ ଏହାର ଉନ୍ନତି ଦିଗରେ କାର୍ଯ୍ୟ କରିବା ଏହାର ଉଦ୍ଦେଶ୍ୟ ବୋଲି ଏହି ଅବସରରେ ଜିଲ୍ଲାପାଳ କହିଥିଲେ। ଏହା ଆଗାମୀ ଦିନରେ କିପରି ବିଶ୍ୱ ଦରବାରରେ କିପରି ସ୍ଥାନ ପାଇବ ସେ ନେଇ ଜିଲ୍ଲା ଓ ରାଜନେତା ମଧ୍ୟ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ପ୍ରତି ବ୍ଲକ ପ୍ରଶାସନ ନିଜ ନିଜ ବ୍ଲକ ପାଇଁ ମଶାଲ ନେଇ ବାହାରି ଥିବା ଦେଖିବାକୁ ମିଳି ଥିଲା। ସମସ୍ତଙ୍କୁ ଜିଲ୍ଲାପାଳ ଶୁଭେଚ୍ଛା ଦେଇ ବିଦାୟ ଦେଇଥିଲେ। ଏଥିରେ ବିଭିନ୍ନ ଷ୍ଟଲ୍ ଗୁଡ଼ିକ ମଧ୍ୟ ପ୍ରଦର୍ଶନ କରାଯାଇ ଥିଲା। ଏହା ପରେ ପଞ୍ଚାୟତ ଠାରୁ ବ୍ଲକ ସ୍ତରୀୟ ପରବ ପାଳନ ହେବ ଏବଂ ବିଭିନ୍ନ ପ୍ରକାର ବିଷୟ ଗୁଡ଼ିକ ପ୍ରତିଯୋଗିତା କରି ସେମାନଙ୍କୁ ଜିଲ୍ଲା ସ୍ତରକୁ ମନୋନୀତ କରାଯିବ। ଏହି କାର୍ଯ୍ୟକ୍ରମ ଆସନ୍ତା ଡ଼ିସେମ୍ବର ମାସ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ସେଠାରୁ ପ୍ରତ୍ୟକ ବ୍ଲକରେ "ପରବ' ପାଳନ ପାଇଁ କୁଟୁଣିପଦର ଠାରୁ ମଶାଲ ଶୋଭାଯାତ୍ରା ବାହାରି ଥିଲା। ସଭା ପରିଚାଳନା କରି ଥିଲେ ଉପଜିଲ୍ଲାପାଳ ଓ ଲକ୍ଷ୍ମୀପୁର ମହାବିଦ୍ୟାଳୟ ଯୁକ୍ତ ଦୁଇ ଅଧ୍ୟକ୍ଷ ଗିରିଜା ଚୌଧୁରୀ। ଟ୍ରାଫିକ ସମସ୍ୟା ସହିତ ଶାନ୍ତିଶୃଙ୍ଖଳା ରକ୍ଷା ପାଇବା ପାଇଁ ୯ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ କରାଯାଇ ଥିବା ଏସଡିପିଓ ମନୋଜ ବେହେରା କହିଛନ୍ତି। ଲକ୍ଷ୍ମୀପୁର ଆଇଆଇସି ସୁଜ୍ଞାନୀ ସାହୁ, କାକିରିଗୁମା ଆଇଆଇସି ସୁନୀଲ ସ୍ୱାଇ ଓ ଅନ୍ୟ ପୋଲିସ୍ କର୍ମଚାରୀ ନିୟୋଜିତ ହୋଇ ସୁରକ୍ଷା ଦାୟିତ୍ୱ ସଠିକ୍ ରୂପେ ପରିଚାଳନା କରିଥିଲେ। ସ୍ଥାନୀୟ ବିଡିଓ ସବ୍ୟସାଚୀ ବେହେରା, ତହସିଲଦାର ନୈବେଦ୍ୟ କୁମାର ଭୋଇ ଓ ଅନ୍ୟ ବ୍ଲକ୍ କର୍ମଚାରୀ ସହଯୋଗ କରିଥିଲେ।

କୋରାପୁଟ/ଲକ୍ଷ୍ମୀପୁର/କାକିରିଗୁମ୍ମା, ୧୨।୧୧ (ସମିସ): ମହା ଆଡମ୍ବର ସହକାରେ କୋରାପୁଟ ଜିଲ୍ଲାର ଲୋକ ମହୋତ୍ସବ ପରବ ୨୦୨୫ ଲକ୍ଷ୍ମୀପୁର ବ୍ଲକ କୁସୁମଗୁଡ଼ା ପଞ୍ଚାୟତର ଖୁଟୁଣିପଦର ଶୈବ ପୀଠରୁ ବୁଧବାର ଶୁଭାରମ୍ଭ ହୋଇଛି। ବୁଧବାର ସକାଳୁ ପରମ୍ପରା ମୃତାବକ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସ୍‌ପି ରୋହିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ସିଡିଓ ବେଣୁଧର ଶବର, କୋରାପୁଟ ଉପଜିଲ୍ଲାପାଳ ପ୍ରେମ ଲାଲ ହିଆଲ, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା, ଜିଲ୍ଲା ସଂସ୍କୃତି ପରିଷଦ ସଦସ୍ୟ ଓ ବିଭିନ୍ନ ବ୍ୟକ୍ତି ବିଶେଷ କୋରାପୁଟ ନିଶାଣୀମୁଣ୍ଡାରେ ଗ୍ରାମଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ପୂଜାର୍ଚ୍ଚନା ପରେ ନିଶାଣିମୁଣ୍ଡା ଠାରୁ ପରବ କମିଟି ସଦସ୍ୟଙ୍କ ସମେତ ଲୋକ ପ୍ରତିନିଧି ଓ ସରକାରୀ ଅଧିକାରୀମାନେ ଖୁଟୁଣିପଦର ଅଭିମୁଖେ ଯାତ୍ରା କରିଥିଲେ। ପୂର୍ବାହ୍ନ ୧୧ଟା ସମୟରେ ଖୁଟୁଣିପଦର ସ୍ଥିତ ପ୍ରସିଦ୍ଧ ଶୈବ ପୀଠରେ ଯଥା ରୀତିନୀତି ଅନୁଯାୟୀ ପୁଜାର୍ଚ୍ଚନା କରାଯାଇ ପରବ ମଶାଲ ପ୍ରଜ୍ୱଳନ କରା ଯାଇଥିଲା। ଢେମଶା ଏବଂ ଆଦିବାସୀ ନୃତ୍ୟର ତାଳେ ତାଳେ ମଶାଲ ଶୋଭାଯାତ୍ରା ବାହାରି ପରବ ଶୁଭାରମ୍ଭ କାର୍ଯ୍ୟକ୍ରମ ଅୟୋଜନ କରା ଯାଇଥିବା ପଡିଆକୁ ନିଆଯିବା ପରେ ସେଠାରେ ଜିଲ୍ଲାପାଳ ତଥା ପରବ କମିଟି ଅଧ୍ୟକ୍ଷ ମନୋଜ ସତ୍ୟବାନ ମହାଜନ ସ୍ୱାଗତ ଭାଷଣ ଦେଇଥିଲେ।





ଜିଲ୍ଲାପାଳ ତଥା ପରବ କମିଟି ଅଧ୍ୟକ୍ଷ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, କୋଟପାଡ଼ ବିଧାୟକ ରୂପଭଦ୍ରା, ପୂର୍ବତନ ସାଂସଦ ଝିନ ହକ୍‌କା, ବଳରାମ ପାଙ୍ଗୀ, ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବେଣୁଧର ଶବର, ଲକ୍ଷ୍ମୀପୁର ବ୍ଲକ ଅଧ୍ୟକ୍ଷା ଶୁଆଇ କୁଳେଶିକା, ଉପାଧ୍ୟକ୍ଷା ଆରତୀ କୁଲଦୀପ, ସ୍ଥାନୀୟ ସରପଞ୍ଚ ଇନ୍ଦ୍ର ପାଞ୍ଜୀଆ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାପାଳ ପରବ ୨୦୨୫ ଶୁଭାରମ୍ଭ ହୋଇଥିବା ଘୋଷଣା କରିବା ସହ ନିଜ ଅଭିଭାଷଣ ରଖିଥିଲେ। ପରବ ଆଦିବାସୀ ପରମ୍ପରା ଏବଂ ସଂସ୍କୃତିକୁ ବଜାୟ ରଖିବା ପାଇଁ ଏକ ମାଧ୍ୟମ ବୋଲି ଅତିଥି ମାନେ ବକ୍ତବ୍ୟ ରଖିଥିଲେ। ଆଦିବାସୀ କଳା ସଂସ୍କୃତି ପରମ୍ପରାକୁ ନେଇ ରାଜ୍ୟରେ କୋରାପୁଟ ଜିଲ୍ଲା ପ୍ରଥମେ 'ପରବ' ଆରମ୍ଭ କରିଥିଲା ଓ ଏହା ପରେ ଅନ୍ୟ ଜିଲ୍ଲା ଗୁଡିକ 'ପରବ'କୁ ଅନୁକରଣ କରି ସ୍ଥାନୀୟ ମହୋତ୍ସବ ପାଳନ ଆରମ୍ଭ କରିଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲ୍ଲାପାଳ ଅତିଥି ମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିବାବେଳେ ଆଦିବାସୀ କଳା ସଂସ୍କୃତି ବଜାୟ ରଖି ନିଷ୍ଠାର ସହ ପରବ ପାଳନ କରିବାକୁ କୋରାପୁଟ ଉପଜିଲ୍ଲାପାଳ ସମସ୍ତ ଅତିଥି ଓ ପ୍ରାଶାସନିକ ଅଧିକାରୀ ମାନଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା 'ପରବ-୨୦୨୫'ର ପୋଷ୍ଟର ଉନ୍ମୋଚନ କରା ଯାଇଥିଲାବେଳେ ଢେମସା, ଦୁରୁଆ ଏବଂ ଅନ୍ୟାନ୍ୟ ଆଦିବାସୀ ନୃତ୍ୟରେ ଉଦଘାଟନୀ ସ୍ଥାନ କମ୍ପି ଉଠିଥିଲା। ଜିଲ୍ଲାପାଳଙ୍କ ସମେତ ସମସ୍ତ ଅତିଥି ମଞ୍ଚରେ ନୃତ୍ୟ ପରିବେଷଣ କରିବା ଅତ୍ୟନ୍ତ ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ଅବସରରେ ଅତିଥି ବୃନ୍ଦ ପ୍ରଶାସନ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ସରକାରୀ ଯୋଜନାର ଷ୍ଟଲ୍ ପରିଦର୍ଶନ କରିଥିଲେ। କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, ଗିରିଜା ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ। ଲକ୍ଷ୍ମୀପୁର ବିଡିଓ ସବ୍ୟସାଚୀ ବେହେରା, କୋରାପୁଟ ବିଡ଼ିଓ ଦେବାଶିଷ ଗୌଡ଼ଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ଅୟୋଜନରେ ପ୍ରମୁଖ ଭୂମିକା ନିର୍ବାହ କରି ଥିବାବେଳେ ଲକ୍ଷ୍ମୀପୁର ଏସ୍‌ଡିପିଓ ମନୋଜ କୁମାର ବେହେରା, ଥାନା ଅଧିକାରୀ ସୁଜ୍ଞାନୀ ସାହୁ, କାକିରୀଗୁମ୍ମା ଥାନା ଅଧିକାରୀ ସୁନୀଲ କୁମାର ସ୍ୱାଇଁ, ନାରାୟଣପାଟଣା ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ ପ୍ରମୁଖ ପୁଲିସ ଟିମ ସହ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ଦାୟିତ୍ୱ ତୁଲାଇଥିଲେ।

## 'ପରବ' ମଶାଲକୁ ନନ୍ଦପୁର ବ୍ଲକ୍‌ରେ ଭବ୍ୟ ସ୍ୱାଗତ

ନନ୍ଦପୁର,୧୨।୧୧ (ସମିସ): 'ପରବ' ଉଦ୍‌ଘାଟନ ହେବା ପରେ ମଶାଲକୁ ନନ୍ଦପୁର ବ୍ଲକ୍‌ରେ ଭବ୍ୟ ସ୍ୱାଗତ କରାଯାଇଛି। ବୁଧବାର ସକାଳୁ ନନ୍ଦପୁର ବ୍ଲକ୍‌ରୁ ବିଡ଼ିଓ ଦୁର୍ଗା ପ୍ରସାଦ ଦୋରାଙ୍କ ନେତୃତ୍ୱରେ ଅଧ୍ୟକ୍ଷା ଶାବିତ୍ର କର୍ତୁଲ,, ତହସିଲଦାର ଦେବବ୍ରତ ମହାରଣା , ଆଇଆଇସି ମମତା କୁମାରୀ ପଣ୍ଡା, ବ୍ଲକ୍ ଉପାଧକ୍ଷ ଗୋପାଳ ହନ୍ତାଳ, ଏଇଇ ଯଶକେତନ ବେହେରା, ବରିଷ୍ଠ ନେତା ସେକ ଗଫୁର, ଜୟରାମ ଭୋଇ, ଜଗନ୍ନାଥ ପାଙ୍ଗି, ବିଜେଡି ବ୍ଲକ୍ ସଭାପତି କାଶୀ ନାଥ ଗୋଲରୁ, ସେକ ନୁର୍, ୱିୟିତ୍ ଖାନ, ସାମାଜିକ କର୍ମୀ ଆକାଶ ଖିଲ, ବିଧାୟକ ପ୍ରତିନିଧି କାମେସ କାମୁଡି, ଯୁବ ନେତା ନୀଳାମ୍ବର ହଂସା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ କାର୍ତ୍ତିକ ଖେମୁଣ୍ଡୁ, ପ୍ରଭାତ ଗୁରୂମାଇ, ସରପଞ୍ଚ ସଂଘ ସଭାପତି ଜଗବନ୍ଧୁ ଚେଟି, ପୂର୍ବତନ ସମିତି ସଭ୍ୟା ବିଜୟ ଲକ୍ଷ୍ମୀ ପଟ୍ଟନାୟକଙ୍କ ସମେତ ବ୍ଲକ୍‌ର ସମସ୍ତ ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ପ୍ରଥମେ, ଗ୍ରାମ ହୁଣ୍ଡି ଓ ଗଣେଷ ମନ୍ଦିର ର ପୂଜା ଅର୍ଚ୍ଚନା କରି ପରବ ମଶାଲ ନିମନ୍ତେ ଜିଲ୍ଲା ସ୍ତରୀୟ ଉଦଘାଟନୀ ଉତ୍ସବରେ କୁଟିନିପଦର ଅଭିମୁଖେ ଯାତ୍ରା ଆରମ୍ଭ କରି ପ୍ରଜ୍ୱଳିତ ମଶାଲ ନନ୍ଦପୁର ପହଞ୍ଚିବା ପରେ ହାଟ ପଦା ଛକରୁ ଢେ଼ମଶା ନୃତ୍ୟର ତାଳେ ତାଳେ ପରବ ମଶାଲକୁ ପାଛୋଟି ଆଣିଥିଲେ। ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟରେ ଏହାକୁ ସୁରକ୍ଷିତ ରଖାଯାଇଛି। ବିଧାୟକ ରାମ କାଡାମ ନନ୍ଦପୁର ବ୍ଲକ୍ ସ୍ତରୀୟ ମଶାଲ ପ୍ରଜ୍ୱଳନରେ ସାମିଲ ହୋଇ ଶୁଭ କାମନା ଜଣାଇଛନ୍ତି।







ସକାଳ
THE SAKALA

# ସମ୍ପାଦକୀୟ



ଭାରତୀୟ କୃଷି ଆଗରେ ବର୍ତ୍ତମାନ ଦୁଇଟି ଆହ୍ୱାନ- ଅର୍ଥନୀତି ବନାମ ପରିବେଶ

-ଏମ୍ ଏସ୍ ସ୍ୱାମୀନାଥନ୍

## ବିହାରରେ ରେକର୍ଡ ମତଦାନ

ବିହାର ବିଧାନସଭା ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଶେଷ ହୋଇଛି। ଏହି ନିର୍ବାଚନରେ ମତଦାନ ହାର ବିହାର ସକାଶେ ଏକ ସର୍ବକାଳୀନ ରେକର୍ଡ। ସବୁଠାରୁ ଉଲ୍ଲେଖନୀୟ ଯେ ୭୧.୬ ପ୍ରତିଶତ ମହିଳା ମତଦାନ କରିଥିବା ବେଳେ ପୁରୁଷ ମତଦାତାଙ୍କ ହାର ୬୨.୮ ପ୍ରତିଶତ ଥିଲା। ପୂର୍ବ ନିର୍ବାଚନ ଅପେକ୍ଷା ଏଥର ୧୦ରୁ ୧୨ ପ୍ରତିଶତ ଅଧିକ ଭୋଟ କାହା ସପକ୍ଷରେ ଯିବ ସେ ନେଇ ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମହଲରେ ଅଙ୍କକଷା ଚାଲିଛି। ତେଣୁ ବିଭିନ୍ନ ସଂସ୍ଥା ପକ୍ଷରୁ ହୋଇଥିବା ଏକଜିଟ୍ ପୋଲ ଆକଳନ କେତେଦୂର ନିର୍ଭରଯୋଗ୍ୟ ସେ ନେଇ ସନ୍ଦେହ ରହିଛି। ଗତ ବିଧାନସଭା ନିର୍ବାଚନରେ ହୋଇଥିବା ଏକଜିଟ ପୋଲ ସଂପୂର୍ଣ୍ଣ ରୂପେ ଭୁଲ ପ୍ରମାଣିତ ହୋଇଥିଲା। ଆଉ ଗୋଟିଏ ଦିନ ପରେ ନିର୍ବାଚନ ଫଳ ଘୋଷଣା ସହିତ ପୂର୍ବାନୁମାନର ବିଶ୍ୱସନୀୟତା ପ୍ରମାଣିତ ହେବ।

ଏଥର ନିର୍ବାଚନରେ ମତଦାନ ହାରକୁ ନେଇ ଯେତେ ତର୍ଜମା ହେଉ ନା କାହିଁକି ଏକଥା ସତ ଯେ ନିର୍ଦ୍ଧାରିତ ନିର୍ବାଚନ ସମୟ ମତଦାତାଙ୍କ ପାଇଁ ଆପେକ୍ଷାକୃତ ଅନୁକୂଳ ଥିଲା। ଦୀପାବଳି ଓ ଛଟ ଉତ୍ସବ ପରେ ପରେ ମତଦାନର ସୁଯୋଗ ଥିବାରୁ ବିଭିନ୍ନ ରାଜ୍ୟରେ କାର୍ଯ୍ୟରତ ବିହାରବାସୀ ଉତ୍ସବମୁଖର ମୁହୂର୍ତ୍ତକୁ ନିର୍ବାଚନ ସହ ଯୋଡ଼ି ଦେଇଥିଲେ। ଛଟ ଉତ୍ସବରେ ସେମାନଙ୍କ ଅନିବାର୍ଯ୍ୟ ଉପସ୍ଥିତି ଯୋଗୁଁ ମତଦାନ ହାର ଆଶାଠାରୁ ଅଧିକ ହୋଇଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପ୍ରତି ରାଜ୍ୟର ମହିଳାଙ୍କ ଭରସା ପ୍ରତିଫଳିତ ହୋଇଥିଲା ଭୋଟରେ। ରାଜ୍ୟର ମହିଳାଙ୍କୁ ଜୀବିକାର୍ଜନ ପାଇଁ ଦଶ ହଜାର ଟଙ୍କା ଲେଖାଏଁ ନିର୍ବାଚନ ପୂର୍ବରୁ ପ୍ରଦାନ କରି ମତଦାନକୁ ପ୍ରଭାବିତ କରିଥିବାର ମନେ ହୁଏ। ଅନ୍ୟ ଏକ ଦିଗ ହେଲା, ନୀତୀଶ କୁମାରଙ୍କ ମଦ ନିରୋଧ ନୀତି ମହିଳାଙ୍କ ପାରିବାରିକ ଓ ସାମାଜିକ ଜୀବନକୁ ଉତ୍ପୀଡ଼ନ ମୁକ୍ତ କରିଛି। ତା' ଅର୍ଥ ନୁହେଁ ବିହାର ସଂପୂର୍ଣ୍ଣ ରୂପେ ମଦମୁକ୍ତ ହୋଇପାରିଛି। ବିରୋଧୀଦଳ ନେତା ତେଜସ୍ୱୀ ଯାଦବ ରାଜ୍ୟର ବେକାରୀ ସମସ୍ୟାକୁ ଗୁରୁତ୍ୱ ଦେଇ ପ୍ରତିପରିବାରର ଜଣଙ୍କୁ ନିଯୁକ୍ତି ଦେବା ପାଇଁ ଯେଉଁ ଘୋଷଣା କରିଥିଲେ ତାହା ରାଜ୍ୟ ଯୁବଶକ୍ତିଙ୍କ ଉପରେ ପ୍ରଭାବ ପକାଇଥିଲା। ତେଣୁ ତାଙ୍କ ନିର୍ବାଚନ ସଭାରେ ଯେଭଳି ଯୁବକଙ୍କ ଭିଡ଼ ହେଉଥିଲା ସେହିଭଳି ନୀତୀଶଙ୍କ ସଭାରେ ମହିଳାଙ୍କ ମଧ୍ୟ ଅନୁରୂପ ଉପସ୍ଥିତି ପରିଲକ୍ଷିତ ହେଉଥିଲା। ଏହି ଦୁଇବର୍ଗ ମତଦାନ ସକାଶେ ଅଧିକ ଆଗ୍ରହୀ ହୋଇପଡ଼ିଥିଲେ। ଉପରୋକ୍ତ ସବୁଦିଗକୁ ବିଚାର କଲେ ମତଦାନ ହାର ବୃଦ୍ଧିରେ ସେଭଳି ଅସ୍ୱାଭାବିକତା ଥିବା ଭଳି ମନେ ହୁଏନା।

କୁହାଯାଇପାରେ ଏତେ ବିପୁଳ ମତଦାନ ସାଧାରଣତଃ କ୍ଷମତା ବିରୋଧରେ ଯାଇପାରେ। ମାତ୍ର ଏହି ଯୁକ୍ତି ସପକ୍ଷରେ ସେଭଳି ବୈଜ୍ଞାନିକ ବା ବିଧିସମ୍ମତ ତଥ୍ୟ ନାହିଁ। ହୋଇପାରେ ଡବଲ ଇଞ୍ଜିନ ସରକାର ମାଧ୍ୟମରେ ବିହାରର ଅନଗ୍ରସରତା ଦୂର ପାଇଁ ଏଭଳି ବିପୁଳ ଜନାଦେଶ ପରିଲକ୍ଷିତ ହୋଇଛି। ନୀତୀଶଙ୍କୁ ନେଇ ସୃଷ୍ଟି ହୋଇଥିବା ବିବାଦକୁ ଶେଷ ମୁହୂର୍ତ୍ତରେ ବିଜେପି ସମାଧାନ କରି ନିଜ ସ୍ଥିତିକୁ ସୁଧାରିବା ସହ ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ ସକାରାତ୍ମକ ପ୍ରଭାବ ପକାଇଥିବାର ଲକ୍ଷ୍ୟ କରାଯାଇଛି। ●

## ସିମବକ୍ସ ଭୟ ତୁଟିନି

ସୋମବାର ସଂଧ୍ୟାରେ ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ମେଟ୍ରୋ ଷ୍ଟେସନ ନିକଟରେ ଘଟିଥିବା ଭୟଙ୍କର ଆତଙ୍କୀ ବିସ୍ଫୋରଣ ଦେଶବାସୀଙ୍କ ନିଦ ହଜାଇ ଦେଇଛି। କେତେବେଳେ କେଉଁଠି କ'ଣ ଘଟିବ ସେ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ସମଗ୍ର ଦେଶରେ ହାଇଆଲର୍ଟ ଜାରି ଦୃଷ୍ଟିରୁ ଘଟଣାର ଗୁରୁତ୍ୱକୁ ସହଜରେ ଅନୁମାନ କରାଯାଇପାରେ। ଆମ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସମେତ ୧୧ ସମ୍ବେଦନଶୀଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ରାଜ୍ୟରେ ପ୍ରବେଶ ଓ ପ୍ରସ୍ଥାନ ପଥ ମଧ୍ୟ ଯାଞ୍ଚ ପରିସରକୁ ଆସଛି। ଆମେ ଏହା ଉଲ୍ଲେଖ କଲାବେଳ ନିକଟ ଅତୀତରେ ଓଡ଼ିଶାର ଏକାଧିକ ସ୍ଥାନରୁ ଜବତ ହୋଇଥିବା ସିମବକ୍ସ ସହ ସଂଶ୍ଲିଷ୍ଟ ବାଂଲାଦେଶୀ ସଂଗଠନ ଓ ତାହାର ନେଟୱାର୍କ ସଂପର୍କରେ କିଛି ତଥ୍ୟ ଦେବାକୁ ଚାହୁଁ। ଏହି ଷଡ଼ଯନ୍ତ୍ର ଉନ୍ମୋଚନ କରିବାକୁ କମିଶନରେଟ ପୁଲିସ ଏକପ୍ରକାର ଅସମର୍ଥ ହୋଇଛି। କହିବାକୁ ଗଲେ ଏହି ତଦନ୍ତ ପ୍ରକ୍ରିୟା ଆଧାରୁ ଅଟକିଛି। ବାଂଲାଦେଶର ବିଦ୍ରୋହ ଓ କ୍ଷମତା ପରିବର୍ତ୍ତନ ପରେ ଭାରତ ସହ ସଂପର୍କ କେବଳ କ୍ଷୁର୍ଣ୍ଣ ହୋଇନି, ବିଭିନ୍ନ ଷଡ଼ଯନ୍ତ୍ରପୂର୍ଣ୍ଣ କାର୍ଯ୍ୟ ଚଳାଇଥିବାର ସ୍ପଷ୍ଟ ହୋଇଛି। ବାଂଲାଦେଶୀ ମାଷ୍ଟରମାଇଣ୍ଡ ଅସଦୁର ଜମାନର ଭୁବନେଶ୍ୱର ଆଗମନ ଓ ରାଜ୍ୟର ବିଭିନ୍ନ ସ୍ଥାନରେ ଏଜେଣ୍ଟ ନିଯୁକ୍ତିକୁ କୌଣସି ପରିସ୍ଥିତିରେ ଗୌଣ ଦୃଷ୍ଟିରୁ ବିଚାର କରାଯାଇପାରିବନି।

ଇଏ ଥିଲା ୨୦୨୪ ଅଗଷ୍ଟ ମାସର ଘଟଣା। ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳରେ ଘରଭଡ଼ା ନେଇ ପଶ୍ଚିମବଙ୍ଗର ରାଜୁ ମଣ୍ଡଳ ଅବସ୍ଥାନ କରୁଥିଲା। ପୁଲିସ ତା ନିକଟରୁ ୭ଟି ସିମବକ୍ସ ଜବତ କରି ଘଟଣାର ଖୋଳତାଡ଼ ଆରମ୍ଭ କରିଥିଲା। ଗିରଫ ରାଜୁଠାରୁ ମିଳିଥିବା ଖବର ଅନୁଯାୟୀ ଏହି ଘଟଣାର ଅସଲ ଚେର ବାଂଲାଦେଶକୁ ଲମ୍ବିଥିବାର ଜଣାପଡ଼ିଥିଲା। ମୁଖ୍ୟ ଅଭିଯୁକ୍ତ ଅସଦୁର ଜମାନ ଲକ୍ଷ୍ମୀସାଗର ଅଞ୍ଚଳର ଲିଙ୍ଗରାଜ ହୋଟେଲରେ ଅବସ୍ଥାନ କରି ସିମବକ୍ସ ଜାଲ ବିଛାଇ ଥିଲା। ଅବଶ୍ୟ ରାଜୁ ଗିରଫ ହେବା ପୂର୍ବରୁ ଜମାନ ନିଜ ଦେଶକୁ ଫେରିଯାଇଥିଲା। ପୁଲିସ ଲିଙ୍ଗରାଜ ହୋଟେଲରେ ଚଢ଼ଉ କରି ବିଦେଶୀ ନାଗରିକଙ୍କ ଅବସ୍ଥାନ କ୍ଷେତ୍ରରେ ଅନୁସୃତ ନିୟମ ଉଲ୍ଲଙ୍ଘନ ସତ୍ତ୍ୱେ ଘଟଣାକୁ ଗୁରୁତ୍ୱ ଦେଲାନି। ତେଣୁ ରାଜଧାନୀରେ ସନ୍ଦିଗ୍ଧ ଆତଙ୍କୀଙ୍କ ଅବସ୍ଥାନ ଅପେକ୍ଷାକୃତ ସହଜ ଓ ସରଳ ହୋଇଯାଇଛି। ଘଟଣା କେବଳ ଏହିଠାରେ ଅଟକିଯାଇ ନଥିଲା। କଟକ ଓ ଝାଡ଼ଖଣ୍ଡରୁ ମଧ୍ୟ ସିମବକ୍ସ ଜବତ ହୋଇଥିଲା। ରାଜୁ ନେଇଥିବା ଭଡ଼ାଘରୁ ମଧ୍ୟ ୧୮୦୦ ସିମକାର୍ଡ ପୁଲିସ ପାଇଥିଲା। ସିମବକ୍ସ କାହିଁକି ଓ କିଭଳି ଉପଯୋଗୀ ତାହା ସ୍ପଷ୍ଟ ହେବା ଉଚିତ। ଏହାକୁ ସାଇବର ଅପରାଧୀ ଓ ଆତଙ୍କୀ ନିଜ ପରିଚୟ ଗୋପନ ରଖିବା ପାଇଁ ବ୍ୟବହାର କରିଥାଏ। ଦେଶ ବିଦେଶରୁ ଆସୁଥିବା କଲରେ କିଏ କାହାକୁ ଡାକୁଛି ତାହା ଜଣାପଡ଼ିବନି।

କମିଶନରେଟ ପୁଲିସର ଅନୁସଂଧାନ ଧାରେ ଅଟକି ଯାଇଥିବାରୁ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ସିମବକ୍ସ ଯେ କାର୍ଯ୍ୟକ୍ଷମ ନଥିବ ଏକଥା କେହି ଜୋର ଦେଇ କହିପାରିବେନି। ଅତୀତରେ ରାଜ୍ୟ ଗୁଇନ୍ଦା ବାହିନୀର ବିଫଳତା ଏକାଧିକ କ୍ଷେତ୍ରରେ ପରିଲକ୍ଷିତ ହୋଇଛି। ଏବେ ଦେଶରେ ଆତଙ୍କବାଦକୁ ନେଇ ଯେଉଁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି ସେଥିରେ ସିମବକ୍ସ ଘଟଣା ଅଧିକ ଖୋଳତାଡ଼ ହେବା ଜରୁରୀ। ବିଶେଷ କରି ବାଂଲାଦେଶର ପରିବର୍ତ୍ତିତ ଆଚରଣ ଆମ ପାଇଁ ନୂଆ ବିପଦ ସୃଷ୍ଟି କରିଛି। ତେଣୁ ଏଠାରେ ଅବସ୍ଥାନ କରୁଥିବା ବାଂଲାଦେଶୀ ନାଗରିକ ସେମାନଙ୍କ ଏଜେଣ୍ଟ ସାଜି କେତେବେଳେ କ'ଣ ଭିଆଇବେ ତାହା କହିହେବନି। ତେଣୁ ଆଗକୁ ଅଧିକ ସତର୍କତା ଲୋଡ଼ା। ●

# ରୌପ୍ୟ ଅର୍ଥନୀତିର ପ୍ରାସଙ୍ଗିକତା

ରୋମାନିଆର ଜଣେ ନିଷ୍ଠୁର ରାଜାଙ୍କ ଆଦେଶରେ ସେ ରାଜ୍ୟର ସବୁ ବୃଦ୍ଧମାନଙ୍କୁ ହତ୍ୟା କରାଯିବା ଏବଂ ଜଣେ ବୁଦ୍ଧିମାନ ଯୁବକ ନିଜ ବୃଦ୍ଧ ପିତାଙ୍କୁ ଘରେ ଲୁଚାଇ ରଖିବା ଏବଂ ତାଙ୍କ ଉପଦେଶ ଅନୁଯାୟୀ କିଭଳି ରାଜ୍ୟକୁ ଅନାହାରରୁ ମୁକ୍ତି ମିଳିଲା ତାହା ଆମେ ସ୍କୁଲସ୍ତରୀୟ ଇଂରାଜୀ ପାଠ୍ୟକ୍ରମର ଏକ ବିଷୟ ଭାବେ ପଢ଼ିଛେ ବା ଜାଣିଛେ। ଏକଥା ଏଠାରେ ଉଦ୍ଧୃତ କରିବାର ପ୍ରାସଙ୍ଗିକତା ହେଉଛି ନିକଟରେ ଜାତୀୟ ସ୍ତରୀୟ ଗଣମାଧ୍ୟମରେ ବରିଷ୍ଠ ନାଗରିକଙ୍କ ପ୍ରତି ସମାଜର ନକାରାତ୍ମକ ମାନସିକତା ଏବଂ ଅର୍ଥନୀତିରେ ସେମାନଙ୍କ ଯୋଗଦାନ ସମ୍ପର୍କରେ ଗବେଷଣାଧର୍ମୀ ଆଲୋଚନା ହୋଇଛି। ଗତ ବର୍ଷ ମଧ୍ୟ 'ନିତି' ଆୟୋଗ ପକ୍ଷରୁ ଦେଶର ବରିଷ୍ଠ ନାଗରିକମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରି ଦେଶର ଅର୍ଥନୈତିକ ବିକାଶ ଢାଞ୍ଚାରେ ଅଧିକରୁ ଅଧିକ କିପରି ସାମିଲ କରାଯାଇ ପାରିବ ସେ ସମ୍ପର୍କରେ ଏକ ଚିଠା ପ୍ରସ୍ତାବ ଜାରି କରି ବିଭିନ୍ନ ମହଲରୁ ମତାମତ ଆହ୍ୱାନ କରାଯାଇଥିଲା। ଏହି ପ୍ରସ୍ତାବର କାର୍ଯ୍ୟକାରିତାର ଅଗ୍ରଗତି ଏ ପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ କି ସୁପାରିସ୍‌ଗୁଡ଼ିକ ଲାଗୁ କରିବାର ଆନ୍ତରିକତା ପରିଲକ୍ଷିତ ହୋଇନାହିଁ। ବରିଷ୍ଠ ନାଗରିକମାନଙ୍କୁ ସରକାରୀ ତହବିଲ୍ ଉପରେ ଏକ ବୋଝ ଭାବେ ସାଧାରଣରେ ଗ୍ରହଣ କରାଯାଉଥିବାରୁ ବୋଧହୁଏ ଅର୍ଥନୀତିରେ ସେମାନଙ୍କ ଅବଦାନକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ରାଜନୈତିକ ଇଚ୍ଛାଶକ୍ତି ଜାଗ୍ରତ ହୋଇପାରୁନାହିଁ।

ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ମଧ୍ୟ ସର୍ବାଧିକ। ୬୦ ବର୍ଷରୁ ଊର୍ଦ୍ଧ୍ୱ ଲୋକେ 'ବରିଷ୍ଠ ନାଗରିକ' ଭାବେ ଗଣ୍ୟ ହେଉଥିବା ବେଳେ ପ୍ରତିବର୍ଷ ଏମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ୬୦ ବର୍ଷ ପରେ ମଧ୍ୟ ଅନେକ ଉପାର୍ଜନ କରିବାକୁ ସକ୍ଷମ ଏବଂ ରୋଜଗାର ମୁଖ୍ୟ ଧାରରେ ସାମିଲ୍ ଅଛନ୍ତି। କିନ୍ତୁ ସେମାନଙ୍କୁ ଆବଶ୍ୟକତା ତୁଳନାରେ ସୁବିଧା ସୁଯୋଗ ମିଳୁ ନାହିଁ। କେବଳ ସରକାରୀ କ୍ଷେତ୍ରକୁ ଛାଡ଼ି ଅନ୍ୟ କେଉଁଠି ଅବସର ପରବର୍ତ୍ତୀ ପେନ୍‌ସନ / ଭତ୍ତା ସୁବିଧା ଆଖିଦୃଶିଆ ନୁହେଁ। ସରକାରୀ ପେନ୍‌ସନ ପାଉଥିବା ବ୍ୟକ୍ତିଙ୍କ ସଂଖ୍ୟା ପ୍ରାୟ ୭୫ ଲକ୍ଷ। ଇପିଏଫ୍ ପେନ୍‌ସନ୍‌ଭୋଗୀଙ୍କ ସଂଖ୍ୟା ପ୍ରାୟ ୮୪ ଲକ୍ଷ ହୋଇଥିବା ବେଳେ ମାସିକ ପେନ୍‌ସନ୍ ସର୍ବନିମ୍ନ ୧୦୦୦ ରୁ ସର୍ବାଧିକ ୬୦୦୦ ଟଙ୍କା ଭିତରେ। ପେନ୍‌ସନ୍‌ଭୋଗୀ ତାଲିକାରେ ପ୍ରତିରକ୍ଷା ବିଭାଗରେ ଅଣସୈନିକ ଏବଂ ସୀମିତ ଅବଧି ପାଇଁ ନିଯୁକ୍ତି ପରେ ଅବସର ନେଇଥିବା ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ସାମିଲ୍ ଅଛନ୍ତି। ଏହାବ୍ୟତୀତ ମାସିକ ୧୦୦୦ ରୁ ୨୫୦୦ ଟଙ୍କା ପର୍ଯ୍ୟନ୍ତ ସରକାରୀ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଲୋକଙ୍କ ସଂଖ୍ୟା ସାରା ଦେଶରେ ମୋଟ୍ ବୟସ୍କ ନାଗରିକଙ୍କ ମଧ୍ୟରୁ ପ୍ରାୟ ୨୫ ଭାଗ। ତେଣୁ ବରିଷ୍ଠ ନାଗରିକମାନଙ୍କୁ କିଭଳି ଆର୍ଥିକ ଦୃଷ୍ଟିରୁ ସବଳ କରାଯାଇ ପାରିବ ଏବଂ ସେମାନଙ୍କ ଅଭିଜ୍ଞତା ଓ ସାମର୍ଥ୍ୟକୁ ଦେଶ ଗଠନରେ ବିନିଯୋଗ କରି ହେବ, ତାହା ଉପରେ ଅଧିକ ଗୁରୁତ୍ୱ ଦିଆଯିବା କଥା। ନିତି ଆୟୋଗ ଏହି ମହତ୍ କାର୍ଯ୍ୟ ପ୍ରତି ଚିନ୍ତା କରି କାର୍ଯ୍ୟ ଆରମ୍ଭ କରିଥିଲେ ହେଁ ତାହା ସାର୍ବଜନିନ ହୋଇପାରିନାହିଁ।

ଭାରତର ଜନସାଂଖ୍ୟିକ ବିଶେଷତ୍ୱ ହେଲା ଦେଶରେ କାର୍ଯ୍ୟକ୍ଷମ ବୟସ ବର୍ଗ ରୂପେ ସ୍ୱୀକୃତ ଲୋକଙ୍କ ସଂଖ୍ୟା ତୁଳନାତ୍ମକ ଭାବେ କମ୍ ହାରରେ ବଢ଼ୁଛି। ଦ୍ୱିତୀୟତଃ, ବିଭିନ୍ନ ରାଜ୍ୟରେ ଜନସଂଖ୍ୟା ବୃଦ୍ଧି ହାରରେ ଅନେକ ସାମଞ୍ଜସ୍ୟ ରହିଛି। ତୃତୀୟତଃ ବୟସ୍କ ବା ବରିଷ୍ଠ ନାଗରିକଙ୍କ ସଂଖ୍ୟା ଦ୍ରୁତ ହାରରେ ବୃଦ୍ଧି ପାଇ ଚାଲିଛି। ନିତି ଆୟୋଗଙ୍କ ରିପୋର୍ଟ ଅନୁସାରେ ୬୦ ବୟସରୁ ଊର୍ଦ୍ଧ୍ୱ ନାଗରିକଙ୍କ ସଂଖ୍ୟା ମୋଟ୍ ଜନସଂଖ୍ୟାର ୧୦ ଶତାଂଶ। ଏହା ୨୦୩୦ ଓ ୨୦୫୦ରେ ଯଥାକ୍ରମେ ମୋଟ୍ ଜନସଂଖ୍ୟାର ୧୨ ଓ ୨୦ ଶତାଂଶ ହୋଇପାରେ। ୨୦୧୧ ଜନଗଣନା ତଥ୍ୟ ଆଧାରରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ମୋଟ୍ ଜନସଂଖ୍ୟାର ୨୧ ପ୍ରତିଶତ ବୋଲି କୁହାଯାଉଛି। ତେଣୁ ଆଗାମୀ ଦିନରେ ଏକ ବିକଶିତ ଭାରତରେ କିଭଳି ଏହି ଅଭିଜ୍ଞ ଓ ବରିଷ୍ଠମାନଙ୍କୁ ଏକ ମୂଲ୍ୟବାନ ମାନବ ସମ୍ପଦ ରୂପେ ପରିଗଣିତ ଓ ଉପଯୋଗ କରାଯାଇପାରିବ ଏବଂ ସୁରକ୍ଷିତ ରଖାଯାଇପାରିବ ତାହା ବିଶେଷ ଗୁରୁତ୍ୱପୂର୍ଣ୍ଣ।

ଅଧୁନା ଏହି ବରିଷ୍ଠ ନାଗରିକଙ୍କ ସହିତ ଜଡ଼ିତ ଅର୍ଥନୀତିକୁ ସିଲ୍‌ଭର ଇକୋନୋମି ବା ରୌପ୍ୟ ଅର୍ଥନୀତିର ନାମ ଦିଆଯାଇଛି। ଏଥିରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କ ସହିତ ଜଡ଼ିତ ଉତ୍ପାଦନ, ଆବଣ୍ଟନ, ସାମଗ୍ରୀ ଓ ସେବାର ଉପଭୋଗ ଆଦି ଅନ୍ତର୍ଭୁକ୍ତ। ବୟସ୍କ ବ୍ୟକ୍ତିମାନଙ୍କ ସାମଗ୍ରିକ କ୍ରୟଶକ୍ତି ରୌପ୍ୟ ଅର୍ଥନୀତିର ମୂଳାଧାର। କେତେକ କ୍ଷେତ୍ରରେ ସରକାର ସହାୟତା ଯୋଗାଇଥା'ନ୍ତି। ତେଣୁ ସେହି 'ରୌପ୍ୟ ଅର୍ଥନୀତି'ର ପରିସରକୁ ଯଦି ଅର୍ଥପୂର୍ଣ୍ଣ ଭାବେ ବୃଦ୍ଧି କରାଯାଇପାରିବ, ତା'ହେଲେ ଦେଶର ବହୁ ବରିଷ୍ଠ ନାଗରିକ ଉପକୃତ ହେବେ ଏବଂ ଜାତୀୟ ଅର୍ଥନୀତି ପାଇଁ ମଧ୍ୟ ଲାଭପ୍ରଦ ହେବ। ଏ କ୍ଷେତ୍ରରେ ଆବଶ୍ୟକ ଅଛି ସଂସ୍କାର ପାଇଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଏବଂ ରୂପାୟନ ପାଇଁ ଅମଲାତାନ୍ତ୍ରିକ ଆନ୍ତରିକତା। ଆମ ଦେଶରେ ବରିଷ୍ଠମାନଙ୍କ ପାଇଁ ସରକାର ନିରବଦ୍ରଷ୍ଟା ସାଜିଛନ୍ତି କହିଲେ ଭୁଲ୍ ହେବ। ନ୍ୟାଶ୍‌ନାଲ୍ ପଲିସିକ ଅନ୍ ଓଲଡର ପର୍ସନ୍(୧୯୯୯), ନ୍ୟାଶ୍‌ନାଲ୍ ପ୍ରୋଗ୍ରାମ୍ ଫର ହେଲ୍‌ଥ କେୟାର ଅଫ୍ ଦ ଏଲ୍‌ଡର୍‌ଲି(୨୦୧୦), ମେଣ୍ଟେନାନ୍ସ ଆଣ୍ଡ ୱେଲ୍‌ଫେୟାର ଅଫ୍ ପ୍ୟାରେଣ୍ଟସ୍ ଆଣ୍ଡ ସିନିୟର ସିଟିଜେନସ୍ ଆକ୍ଟ(୨୦୦୭) ଆଦି ଅନେକ ଯୋଜନା ଓ ଆଇନ କାନୁନ୍ ପ୍ରଣୟନ ହୋଇଥିଲେ ମଧ୍ୟ ତାହା ଆଜି କାହିଁକି ପ୍ରଭାବଶୂନ୍ୟ ଓ ମୂଲ୍ୟହୀନ ହୋଇପଡ଼ିଛି ତାହାର କାରଣ ଖୋଜିବାକୁ ପଡ଼ିବ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବରିଷ୍ଠ ନାଗରିକଙ୍କୁ ସମାଜର ଅବିଚ୍ଛେଦ୍ୟ ଅଂଶ ଭାବେ ଗ୍ରହଣ କରିବାର ମାନସିକତା। ବିଭିନ୍ନ ସମୟରେ ପ୍ରକାଶିତ ସର୍ବେକ୍ଷଣ ତଥ୍ୟାନୁଯାୟୀ ଆମ ଦେଶର ବରିଷ୍ଠ ନାଗରିକଙ୍କ ମଧ୍ୟରୁ ୩୩ ଶତାଂଶ ମାନସିକ ଚାପଗ୍ରସ୍ତ। ୩୦ ଶତାଂଶ ଭାବନ୍ତି ସେମାନଙ୍କ ବାର୍ଦ୍ଧକ୍ୟ ଜୀବନରେ ସନ୍ତୋଷ ଓ ଶାନ୍ତି ନାହିଁ। ବିଶେଷକରି ଏକାକୀ ରହୁଥିବା ବରିଷ୍ଠ ନାଗରିକମାନେ ପରିବର୍ତ୍ତିତ ସାମାଜିକ ଚିନ୍ତାଧାରା ଦ୍ୱାରା ଅଧିକ ପ୍ରଭାବିତ। ଏକାକିନୀ ବରିଷ୍ଠ ନାଗରିକଙ୍କ କଥା ନ କହିବା ଭଲ। ଧନସମ୍ପତ୍ତି ଥାଇ ମଧ୍ୟ ପରିଣତ ବୟସରେ ସେମାନେ ନା ନା ନିର୍ଯାତନା ଓ ଅବହେଳାର ଶିକାର ହୋଇଆସୁଛନ୍ତି। ଏହି ବରିଷ୍ଠ ବର୍ଗର ଲୋକଙ୍କ ଜୀବନକୁ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ଯଦି ସହଜ, ସରଳ, ସୁଖଦ ଓ ଆନନ୍ଦମୟ କରିହେବ, ତା'ଠାରୁ ବଡ଼ କଥା ଆଉ କିଛି ନାହିଁ।

ବରିଷ୍ଠ ନାଗରିକଙ୍କ ସୁଖ, ଶାନ୍ତି ଓ ଯତ୍ନ ପାଇଁ ଆବଶ୍ୟକ ମୌଳିକ ଭିତ୍ତିଭୂମି ନିର୍ମାଣ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା, ସେମାନଙ୍କ ଦକ୍ଷତା ବିକାଶ ଏବଂ ଆବଶ୍ୟକ ସ୍ଥଳେ ଉପାର୍ଜନକ୍ଷମ କରିବାର ବ୍ୟବସ୍ଥା ବିକାଶ କରିବାକୁ ପଡ଼ିବ। ବିଶେଷକରି ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ହେବ। ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସହାୟତା ପାଇଁ ପ୍ରଚଳିତ ବିଭିନ୍ନ ଆଖିଦୃଶିଆ ଯୋଜନାମାନ କେବଳ କାଗଜକଲମ ଓ ଏବଂ ରିପୋର୍ଟର ସୁଦୃଶ୍ୟ କାଗଜରେ ସୀମିତ ରହିଯାଇଛି। ଆମ ଦ୍ୱୈତନଗରୀ କଥା ଉଦାହରଣ ରୂପେ ନିଆଯାଉ। ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସହାୟତା ପାଇଁ କମିଶନରେଟ୍ ପୁଲିସ୍ ପ୍ରତି ଥାନାରେ ସ୍ୱତନ୍ତ୍ର ପ୍ରକୋଷ୍ଠ ଓ ୟୁନିଟ୍ ଖୋଲିଛି। ବରିଷ୍ଠ ନାଗରିକଙ୍କ ତଥ୍ୟ ସଂଗ୍ରହ କରି ନିୟମିତ ଅନ୍ତରାଳରେ ଘରକୁ ଘର ଯାଇ ସ୍ଥିତି ପରଖିବାର ପ୍ରଶଂସନୀୟ ବ୍ୟବସ୍ଥା ଅଛି। ବରିଷ୍ଠ ନାଗରିକଙ୍କ ଠାରୁ ଅଭିଯୋଗ ବା ଫୋନ୍ କଲ୍ ପାଇବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ବାସ୍ତବତା ଯେ ଏହାର ବିପରୀତ, ତାହା ଭୁକ୍ତଭୋଗୀମାନେ ଅଧିକ ଜାଣିଥିବେ।

ସାମାଜିକ ନିରାପତ୍ତାର ଆଉ ଏକ ଆବଶ୍ୟକତା ହେଲା ଅର୍ଥ। ଯେଉଁମାନଙ୍କ ପାଖରେ ପରିଣତ ବୟସରେ ଚଳିବା ପାଇଁ ପର୍ଯ୍ୟାପ୍ତ ଅର୍ଥ ନାହିଁ ସେମାନଙ୍କୁ ଭତ୍ତା କିମ୍ବା ଅନ୍ୟ କୌଣସି ଯୋଜନାରେ ନିଶ୍ଚିତ ମାସିକ ଆୟକୁ ସୁନିଶ୍ଚିତ କରିବାକୁ ପଡ଼ିବ। ଖାଦ୍ୟ, ଆବାସ ଓ ସ୍ୱାସ୍ଥ୍ୟସେବାର ନିଶ୍ଚିତତା ମଧ୍ୟ ଆଉ ଏକ ଜରୁରୀ ଆବଶ୍ୟକତା। ଅଧୁନା ବିଦେଶୀ ମୁହାଁ ପିଲାମାନେ ବିଭିନ୍ନ କାରଣରୁ ବୟସ୍କମାନଙ୍କ ଉପଯୁକ୍ତ ଯତ୍ନ ନେଇ ପାରୁନାହାନ୍ତି। ତେଣୁ କେତେକ କ୍ଷେତ୍ରରେ ସେମାନେ ଏକାକୀ ରହୁଥିବା ବେଳେ ଆଉ କେତେକ ସ୍ଥାନରେ ବୋଝ ଭଳି ବ୍ୟବହାର ଜନିତ ଦୁର୍ଦ୍ଦଶା ସାମ୍ନା କରିବାକୁ ପଡ଼ୁଛି।

ବାର୍ଦ୍ଧକ୍ୟରେ ବରିଷ୍ଠ ନାଗରିକମାନଙ୍କର ନିତ୍ୟବ୍ୟବହାର୍ଯ୍ୟ ବିଭିନ୍ନ ସାମଗ୍ରୀର ଅର୍ଥନୀତିରେ ଯୋଗଦାନ କିଛି କମ୍ ନୁହେଁ। ଏହାର ଆକାର ପ୍ରାୟ ୭୫୦ କୋଟି ଡଲାର ବୋଲି ଆକଳନ କରାଯାଇଛି, ଯାହା ୧୫% ହାରରେ ବଢ଼ୁଛି। ସେମାନେ ଏକାଧାରରେ ଏ ଦେଶର ସ୍ଥାୟୀ ଖାଉଟି ଏବଂ ନିର୍ଭରଯୋଗ୍ୟ ଜମା ସଞ୍ଚୟକାରୀ। ତେଣୁ ସେମାନଙ୍କୁ ପ୍ରତିଦାନର ଆଶା ଓ ଦାବି ସୃଷ୍ଟି ହେବା ସ୍ୱାଭାବିକ। ଯେଉଁମାନଙ୍କର ଅବାଦନ ରୌପ୍ୟ ଅର୍ଥନୀତିକୁ ସମୃଦ୍ଧ କରୁଛି ସେମାନଙ୍କୁ ହତାଦର କରାଯିବ କିପରି?

(ସକାଳ ମିଡିଆ ସର୍ଭିସ୍)

# ପ୍ରକୃତିର ଶ୍ରେଷ୍ଠ ବହୁବିଧ ଯନ୍ତ୍ରୀ

ଡ. ପାଣ୍ଡବ ପାତ୍ର

'ଭାରତର ସର୍ବଶ୍ରେଷ୍ଠ ଇଞ୍ଜିନିୟର କିଏ?' ହଠାତ୍ ଦିନେ ମୋ ମନରେ ଆସିଥିବା ଏହି ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ଇଣ୍ଟରନେଟରେ ଯେଉଁମାନଙ୍କ ନାମ ମିଳିଲା ସେମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ଏମ୍. ବିଶ୍ୱେଶ୍ୱରାୟ, ଏପିଜେ ଅବଦୁଲ କଲାମ, ସତୀଶ ଧାୱନ, ଇ. ଶ୍ରୀଧରନ, ସୁନ୍ଦର ପିଚାଇ, ସତ୍ୟ ନାଡେଲା, ନାରାୟଣ ମୂର୍ତ୍ତି, ବର୍ଗୀଜ କୁରିଆନ ଇତ୍ୟାଦି। ଏହି ପ୍ରତିଷ୍ଠିତ ବ୍ୟକ୍ତିମାନେ ନିଜ ନିଜ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିଲେ ଏରୋସ୍ପେସ୍ ଏବଂ ସିଭିଲ୍ ଇଞ୍ଜିନିୟରିଂ ଠାରୁ ଆରମ୍ଭ କରି ସଫ୍ଟୱେର୍ ଓ ଶିଳ୍ପ ବିକାଶ ପର୍ଯ୍ୟନ୍ତ। ଯେତେବେଳେ ମୁଁ ମୋ କମ୍ପ୍ୟୁଟର ସ୍କ୍ରିନରେ ଥିବା ନାମଗୁଡ଼ିକ ଉପରେ ନିରୀକ୍ଷଣ କରୁଥିଲି ଏବଂ ସେମାନଙ୍କ ବିଷୟରେ ଅଧ୍ୟୟନ କରୁଥିଲି, ଗୋଟେ ଜିନିଷ ସ୍ପଷ୍ଟ ହେଲା ଯେ ଏହି ଦୂରଦୃଷ୍ଟିସମ୍ପନ୍ନ ଏବଂ ଅଗ୍ରଣୀ ଇଞ୍ଜିନିୟରମାନେ ନିଜ ନିଜ କ୍ଷେତ୍ରରେ ବିଶେଷଜ୍ଞ ଥିଲେ। କିନ୍ତୁ ସିଭିଲ୍, ମେକାନିକାଲ୍ ଏବଂ ରାସାୟନିକ ଇଞ୍ଜିନିୟରିଂ ଭଳି ବହୁବିଧ ଶାଖାରେ ବିଶେଷଜ୍ଞ ଥିବା ଜଣେ ଇଞ୍ଜିନିୟରଙ୍କୁ ଖୋଜିବା ମୋ ପକ୍ଷେ ପ୍ରାୟ ଅସମ୍ଭବ ହେଲା।

ହଠାତ୍, ମୋର ଦୃଷ୍ଟି ମୋ ଘର ବାହାରେ ଠିଆ ହୋଇଥିବା ଗୋଟେ ବଡ଼ ବଟବୃକ୍ଷ ଉପରେ ପଡ଼ିଗଲା। ମୁଁ ଏହାକୁ ପ୍ରତିଦିନ ଦେଖୁଥିଲି। କିନ୍ତୁ ଆଜି ଏହା ଭିନ୍ନ ଦେଖାଯାଉଥିଲା। ଯେପରି ଏହା ନିରବରେ ମୋତେ ଏହାର ରହସ୍ୟ ବୁଝିବାକୁ ଆମନ୍ତ୍ରଣ କରୁଥିଲା। କିଛିସମୟ ଗଭୀର ଅନୁଧ୍ୟାନ କଲା ପରେ ମୁଁ ଅନୁଭବ କଲି ଯେ ପ୍ରତ୍ୟେକ ବୃକ୍ଷ ଗୋଟେ ଗୋଟେ ଶ୍ରେଷ୍ଠ ବହୁବିଧ (ମଲ୍ଟିଡିସିପ୍ଲିନାରୀ) ଇଞ୍ଜିନିୟର। ବୃକ୍ଷଗୁଡ଼ିକ ପ୍ରାକୃତିକ ଭାବରେ ସେମାନଙ୍କର ବ୍ୟାପକ ମୂଳ ଏବଂ ଚେର ଦ୍ୱାରା ମୃତ୍ତିକା କ୍ଷୟ ହ୍ରାସ କରି ଏବଂ ପ୍ରବଳ ବର୍ଷା ସମୟରେ ପୋଖରୀ ଓ ନଦୀକୂଳକୁ ଧ୍ୱଂସ ହେବାରୁ ରକ୍ଷା କରି ସିଭିଲ୍ ଇଞ୍ଜିନିୟର ଭାବରେ କାର୍ଯ୍ୟ କରନ୍ତି। ସେମାନଙ୍କର ମୂଳ ମାଟିର ଜଳଧାରଣ କ୍ଷମତାକୁ ଉନ୍ନତ କରେ। ବର୍ଷା ଜଳ ଶୋଷଣ କରିବାରେ ଏବଂ ବନ୍ୟାକୁ ହ୍ରାସ କରିବାରେ ସାହାଯ୍ୟ କରେ। ଭୂତଳ ଜଳ ସଂରକ୍ଷଣ ବୃଦ୍ଧି କରେ। ବୃକ୍ଷଗୁଡ଼ିକ ନିଜର ଓଜନ ସହିତ ପବନ ଓ ବର୍ଷା ଭଳି ବାହ୍ୟ ଶକ୍ତିକୁ ସହ୍ୟ କରିବା ପାଇଁ ସେମାନଙ୍କର ଗଠନକୁ ଅନୁକୂଳତମ କରି ମେକାନିକାଲ ଇଞ୍ଜିନିୟର ଭାବରେ କାର୍ଯ୍ୟ କରନ୍ତି। ବୃକ୍ଷମାନେ ମଧ୍ୟ ସଂବହନ ଟିସୁ(ଜାଇଲେମ)କୁ ନେଇ ଗଠିତ ଏକ ଆଭ୍ୟନ୍ତରୀଣ ଯାନ୍ତ୍ରିକ ଡିଜାଇନ୍ ମାଧ୍ୟମରେ ଏହା ହାସଲ କରନ୍ତି, ଯାହା ସେମାନଙ୍କୁ ଶକ୍ତି ଓ ନମନୀୟତା ପ୍ରଦାନ କରେ। ବୃକ୍ଷର ଗଣ୍ଡି ଓ ଶାଖାଗୁଡ଼ିକ ବଙ୍କା ଚାପ (ବେଣ୍ଡିଙ୍ଗ ଷ୍ଟ୍ରେସ) ଏବଂ ସଙ୍କୋଚନ ଚାପ (କମ୍ପ୍ରେସିବଲ ଷ୍ଟ୍ରେସ)କୁ ସନ୍ତୁଳିତ କରିବା ପାଇଁ ସ୍ୱତଃ ବୃଦ୍ଧି ପାଏ। ତାହା ଏକ ପ୍ରାକୃତିକ କ୍ୟାଣ୍ଟିଲିଭର ବିମ୍ ପରି କାର୍ଯ୍ୟ କରେ ଏବଂ ଯାହା ଭାଙ୍ଗିବା (ବକଲିଙ୍ଗ)କୁ ପ୍ରତିରୋଧ କରେ।

ବୃକ୍ଷଗୁଡ଼ିକ ଛାୟା ପ୍ରଦାନ ଓ ବାଷ୍ପୀଭବନ ପ୍ରକ୍ରିୟା ମାଧ୍ୟମରେ ଆଖପାଖର ପରିବେଶକୁ ଥଣ୍ଡା କରି ଏୟାର କଣ୍ଡିସନିଂ ଇଞ୍ଜିନିୟର ଭାବରେ କାର୍ଯ୍ୟ କରନ୍ତି। ବୃକ୍ଷର ପତ୍ରଗୁଡ଼ିକ ସୂର୍ଯ୍ୟକିରଣ ଶୋଷଣ କରନ୍ତି ଏବଂ ଜଳୀୟ ବାଷ୍ପ ନିର୍ଗତ କରନ୍ତି। ଏହି ଜଳୀୟବାଷ୍ପ ବାଷ୍ପୀଭବନ ହେବା ସମୟରେ ବାୟୁକୁ ଥଣ୍ଡା କରିଥାଏ। ଯେପରି ଏୟାର କଣ୍ଡିସନରମାନେ ଘରରୁ ତାପ ଅପସାରଣ କରନ୍ତି, ବାଷ୍ପୀଭବନ ପ୍ରକ୍ରିୟା ସ୍ଥାନୀୟ ବାୟୁ ତାପମାତ୍ରାକୁ ଅନେକ ମାତ୍ରାରେ ହ୍ରାସ କରିଥାଏ। ଏହି ପ୍ରକ୍ରିୟାକୁ ଇଂରାଜୀରେ ଇଭାପୋଟ୍ରାନସପିରେସନ କୁହାଯାଏ। ଗବେଷଣା ଓ ପର୍ଯ୍ୟବେକ୍ଷଣରୁ ଜଣାପଡ଼ିଛି ଯେ ଆମ୍ବ ଭଳି ଏକ ବଡ଼ବୃକ୍ଷ ଏକକାଳୀନ କାର୍ଯ୍ୟ କରୁଥିବା ପାଞ୍ଚଟି ଏୟାର କଣ୍ଡିସନରର ଶୀତଳ ପ୍ରଭାବ ଉତ୍ପନ୍ନ କରିପାରେ।

ବୃକ୍ଷଗୁଡ଼ିକ ରାସାୟନିକ ଇଞ୍ଜିନିୟର ଏବଂ ପରିବେଶ ଇଞ୍ଜିନିୟର ଭାବରେ ମଧ୍ୟ କାର୍ଯ୍ୟ କରନ୍ତି। ଜଟିଳ ଜୈବ ରାସାୟନିକ ପ୍ରକ୍ରିୟା ମାଧ୍ୟମରେ ବାୟୁ ଏବଂ ଜଳ ବିଶୋଧନ କରି ଏକ ସ୍ୱଚ୍ଛ ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରନ୍ତି। ଆଲୋକ ସଂଶ୍ଲେଷଣ ମାଧ୍ୟମରେ ଗଛଗୁଡ଼ିକ ଅଙ୍ଗାରକାମ୍ଳ ଗ୍ରହଣ କରନ୍ତି ଏବଂ ଅମ୍ଳଜାନ ମୁକ୍ତ କରନ୍ତି, ଯାହା ବାୟୁମଣ୍ଡଳରେ ଗ୍ରୀନହାଉସ୍ ଗ୍ୟାସଗୁଡ଼ିକୁ ହ୍ରାସ କରିବାରେ ସାହାଯ୍ୟ କରେ। ସେମାନଙ୍କର ପତ୍ରଗୁଡ଼ିକ ଷ୍ଟୋମାଟା ନାମକ କ୍ଷୁଦ୍ର ଛିଦ୍ର ମାଧ୍ୟମରେ ଓଜୋନ, ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ସଲଫର ଡାଇଅକ୍ସାଇଡ୍ ଭଳି ପ୍ରଦୂଷକଗୁଡ଼ିକୁ ମଧ୍ୟ ଶୋଷଣ କରନ୍ତି। ଏହାବ୍ୟତୀତ ଗଛର ପତ୍ରଗୁଡ଼ିକ ଧୂଳି ଓ ଧୂଆଁ କଣିକାଗୁଡ଼ିକୁ ଅଟକାଇ ଦିଅନ୍ତି, ଯାହା ବର୍ଷା ଦ୍ୱାରା ଧୋଇ ହୋଇଯାଏ ଏବଂ ପରିବେଶ ପ୍ରଦୂଷଣ ହ୍ରାସ ପାଇଥାଏ। ଆଲୋକ ସଂଶ୍ଲେଷଣ ଓ ମେଟାବୋଲିକ୍ ପ୍ରକ୍ରିୟା ମାଧ୍ୟମରେ ସୂର୍ଯ୍ୟକିରଣ, ପାଣି ଓ ଅଙ୍ଗାରକାମ୍ଳ ବାଷ୍ପକୁ ବ୍ୟବହାର କରି ଫଳ ଓ ପନିପରିବା ପରି ବାୟୋମାସରେ ଦକ୍ଷତାର ସହିତ ରୂପାନ୍ତର କରି ବୃକ୍ଷଗୁଡ଼ିକ ପ୍ରଡକ୍ସନ ଇଞ୍ଜିନିୟର ଭାବରେ କାର୍ଯ୍ୟ କରନ୍ତି।

ଆମେ ଏଥିରୁ ସ୍ପଷ୍ଟ ଭାବରେ ବୁଝିପାରିଲେ ଯେ ବୃକ୍ଷ ହେଉଛି ପ୍ରକୃତିର ସର୍ବୋତ୍ତମ ବହୁବିଧ ଇଞ୍ଜିନିୟର। ବୃକ୍ଷଟିଏ ନିଜ ଜୀବନର ପ୍ରତ୍ୟେକ ସେକେଣ୍ଡରେ ନିରବରେ ଜଟିଳ ଇଞ୍ଜିନିୟରିଂ ନୀତିଗୁଡ଼ିକୁ ପ୍ରୟୋଗ କରି ଧରଣୀମାଆର ଏବଂ ସମଗ୍ର ଜୀବଜଗତର ଅନବରତ ଭାବେ ସେବା କରିଚାଲେ। ●

(ଅଧ୍ୟାପକ, ବୀର ସୁରେନ୍ଦ୍ର ସାଏ ବୈଷୟିକି ବିଶ୍ୱବିଦ୍ୟାଳୟ)
ବୁର୍ଲା, ମୋ: ୯୭୭୬୧୫୨୫୨୫

# ମହିମାମୟ ଜୀବନର ଗାୟକ:ଗଡ଼ନାୟକ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଯେଉଁମାନେ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥା'ନ୍ତି ଜଗତର କଲ୍ୟାଣ ସକାଶେ ସେମାନଙ୍କ ପ୍ରତି କବି-ଆତ୍ମା ଜଣାଇଥାଏ ଶ୍ରେଷ୍ଠ ସମ୍ମାନ। ଯୁଗେ ଯୁଗେ ସେମାନେ ହିଁ ହୋଇଥା'ନ୍ତି ସାହିତ୍ୟ ସୃଷ୍ଟିରେ ମୁଖ୍ୟନାୟକ। ସେମାନଙ୍କୁ ନେଇ ହିଁ ଜାତିର ଇତିହାସ ହୁଏ ଗୌରବବିମଣ୍ଡିତ। ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ସେମାନେ ହିଁ ଅନ୍ତଃହୀନ ପ୍ରେରଣାର ଜ୍ୟୋତିର୍ମୟ ସ୍ତମ୍ଭ। ରାଧାମୋହନ ଗଡ଼ନାୟକଙ୍କ ହୃଦୟ ଜାତିର ସମର୍ପିତ କୃତୀ ସନ୍ତାନଙ୍କ ଭାବନାରେ ହୋଇଉଠିଛି ତୀବ୍ର ଭାବରେ ପୁନଃ ପୁନଃ ପରିସ୍ପନ୍ଦିତ। ଓଡ଼ିଶାର କିମ୍ବଦନ୍ତୀ, ଲୋକକଥା, ଇତିହାସ ମଧ୍ୟରେ ସେ ନିରନ୍ତର ଅନ୍ୱେଷଣ କରିଚାଲିଛନ୍ତି ଏପରି କାହାଣୀ, ଏପରି ଚରିତ୍ର, ଯେଉଁମାନେ ସ୍ୱକୀୟ ତ୍ୟାଗ ଓ ତିତିକ୍ଷାରେ, ଶ୍ରଦ୍ଧାଶୀଳତା ଓ ମାନବିକତାରେ, ସଦିଚ୍ଛା ଓ ସମର୍ପଣରେ ତତ୍କାଳୀନ ସମାଜକୁ କରିଦେଇଛନ୍ତି ସ୍ତବ୍ଧ ଓ ନିର୍ବାକ। ରାଧାମୋହନ ନିଜ ଗାଥା କବିତା ରଚନା ସମୟରେ ତ୍ୟାଗପୂତ ଜୀବନର ଅଧିକାରୀ ନିଃସ୍ୱାର୍ଥ ବ୍ୟକ୍ତିତ୍ୱଙ୍କ ଉଚ୍ଚକୋଟୀର ଚରିତ୍ରକୁ ରୂପାୟିତ କରିଛନ୍ତି କି ଆବେଗମୟ ଭାଷା, ଛନ୍ଦ ଓ ସାଙ୍ଗୀତିକ ମୂର୍ଚ୍ଛନା ସଂଯୋଗରେ!

କବି ସ୍ୱରଚିତ 'ଉତ୍କଳିକା', 'ସ୍ମରଣିକା', 'ଅବାଚୀର ତାରା', 'ହୀରାଖଣ୍ଡର ଗାଥା', 'ଗାନ୍ଧୀ ଗାଥା' ଆଦି କବିତା ସଂକଳନରେ ମାନବିକ ଚେତନାର ସର୍ବୋଚ୍ଚ ସୋପାନରେ ଦଣ୍ଡାୟମାନ ଚରିତ୍ରମାନଙ୍କ ପ୍ରତି ପ୍ରାଣ-ମେଘମାଳାର ଅଜସ୍ର ବର୍ଷାଧାରା ଢାଳି ଦେଇଛନ୍ତି ଭାବ ତନ୍ମୟ ଚିତ୍ତରେ। ଉତ୍କଳମଣି ଗୋପବନ୍ଧୁଙ୍କୁ ଯେପରି କବି ରୂପ ଦେଇଛନ୍ତି ଜୀବନ୍ତ ଭାବରେ, ସେହିପରି ସମ୍ବଲପୁରର ପ୍ରଥମ ରାଜା ବଳରାମ ଦେବଙ୍କ ଅସୀମ ସାହସ, ବଡ଼ଭାଇ ପ୍ରତି ଅମାପ ତ୍ୟାଗ ବର୍ଣ୍ଣନା କରିଛନ୍ତି 'ହୀରାଖଣ୍ଡ ଗାଥାରେ'। ଭକ୍ତକବି ଦୀନକୃଷ୍ଣ ଦାସ, ସନ୍ଥକବି ଭୀମ ଭୋଇ, ବୀର ବାଳକ ବିଶ୍ୱକର୍ମା-ନନ୍ଦନ ଧର୍ମପଦ, ମହାରାଣୀ ଶୁକଦେଇ, ଉତ୍କଳର ଗଜପତି ମହାରାଜା କପିଳେନ୍ଦ୍ର ଦେବଙ୍କ ଜୀବନର ଶ୍ରେଷ୍ଠ ଉପଲବ୍ଧି ଅଙ୍କନ କରିଛନ୍ତି ଅଦ୍ଭୁତ ନିଷ୍ଠାର ସହ। 'ଗାନ୍ଧୀ ଗାଥା'ର କେଉଁ ଆଦିବାସୀ ଯୁବତୀ ସ୍ୱାଧୀନତା ସଂଗ୍ରାମ ପାଇଁ ନିଜେ ପିନ୍ଧିଥିବା ସବୁ ଅଳଙ୍କାର ଦାନ କରି ଦେଉଛନ୍ତି ତ ପୁଣି ଆଉ କେଉଁଠି ଅଳଙ୍କାର ଉପରେ ପିତାମାତା ଅଧିକାର ସାବ୍ୟସ୍ତ କରୁଥିବାରୁ ସେସବୁ ତ୍ୟାଗ କରି ଜଣେ ଯୁବତୀ ଗାନ୍ଧିଜୀଙ୍କ ଚରଣରେ ସମର୍ପିତ କରିଛନ୍ତି ନିଜକୁ।

ସୁପରିଚିତ ହୁଅନ୍ତୁ କି ଅପରିଚିତ, ସୁବିଖ୍ୟାତ ହୁଅନ୍ତୁ କି ଅଖ୍ୟାତ, କବି ଯେଉଁଠି ଦେଖିଛନ୍ତି ମହତ ଚେତନାର ସ୍ଫୁରଣ, ତା'କୁ ସାଉଁଟି ଆଣିଛନ୍ତି ନିଜ ପାଖକୁ। କେବଳ ଏହି ଉଦ୍ଦେଶ୍ୟରେ ମଧ୍ୟ ସେ ଅନେକ ସ୍ଥାନକୁ ଯାତ୍ରା କରିଛନ୍ତି ଜଣେ ଅନୁସନ୍ଧିତ୍ସୁ ଗବେଷକର ଉତ୍ସୁକତା ନେଇ। ଦୁର୍ଭିକ୍ଷ ସମୟରେ ଭିକ୍ଷା ସଂଗ୍ରହ କରୁଥିବା ପିଲାଟି ପାଇଛି ପଖାଳ ମୁଠାଏ। କ୍ଷୁଧାରେ ତା'ର ଉଦର ପ୍ରଜ୍ୱଳିତ। ମାତ୍ର ନିଜ ଭାଇଭଉଣୀ କଥା ମନେ ପକାଇ ଏକୁଟିଆ ସେ ଖାଇପାରୁନି। ତୋରାଣି ଟିକିଏ ପିଇଦେଇ ବୃକ୍ଷ ମୂଳରେ ନେଇଛି ବିଶ୍ରାମ। କିଏ ଜାଣିଥିଲା ଯେ ତାହା ମହାବିଶ୍ରାମରେ ପରିଣତ ହୋଇଯିବ? ସେଇ ରାସ୍ତାଦେଇ ଯାଉଥିବା କେହି ପିଲାଟି ମରିଯାଇଛି ବୋଲି କହିବା ବେଳେ କବିଆତ୍ମା ଘୋଷଣା କରୁଛନ୍ତି - 'ଆକାଶ ପବନ କାନେ କାନେ ତା'ର ଉଠିଲା କହି, ମରିନାହିଁ ସେ ତ ମରଣଜୟୀ'। ସ୍ୱଭାବ-କବି ଗଙ୍ଗାଧର ନିଜ ରଚନାରେ ଛାଡ଼ି ଯାଇଛନ୍ତି ଏକ ସାମାନ୍ୟ ସୂଚନା ଯେ, ବରପାଲିର ରାମଚନ୍ଦ୍ର ମନ୍ଦିର ନିର୍ମିତ ହୋଇଥିଲା ତୁଳସୀ ନାମକ ଏକ କେଉଁଟୁଣୀ ଦ୍ୱାରା। ବେଶ, ଏତିକି ସୂଚନା ତାଙ୍କୁ ଟାଣି ନେଇଗଲା ବରପାଲି ମାଟିକୁ। ସ୍ୱାମୀ ସନ୍ତାନ ହରା କେଉଁଟୁଣୀର ଘରେ ଆଶ୍ରୟ ନେବାକୁ ଚାହିଁଛନ୍ତି ସ୍ୱୟଂ ଶ୍ରୀରାମ। ମୁଢ଼ି ଭାଜି ଭାଜି ସେ ସାଇତି ରଖିଛି ଟଙ୍କା। ସେଇ ସଂଚିତ ଅର୍ଥ ବଳରେ ନିର୍ମାଣ କରିଛି ମନ୍ଦିର। ରାଧାମୋହନ ସ୍ୱରଚିତ 'ଅବାଚୀର ତାରା' ସଂକଳନରେ ସେଇ ସତ୍ୟକୁ ଆଧାର କରି ରଚନା କଲେ କବିତା 'ତୁଳସୀ ଗୋ ଦୀନ ଦୁଃଖୀ ତୁମେ କେଉଁଟୁଣୀ'।

ଓଡ଼ିଶାର ମହାନତାକୁ କେହି ଯଦି ତଲ୍ଲୀନ ହୃଦୟରେ ଅନୁଭବ କରିବାକୁ ଚାହାନ୍ତି, ସ୍ୱଦେଶ ବା ମାତୃଭୂମି ପାଇଁ କେହି ଯଦି ସ୍ୱାର୍ଥତ୍ୟାଗ ସକାଶେ ପ୍ରତିଜ୍ଞାବଦ୍ଧ ତାଙ୍କୁ ରାଧାମୋହନ ଗଡ଼ନାୟକଙ୍କ କବିତା ଜଗତକୁ ପ୍ରବେଶ କରିବାକୁ ପଡ଼ିବ ନିଶ୍ଚୟ। କେହି ଯଦି ସାମାନ୍ୟ ନିଃସ୍ୱାର୍ଥ ଭାବରେ ବଞ୍ଚିରହିବା ହିଁ ଜୀବନର ବିରାଟ ସଫଳତା ବୋଲି ନିଶ୍ଚିତ ହୋଇଯା'ନ୍ତି, ତା'ହେଲେ ଗଡ଼ନାୟକଙ୍କ ପ୍ରତିଭାର ଦ୍ୟୁତିରେ ସମୁଦ୍ଭାସିତ ଚରିତ୍ରଙ୍କୁ ନିଜ ପ୍ରାଣ ପ୍ରଦେଶକୁ ନିମନ୍ତ୍ରଣ କରିଆଣିବାକୁ ହେବ। ପ୍ରତିଷ୍ଠିତ କରିବାକୁ ହେବ ସେମାନଙ୍କୁ ପ୍ରେରଣା ବିକିରଣ-କ୍ଷମ ହୃଦୟ ବେଦୀରେ। ତାହା ହିଁ ଏହି ସ୍ୱାର୍ଥସର୍ବସ୍ୱ ସମାଜ ମଧ୍ୟରେ ହେବ ଏକ ସାହସିକ ପଦକ୍ଷେପ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମାଂସ ଜବତକୁ ନେଇ ବାଲିକୁଦାରେ ଉତ୍ତେଜନା

### ଦୁଇଗୋଷ୍ଠୀ ମୁହାଁମୁହିଁ, ଥାନାରେ ଅଭିଯୋଗ



ବାଲିକୁଦା, ୧୨।୧୧(ସମିସ): ବାଲିକୁଦା ଥାନାଠାରୁ ମାତ୍ର ୫୦୦ ମିଟର ଦୂର ବାଲିକୁଦା କାଠଗୋଲା ଛକ ନିକଟରୁ ପ୍ରାୟ ୧ କୁଇଣ୍ଟାଲ ମାଂସ ଜବତ ହୋଇଛି। ଏକ ଘରେ ମାଂସ କଟା ଯାଉଥିବା ଖବର ପାଇ ହିନ୍ଦୁ ସେନା ସଂଗଠନର ୫୦ରୁ ଅଧିକ କର୍ମକର୍ତ୍ତା ବିରୋଧ କରିଥିଲେ। ଖବର ପାଇଲା ପରେ ଡିଏସପି ରଶ୍ମିରଂଜନ ଦାସ ଓ ଏସଡିପିଓ ଆଜିଂକ୍ୟ ମାଣେ, ବାଲିକୁଦା ଥାନାଧିକାରୀ ସୁଶାନ୍ତ ସାହୁ ପ୍ରମୁଖ ସଦଳବଳ ଘଟଣାସ୍ଥଳରେ ନିରୀକ୍ଷଣ କରିଥିଲେ। ଏହାକୁ ପୋତି ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ଏପଟେ ହିନ୍ଦୁସେନା କର୍ମୀମାନେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିବାରୁ ପରିସ୍ଥିତି ଅସ୍ୱାଭାବିକ ହୋଇଥିଲା। ଆଲୋଚନା ପରେ ସ୍ଥାନୀୟ ତହସିଲଦାରଙ୍କୁ ଅବଗତ କରାଯାଇଥିଲା। ପରେ ଅତିରିକ୍ତ ତହସିଲଦାର ଅମିତ ରାୟଙ୍କ ଉପସ୍ଥିତିରେ କଟା ହୋଇଥିବା ମାଂସ ଓ ମୁଣ୍ଡକୁ କଡ଼ା ସୁରକ୍ଷା ବଳୟରେ ଓରଣ୍ଡଠାରେ ଥିବା ଏକ ନିର୍ଜନ ସରକାରୀ ସ୍ଥାନରେ ଜେସିବି ମେସିନ ସହାୟତାରେ ପୋତି ଦିଆଯାଇଛି। ହିନ୍ଦୁସେନା ପକ୍ଷରୁ ଏକ ଲିଖିତ ଅଭିଯୋଗ ବାଲିକୁଦା ଥାନାରେ କରାଯିବା ସହ ଉକ୍ତ ଘଟଣାରେ ଜଡିତ ଥିବା ୫ ଜଣ ବ୍ୟକ୍ତିଙ୍କୁ ଗିରଫ ପାଇଁ ଦାବି କରାଯାଇଛି। ଗୁରୁବାର ସୁଦ୍ଧା ଗିରଫ କରାନଯାଏ ତେବେ ବାଲିକୁଦା ମୁଖ୍ୟରାସ୍ତା ଅବରୋଧ କରାଯାଇ ଆନ୍ଦୋଳନ କରି ପ୍ରତିବାଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ପୁଲିସ ଘଟଣାକୁ ଗୁରୁତର ସହ ନେଉଛି। ଖୁବଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଡିଏସପି ଶ୍ରୀ ଦାସ ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

## ଗାଁକୁ ରାସ୍ତା ନାହିଁ; ଖଟିଆରେ ବୁହାହେଲେ ଗର୍ଭବତୀ

ଫିରିଙ୍ଗିଆ,୧୨।୧୧(ସମିସ): ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଗାଁକୁ ସହର ସହିତ ଯୋଡ଼ିବାକୁ ପକ୍କା ରାସ୍ତାର ବ୍ୟବସ୍ଥା କରିଛନ୍ତି। ହେଲେ ଏବେବି ଆଦିବାସୀ ବହୁଳ ଉପାନ୍ତ ଅଞ୍ଚଳରେ ପକ୍କା ରାସ୍ତା ନଥିବାରୁ ଲୋକେ ଦୁର୍ବିସହ ଜୀବନ ଜୀଉଁଛନ୍ତି। କେତେବେଳେ ଛାତ୍ରଛାତ୍ରୀ ଭରା ନଈରେ ଜୀବନକୁ ବାଜି ଲଗାଇ ଯାଉଛନ୍ତି ତ ଆଉ କେତେବେଳେ ଗର୍ଭବତୀ ଖଟିଆରେ ବୁହା ହୋଇ ମେଡିକାଲ ଯାଉଥିବା ଘଟଣା ନିତିଦିନିଆ ହୋଇଗଲାଣି।

ଏଭଳି ଏକ ଘଟଣା ଏବେ ସାମ୍ନାକୁ ଆସିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାଙ୍ଗା ପଞ୍ଚାୟତ ଅନ୍ତର୍ଗତ ସବେରୀ ଗ୍ରାମରୁ। ଉକ୍ତ ଗ୍ରାମର ଜଣେ ଗର୍ଭବତୀଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ଆଶାକର୍ମୀ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ରାସ୍ତାର ଅବସ୍ଥା



ଶୋଚନୀୟ ସାଙ୍ଗକୁ ରାସ୍ତାରେ ଏକ ବଡ଼ ନାଳ ପଡୁଥିବାରୁ ଆମ୍ବୁଲାନ୍ସ ଗ୍ରାମଠାରୁ ୧କିଲୋମିଟର ଦୂର କାଲାଡି ପାଜିପାରି ଗାଁରେ ରହିଥିଲା। ପରେ ଆଶାଦିଦି, ଆମ୍ବୁଲାନ୍ସ ଡ୍ରାଇଭର ଓ ଗ୍ରାମବାସୀ ମିଶି ଖଟିଆରେ ୧ କିଲୋମିଟର ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାପରେ ତାଙ୍କୁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଉଭୟ ମା' ପୁଅ ସୁସ୍ଥ ଥିବା ସୂଚନା ମିଳିଛି। ରାସ୍ତାର ଅବସ୍ଥା କଦର୍ଯ୍ୟ ଥିବାରୁ ଆମ୍ବୁଲାନ୍ସ ଡ୍ରାଇଭର ଜିତୁ ମାଝୀ ଗର୍ଭବତୀଙ୍କୁ କାନ୍ଧରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ। ପ୍ରଶାସନ ଏହି ଗ୍ରାମର ସମସ୍ୟା ଓ ଯାତାୟତ ଯନ୍ତ୍ରଣାକୁ ହୃଦୟଙ୍ଗମ କରି ଯଥାଶୀଘ୍ର ପକ୍କାରାସ୍ତା ନିର୍ମାଣ କରିବା ସହ ମେଣ୍ଡମୁଣ୍ଡା ନାଳରେ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

**ବାରବାଟୀରେ କ୍ରିକେଟ ମ୍ୟାଚ୍**

## ପ୍ରାଥମିକତା ହେଉ ସୁରକ୍ଷା ବ୍ୟବସ୍ଥା ସହିତ ତ୍ରୁଟିଶୂନ୍ୟ ଆୟୋଜନ : ବିଜେଡି

ଭୁବନେଶ୍ୱର,୧୨।୧୧(ସମିସ): ଆସନ୍ତା ଡିସେମ୍ବର ୯ରେ ବାରବାଟୀରେ ହେବାକୁଥିବା ଭାରତ ଓ ଦକ୍ଷିଣ ଆଫ୍ରିକା ଟି-୨୦ କ୍ରିକେଟ ମ୍ୟାଚରେ ସୁରକ୍ଷାକୁ ସୁନିଶ୍ଚିତ କରାଯାଉ ଓ ଆୟାଜନ ତ୍ରୁଟିଶୂନ୍ୟ ହେଉ ବୋଲି ଦାବି କରିଛି ବିଜେଡି। ଦଳର ମୁଖପାତ୍ର ମିହିର ରାୟ କହିଛନ୍ତି ଯେ ସମ୍ପ୍ରତି ଦେଶର ରାଜଧାନୀ ଦିଲ୍ଲୀ ଠାରେ ଘଟିଥିବା ଆତଙ୍କୀ ବିସ୍ଫୋରଣ ଯୋଗୁ ଦେଶରେ ହାଇଆଲର୍ଟ ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ଭାରତ ଓ ଦକ୍ଷିଣ ଆଫ୍ରିକା ମ୍ୟାଚ ବେଳେ ସୁରକ୍ଷା ଏକ ମୁଖ୍ୟ ପ୍ରସଙ୍ଗ। ଏହା ସହିତ ଏହି ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚକୁ ତ୍ରୁଟିଶୂନ୍ୟ ଭାବେ ଆୟୋଜନ କରିବା ମଧ୍ୟ ଏକ ଗୁରୁ ଦାୟିତ୍ୱ। ଗତବର୍ଷ ଭାରତ ଓ ଇଂଲଣ୍ଡ ମଧ୍ୟରେ ବାରବାଟୀ ଷ୍ଟାଡିଅମରେ ଅନୁଷ୍ଠିତ ହୋଇଥିବା ଏକଦିବସୀୟ ମ୍ୟାଚ ବେଳେ ଯେଉଁଭଳି ଭାବେ ଷ୍ଟାଡିଅମର ଫ୍ଲଡ ଲାଇଟରେ ବିଭ୍ରାଟ ଦେଖା ଦେଇଥିଲା ତାର ପୁନରାବୃତ୍ତି ହେବା ଅନୁଚିତ। ତେଣୁ ତ୍ରୁଟିଶୂନ୍ୟ ଭାବେ କିଭଳି ମ୍ୟାଚଟିକୁ ଆୟୋଜନ କରାଯାଇ ପାରିବ, ରାଜ୍ୟ ସରକାର ସେଥିପ୍ରତି ଯତ୍ନବାନ ହେବା ଦରକାର। ଅତୀତରେ ଅନୁଷ୍ଠିତ କ୍ରିକେଟ ମ୍ୟାଚରେ ଫ୍ଲଡ୍ ଲାଇଟ୍ ବିଭ୍ରାଟ ଓଡ଼ିଶାକୁ ସାରା ବିଶ୍ୱରେ ନିନ୍ଦିତ କରିଥିଲା। ମାତ୍ର ଏଥିରେ କିଏ ପ୍ରକୃତ ଦୋଷୀ ଓ ଏତେ ପ୍ରସ୍ତୁତି ସତ୍ତ୍ୱେ କିପରି ଏଭଳି ଅଭାବନୀୟ ସ୍ଥିତି ଉପୁଜିଲା, ତାକୁ ନେଇ କୌଣସି ସ୍ୱଷ୍ଟତା ଆସି ନଥିଲା। କେବଳ ଧର୍ମକୁ ଆଖିଠାର ସଦୃଶ୍ୟ ସରକାରଙ୍କ ପକ୍ଷରୁ ଗୋଟିଏ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଏହାଛଡା ଏହି କ୍ରିକେଟ ମ୍ୟାଚକୁ ଦେଖିବା ପାଇଁ ଓସିଏ ପକ୍ଷରୁ ବଣ୍ଟନ କରାଯାଇଥିବା ପାସରେ ମଧ୍ୟ ବ୍ୟାପକ ହେରଫେର ହୋଇଥିବା ଅଭିଯୋଗ ହୋଇଥିଲା। ତେଣୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଥିବା କ୍ରିକେଟ ମ୍ୟାଚଟି ତ୍ରୁଟିଶୂନ୍ୟ ଭାବେ ଆୟୋଜିତ ହେବା ଆବଶ୍ୟକ ବୋଲି ଶ୍ରୀ ରାୟ କହିଛନ୍ତି।

**ସରକାରୀ ଭୁଲ୍‌ର ପରିଣତି ଭୋଗୁଛନ୍ତି ନିଯୁକ୍ତି ଆଶାୟୀ**

## ନିଯୁକ୍ତି ଦ୍ୱନ୍ଦ୍ୱରେ ଏଲ୍‌ଟିଆର୍ ସଂସ୍କୃତ ଶିକ୍ଷକ

**ଭୁବନେଶ୍ୱର, ୧୨।୧୧ (ସମିସ):** ଲିଭ୍ ଟ୍ରେନିଂ ଟିଚର (ଏଲ୍‌ଟିଆର୍) ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ବ୍ୟାପକ ତ୍ରୁଟି ରହିଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ମଧ ପରୀକ୍ଷା ପରିଚାଳନା ହୋଇନାହିଁ। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଫାଡ଼ିବା ମଧ ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି)କୁ ବିବାଦୀୟ କରିଛି। ଯାହାର ପରିଣତି ଭୋଗୁଛନ୍ତି ମେଧାବୀ ଛାତ୍ରଛାତ୍ରୀ। ଆସନ୍ତା ୧୫ ତାରିଖରେ ଅନ୍ୟ ସମସ୍ତ ବିଷୟରେ ନିଯୁକ୍ତ ଶିକ୍ଷକଙ୍କ ନିଯୁକ୍ତି ମେଳା ଅନୁଷ୍ଠିତ ହେଉଥିବାବେଳେ ଏଲ୍‌ଟିଆର୍ ସଂସ୍କୃତ ଶିକ୍ଷକଙ୍କ ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଉନାହିଁ।

ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲା ଯେ ମୋଟ୍ ପଦର ପାଞ୍ଚଗୁଣାରୁ ଅଧିକ ପ୍ରାର୍ଥୀ ଆବେଦନ କଲେ ପ୍ରିଲିମିନାରୀ ପରେ ମୁଖ୍ୟ ପରୀକ୍ଷା ଅନୁଷ୍ଠିତ ହେବ। ଅର୍ଥାତ୍ ଛାତ୍ରଛାତ୍ରୀମାନେ ଦୁଇଟି ପରୀକ୍ଷା ଦେବେ। ଏହି ଆଧାରରେ ବିଜ୍ଞାନ ଓ କଳାର ଏକାଧିକ ବିଷୟରେ ଉଭୟ ପ୍ରିଲିମିନାରୀ ଓ ମୁଖ୍ୟ ପରୀକ୍ଷା ହେଇଛି। ହେଲେ ହିନ୍ଦୀ ଓ ସଂସ୍କୃତ କ୍ଷେତ୍ରରେ ଏହାକୁ ନିଜେ ଓଏସ୍‌ଏସ୍‌ସି ଉଲଂଘନ କରିଛି। ହିନ୍ଦୀରେ ୭୧୧ ପଦ ଥିବାବେଳେ ମୋଟ୍ ୪୪୮୫ ଜଣ ଅର୍ଥାତ୍ ପ୍ରାୟ ୬ ଗୁଣା ଆଶାୟୀ ଆବେଦନ କରିଥିଲେ। ସେହିପରି ସଂସ୍କୃତରେ ମୋଟ୍ ୭୨୯ଟି ପଦ ଥିବାବେଳେ ଏଥିପାଇଁ ପ୍ରାୟ ୪୯୬୯ ଜଣ ଆଶାୟୀ ଅର୍ଥାତ୍ ପ୍ରାୟ ୭ଗୁଣା ଆଶାୟୀ ଆବେଦନ କରିଥିଲେ। ହେଲେ ଏହି ଦୁଇଟି ବିଷୟ ପାଇଁ ପ୍ରିଲିମିନାରୀ ପରୀକ୍ଷା ବଦଳରେ ସିଧାସଳଖ ମୁଖ୍ୟ ପରୀକ୍ଷା କରାଯାଇଛି।

> **ଅଧିକ ଆବେଦନକାରୀ ଥିଲେବି ହେଲାନି ପ୍ରିଲିମିନାରୀ**
>
> **ପରୀକ୍ଷା ପୂର୍ବରୁ ସଂସ୍କୃତ ପ୍ରଶ୍ନପତ୍ର ଖୋଲିଥିଲା ଓଏସ୍‌ଏସ୍‌ସି**

ଏନେଇ ବହୁ ଆଶାୟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ପରୀକ୍ଷା ରଦ୍ଦ କରିବାକୁ ଦାବି କରିଛନ୍ତି।କିପରି ଓ କାହିଁକି ନିଜ ନିୟମ ନିଜେ ଓଏସ୍‌ଏସ୍‌ସି ଉଲଂଘନ କଲା, ସେ ସମ୍ପର୍କରେ ଅଧିକାରୀମାନେ ମୁହଁ ଖୋଲୁ ନାହାନ୍ତି।

ଅନୁରୂପ ଭାବେ ଉଭୟ ବିଷୟରେ ୨୦ ନମ୍ବର ଲେଖାଏଁ ପେଡାଗୋଜୀ ବିଷୟର ପ୍ରଶ୍ନପତ୍ର ଆସିଥିଲା। ଇଂରାଜୀ ଭାଷା ସହ ସଂମ୍ପୃକ୍ତ ବିଷୟ (ହିନ୍ଦୀ ବା ସଂସ୍କୃତ) ଭାଷାରେ ଆସିବାକୁ ବିଜ୍ଞପ୍ତିରେ ଉଲ୍ଲେଖ ଥିଲା। ପ୍ରଥମେ ହିନ୍ଦୀ ପରୀକ୍ଷାରେ କେବଳ ହିନ୍ଦୀ ଭାଷାରେ ପେଡାଗୋଜୀ ପ୍ରଶ୍ନପତ୍ର ଆସିଥିବାରୁ ତତ୍‌କ୍ଷଣାତ୍ ପେଡ଼ାଗୋଜୀ ପରୀକ୍ଷା ଆଉଥରେ ହେବ ବୋଲି ଓଏସ୍‌ଏସ୍‌ସି ଘୋଷଣା କରିଥିଲା। ହେଲେ ୨ଦିନ ପରେ ହେବାକୁ ଥିବା ସଂସ୍କୃତ ପରୀକ୍ଷା ପ୍ରଶ୍ନପତ୍ରରେ ମଧ୍ୟ ସମାନ ତ୍ରୁଟି ଥିବାରୁ ରାତାରାତି ବିକଳ୍ପ ଖୋଜିଲା। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଖୋଲିବା ସହ ପୋଡାଗୋଜୀ ପ୍ରଶ୍ନପତ୍ର ଇଂରାଜୀ ଭାଷାକୁ ଟ୍ରାନ୍ସଲେଟ୍ କରି ପରୀକ୍ଷାର୍ଥୀଙ୍କୁ ଜେରକ୍ସ କପି ଦେଇଥିଲେ। ଅର୍ଥାତ୍ ପରୀକ୍ଷା ପୂର୍ବରୁ ସଂସ୍କୃତ ପ୍ରଶ୍ନପତ୍ର ଖୋଲା ଯାଇଥିବା ଅକ ପ୍ରକାର ସ୍ୱଷ୍ଟ ହୋଇଥିଲା। ଏପରିକି ପରୀକ୍ଷା ପରେ ସିରିଏଲ୍ ନମ୍ବର ସହ ପ୍ରଶ୍ନପତ୍ର ପ୍ୟାକେଟ୍ ଫଟୋ ଭାଇରାଲ୍ ମଧ ହୋଇଥିଲା। ରାଜଧାନୀ କଲେଜ ପରୀକ୍ଷା କେନ୍ଦ୍ରରୁ ଏହା ଭାଇରାଲ୍ ହୋଇଥିବା ପରୀକ୍ଷାର୍ଥୀମାନେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନି। ପାଞ୍ଚଗୁଣାରୁ ଅଧିକ ଆବେଦନକାରୀ ଥାଇ ମଧ୍ୟ ପ୍ରଲିମିନାରୀ ପରୀକ୍ଷା ନ କରିବା ଏବଂ ଇଂରାଜୀ ଭାଷାରେ ପେଡାଗୋଜୀ ପ୍ରଶ୍ନପତ୍ର ନ ଆସିବାରୁ ହିନ୍ଦୀ ପରୀକ୍ଷାକୁ ହାଇକୋର୍ଟ ରଦ୍ଦ କରିଛନ୍ତି।

ଅନୁରୂପ ଭାବେ ସଂସ୍କୃତ ଶିକ୍ଷକ ଆଶାୟୀମାନେ ମଧ ପରୀକ୍ଷା ରଦ୍ଦ ହୋଇଯିବା ନେଇ ଆଶଙ୍କା ପ୍ରକାଶ କରୁଛନ୍ତି। ଦୀର୍ଘ ସାତ ମାସ ହେଲା ପରୀକ୍ଷା ଦେଇ ମେଧା ଭିତ୍ତିରେ ଚୟନ ହୋଇଥିଲେ ମଧ୍ୟ କାହିଁକି ସେମାନଙ୍କୁ ନିଯୁକ୍ତି ଦିଆ ଯାଉନାହିଁ ବୋଲି କୃତୀ ପରୀକ୍ଷାର୍ଥୀମାନେ ପ୍ରଶ୍ନ କରୁଛନ୍ତି। ଏପରିକି ଆସନ୍ତା ୧୫ ତାରିଖ ପୂର୍ବରୁ ସେମାନଙ୍କ ପରୀକ୍ଷାଫଳ ପ୍ରକାଶ କରି ସମସ୍ତଙ୍କ ସହ ନିଯୁକ୍ତି ପତ୍ର ଦେବାକୁ ଦାବି କରି ଆନ୍ଦୋଳନ କରୁଛନ୍ତି। ହେଲେ ବ୍ୟାପକ ଭୁଲ୍ କରିଥିବା ଓଏସ୍‌ଏସ୍ କୋର୍ଟରେ ମାମଲା ବିଚାରଧୀନ ଥିବା କହି ହାତ ଟେକି ଦେଇଛି। ଯାହାକୁ ନେଇ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୩୭ ଦିନର...

୧୯ରେ କଶ୍ମୀରରୁ ଜୈସର ପୋଷ୍ଟର ଦେଖିବାକୁ ମିଳିଥିଲା। ଏଥିରୁ କୌଣସି ମଡ୍ୟୁଲୋ ସକ୍ରିୟ ଥିବା ଜଣାପଡ଼ିଥିଲା। ଏହି ଆତଙ୍କବାଦୀଙ୍କ ନେଟୱର୍କରେ ମହିଳା ସଦସ୍ୟ ଡ. ସାହିନ ସୈୟିଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଭାରତରେ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ମହିଳା ଶାଖାର ସେ ନେତୃତ୍ୱ ନେଉଥିଲା। ଜୈସର ମୁଖିଆ ମାସୁଦ ଆଝାରର ଭଉଣୀ ସାଦିଆ ଆଝାର ସହ ସାହିନ ଯୋଗାଯୋଗରେ ଥିଲା।

ତଦନ୍ତରୁ ଜଣାପଡ଼ିଛି ଯେ ଅକ୍ଟୋବର ୪ରେ ସହାରନପୁରରେ ଡ. ଆଦିଲର ବିବାହ ଡ. ରୁକୈୟା ସହ ହେଉଥିବାବେଳେ ଏହି ମଡ୍ୟୁଲୋ ସକ୍ରିୟ ହୋଇଥିଲା। ଏହି ବିବାହରେ କିଛି ସ୍ୱତନ୍ତ୍ର ଅତିଥି ସାମିଲ ହୋଇଥିଲେ। ଏବେ ସୁରକ୍ଷା ଏଜେନ୍ସିଗୁଡିକ ସେମାନଙ୍କୁ ଚିହ୍ନଟ କରୁଛନ୍ତି। ବିବାହର ଦିନକ ପରେ ଏହି ମଡ୍ୟୁଲୋ କାମ ଆରମ୍ଭ କରିଦେଇଥିଲା। ଡ. ଆଦିଲ ଲଜିଷ୍ଟିକ ଏବଂ ଆର୍ଥିକ ଚ୍ୟାନେଲକୁ ସମ୍ଭାଳୁ ଥିଲା। ମେଡିକାଲ ପ୍ରଫେସନ ଆଳରେ ପାଣ୍ଠି ସଂଗ୍ରହ ଏବଂ ଯୋଗାଣ ଚ୍ୟାନେଲ ପ୍ରତିଷ୍ଠା ଏହାର ଉଦ୍ଦେଶ୍ୟ ଥିଲା।

ଅକ୍ଟୋବର ୧୯ରେ କଶ୍ମୀର ନୌଗାମ ଅଞ୍ଚଳରୁ ଜୈସ ପୋଷ୍ଟର ମିଳିବା ପରେ ଏହି ମାମଲାର ତଦନ୍ତ ଆରମ୍ଭ ହୋଇଥିଲା। ଏହାର କିଛି ଦିନ ପରେ ଅକ୍ଟୋବର ୨୭ରେ ୨୫ରୁ ଅଧିକ ପୋଷ୍ଟର ଲଗା ଯାଇଥିଲା। ୫୦ରୁ ଅଧିକ ଅଧିକାରୀ ଏହି ମାମଲାର ତଦନ୍ତ କରିଥିଲେ। ସିସିଟିଭିରେ ଡ. ଆଦିଲକୁ ଦେଖିବାକୁ ପାଇଥିଲେ। ସେ ପାକିସ୍ତାନୀ ହ୍ୟାଣ୍ଡଲର୍ସଙ୍କ ସହ ଜଡ଼ିତ ଥିବା ଫୋନ୍ ସର୍ଭିଲାନ୍ସରୁ ଜଣା ପଡ଼ିଥିଲା। ସହାରନପୁରରେ ତାର ଫୋନ ଥିବା ଜଣାପଡ଼ିଥିଲା। ଗତ ୬ ତାରିଖରେ ତାକୁ ଗିରଫ କରାଯାଇଥିଲା। ତା' ନିକଟରୁ ଏକେ-୪୭, ଗ୍ରେନେଡ ଏବଂ ବିସ୍ଫୋରକ ଜବତ କରାଯାଇଥିଲା। ଜେରା ସମୟରେ ଫରିଦାବାଦରେ ପଢୁଥିବା ଡ.ମୁଜାମିଲ ପାଖରେ ବିପୁଳ ବିସ୍ଫୋରକ ଥିବା ସେ କହିଥିଲା। ଏହା ପରେ ଗତ ୯ ତାରିଖରେ ଜମ୍ମୁ-କଶ୍ମୀର ପୁଲିସ ହାଇଦରାବାଦରେ ପହଞ୍ଚି ୧୦ ତାରିଖରେ ମୁଜାମିଲକୁ ଧରି ଥିଲା। ଏ ପର୍ଯ୍ୟନ୍ତ ଏହି ମାମଲାରେ ୬ ଜଣ ଡାକ୍ତରଙ୍କୁ ଗିରଫ କରାଗଲାଣି। ଜଣେ ଡାକ୍ତର ମଧ ଫେରାର ରହିଛି।

ଏହା ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ସନ୍ଧ୍ୟାରେ ସୁରକ୍ଷା ସମ୍ବନ୍ଧିତ କ୍ୟାବିନେଟ କମିଟି ବୈଠକ ଡକାଇ ଥିଲେ। ଏଥିରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ଏନଏସଏ ଅଜିତ ଡୋଭାଲ, ବିଦେଶମନ୍ତ୍ରୀ ଏସ ଜୟଶଙ୍କର ସାମିଲ ହୋଇଥିଲେ। ଏଥିରେ ଦିଲ୍ଲୀ ବିସ୍ଫୋରଣରେ ପ୍ରାଣ ହରାଇଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳୀ ଦିଆଯାଇଥିଲା ଏବଂ ୨ ମିନିଟ ପାଇଁ ମୌନ ରଖାଯାଇଥିଲା।

### ୭ ନିର୍ବାଚନ...

ଜୋର ଧରିଛି। ପୂର୍ବ ଇତିହାସ ଦେଖିଲେ ବିହାରରେ ଏକଜିଟ୍ ପୋଲ କେବେବି ସମ୍ପୂର୍ଣ୍ଣ ସତ୍ୟ ହୋଇ ନାହିଁ। ଅଧିକାଂଶ ସମୟରେ ଏକଜିଟ୍ ପୋଲଗୁଡ଼ିକ ଆସନ ସଂଖ୍ୟାକୁ ନେଇ ତ୍ରୁଟିପୂର୍ଣ୍ଣ ରିପୋର୍ଟ ଦେଇଛନ୍ତି। ଜାତି ଆଧାରିତ ଭୋଟ ପ୍ରଦାନ ଧାରା, ପ୍ରବାସୀ ଭୋଟର, ନୀରବ ଭୋଟର ଓ ମହିଳା ଭୋଟର ସର୍ବଦା ବିହାର ନିର୍ବାଚନକୁ ନିୟନ୍ତ୍ରଣ କରି ଆସିଛନ୍ତି। ଗତ ନିର୍ବାଚନରେ ଏହି ଚାରିଟି ପ୍ରମୁଖ ପ୍ରସଙ୍ଗ ମଧ୍ୟ ଯଥେଷ୍ଟ ଗୁରୁତ୍ୱବହନ କରିଛି । ଜଟିଳ ଜାତି ସମୀକରଣ ଓ ଛୋଟଛୋଟ ଜାତିର ଭୋଟରମାନଙ୍କ ମତିଗତିକୁ ଆକଳନ କରିବାରେ ଅସାମର୍ଥ୍ୟତା ଯୋଗୁ ଅଧିକାଂଶ ସମୟରେ ଏକଜିଟ୍ ପୋଲ ସଠିକ୍ ହୋଇ ପାରି ନ ଥିବା କୁହାଯାଉଛି । ସେହିପରି ଏକ୍‌ଜିଟ୍ ପୋଲର ଇତିହାସକୁ ଦେଖିଲେ ୧୮ ମାସରେ ୭ଟି ରାଜ୍ୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଏହା ପ୍ରାୟତଃ ସତ୍ୟ ପ୍ରମାଣିତ ହୋଇନାହିଁ। ମହାରାଷ୍ଟ୍ର ନିର୍ବାଚନ ଫଳାଫଳ ଏକଜିଟ୍ ପୋଲର ସବୁ ଆକଳନକୁ ସମ୍ପୂର୍ଣ୍ଣ ମିଥ୍ୟା ପ୍ରମାଣିତ କରିଥିଲା । ଏପରିକି ଏଜେନ୍ସିଗୁଡ଼ିକ ୪୦% ମଧ୍ୟ ସଠିକ୍ ଆକଳନ କରିବାରେ ବ୍ୟର୍ଥ ହୋଇଥିଲା। ଝାଡ଼ଖଣ୍ଡରେ ଏକଜିଟ୍ ପୋଲ ଫଳାଫଳ ମିଶ୍ରିତ ଥିଲା। କେବଳ ଗୋଟିଏ ଏଜେନ୍ସି ବ୍ୟତୀତ ଅନ୍ୟମାନେ ପ୍ରାୟତଃ ଭୋଟରଙ୍କ ମତିଗତି ଆକଳନ କରିବାରେ ବ୍ୟର୍ଥ ହୋଇଥିଲେ । ଦିଲ୍ଲୀ ବିଧାନସଭା ନିର୍ବାଚନରେ ୯ଟି ଶୀର୍ଷ ଏଜେନ୍ସି ମଧ୍ୟରୁ ୫ଟିର ଆକଳନ ପ୍ରାୟ ୮୦% ସଠିକ୍ ସାବ୍ୟସ୍ତ ହୋଇଥିଲା। ଅନ୍ୟ ୪ଟିର ଫଳାଫଳ ୫୦% ପର୍ଯ୍ୟନ୍ତ ସତ୍ୟ ହୋଇଥିଲା। ଅପରପକ୍ଷରେ ଜମ୍ମୁ ଏବଂ କାଶ୍ମୀର ବିଧାନସଭା ନିର୍ବାଚନ ସଂକ୍ରାନ୍ତ ଏକଜିଟ୍ ପୋଲର ଆକଳନ ପ୍ରାୟତଃ ଓଲଟା ହୋଇଥିଲା। ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନରେ ଏକଜିଟ୍ ପୋଲ ସମ୍ପୂର୍ଣ୍ଣ ଭୁଲ ହୋଇଥିଲା। ଏଠାରେ ବିଆରଏସ୍ ପୁନର୍ବାର କ୍ଷମତାକୁ ଫେରିବ ବୋଲି ସବୁ ଏକଜିଟ୍ ପୋଲ ଆକଳନ କରିଥିଲେ ହେଁ ବିଆର୍‌ଏସ୍ ପ୍ରଚଣ୍ଡ ପରାଭବ ଭୋଗିଥିଲା ଓ କଂଗ୍ରେସ କ୍ଷମତାକୁ ଆସିଥିଲା। ଓଡ଼ିଶାରେ ମଧ ଠିକ୍ ତାହା ହିଁ ଦେଖାଯାଇଥିଲା। ବିଜେଡି ୯୦ରୁ ୧୧୦ ଆସନରେ ବିଜୟୀ ହେଇ କ୍ଷମତାକୁ ପ୍ରତ୍ୟାବର୍ତ୍ତନ କରିବ ବୋଲି ଅଧିକାଂଶ ଏକଜିଟ୍ ପୋଲରେ କୁହାଯାଇଥିଲେ ହେଁ ତାହା ସତ୍ୟ ହୋଇ ନ ଥିଲା।

### ନୂଆପଡ଼ାରେ ରେକର୍ଡ...

ଗ୍ରାମର ମହିଳା ଭୋଟର ଜୟନ୍ତୀ ଛତ୍ରିଆଙ୍କ ନାମରେ ଆଉ କେହି ଭୋଟ ଦେଇଥିବା ନେଇ ସେ ଅଭିଯୋଗ କରିଥିଲେ। ଏହାକୁ ଗୁରୁତର ସହ ନେଇ ସେହି ଅଭିଯୋଗ ସମ୍ପର୍କରେ କ୍ଷେତ୍ର ଅଧିକାରୀ ଓ ପୁଲିଙ୍ଗ ଅଅଧିକାରୀମାନେ ତତ୍‌କ୍ଷଣାତ ଯାଞ୍ଚ କରିଥିଲେ। ମାତ୍ର ତାହା ସତ୍ୟ ନୁହେଁ ବୋଲି ଜଣାପଡ଼ିଛି। ସେହିପରି ପୋଲିଂ ଷ୍ଟେସନ ନମ୍ବର ୨୫୦ ରେ ଭୋଟିଂ ତଥ୍ୟ ମେଳ ନ ଖାଇବାର ଅଭିଯୋଗ ଅସତ୍ୟ ବୋଲି ସିଇଓ କହିଛନ୍ତି। ଅପରପକ୍ଷେ ମତଦାନ ଶେଷ ହେବା ପରେ ସମସ୍ତ ଇଭିଏମ ଏବଂ ଭିଭି.ପ୍ୟାଟକୁ ନିର୍ଦ୍ଦିଷ୍ଟ ଷ୍ଟ୍ରଙ୍ଗରୁମରେ ତିନି-ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ରଖାଯାଇଛି। ଷ୍ଟ୍ରଙ୍ଗରୁମ ଟି ୨୪ ଘଣ୍ଟା ସିସିଟିଭି ନିରୀକ୍ଷଣରେ ରହିଛି । ମେସିନଗୁଡିକର ମୁଦ ଓ ସଂରକ୍ଷଣ ପ୍ରକ୍ରିୟା ସମସ୍ତ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଭିଡିଓଗ୍ରାଫି ସହ ସମ୍ପନ୍ନ ହୋଇଛି ବୋଲି ସେ ଅବଗତ କରାଇଛନ୍ତି। ଅପରପକ୍ଷେ ବିପୁଳ ସଂଖ୍ୟାରେ ମତଦାନ କରି ଗଣତନ୍ତ୍ରର ପର୍ବକୁ ସଫଳ କରିଥିବା ସମସ୍ତ ମତଦାତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ।

### ଦାରିଙ୍ଗବାଡ଼ିରେ ୮ ଡିଗ୍ରୀ...

ଫୁଲବାଣୀ ୧୦, ଝାରସୁଗୁଡ଼ାରେ ୧୦.୬ ରେକର୍ଡ ହୋଇଛି। ଏହି ସହରଗୁଡ଼ିକ ସମେତ ରାଜ୍ୟର ମୋଟ୍ ୨୧ ସହରରେ ତାପମାତ୍ରା ୧୫ ଡିଗ୍ରୀ ତଳେ ପାରଦ ରହିଛି। ରାଜ୍ୟର ଅନ୍ୟ ସହର ଭଳି ଦ୍ୱୈତ ନଗରୀରେ ମଧ ଥଣ୍ଡା ବଢ଼ିଛି। ଗତ ୨୪ ଘଣ୍ଟାରେ କଟକରେ ତାପମାତ୍ରା ୧୫.୨ ଡିଗ୍ରୀ ରହିଥିବା ବେଳେ ଭୁବନେଶ୍ୱରରେ ତାପମାତ୍ରା ୧୫.୫ ଡିଗ୍ରୀ ରେକର୍ଡ ହୋଇଛି।

### ଜେମିନି ଏଆଇ...

ଅଭିଯୋଗ ହୋଇଛି, ଯାହା ଫଳରେ ୟୁଜରଙ୍କ ଅଜାଣତରେ କିମ୍ବା ସମ୍ମତି ବିନା ବ୍ୟକ୍ତିଗତ ତଥ୍ୟ ସଂଗ୍ରହ ହୋଇଥିଲା। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, କ୍ଲାସ୍-ଆକ୍ସନ୍ ମାମଲାରେ କୁହାଯାଇଛି ଯେ ଯଦି ଜଣେ ଉପଭୋକ୍ତା ଜେମିନି ଏଆଇକୁ ବନ୍ଦ କରିବାକୁ ଚାହାଁନ୍ତି, ତେବେ ତାଙ୍କୁ ଗୁଗୁଲ୍‌ର ଗୋପନୀୟତା ସେଟିଂସକୁ ଆକ୍ସେସ୍ କରି ମାନୁଆଲି କରିବାକୁ ପଡିବ। ଅନ୍ୟଥା, ଜେମିନି ଏଆଇ ସମସ୍ତ ରେକର୍ଡ କରାଯାଇଥିବା ଡାଟାକୁ ଆକ୍ସେସ୍ କରିପାରିବ, ଯେଉଁଥିରେ ଜି-ମେଲ୍‌ରେ ପଠାଯାଇଥିବା ଏବଂ ପ୍ରାପ୍ତ ହୋଇଥିବା ସମସ୍ତ ଇ-ମେଲ୍ ଏବଂ ଆଟାଚମେଣ୍ଟ ଅନ୍ତର୍ଭୁକ୍ତ। ମାମଲା ଗୁଗୁଲ୍ ଉପରେ କାଲିଫର୍ଣ୍ଣିଆ ଇନଭାଜନ୍ ଅଫ୍ ପ୍ରାଇଭେସି ଆକ୍ଟ (୧୯୬୭) ଉଲ୍ଲଂଘନ କରିବାର ଅଭିଯୋଗ ଆଣିଛି। ଏହି ଆଇନ ସମସ୍ତ ପକ୍ଷଙ୍କ ଅନୁମତି ବିନା କାହାର ବ୍ୟକ୍ତିଗତ କଥାବାର୍ତ୍ତା କିମ୍ବା ତଥ୍ୟ ରେକର୍ଡ କରିବା ନିଷେଧ କରେ। ଗୁଗୁଲ୍ ଏ ପର୍ଯ୍ୟନ୍ତ ଏହି ବିଷୟରେ ସରକାରୀ ଭାବେ କୌଣସି ମନ୍ତବ୍ୟ ଦେଇନାହିଁ।

### ଅନିଶ୍ଚିତତା ଘେରରେ...

ଦାବି କରାଯାଉଛି। କିନ୍ତୁ ଭିତ୍ତିଭୂମି ପ୍ରସ୍ତୁତିରେ ପ୍ରୟାସ ସୀମିତ ନ ରହି ଖେଳାଳିଙ୍କ ଗୁଣାତ୍ମକ ମାନ ବଢ଼ାଇବା ସହ ପ୍ରତିଯୋଗିତାମୂଳକ କ୍ରିକେଟକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ଓ ପ୍ରଶିକ୍ଷଣ ହିଁ ବର୍ତ୍ତମାନର ଆବଶ୍ୟକତା। ଏଣୁ ଓସିଏ ତୃଣମୂଳ ସ୍ତରରୁ ପ୍ରତିଭା ଚିହ୍ନଟ କରିବା ସହ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଯୋଗାଇଦେବା ଆବଶ୍ୟକ ବୋଲି କ୍ରୀଡ଼ାପ୍ରେମୀ ମାନେ ଦାବି କରନ୍ତି।

ଅନ୍ୟପକ୍ଷରେ ଓସିଏ ଇତିହାସକୁ ଦେଖିଲେ ଏହା କେବଳ କଟକ, ଭୁବନେଶ୍ୱର, ସମ୍ବଲପୁର, ରାଉରକେଲା ଭଳି ସହରାଞ୍ଚଳର ପ୍ରତିଭାଙ୍କ ଉପରେ ଗୁରୁତ୍ୱ ଦେଇଆସିଛି। ଏବେ ଏଥିରେ ପରିବର୍ତ୍ତନ ହେବା ଆବଶ୍ୟକ। ଯୁବ ଓ ଉଦୀୟମାନ ପ୍ରତିଭାଙ୍କ ଅଭାବ ଦଳର ପ୍ରଦର୍ଶନକୁ ବହୁଳ ଭାବେ ପ୍ରଭାବିତ କରୁଛି। ଏଣୁ ତୃଣମୂଳସ୍ତରରୁ ପ୍ରତିଭା ଚିହ୍ନଟ ପ୍ରକ୍ରିୟାକୁ ଅଧିକ ବ୍ୟାପକ କରାଯିବାର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ପ୍ରତିଭା ଚିହ୍ନଟରେ କେବଳ ସହରାଞ୍ଚଳକୁ ଗୁରୁତ୍ୱ ଦିଆ ନ ଯାଇ ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳକୁ ମଧ୍ୟ ପ୍ରାଧାନ୍ୟ ଦେବାରେ ଓସିଏ ଯତ୍ନବାନ ହେବା ଆବଶ୍ୟକ ବୋଲି କ୍ରୀଡ଼ାବିତ୍ ମହଲରେ ଦାବି ହେଉଛି। ଏପରି କରା ନଗଲେ ଓଡ଼ିଶା କ୍ରିକେଟର ଅବନତି ହେବା ସହ ଟିମ୍ ଇଣ୍ଡିଆ ଜର୍ସିରେ ଓଡ଼ିଶା ଖେଳାଳିଙ୍କୁ ପୁଣି ଥରେ ଦେଖିବା ସ୍ୱପ୍ନ ପାଲଟିଯିବ ବୋଲି ପୂର୍ବତନ କ୍ରିକେଟର ତଥା ପ୍ରଶାସକ ପୱନ ଅଗରୱାଲ କହିଛନ୍ତି।

ବରିଷ୍ଠ ଦଳର ଅଣଓଡ଼ିଆ ମୁଖ୍ୟ ପ୍ରଶିକ୍ଷକଙ୍କୁ ନେଇ ଆଲୋଚନା ତୀବ୍ର ହେଉଥିବା ବେଳେ ଏ ବାବଦରେ ମଧ୍ୟ ପୱନ ମୁହଁ ଖୋଲିଛନ୍ତି। ଦଳରେ ଅଭିଜ୍ଞ ଖେଳାଳିଙ୍କ ଅଭାବ ନାହିଁ। ମାତ୍ର ପ୍ରଶିକ୍ଷକ ସେମାନଙ୍କୁ ମାର୍ଗଦର୍ଶନ କରିବାରେ ହେଳା କରୁଛନ୍ତି। ବୋଧହୁଏ ମୁଖ୍ୟ ପ୍ରଶିକ୍ଷକ ଓଡ଼ିଶା କ୍ରିକେଟକୁ ଗୁରୁତ୍ୱ ଦେଉ ନାହାନ୍ତି ବୋଲି ପୱନ କହିଛନ୍ତି।

ବରୋଦା, ଆନ୍ଧ୍ରପ୍ରଦେଶ ଏବଂ ବିଦର୍ଭଠାରୁ ପରାଜୟ ବରଣ କରିଥିବା ଓଡ଼ିଶା ଦଳ ପରବର୍ତ୍ତୀ ମୁକାବିଲାରେ ନାଗାଲାଣ୍ଡ, ତାମିଲନାଡୁ ଏବଂ ଝାଡଖଣ୍ଡକୁ ଭେଟିବ। ଭାରତୀୟ ଘରୋଇ କ୍ରିକେଟ ଜଗତରେ ତାମିଲନାଡୁ ଏବଂ ଝାଡଖଣ୍ଡ ଉଭୟ ଶକ୍ତିଶାଳୀ ଦଳ। ଏଭଳି ପରିସ୍ଥିତିରେ ନାଗାଲାଣ୍ଡଠାରୁ ହାରିଲେ ଓଡ଼ିଶା ପ୍ଲେଟ ଗ୍ରୁପକୁ ଖସିବା ନିଶ୍ଚିତ ହୋଇଯିବ। ଚଳିତ ସିଜନ ଆରମ୍ଭ ହେବା ଆଗରୁ ରାଜ୍ୟ ଦଳକୁ ବିଦେଶ ଏକ୍ସପୋଜର ଟୁର୍‌ରେ ଶ୍ରୀଲଙ୍କା ପଠାଯାଇଥିଲା। ସେଠାରୁ ଫେରିବା ପରେ ଅଭ୍ୟାସ ନିମନ୍ତେ ଅନନ୍ତପୁର ଯାଇଥିଲା ଦଳ। ପରେ ବୁଚି ବାବୁ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲା। ସିଜନ ଆରମ୍ଭର କିଛି ଦିନ ଆଗରୁ ଖେଳାଳିଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯାଇ ପ୍ରତ୍ୟେକଙ୍କୁ ସ୍ୱତନ୍ତ୍ର କେନ୍ଦ୍ରରେ ରଖାଯାଇଥିଲା। ରାଜ୍ୟ ସଂଘ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିଲେ ସୁଦ୍ଧା କ୍ରିକେଟର ବିକାଶ କରାଇବା ସମ୍ଭବପର ହୋଇନାହିଁ। ଏଥି ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନର ମନୋମୁଖୀ ଆଚରଣ ଏବଂ ଦୂରଦୃଷ୍ଟି ଅଭାବକୁ ଦାୟୀ କରାଯାଉଛି।


**AFFIDAVIT**
By virtue of an affidavit no. 7178, before the Executive Magistrate, Chandbali, dtd.10.11.2025, I, Madhab Charan Das, At- Bishrampur, Po-Orasahi, Ps- Chandbali, Bhadrak- 756133 have changed my minor daughter's name from Subhashree Subhasmita Das to Shubhashree Subhasmita Das. Henceforth she will be known as **Shubhashree Subhasmita Das** for all purposes.
Sd/- Madhab Charan Das

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar dated 11/11/2025, C.F No. 36/11.11.2025. I, Baishakhi Sethi D/O Pramod Kumar Sethi, At- Namatara, Po- Namatara, Ps-Rajkanika, Dist- Kendrapara, Odisha, Pin-754220, declare that I have changed my owned name Baishali Sethi to Baishakhi Sethi. Henceforth, I shall be known as new name Baishakhi Sethi for all purposes.
Baishakhi Sethi

**NOTICE**
By virtue of an affidavit sworn before Executive Magistrate, Puri, dated 07.11.2025 I, Shyama Sundara Sahoo, S/O Late Narasinha Sahoo, C/O Pravasini Sahoo, Sidhamahavir, Gouda sahi Ps: Talabania, Dist: Puri declare that I have changed my name from Shyama Sundar Sahoo to Shyama Sundara Sahoo. Henceforth, I shall be known as Shyama Sundara Sahoo for all purposes.
Shyama Sundara Sahoo

**AFFIDAVIT**
I, Rafijan Bibi, W/O- Shaikh Kadir, resident of At- Patharpura, Po/Ps- Jaleswar, Dist- Balasore, Odisha, Pin- 756032, declare by this affidavit No.620, dated: 11/11/2025, that now onwards I shall be known as **Raphijan Bibi** for all future purposes.

**AFFIDAVIT**
I, Mosinbhai Husenibhai, S/o- Husenibhai Rasulbhai gohil, resident of 364/1900, Sarala Nagar, Laxmisagar, Bhubaneswar(M.C),Khordha, Odisha, Pin-751006, declare by this affidavit No311/2025, dated- 11.11.2025, that now onwards I shall be known as **Mohsinbhai Husenibhai Gohil** for all future purposes.

**AFFIDAVIT**
I, Sayara Begum, aged about 46 years, W/o- Salim Mohammed, resident of Kalimandir Pada, Po- Bhawanipatna, Ps- Town, Bhawanipatna, Dist-Kalahandi, Odisha, PIN- 766001 declare by this affidavit No. 2296, dtd- 11/11/2025, that now onwards I shall be known as **SAIRA BEGUM** for all future purposes.

**LOST**
I **NARAYAN SAHU,** S/o. Haraprasad Sahu, aged about 42 years, At- Kalampur, Ps- Kalampur, Po- Kalampur, Dist- Kalahandi, Odisha, I have lost my **Sale Deed No. 11781900085,** dated- **15/03/2019.** On the way while from Tahasil office to my house on dated- 15/03/2019 I lost my beg in which I have kept my sale deed documents, **ROR Mouza- Kalampur, Khata No- 412/62** and did not find it and could not be search every where if any body found may contact:
**Advocate: Dipti Ranjan Baral**
**MOB. 7008424871**

**AFFIDAVIT**
I,Siddthartha Chichkhede S/O late Pandurang Chichkhede, resides Udaigiri,Room no.406,NTPC Darlipalli township,PO- Darlipalli , Dist- Sundargarh, Pin- 770072, Odisha declare by this affidavit No.603 dated- 28/07/2025 that now onwards I shall be known is **SIDDHARTH CHICHKHEDE** for all future purposes.

**AFFIDAVIT**
I, ANIL KU AGARWAL, aged about 53 years, D/o- Dilip Chand Agarwal, Resident of 26, NH-42, Hulurisinga, PO: Angul, Dist.: Angul, Odisha, PIN-759122 declared by this Affidavit No.: 2958, Dated: 25.08.2025. That now onwards I shall be known as **ANIL KUMAR AGARWAL** for all future Purposes.

**AFFIDAVIT**
I, Sarita Hanuman, D/o- Biraj Hanuman, resident of 131, F Block, 1st Floor, East View apartment, Kanan Vihar-II, PO-Patia, PS- Chandrasekharpur, Dist- Khordha, PIN- 751031, Odisha declare by this affidavit no. 2298 dtd- 12.11.2025, that now onwards I shall be known as SARITA ROSHAN MINZ for all future purposes.

**NOTICE**
By virtue of an affidavit sworn before the Executive Magistrate, Athmallik dated 11th November 2025, I, Mr. SIDHARTHA BAGHA address Village : NUAGAON , P.O. : MADHAPUR, P.S.: ATHMALLIK, District : ANGUL, PIN : 759125 , STATE : ODISHA, declare that I have changed my name from SIDHANT BAGHA to SIDHARTHA BAGHA. Henceforth, I shall be known as SIDHARTHA BAGHA for all purposes.
SIDHARTHA BAGHA

**AFFIDAVIT**
I, Mahammed Salim, aged about 48 years, S/o- Sher Mahammed, resident of Kalimandir Pada, Po- Bhawanipatna, Ps- Town, Bhawanipatna, Dist-Kalahandi, Odisha, PIN- 766001 declare by this affidavit No.2297, dtd- 11/11/2025, that now onwards I shall be known as **MOHAMMED SALIM** for all future purposes.

**AFFIDAVIT**
I, **SARAT KUMAR SAHOO**, aged about 66 years, S/o.: Mukunda Charan Sahoo, resident of Plot No.: 130, Gandhimandir Road, Meena Bazar, PS./Dist.: Dhenkanal, Odisha, PIN-759001, Aadhaar No.: 2477 7087 6474; do hereby solemnly affirm that, I am the deponent of this affidavit. My actual and correct name is **SARAT KUMAR SAHOO** mentioned in my Aadhaar Card and in other documents but my name has been wrongly mentioned as SARATA KUMAR SAHOO in the Passport of my daughter **Puspita Priyadarshini vide No. N6836474** issued by Govt. of India. That, I do hereby declare that, **"SARAT KUMAR SAHOO" & "SARATA KUMAR SAHOO"** are one & same person i.e. myself. This affidavit is required to be produced before the concerned authority for information and necessary action as and when required. That, the facts stated above are true to the best of my knowledge and belief.

**AFFIDAVIT**
1. HARAPRIYA DAS, aged about 61 years, W/o.: Sarat Kumar Sahoo, resident of Plot No.: 130, Gandhimandir Road, Meena Bazar, PS./Dist.: Dhenkanal, Odisha, PIN-759001, Aadhaar No.: 8342 8774 3207; do hereby solemnly affirm that, I am the deponent of this affidavit. My actual and correct name is **HARAPRIYA DAS** mentioned in my Aadhaar Card and in other documents but my name has been wrongly mentioned as HARAPRIYA PRIYADARSHINI in the Passport of my daughter **Puspita Priyadarshini vide No. N6836474** issued by Govt. of India. That, I do hereby declare that, **"HARAPRIYA DAS" & "HARAPRIYA PRIYADARSHINI"** are one & same person i.e. myself. This affidavit is required to be produced before the concerned authority for information and necessary action as and when required. That, the facts stated above are true to the best of my knowledge and belief.

### ଅଭିଯୋଗ ପରେ ମଧ୍ୟ ହେଉନି କାର୍ଯ୍ୟାନୁଷ୍ଠାନ

# ସ୍କୁଲ୍ ସମ୍ମୁଖରେ ଛାତ୍ର, ଅଭିଭାବକ ଓ ଗ୍ରାମବାସୀଙ୍କ ଧାରଣା




ଅମ୍ବାଦଳା,୧୨ ।୧୧ (ସମିସ): ଶାନ୍ତିପୂର୍ଣ୍ଣ ଧାରଣାରେ ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅମ୍ବାଦଳା ମଙ୍ଗଳ ବିଭାଗୀୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରେ ତିନି ଛାତ୍ର ଅଭିଭାବକଙ୍କ ସହ ଗ୍ରାମବାସୀ। 'ଆମ୍ଭକୁ ପଢିବାକୁ ଦିଅ, ଆମ ଗ୍ରାମବାସୀଙ୍କୁ ଜାତିଆଣ ଭେଦଭାବ ଦେଖାଇଥିବା ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କର' ଦାବି ରଖାଯାଇଛି। ଶିକ୍ଷା ବର୍ଷ ମଝିରୁ ତଡା ଖାଇଲେଣି ୨୫ରୁ ଅଧିକ ଛାତ୍ର, ସେମାନଙ୍କୁ ପୁଣି ଥରେ ବିଦ୍ୟାଳୟରେ ଭର୍ତ୍ତି କରିବା, ପ୍ରଧାନ ଶିକ୍ଷକଙ୍କ ଦାଉରୁ ଆମକୁ ବଞ୍ଚାଅ ଭଳି ନାରା ଦେବା ସହ ପ୍ଲାକ କାର୍ଡ ଧରି ପ୍ରଧାନ ଶିକ୍ଷକଙ୍କ ମନମୁଖୀ କାର୍ଯ୍ୟକୁ ନେଇ ବିଦ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଲେ ଅଭିଭାବକ ଓ ଗ୍ରାମବାସୀ। ୪ ମାସ ମଧ୍ୟରେ ୨୦ ଜଣ ଛାତ୍ରଙ୍କୁ ବିନା କାଉନ୍‌ସିଲିଂରେ ବିଦ୍ୟାଳୟରୁ ବହିଷ୍କାର କରିବା ସହ ନବମ ଶ୍ରେଣୀ ପରୀକ୍ଷା ହଲରୁ ତିନି ଜଣ ପିଲାଙ୍କୁ ବାହାର କରିଦେବା ବିଭିନ୍ନ ସମୟରେ ଅଭିଭାବକ ମାନଙ୍କୁ ଦୁର୍ବ୍ୟବ୍ୟବହାର କରିବା ସହ ଜାତିଆଣ ଆକ୍ଷେପକୁ ନେଇ ପ୍ରଥମେ ଅମ୍ବାଦଳା ଥାନାରେ ଅଭିଯୋଗ ପରେ ରାୟଗଡ଼ା ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ ଅନୁସୂଚିତ ଜାତି ଜନଜାତି କମିସନର, ମାନବାଧିକାର କମିଶନଙ୍କୁ ଲିଖିତ ଅଭିଯୋଗ ପରେ ଗତ ୪ ତାରିଖ ଦିନ ଜିଲ୍ଲାପାଳଙ୍କୁ ମଧ୍ୟ ଭେଟି ଲିଖିତ ଅଭିଯୋଗ ସହ ଗୁହାରି କରିଥିଲେ। ସେହିପରି ଗ୍ରାମବାସୀ କୋରାପୁଟ ସାଂସଦ ସାଂସଦ ସପ୍ତଗିରି ଉଲାକାଙ୍କୁ ୬ ତାରିଖ ଦିନ ମଧ୍ୟ ଏକ ଲିଖିତ ଅଭିଯୋଗ କରିଥିଲେ। ହେଲେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ପ୍ରଧାନ ଶିକ୍ଷକଙ୍କ ଦାଉରୁ ଆମକୁ ବଞ୍ଚାଅ ଆଜି ପ୍ଲାକ କାର୍ଡ ହାତରେ ଧରି ତିନି ଛାତ୍ରଙ୍କ ସହ ଅଭିଭାବକ ଗ୍ରାମର ମହିଳା ମାନେ ଶାନ୍ତିପୂର୍ଣ୍ଣ ଧାରଣାରେ ବସି ପ୍ରଧାନଶିକ୍ଷକଙ୍କୁ ବିଦ୍ୟାଳୟରୁ ବିଦା କରିବା ପାଇଁ ଅଡି ବସିଥିଲେ। ଏ ବାବଦରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ସୂଚନା ଅନୁଯାୟୀ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନାମରେ ଅନେକ ଅଭିଯୋଗ ହୋଇ ଆସୁଥିଲେ ସୁଦ୍ଧା ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ଅଞ୍ଚଳରେ ଏକ ପ୍ରକାର ଅସନ୍ତୋଷର ବାତାବରଣ ବଢ଼ିବାରେ ଲାଗିଥିବା ବେଳେ ପ୍ରଶାସନର ଅଜବ ନୀତିକୁ ବୁଦ୍ଧିଜୀବି ମାନେ ନିନ୍ଦା କରିଛନ୍ତି। ତେବେ ଉକ୍ତ ଘଟଣାକୁ ନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କୁ ପଚାରିବାରୁ ଆମେ କାହାକୁ ଟିସି ଦେଇ ପାରିବୁ ନାହିଁ ବରଂ ସ୍କୁଲ୍ ଛାଡ଼ି ଯାଉଥିବା ପିଲାଙ୍କୁ ଡାକି ପାଠ ପଢ଼ାଇବା ପାଇଁ ଚେଷ୍ଟା କରୁଛୁ । ଯଦି ପ୍ରଧାନ ଶିକ୍ଷକଙ୍କ କଥା କହିବା ତାଙ୍କ ବିଷୟରେ ତଦନ୍ତ ହୋଇ ସାରିଛି। ତଦନ୍ତ ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ଆମେ ଦେଇ ଦେଇଛୁ । ସେମାନେ ଯାହା କାର୍ଯ୍ୟନୁଷ୍ଠାନ ନେବେ ତାହା ହେବ ବୋଲି କହିଛନ୍ତି।

# ପଞ୍ଚାୟତର ରାଜସ୍ୱ ବୃଦ୍ଧି ପ୍ରଶିକ୍ଷଣ ଶିବିର

ମାଲକାନଗିରି,୧୨ ।୧୧(ସମିସ):



ସରକାରଙ୍କ ଉଦ୍ୟମରେ ସ୍ଥାନୀୟ ୭ଟି ବ୍ଲକ୍ ଯଥା କାଲିମେଲା, ପଡିଆ, କୋରୁକୋଣ୍ଡା, ଚିତ୍ରକୋଣ୍ଡା, ଖଇରପୁଟ, ମାଲକାନଗିରି ଏବଂ ମାଥିଲି ବ୍ଲକ୍ ଆଦିର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ପିଇଓ, ଏଡିଓ ଏବଂ ଜିଆରଏସଙ୍କୁ ନେଇ ଦକ୍ଷତା ବୃଦ୍ଧି ନେତୃତ୍ୱର ଗଠନ ମାଧ୍ୟମରେ ପଞ୍ଚାୟତର ନିଜ ରାଜସ୍ୱ ବୃଦ୍ଧି ନିମନ୍ତେ ତାଲିମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମପଞ୍ଚାୟତର ବିକାଶ ଉଦ୍ଦେଶ୍ୟରେ ଲୋକ ପ୍ରତିନିଧି ଏବଂ ଅଫିସିଆଲ୍‌ଙ୍କୁ ନେଇ ମାଲକାନଗିରି ଜିଲ୍ଲା ପ୍ରଶାସନ ତରଫରୁ ଏକ ଦୀର୍ଘ ୪ଟି ବ୍ୟାଚ ମାଧ୍ୟମରେ ୮ ଦିନିଆ ତାଲିମ ଶିବିର ଆୟୋଜନ ପୂର୍ବକ ସମୁଦାୟ ୨୧୬ ଜଣଙ୍କୁ ପ୍ରଶିକ୍ଷଣ ଦିଆ ହୋଇଥିଲା। ଏହି ଶିବିର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ଜିଲ୍ଲା ପରିଷଦ ତତ୍ତ୍ୱାବଧାନରେ ଚଳିତ ମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ପ୍ରଶିକ୍ଷଣର ଉଦଯାପନୀ କାର୍ଯକ୍ରମରେ ମୁଖ୍ୟ ଅତିଥି ସିଡିଓ ନରେଶ ଚନ୍ଦ୍ର ଶବରଙ୍କ ସମେତ ସମ୍ମାନୀତ ଅତିଥି ଭାବରେ ଅର୍ଥ ବିଭାଗ ଏପିଡି ମାନସ ମିଶ୍ର, ଅନ୍ୟତମ ଅତିଥି ଭାବରେ ଡିପିଏମ ଅଶୋକ ସାହୁ ଉପସ୍ଥିତ ରହି ସମସ୍ତଙ୍କୁ କାର୍ଯ୍ୟକ୍ରମର ଜରୁରୀ ଦିଗ ପ୍ରତୀ ଧ୍ୟାନ ଆକର୍ଷଣ କରିଥିଲେ। ଏଥିରେ ପୋଗ୍ରାମ୍ ମ୍ୟାନେଜର ହିମାଂଶୁ ଭୂଷଣ ମହାରଣା ଶିବିରର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ବିଷୟରେ ବିସ୍ତୃତ ଭାବେ ଉପସ୍ଥିତ ପ୍ରଶିକ୍ଷାର୍ଥିଙ୍କୁ ଅବଗତ କରାଇଥିଲେ। ଏହି ତାଲିମ ଶିବିରରେ ଆସିଥିବା ସମସ୍ତ ସରପଞ୍ଚ ଏବଂ ଅଫିସିଆଲଙ୍କ ନେତୃତ୍ୱ ମାଧ୍ୟମରେ ଗ୍ରାମପଞ୍ଚାୟତର ନିଜ ରାଜସ୍ୱ ବୃଦ୍ଧି ସମ୍ଭବ ଏହି ଉଦ୍ଦେଶ୍ୟରେ ବିଶେଷ ତାଲିମ ଦିଆଯାଇଥିଲା। ଶିବିରରେ ତାଲିମଦାତା ଭାବରେ କସମସ୍ ତିର୍କୀ, ବିନାଶ କୁମାର ମିଶ୍ର, ଜଗନ୍ନାଥ ମଣ୍ଡଳ, ଶୁଭଲକ୍ଷ୍ମୀ ସ୍ୱାଇଁ, ସୁଜତା ବିଶ୍ୱାସ ଆଦି ପ୍ରେରଣାଦାୟୀ ଏବଂ ତଥ୍ୟ ମୂଳକ ତାଲିମ ଦେଇଥିଲେ। ତାଲିମ୍ ଶିବିର ପରେ ଏହି ପ୍ରଶିକ୍ଷଣ ପାଇଥିବା ସମସ୍ତ ସରପଞ୍ଚ ଏବଂ ଅଫିସିଆଲ୍ ମାନେ ନିଜ ନିଜ ଅଞ୍ଚଳରେ ଜନସାଧାରଣଙ୍କୁ ସଚେତନ କରି ନିଜ ଜ୍ଞାନ ଓ ଅନୁଭବକୁ ବ୍ୟବହାର କରି ଗ୍ରାମପଞ୍ଚାୟତର ନିଜ ରାଜସ୍ୱ ବିକାଶର ଦାୟିତ୍ୱ ନେବେ। ଏହି କାର୍ଯ୍ୟକ୍ରମକୁ ସଫଳ ଓ ସୁସଂଗଠିତ ଭାବେ ପରିଚାଳନା କରିବାରେ ବିନାଶ କୁମାର ମିଶ୍ରଙ୍କ ନେତୃତ୍ୱରେ ବିଷ୍ଣୁ ପ୍ରସାଦ ସାହୁ, ଏନ. ଅହଲ୍ୟା, ବିଶ୍ୱନାଥ ମଣ୍ଡଳ, ରାଜକୁମାର ଦୁରୁଆ, ନିପିନ୍ଦ୍ର ଦୁରୁଆ ଓ ଜିଲ୍ଲା ପରିଷଦ ଏବଂ ପଞ୍ଚାୟତ ସାଧନ କେନ୍ଦ୍ରର ସମସ୍ତ ସଦସ୍ୟ ମାନେ ସହଯୋଗ ଦେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ।

### ● ଝିଅ ଜନ୍ମ କରିବାରୁ ପତ୍ନୀକୁ ନିର୍ଯାତନା ଅଭିଯୋଗ

# ସ୍ୱାମୀଙ୍କ ବିରୋଧରେ ଥାନାରେ ଏତଲା

ଜୟପୁର, ୧୨ ।୧୧(ସମିସ): ଝିଅ ଜନ୍ମ କରିବାରୁ ପତ୍ନୀକୁ ନିର୍ଯାତନା ଦେଇଥିବା ନେଇ ପତି ବିରୋଧରେ ଥାନାରେ ଅଭିଯୋଗ ହୋଇଛି। ପତ୍ନୀର ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏଥିନେଇ ମହିଳା ଥାନାରେ ବିବାହ ନାରୀ ନିର୍ଯ୍ୟାତନା, ନାବାଳିକା ଉତ୍ପୀଡ଼ନା ଏବଂ ମହିଳାଙ୍କୁ ମାଡ଼ମାରିବା ଧାରା ଅନୁଯାୟୀ ସ୍ୱାମୀଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ କୋରାପୁଟ ଜିଲ୍ଲା ପଟଙ୍ଗୀ ଥାନା ଅଞ୍ଚଳର ଅଭିଯୋଗକାରିଣୀ ଗତ ତିନି ବର୍ଷ ପୂର୍ବେର୍ ସୁନାବେଢା ମହାବିଦ୍ୟାଳୟରେ ପଢୁଥିବା ବେଳେ ପଟାଙ୍ଗି ଥାନା କୁନ୍ଦୁଲି ଗ୍ରାମର ଯୁବକ ସାଜିତ ବାଡବୁରା (୨୫)ତାଙ୍କୁ ପ୍ରେମ ନିବେଦନ କରିବା ସହିତ ନାବାଳିକା ସମୟରେ ଜୋରଜବରଦସ୍ତ ଦୈହିକ ସମ୍ପର୍କ ରଖୁଥିଲେ। ଏହି ଘଟଣା ପ୍ରଘଟ ହେବା ପରେ ଉଭୟ ପରିବାର ଆପୋଷ ବୁଝାମଣା ଏବଂ ନିଜ ଧର୍ମ ଅନୁଯାୟୀ ରୀତିନୀତିରେ ବିହାର କରିଥିଲେ। ଏହିପର ଗତ ୨୦୧୪ ଫେବୃୟାରୀ ମାସରେ ଏକ କନ୍ୟା ସନ୍ତାନକୁ ଜନ୍ମ କରିଥିଲେ। କିନ୍ତୁ ଅଭିଯୁକ୍ତ ସ୍ୱାମୀ ସାଜିତ ପତ୍ନୀଙ୍କୁ କନ୍ୟା ସନ୍ତାନ ଜନ୍ମ କରିଥିବା ନେଇ ନିର୍ଯାତନ ଦେବା ସହିତ ମାଡ ମାରୁଥିଲେ। ଅନ୍ୟ ଯୁବତୀ ସହିତ ଅନୈତିକ ସମ୍ପର୍କ ରଖୁଥିବା ନେଇ ଅଭିଯୋଗ ହୋଇଥିଲା। ଶେଷରେ କିଛିମାସ ପୂର୍ବରୁ ପତ୍ନୀ ନିଜ ବାପା ଘରକୁ ଚାଲି ଆସିଥିଲା। ଏ ସମସ୍ତ ଅଭିଯୋଗ ନେଇ ପତ୍ନୀ ମହିଳା ଥାନାର ଦ୍ୱାରସ୍ତ ହେବା ପରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି ବୋଲି ଥାନା ଅଧିକାରୀ ଆଶ୍ରିତା ଖାଲ୍‌କୋ ପ୍ରକାଶ କରିଛନ୍ତି।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ପାପଡାହାଣ୍ଡି,୧୨।୧୧(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଲାଲ ବହାଦୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ଅନିନ୍ଦ୍ୟ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ମେଳାରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଅଧ୍ୟକ୍ଷା ହେମଲତା ମାଝୀ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଲିଙ୍ଗରାଜ ଭତରା, ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ, ଜିଲ୍ଲା ପରିଷଦ ଡ. ଲିପିକା ମାଝୀ, ମୋକିଆ ସରପଞ୍ଚ ଜଗତ ଜୀବନ ନାୟକ, ହରି ପାଣିଗ୍ରାହୀ, ତ୍ରିନାଥ ଅମନାତ୍ୟ, ଏଡିଭିଓ ମନୋରଞ୍ଜନ ନନ୍ଦ, ଜଗନ୍ନାଥ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ବିଧାୟକ ମନୋହର ରନ୍ଧାରି ପାରମ୍ପରିକ ଚାଷ ସହ ମତ୍ସ୍ୟ ଓ ପଶୁ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ଗୋପାଳନ, କୁକୁଡ଼ା ଚାଷ ଓ ମତ୍ସ୍ୟ ଚାଷ କରି ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ଏ ନେଇ ଲୋକଙ୍କ ସଚେତନ କରିଥିଲେ। ଜିଲ୍ଲା ଅତିରିକ୍ତ ପ୍ରାଣୀ ସମ୍ପଦ ଅଧିକାରୀ ମନୋରଞ୍ଜନ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲକର ୮ ଜଣ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ୧୫ ଜଣ ଚାଷୀଙ୍କୁ କାର୍ଯ୍ୟଦେଶ ବଣ୍ଟନ କରାଯାଇଥିଲା। ଡ.ପ୍ରଜ୍ଞାନ ପଣ୍ଡା ମଞ୍ଚ ପରିଚାଳନା କରିଥଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ୧୨ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ସ୍ୱରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଅନିନ୍ଦ୍ୟ ଜେନା ଓ ଡ. ଆଶିଷ ପଣ୍ଡା ପରିଚାଳନା କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନବାଡି ଓ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

# ୩ୟ ଓ ୫ମ ଶ୍ରେଣୀ ମେଧାବୃତ୍ତି ତାଲିକା ପ୍ରକାଶିତ

ପଦ୍ମପୁର,୧୨।୧୧(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକର ଚଳିତ ଶିକ୍ଷା ବର୍ଷର ୩ୟ ଓ ୫ମ ଶ୍ରେଣୀର ମେଧା ବୃତ୍ତି ତାଲିକା ପଦ୍ମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପତ୍ରାଙ୍କ ୧୭୩୫/୨୦୨୫ ଅନୁସାରେ ପ୍ରକାଶିତ ହୋଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟର ୫ମ ଶ୍ରେଣୀର ପରୀକ୍ଷା ଦେଇଥିବା ୭୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭ଜଣ ଏବଂ ୩ୟ ଶ୍ରେଣୀର ୧୦୪ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭ ଜଣଙ୍କୁ ମେଧା କ୍ରମେ ଚୟନ କରାଯାଇ ଫଳାଫଳ ପ୍ରକାଶ କରାଯାଇଛି। ୫ମ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନେ ହେଲେ ସରକାରୀ ପ୍ରାଥମିକ ବିଦ୍ୟାଳୟ କଦମାଗୁଡାର କିରଣ ସାହୁ, ସରକାରୀ ପ୍ରଥମିକ ବିଦ୍ୟାଳୟ ଉପରଜୁମୁରୁଗୁଡାର ଅଭିଷେକ ସାହୁ ଓ ସାଗର ସାହୁ, ସରସ୍ୱତୀ ଶିଶୁ ମନ୍ଦିର ପଦ୍ମପୁରର ସାଇ ସଂପୂର୍ଣ୍ଣା ସାହୁ, ସ୍ନେହପ୍ରଭା ସାହୁ, ଶିବାଙ୍ଗି ପାଣିଗ୍ରାହୀ, ସରସ୍ୱତୀ ଶିଶୁ ମନ୍ଦିର କେନ୍ଦୁଗୁଡାର ଯୋଶବନ୍ତି ସେନାପତି, ସେହିପରି ୩ୟ ଶ୍ରେଣୀ ମେଧାବୃତ୍ତିରେ ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଦ୍ମପୁରର ରାଜେଶ୍ୱରୀ ଗୈଡ, ଜଗମଣ୍ଡା ବିଦ୍ୟାଳୟର ଆଶାରାଣୀ ସାହୁ, ଶିଶୁ ମନ୍ଦିର ପଦ୍ମପୁରର ଆରାଧ୍ୟା ପାଣିଗ୍ରାହୀ, ସରକାରୀ ଲାଉଗୁଡା ବିଦ୍ୟାଳୟର ଦିଲେଶ୍ୱର ଶବର, ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କେ ଚନ୍ଦ୍ରଶେଖର ଆଚାରୀ, ବିରିପଦର ସରକାରୀ ବିଦ୍ୟାଳୟର ପ୍ରିନ୍ସ ଲିମା, ସରକାରୀ ବିଦ୍ୟାଳୟ ଆମ୍ବାବାଡିର ଜୟଦୀପ ମାଣ୍ଡାଙ୍ଗି କୃତିତ୍ୱ ହାସଲ କରି ନିଜ ନିଜ ବିଦ୍ୟାଳୟର ସୁନାମ ବଢ଼ାଇବାରେ ସକ୍ଷମ ହୋଇଛନ୍ତି।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା

ନବରଙ୍ଗପୁର,୧୨।୧୧(ସମିସ): ନବରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମ ଠାରେ ୩୯ ତମ ବାର୍ଷିକ କ୍ରୀଡା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡାର ଶୁଭାରମ୍ଭ ବିଦ୍ୟାଳୟର ବରିଷ୍ଠ ଗୁରୁଜୀ କରମଚାନ୍ଦ ପଣ୍ଡାଙ୍କ ଦ୍ୱାରା ହୋଇଥିଲା। ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ଭଣ୍ଡାରଘରଣୀଙ୍କ ମନ୍ଦିରରୁ ପ୍ରଥମେ ମଶାଲ ଅଣାଯାଇଥିଲା। ଏହା ପରେ ଆରମ୍ଭ ହୋଇଥିଲା ବାର୍ଷିକ କ୍ରୀଡା ମହୋତ୍ସବ କାର୍ଯ୍ୟକ୍ରମ। ଆୟୋଜିତ ଏହି ବାର୍ଷିକ କ୍ରୀଡା ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ରୀୟ ସୁରକ୍ଷା ବ୍ୟାଟେଲିୟନର ୨ୟ କମାଣ୍ଡର ରାଜେଶ କୁମାର ସାଲୁଙ୍କି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଆସିଷ୍ଟାଣ୍ଟ କମିଶନର କମରସିଆଲ ଟେକ୍ସ ଆଶିଷ ଗାର୍ଗଷ୍ୟ ଯୋଗ ଦେଇଥିଲେ। ଏହାପରେ ଶିଶୁ ମନ୍ଦିରର ଛାତ୍ରଛାତ୍ରୀ ମାନେ ଘୋଷ ମାଧ୍ୟମରେ ସ୍ୱାଗତ କରିବା ସହ ଉକ୍ତ ମଶାଲକୁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଙ୍କ ଦ୍ୱାରା ଷ୍ଟାଡିୟମ୍ ପଡିଆରେ ସ୍ଥାପନ କରାଯାଇଥିଲା। ଏହା ପରେ ପ୍ୟାରେଡ ମାଧ୍ୟମରେ ପଡିଆରେ ପରିକ୍ରମା କରିଥିଲେ। ମୁଖ୍ୟ ଅତିଥି ଶିଶୁ ମାନଙ୍କୁ କ୍ରୀଡାର ଶୁଭକାମନା ଦେଇ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା। ଶିଶୁ ବାଟିକା ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁଙ୍କ ମଧ୍ୟରେ ବର୍ଗ ଅନୁସାରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କ୍ରୀଡ଼ା ସମାପନ ପରେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଶିଶୁ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ପୁରସ୍କୃତ କରି ଉସାହିତ କରିଥିଲେ। ସଂକୁଳ ସଂଯୋଜକ ଓ ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ବସ୍ତିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବାର୍ଷିକ କ୍ରୀଡା କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ସଭାପତି ଚନ୍ଦ୍ରକୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମଟି ବିଦ୍ୟାଳୟର ସମସ୍ତ କର୍ମଚାରୀ, ଗୁରୁଜୀ ଗୁରୁମା ତଥା ସେବକ ସେବିକା ମାନଙ୍କ ସମ୍ପୂର୍ଣ୍ଣ ସହଯୋଗରେ ପାଳିତ ହୋଇଥିଲା।




# ସବ୍ ରେଜିଷ୍ଟ୍ରେସନ୍ ଅଫିସ୍ ଉଦ୍‌ଘାଟିତ

କାଳିମେଲା,୧୨।୧୧(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ କାଲିମେଳା ତହସିଲରେ ସବ୍ ରେଜିଷ୍ଟ୍ରେସନ ଅଫିସ୍ ଉଦଘାଟନ ହୋଇଯାଇଛି। ଏଡିଏମ୍ ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ସବ୍ ରେଜିଷ୍ଟ୍ରେସନ ଅଫିସ୍ ଉଦ୍‌ଘାଟନ କରିଥିବା ବେଳେ କାଲିମେଳା ତହସିଲଦାର ରାମକୃଷ୍ଣ ସତ୍ୟ ରାଜଗୁରୁ ସବ୍ ରେଜିଷ୍ଟ୍ରେସନ ଅଧିକାରୀ ଭାବେ ଯୋଗ ଦେଇଥିଲେ। କାଲିମେଳା ତହସିଲ ଅଞ୍ଚଳବାସୀ ପୂର୍ବରେ ବିଭିନ୍ନ ରେଜିଷ୍ଟ୍ରେସନ କାମ ପାଇଁ ମୋଟୁ ତହସିଲ ଉପରେ ନିର୍ଭର ଥିବା ବେଳେ ନାନା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିଲା। ତେବେ ବର୍ତ୍ତମାନ ତହସିଲ ସୀମା ବାହାରେ ନ ଯାଇ ନିଜ ନିଜ ତହସିଲରେ ଜମି ପଞ୍ଜିକରଣ କିମ୍ବା ଜମି କିଣାବିକା ଏବଂ ଅନ୍ୟାନ୍ୟ ରେଜିଷ୍ଟ୍ରେସନ କାମ କରାଯାଇ ପାରିବ। ଏହା ଲୋକଙ୍କ ପାଇଁ ବହୁ ସୁବିଧା ଯୋଗାଇବା ସହ ଜମି କିଣାବିକାରେ ଲୋକଙ୍କ ସୁବିଧା ହେବ। ମଙ୍ଗଳବାର ଏବଂ ବୁଧବାର ଦିନ ଏହି ରେଜିଷ୍ଟ୍ରେସନ କାମ କରାଯିବ ବୋଲି ତହସିଲ ପକ୍ଷରୁ ସୂଚନା ମିଳିଛି।



# ମନେଇଗୁଡ଼ା-ବାରିଆପଦ ରାସ୍ତା ଶୋଚନୀୟ

କଲ୍ୟାଣସିଂହପୁର,୧୨।୧୧(ସମିସ): କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି ଚାଲିଥିବା ବେଳେ ଅନେକ ସମୟରେ ବିଭାଗୀୟ ଅଧିକାରୀଙ୍କ ପ୍ରାୟପ୍ରତି ତୋଷଣ ଓ ଠିକାଦାର ପୋଷା ନୀତି ଯୋଗୁଁ ସରକାରଙ୍କ ପ୍ରକୃତ ଲକ୍ଷ୍ୟ ସାଧିତ ହୋଇ ପାରୁନାହିଁ। ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଞ୍ଚଳର ବିକାଶ ମୂଳକ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ଅର୍ଥ ମଞ୍ଜୁର କରୁଛନ୍ତି ରାଜ୍ୟ ସରକାର। ହେଲେ ଅନୁଦାନ ଅର୍ଥ ଉପଯୁକ୍ତ ଭାବେ ବିନିଯୋଗ ହେଉନଥିବାରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ସାକାର ହେଉନଥିବା ଅଭିଯୋଗ ହୋଇଛି। ରାୟଗଡ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିମ୍ନମାନର ରାସ୍ତା ମରାମତି କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। କାର୍ଯ୍ୟ ଚାଲୁଥିବା ବେଳେ କାର୍ଯ୍ୟ ସ୍ଥଳରେ ଅଧିକାରୀଙ୍କ ଅନୁପସ୍ଥିତି ଠିକାଦାରଙ୍କୁ ଖୋରାକ ଯୋଗାଉଥିବା ଅଭିଯୋଗ ହେଉଛି। ରାସ୍ତାର ଖାଲଖମାରେ ବଡ଼ବଡ଼ ଗାତ ହୋଇଥିବାରୁ ବାଇକ୍ ଆମ୍ବୁଲାନ୍ସ ଯିବାରେ ବହୁ ଅସୁବିଧା ହେଉଥିବା ଦେଖିବାକୁ ମିଳିଛି। ନିମ୍ନମାନର ରାସ୍ତା ନିର୍ମାଣର ମାତ୍ର ପାଞ୍ଚ ବର୍ଷ ବିତିଯାଇଥିଲେ ମଧ୍ୟ ରାସ୍ତା ମରାମତି ହୋଇ ନ ଥିବା ଅଭିଯୋଗ ହେଉଛି। ଅଟକଳ ଅନୁଯାୟୀ ମରାମତି କାର୍ଯ୍ୟ ହେଉନଥିବାରୁ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି। ବିଭାଗୀୟ ଅଧିକାରୀ ମାନେ ଠିକାଦାର ସହ ମିଶି ନିମ୍ନମାନର କାର୍ଯ୍ୟ କରି ଆତ୍ମସାତ୍ ଉଦ୍ୟମ ଭଳି ସାଂଘାତିକ ଅଭିଯୋଗ ଆସିଛି। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସୁନାଖଣ୍ଡି ପଞ୍ଚାୟତର ମନେଇଗୁଡା ଛକ ଠାରୁ ବାରିଆପଡା ରାସ୍ତାରେ ପ୍ରାୟ ୫ କିମି ଦୀର୍ଘଦିନ ହେଲା ଉକ୍ତ ରାସ୍ତାରୁ ପିଚୁ ଉଠିଯାଇ ଏକ ପ୍ରକାର ମରଣଜନ୍ତା ପାଲଟି ଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ମରାମତି କରାଯାଉନି। ରାସ୍ତା ଉପର ଦେଇ କୌଣସି ଭାରିଯାନ ଯିବା ଆସିବା କଲେ ରାସ୍ତାରେ ବ୍ୟବହାର ହୋଇଥିବା ପିଚୁ ଉଠି ଯାଉଥିବା ସହ ରାସ୍ତା ଦବି ଯାଉଛି। ସ୍ଥାନୀୟ ଗ୍ରାମବାସୀ ଠିକାଦାରଙ୍କ ମନମୁଖି କାର୍ଯ୍ୟକୁ ନାପସନ୍ଦ କରିଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ କରିବା ପାଇଁ ଗ୍ରାମବାସୀ ଅଭିଯୋଗ କରିଛନ୍ତି।



# ବାଲ୍ୟ ବିବାହ ମୁକ୍ତ ଗ୍ରାମପଞ୍ଚାୟତ ସମ୍ପର୍କିତ ତାଲିମ




ରାୟଗଡା,୧୨।୧୧(ସମିସ): ରାୟଗଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ମୁକ୍ତ ଗ୍ରାମ ପଞ୍ଚାୟତ ସମ୍ପର୍କିତ ତାଲିମ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଦିନ ବାଲ୍ୟ ବିବାହ ଏବଂ ମଙ୍ଗଳବାର ଦିନ ଶିଶୁ ସୁଲଭ ପଞ୍ଚାୟତ ପ୍ରସ୍ତୁତି ବିଷୟରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ସୁଜିତ କୁମାର ମିଶ୍ର, ଏବିଡିଓ କାଳୁଚରଣ ନାୟକ, ମହିଳା ଓ ଶିଶୁ ବିକାଶ ବିଭାଗର ସଦର ସୁପରଭାଇଜର ନଳିନୀ ବେରାଗୀ, ଜିପିଡିଓ ତଥା ନୋଡାଲ ଅଧିକାରୀ ସ୍ମୃତିରେଖା ନାୟକ, ବୈଷୟିକ ସଂଯୋଜକ ଯୋଗେନ୍ଦ୍ର ନାୟକ, ସମ୍ବଳ ଶିକ୍ଷକ ନୀଳାଞ୍ଚଳ ମିଶ୍ର, ବିପିଏମ ଯସ୍ମିନ ମୁଟିକା ପ୍ରମୁଖ ଉପସ୍ଥିତ ରହି କର୍ମଶାଳାରେ ସଚେତନ କରିଥିଲେ। ଶିଶୁଙ୍କୁ ସେମାନଙ୍କ ଅଧିକାର ସୁନିଶ୍ଚିତ କରିବା ସହ ସୁସ୍ଥ ରହିବା ପାଇଁ ନିର୍ଦ୍ଧାରିତ ବୟସର ପରେ ବିବାହ ସୁନିଶ୍ଚିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଶିଶୁ ଅଧିକାର ଆଇନ ଏବଂ ବାଲ୍ୟ ବିବାହ ନିରୋଧ ଆଇନ ବିଷୟରେ ଅବଗତ କରିବା ସହ ବାଲ୍ୟ ବିବାହ ମୁକ୍ତ ଗ୍ରାମ ପଞ୍ଚାୟତ ପ୍ରସ୍ତୁତି ନିମନ୍ତେ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା ହୋଇଥିଲା।ମହିଳା ସୁରକ୍ଷା ୧୮୧, ଶିଶୁ ୧୦୯୮ ଟୋଲ ଫ୍ରି ନମ୍ବର ଓ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଭୂମିକା ଆଲୋଚନାର ବିଷୟଭୁକ୍ତ ଥିଲା। ଗ୍ରାମାଞ୍ଚଳରେ ସଚେତନତାର ଅଭାବରୁ ବାଲ୍ୟ ବିବାହ ବୃଦ୍ଧି ପାଉଥିବାରୁ ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ ଘୋଷଣା କରିବା ନିମନ୍ତେ ଜିଲ୍ଲାପାଳଙ୍କ ଏଭଳି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଉଛି। ପ୍ରତି ଗ୍ରାମ ଓ ଗ୍ରାମପଞ୍ଚାୟତ ସ୍ତରରେ କମିଟି ମାନ ଗଠନ କରି ସେଗୁଡିକୁ କାର୍ଯ୍ୟକ୍ଷମ କରିବାକୁ ହେବ। ରାଲି ମାନ ଆୟୋଜନ କରି ବ୍ୟାପକ ସଚେତନ କରିବାକୁ ହେବ। କିଶୋରୀ ବାଳିକାଙ୍କ ଶୋଷଣ, ଘରୋଇ ହିଂସା ଆଦି ରୋକିବା ନିମନ୍ତେ ଜୁଭେନାଇଲ ଆଇନ, ୱାନ୍ ଷ୍ଟପ ସେଣ୍ଟରର ବ୍ୟବହାର, ଶିଶୁ ଶ୍ରମିକ ନିରୋଧ ଆଇନ ବିଷୟରେ ଆଲୋଚନା ହୋଇଥିଲା। ଶିଶୁର ବଞ୍ଚିବା, ଶିକ୍ଷା, ସୁରକ୍ଷା, ସହଭାଗିତା, ଅଂଶଗ୍ରହଣ ଆଦିର ଅଧିକାର ସୁନିଶ୍ଚିତ କରିବା ସହ ମହିଳା ଓ ଶିଶୁ ବିକାଶ ଯୋଜନା, ମା' ଓ ଶିଶୁଙ୍କ ମତ୍ୟୁହାର କମାଇବା, ଉତ୍ତମ ସ୍ୱାସ୍ଥ୍ୟସେବା, ଶିଶୁକନ୍ୟା ଓ ଭୃଣହତ୍ୟା ବନ୍ଦ, ଲିଙ୍ଗଗତ ଭେଦଭାବ, ଯୌତୁକ ପ୍ରଥା, ବାଲ୍ୟ ବିବାହ, ଘରୋଇ ହିଂସା, ପୁଷ୍ଟିହୀନତା ଦୂରକରି ଟୀକାକରଣ, ଶିକ୍ଷା ଆଦି ବିଷୟମାନ ଆଲୋଚନା ପରିସରଭୁକ୍ତ ଥିଲା। ଏଥିରେ ଅଙ୍ଗନବାଡି କର୍ମୀ, ଶିକ୍ଷକ, ସିଆରସିସି, ସିଆରପି, ନିର୍ବାଚିତ ପ୍ରତିନିଧି ପ୍ରମୁଖ ଯୋଗଦେଇ ଥିଲେ।

### ବିଷମକଟକ ପଞ୍ଚାୟତ ସମିତିର ବୈଠକ

# ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ନେଇ ଆଲୋଚନା




ବିଷମ କଟକ,୧୨।୧୧(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ପଞ୍ଚାୟତ ସମିତିର ୧୬ତମ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି କାର୍ଯ୍ୟାଳୟ ପରିସରରେ ସମ୍ମିଳନୀ କକ୍ଷରେ ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ ପରିଚାଳନ କରିଥିଲେ। ବୈଠକରେ ବିଷମ କଟକ ବିଧାୟକ ନିଳମାଧବ ହିକକା ମୁଖ୍ୟ ଅତିଥି ଏବଂ ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ବୈଠକ ପ୍ରାରମ୍ଭରେ କାର୍ଯ୍ୟନିର୍ବାହୀ ଅଧିକାରୀ ମଞ୍ଚାସୀନ ଅତିଥି ଏବଂ ଉପସ୍ଥିତ ଲୋକ ପ୍ରତିନିଧିମାନଙ୍କୁ କାର୍ଯ୍ୟାଳୟ ତରଫରୁ ସ୍ୱାଗତ କରିଥିଲେ। ବ୍ଲକର ୨୧ଗୋଟି ପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚ ମାନେ ଉପସ୍ଥିତି ରହିଥିଲେ। ନିଜ ନିଜ ଅଞ୍ଚଳର ରାସ୍ତା ଘାଟ, ପାନୀୟ ଜଳ ସମସ୍ୟ, ଆଲୋକିକରଣ ବ୍ୟବସ୍ଥା ନିମନ୍ତେ ଏକ୍ସନପ୍ଲାନ, ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ ବ୍ୟବସ୍ଥା ଉପରେ ଆଲୋଚନା କରିବା ସହ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟରେ ପୂର୍ଣ୍ଣ ଅନୁଦାନ ଆସୁନଥିବାରୁ ଠିକାଦାର ମାନେ ନିର୍ମାଣ କାର୍ଯ୍ୟ ସମାପ୍ତ କରିବା ପରେ ମଧ୍ୟ ଟଙ୍କା ପାଇପାରୁନଥିବା ନେଇ ସରପଞ୍ଚ, ସମିତି ସଭ୍ୟ ମାନେ ଅଭିଯୋଗ ଆଣିଥିଲେ। ଅଧିକାରୀ ମାନେ ନିଜ ନିଜ ବିଭାଗର ଯୋଜନା ସମ୍ବନ୍ଧ ରେ ବୈଠକ ରେ ଉପସ୍ଥିତ ଲୋକ ପ୍ରତିନିଧି ମାନଙ୍କୁ ଅବଗତ କରିଥିଲେ। ଏଥି ସହିତ ଯେଉଁ ହିତାଧିକାରୀ ମାନେ ଭତ୍ତା ପାଇବା ନିମନ୍ତେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇପାରୁନାହାନ୍ତି, ସେମାନଙ୍କୁ ସିଧାସଳଖ ବ୍ୟାଙ୍କ ଖାତାରେ ଭତ୍ତା ପ୍ରଦାନ ନିମନ୍ତେ ଲୋକ ପ୍ରତିନିଧି ମାନେ ପ୍ରସ୍ତାବ ଦେଇଥିଲେ। ପ୍ରଧାନ ମନ୍ତ୍ରୀ ଆବସ ଯୋଜନାରେ ପାଇଥିବା ହିତାଧିକାରୀ ମାନେ କିପରି ଠିକଣା ସମୟରେ ଗୃହ କାର୍ଯ୍ୟ ସମାପନ କରିବେ, ସେଥିପ୍ରତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୁରୁତ୍ୱାରୋପ କରିଥିଲେ। ଏହି ଯୋଜାନାର ସଫଳ ରୂପାୟନ ନିମନ୍ତେ ସରପଞ୍ଚ ଓ ସମିତି ସଭ୍ୟ ମାନଙ୍କ ସହଯୋଗ ଲୋଡିଥିଲେ। ବୈଠକରେ ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ମାନେ ଶାନ୍ତି ଶୃଙ୍ଖଳା ଭାବେ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନା କରିଥିଲେ। ବୈଠକ ଶେଷରେ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ଉପସ୍ଥିତ ଲୋକ ପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀ ମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଖାତା ପ୍ରତି ୨୫ ଟଙ୍କା, ଗସ୍ତ ଓ ରହିଣ ଖର୍ଚ୍ଚ ଦାବି

# ପରୀକ୍ଷାର ମୂଲ୍ୟାୟନ ବର୍ଜନ କଲେ ପ୍ରଶିକ୍ଷକ

ଜୟପୁର,୧୨ ।୧୧(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଡିପ୍ଲୋମା ଏଲିମେଣ୍ଟାରୀ ଶିକ୍ଷକ ପରୀକ୍ଷାର ଡିଜିଟାଲ ଉତ୍ତର ଖାତା ମୂଲ୍ୟାୟନ ବର୍ଜନ କଲେ ୫ଟି ଜିଲ୍ଲାର ନିୟୋଜିତ ପ୍ରଶିକ୍ଷକ ଓ ପ୍ରଶିକ୍ଷିକା। ଆଜି ଠାରୁ ରାଜ୍ୟର ୬ଟି କେନ୍ଦ୍ର ମଧ୍ୟରୁ ଜୟପୁର ସ୍ଥିତ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର (ଡିଆଇଇଟି) ଠାରେ ପୂର୍ବାହ୍ନ ୧୦ଟାରୁ ଡିଜିଟାଲ ମୂଲ୍ୟାୟନ ଆରମ୍ଭ ହେବା ରହିଥିଲା। କିନ୍ତୁ ସମୁଦାୟ ୨୧ ଜଣ ମୂଲ୍ୟାୟନ ପାଇଁ ନିୟୋଜିତ ପ୍ରଶିକ୍ଷକ ଓ ପ୍ରଶିକ୍ଷିକା ମୂଲ୍ୟାୟନ କକ୍ଷରେ ପ୍ରବେଶ କରିନଥିବା ବେଳେ ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ପରୀକ୍ଷାଖାତା ମୂଲ୍ୟାୟନ ଦାୟୀତ୍ୱରେ ରହିଥିବା ଅଧିକ୍ଷକଙ୍କୁ ପ୍ରଦାନ କରିଛନ୍ତି। ଏହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଖାତାର ମୂଲ୍ୟାୟନ ବାବଦକୁ ଦୀର୍ଘ ବର୍ଷ ହେଲାଣି ମାତ୍ର ୭ଟଙ୍କା ୫୦ ପାଇସା ପ୍ରଦାନ କରୁଥିବା କୌଣସି ରହଣି ଏବଂ ଖାଇବା ବାବଦକୁ ଭତ୍ତା ପ୍ରଦାନ କରୁନାହାନ୍ତି। ଫଳରେ ମୂଲ୍ୟାୟନରେ ଯୋଗଦେବାକୁ ଆସୁଥିବା ପ୍ରଶିକ୍ଷକ ଓ ପ୍ରଶିକ୍ଷିକାମାନେ ବହୁ ସମସ୍ୟାରେ ରହୁଥିବା ବେଳେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ତୁରନ୍ତ ପ୍ରତ୍ୟେକ ଖାତାର ମୂଲ୍ୟାୟନ ପାଇଁ ୨୫ ଟଙ୍କା ଏବଂ ଖାଇବା ଓ ରହଣି ଭତ୍ତା ପ୍ରଦାନ କରିବା ନେଇ ଦାବି କରିଛନ୍ତି। ଜୟପୁର ଡିଆଇଇଟି ଠାରେ କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡା ଏବଂ କଳାହାଣ୍ଡି ଜିଲ୍ଲାର ଡିଆଇଇଟି ଏବଂ ଉମରକୋଟ, ଗୁଣୁପରର ବିଆଇଟିର ସମୁଦାୟ ୩୦ ଜଣ ପ୍ରଶିକ୍ଷକ ଓ ପ୍ରଶିକ୍ଷିକାଙ୍କୁ ପରୀକ୍ଷାଖାତାର ମୂଲ୍ୟାୟନ ପାଇଁ ନିଯୁକ୍ତ ଦିଆଯାଇଥିଲା। କିନ୍ତୁ ଏଥିରେ ମାତ୍ର ୨୧ ଜଣ ଯୋଗଦାନ କରିଥିବା ବେଳେ ଗତ ଦୁଇଦିନ ଡିଜିଟାଲ ମାଧ୍ୟମରେ ମୂଲ୍ୟାୟନ ନେଇ ତାଲିମ ପ୍ରଦାନ କରାଯାଇଥିଲା। ଏହିପରି ପ୍ରତି ଉତ୍ତର ଖାତା ମାତ୍ର ୫୯ ସେକେଣ୍ଡରେ ଡିଜିଟାଲ ମାଧ୍ୟମରେ ଯାଞ୍ଚ କରିବା ସହ ଦୈନିକ ସର୍ବାଧିକ ୨୦ଟି ଉତ୍ତର ଖାତା ମୂଲ୍ୟାୟନ କରିବା ନେଇ ସମୟଧାର୍ଯ୍ୟ କରାଯାଇଛି। ଏହିପରି ଆସନ୍ତା ୫ ଦିନ ମଧ୍ୟରେ ମୂଲ୍ୟାୟନ ଶେଷ କରିବା ନେଇ ଲକ୍ଷଧାର୍ଯ୍ୟ କରାଯାଇଛି

# ୮୫ ସଫ୍ଟ ସେଲ୍ କଇଁଛ ଜବତ, ୩ ଗିରଫ




ଏମ୍‌ଭି ୭୯, ୧୨ ।୧୧(ସମିସ): ମାଲକାନଗିରି ଜିଲ୍ଲାରେ ବେଆଇନ ଭାବେ କଇଁଛ ଚାଲାଣ ଏବଂ ବିକ୍ରୟ ବୃଦ୍ଧି ହେଉଥିବା ବେଳେ ବନ ବିଭାଗ ଏହାକୁ ଲଗାମ ଲଗାଇବାରେ ସଫଳ ହେଇଛି। ବିଗତ ଗୋଟିଏ ବର୍ଷ ମଧ୍ୟରେ ବନ ବିଭାଗ ବେଆଇନ ଭାବେ ଚାଲାଣ କରୁଥିବା ବ୍ୟବସାୟୀଙ୍କୁ ଧରି କଇଁଛ ଚାଲାଣଙ୍କୁ ରୋକିବାରେ ସଫଳ ହୋଇଛି। ଆଜି ବନ ବିଭାଗୀୟ ଅଧିକାରୀ ବିଶେଷ ସୂତ୍ର ଖବର ପାଇ କାଳିମେଳା ବ୍ଲକ ମାଲାଭରମ ପଞ୍ଚାୟତ ଅନ୍ତର୍ଗତ ଅନନ୍ତପାଲ୍ଲୀ ଠାରେ ୮୫ଟି କଇଁଛ ଜବତ କରିଛନ୍ତି। ସୂଚନା ମୁତାବକ ଫରେଷ୍ଟର ଦୀପଙ୍କର ଶିଉଲିଙ୍କ ତତ୍ତ୍ୱାବଧାନରେ ଫରେଷ୍ଟ ଗାର୍ଡ ପାର୍ଥ ସାରଥୀ ରାଉତ, ବନ ବିଭାଗ ଟିମ୍ ଏବଂ ମୋଟୁ ତହସିଲ ରାଜସ୍ୱ ନିରୀକ୍ଷକ ସୁରେଶ କୁମାର ପୂଜାରୀଙ୍କ ସହ ଏକ ଟିମ୍ ଗଠନ କରି ଯୋଜନାବଦ୍ଧ ଭାବେ ଅନନ୍ତପାଲ୍ଲୀ ଗ୍ରାମ ଅଭିମୁଖେ ଯାଇଥିଲେ। ଅନନ୍ତପାଲ୍ଲୀ ରାସ୍ତାରେ ହିଁ କଇଁଛ ବ୍ୟବସାୟୀଙ୍କୁ ଧରିବାରେ ସଫଳ ହୋଇଥିଲେ ବନବିଭାଗ। ମୋଟ ୮୫ଟି କଇଁଛ ସହ ୩ ଅଭିଯୁକ୍ତ ଏବଂ ୨ଟି ମୋଟରସାଇକଲ ଜବତ କରିଥିଲେ। ଅଭିଯୁକ୍ତ ମାନେ ହେଲେ ଏମ୍‌ପି ଭି ୮୧ ଗ୍ରାମର ପ୍ରାନ ଗୋପାଳ ଦାସ (୫୧), ହରଧର ମଣ୍ଡଳ(୩୫) ଏବଂ ସୁଧାଂଶୁ ପାଲ୍। କଇଁଛ ଏବଂ ଅଭିଯୁକ୍ତଙ୍କୁ ଏମ୍‌ଭି ୭୯ ବନ ବିଭାଗ କାର୍ଯ୍ୟାଳୟରେ ଅଣାଯାଇଥିଲା। ୮୫ କଇଁଛ ମଧ୍ୟରୁ ୩୯ ଟିଇଁଛ ମୃତ ରହିଥିବା ଜଣାପଡିଛି। କଇଁଛ ଗୁଡିକୁ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟ ନିଆଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରି ସୁରକ୍ଷିତ ସ୍ଥାନରେ ଛାଡ଼ିଦିଆ ଯିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

■ କୁନ୍ଦୁରାରେ 'ପରବ' ମଶାଲକୁ ବିରୋଧ

# ବ୍ଲକ୍‌ସ୍ତରୀୟ 'ପରବ' କାର୍ଯ୍ୟକ୍ରମ ବର୍ଜନ ଚେତାବନୀ



କୁନ୍ଦୁରା,୧୨।୧୧(ସମିସ): ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ କୋରାପୁଟ ଜିଲ୍ଲାରେ ଲୋକ ମହୋତ୍ସବ 'ପରବ -୨୦୨୫'ର ମଶାଲ ଉଦ୍‌ଘାଟନ ହୋଇଯାଇଛି । ଆସନ୍ତା କାଲି ଠାରୁ ଜିଲ୍ଲାର ସମସ୍ତ ବ୍ଲକରେ ପଞ୍ଚାୟତ ସ୍ତରୀୟ ପରବ ଆରମ୍ଭ ହେବ। ଏଣୁ ଜିଲ୍ଲାର ସମସ୍ତ ବ୍ଲକ୍‌ବାସୀ କୁଟୁଣିପଦରରୁ ମଶାଲ ଗ୍ରହଣ କରି ନିଜ ନିଜ ଅଞ୍ଚଳକୁ ନେଇଛନ୍ତି। କିନ୍ତୁ ବ୍ଲକ ପ୍ରଶାସନ ଗ୍ରହଣ କରି କୁନ୍ଦୁରାକୁ ଆଣିଥିବା ମଶାଲକୁ ବିରୋଧ କରିଛି 'ପରବ' କମିଟି । କାରଣ ପରବ ବର୍ଜନ ପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇଥିବା ସତ୍ତ୍ୱେ ବ୍ଲକ ପ୍ରଶାସନ ମଶାଲ ଗ୍ରହଣ କରି ଆଣିଛି। ପ୍ରତି ବର୍ଷ କୁନ୍ଦୁରା ସଦର ମହକୁମାସ୍ଥିତ ଠାକୁରାଣୀ ପୀଠ ତଥା ଦୁର୍ଗା ମନ୍ଦିର ପରିସରରେ ଗ୍ରହଣ କରାଯାଇଥିବା ମଶାଲ ରାଖାଯାଏ। କିନ୍ତୁ ଚଳିତ ବର୍ଷ ମଶାଲ ରଖିବକୁ ମନ୍ଦିରରେ ସ୍ଥାନ ଦିଆଗଲା ନାହିଁ । ମଶାଲ ଗ୍ରହଣ କରି ଆସିବା ପରେ କିଛି ସମୟ ପାଇଁ ସ୍ଥାନୀୟ ବିଡ଼ିଓ ସହ 'ପରବ' କମିଟିର ସଦସ୍ୟଙ୍କ ଯୁକ୍ତିତର୍କ ହୋଇଥିଲ। ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ଘଟଣା ସ୍ଥଳରେ ତହସିଲଦାର ଏବଂ ଥାନା ଅଧିକାରୀ ଅଶ୍ୱନୀ ପଟ୍ଟନାୟକ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଛନ୍ତି । ଏଣୁ ବାଧ ହୋଇ ମଶାଲକୁ ମନ୍ଦିର ପରିବର୍ତ୍ତେ ବ୍ଲକ କାର୍ଯ୍ୟାଳୟ ପରିସରରେ ରଖାଯାଇଛ। ଏଥିସହ ଆଗାମୀ ଦିନରେ ପଞ୍ଚାୟତ ସ୍ତରୀୟ ଏବଂ ବ୍ଲକସ୍ତରୀୟ ପରବ ବର୍ଜନ ପାଇଁ କୁନ୍ଦୁରା ପରବ କମିଟି ଚେତାବନୀ ଦେଇଛି । ସୂଚନା ଥାଉକି, କୁନ୍ଦୁରା ବ୍ଲକରେ ଆଜି ପର୍ଯ୍ୟନ୍ତ ଜିଲ୍ଲା ସ୍ତରୀୟ ପରବ ଶୁଭାରମ୍ଭ ହୋଇନାହିଁ। ଏନେଇ କୁନ୍ଦୁରା ର ପରବ ଶୁଭାରମ୍ଭ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସମିତି ବୈଠକ ମଧ୍ୟ ବର୍ଜନ କରାଯାଇଛି । ଗତକାଲି ଜଗନ୍ନାଥ ମନ୍ଦିରରେ କୁନ୍ଦୁରା ପରବ କମିଟି ବୈଠକ କରାଯାଇ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ପରବ ବର୍ଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହେଉଛି।


● ଶ୍ରୀ ଅନ୍ନ ଅଭିଯାନର ମିଲେଟ୍ ଉତ୍କର୍ଷତା

# ଶ୍ରେଷ୍ଠ ଜିଲ୍ଲା ଭାବେ ରାୟଗଡ଼ା ପୁରସ୍କୃତ



ରାୟଗଡ଼ା,୧୨।୧୧(ସମିସ): ଚଳିତ ବର୍ଷ ଶ୍ରୀ ଅନ୍ନ ଅଭିଯାନ ଅନ୍ତର୍ଗତ 'ମିଲେଟ୍ ଉତ୍କର୍ଷତା' ପାଇଁ ଶ୍ରେଷ୍ଠ କାର୍ଯ୍ୟ କରୁଥିବା ଜିଲ୍ଲା ଭାବେ ରାୟଗଡା ଜିଲ୍ଲା ରାଜ୍ୟସ୍ତରରେ ସମ୍ମାନିତ ହୋଇଛି। ଏହି ପୁରସ୍କାରକୁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଗ୍ରହଣ କରିଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଭାରତର କେନ୍ଦ୍ରୀୟ କୃଷି ମନ୍ତ୍ରୀ, ଓଡିଶାର ଉପ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଜିଲ୍ଲାପାଳ ପୁରସ୍କାର ଗ୍ରହଣ କରିଥିଲେ । ଏହି ସମ୍ମାନ ରାୟଗଡ଼ା ଜିଲ୍ଲାର ମିଲେଟ୍ ଚାଷ, ପ୍ରସ୍ତୁତିକରଣ ଓ ବିପଣନ ପ୍ରକ୍ରିୟାରେ ସାର୍ବ ଉତ୍କୃଷ୍ଟ କାର୍ଯ୍ୟକୁ ଦର୍ଶାଇ ଥିଲା । ଜିଲ୍ଲାର ସାମୂହିକ ଉଦ୍ୟମରେ ବିଶେଷ କରି ମହିଳା କୃଷକମାନେ, ପାଖାପାଖି ସଂସ୍କୃତି, ମୂଲ୍ୟ ହସ୍ତକ୍ଷେପ ମାଧ୍ୟମରେ ସୁସ୍ଥ ଜୀବିକା, ସଥିକ ଚାଷିମାନ୍ୟ ଭାବନା ଓ ସୁସ୍ଥ ମୃଦା ପରିଚାଳନା ଆଦିକୁ ପ୍ରୋତ୍ସାହିତ କରାଯାଇଛି। ଏହି ପୁରସ୍କାର ରାୟଗଡା ଜିଲ୍ଲାର ସମାବେଶୀଶୀଳ ଦୃଷ୍ଟିକୋଣକୁ ପ୍ରତିବିମ୍ବିତ କରିବା, ପାରମ୍ପରିକ ଓ ଉଭିଦ ମିଲେଟ ଗୁଡିକୁ ଉତ୍ସାହିତ କରିବା, ମହିଳାମାନେ ଚାଷ ଓ ପରଉ-ହାରଭେଷ୍ଟ ପ୍ରକ୍ରିୟାରେ ସମର୍ଥନ ମିଳିବା, ଚାଷକମାନେ ବଜାର ସହିତ ସଂଯୋଗ ଧାରଣ କରିବା ଇତ୍ୟାଦି। ଏହା ଜିଲ୍ଲାକୁ ମିଲେଟ୍ ନିର୍ଭର ଗ୍ରାମୀଣ ପରିବର୍ତ୍ତନରେ ଏକ ମଡେଲ୍ ଭାବେ ପରିଣତ କରିବାରେ ମହତ୍ୱପୂର୍ଣ୍ଣ ମାଇଲଷ୍ଟୋନ ଭାବେ ଦେଖାଯାଉଛି।

# ସେମିଳିଗୁଡା ଝିଅ ରୁଚିକାଙ୍କ ପୁଣି ଏକ ସଫଳତା



ସେମିଳିଗୁଡା,୧୨।୧୧(ସମିସ): ସେମିଳିଗୁଡା ଝିଅ ରୁଚିକା ଦିବ୍ୟଦର୍ଶନୀଙ୍କ ପଞ୍ଚମ ପୁସ୍ତକ 'ଭଏସ୍ ଅଫ୍ ଚଏସ୍' ଇତିମଧ୍ୟରେ ଶ୍ରୀ ଶ୍ରୀ ୟୁନିଭେର୍ସିଟି ଠାରେ ଆଧ୍ୟାତ୍ମିକ ଗୁରୁଜୀ ଶ୍ରୀ ଶ୍ରୀ ରବିଶଙ୍କର ମହାରାଜଙ୍କର କରକମଳରେ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଭାଇସ ଚାନସେଲର, ଡିନ୍, ବିଭାଗୀୟ ମୁଖ୍ୟ, ଇଂରାଜୀ ବିଭାଗର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ର ଛାତ୍ରୀ ଉପସ୍ଥିତ ରହି ରୁଚିକାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ତାଙ୍କର ଉତ୍ତୋରତ୍ତର ଉନ୍ନତି କାମନା କରିଛନ୍ତି। ରୁଚିକା ବର୍ତ୍ତମାନ ଶ୍ରୀ ଶ୍ରୀ ୟୁନିଭରସିଟି ରେ ଶେଷବର୍ଷ କଳା (ଇଂରାଜୀ ସମ୍ମାନ)ରେ ଅଧ୍ୟୟନରତ । ନିଜର ସଫଳତା ପାଇଁ ରୁଚିକା ନିଜର ମାତା, ପିତା, ପରିବାରର ସମସ୍ତ ଗୁରୁଜନ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି । ରୁଚିକାଙ୍କ ମାତା ରେଣୁବାଳା ହୋତା ଦେଓମାଳି ପବ୍ଲିକ ସ୍କୁଲରେ ଇଂରାଜୀ ବିଦ୍ୟାଳୟରେ, ଶିକ୍ଷୟିତ୍ରୀ ଏବଂ ପିତା ଡ. ବୃନ୍ଦାବନ ପଣ୍ଡା ଗୁଣୁପୁର ଜିଆଇଇଟି ୟୁନିଭର୍ସିଟିରେ ପ୍ରଶାସନ ବିଭାଗରେ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି। ଝିଅର ସଫଳତା ପାଇଁ ପରିବାରବର୍ଗ ଖୁସି ହେବା ସହ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ଆଶୀର୍ବାଦ କାମନା କରିଛନ୍ତି।

# ଦୁର୍ଘଟଣାଗ୍ରସ୍ତ ଗୋରୁ ବୋଝେଇ ଗାଡ଼ି ଜାଳିଦେଲେ ଦୁର୍ବୃତ୍ତ

ରାୟଗଡ଼ା,୧୨।୧୧(ସମିସ): ରାୟଗଡା-କେରଡା ମୁଖ୍ୟ ରାସ୍ତାରେ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଧକ୍କାରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଥିବା ବେଳେ ତିନି ଜଣ ଗୁରୁତର ଆହତ ହୋଇଥିଲେ। ଶେଷଖାଲ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଛକରେ ଏହି ଦୁର୍ଘଟଣା ଘଟି ଜଗନ୍ନାଥପୁର ଗ୍ରାମର ମୋହନ ଉଲ୍ଲାକା(୪୭)ଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଗୁରୁତର ତିନି ଜଣଙ୍କୁ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ଚିକିତ୍ସା ବର୍ତ୍ତମାନ ମଧ୍ୟ ଚାଲିଛି। ତେବେ ଗତକାଲି ବିଳମ୍ବିତ ରାତିରେ ଉକ୍ତ ଦୁର୍ଘଟଣାଗ୍ରସ୍ତ ପିକଅପ୍ ଗାଡିକୁ କେହି ଦୁର୍ବୃତ୍ତ ଜାଳି ଦେଇଛନ୍ତି। ଦୁର୍ଘଟଣା ପରେ ଗାଡି ପୋଡ଼ି ଦିଆଯାଇଥିବା ଆଜି ବୁଧବାର ସକାଳୁ ନଜରକୁ ଆସିଥିଲା। ଏହାପରେ ଶେଷଖାଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ତେବେ କିଏ ଏହି ଗାଡି ଜାଳି ଦେଲେ ତାହା ସ୍ପଷ୍ଟ ହୋଇନଥିବା ବେଳେ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି।।

# ସେମିଳିଗୁଡା ମହାବିଦ୍ୟାଳୟ ଶିକ୍ଷା ବିଭାଗରେ ନବାଗତଙ୍କୁ ସ୍ୱାଗତ

ସେମିଳିଗୁଡା,୧୨।୧୧(ସମିସ): ସେମିଳିଗୁଡା ମହାବିଦ୍ୟାଳୟର ଶିକ୍ଷା ବିଭାଗ ପକ୍ଷରୁ ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ନେହପୂର୍ଣ୍ଣ ସ୍ୱାଗତ ଜଣାଇବା ପାଇଁ ସ୍ୱାଗତ ସମାରୋହ ଆୟୋଜନ କରାଯାଇଥିଲା। ଏହି ସମାରୋହରେ ସଭାପତିତ୍ୱ କରିଥିଲେ ଅଧ୍ୟକ୍ଷା ଡା. ଝର୍ଣ୍ଣା ସିଂହ। ଅନ୍ୟତମ ଅତିଥି ଭାବରେ ଉପସ୍ଥିତ ଥିଲେ ମନୋବିଜ୍ଞାନର ଅଧ୍ୟାପିକା ଶ୍ରୀମତୀ ବାସନ୍ତୀ ଶ୍ରୀ ପଟ୍ଟନାୟକ। ଏହି କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗର ଅଧ୍ୟାପିକା ସ୍ନିଗ୍ଧା ପଟ୍ଟନାୟକ,ଗୌରୀ ପଟ୍ଟନାୟକ, ସର୍ବେଶ୍ୱର ପ୍ରଧାନ ଏବଂ ପ୍ରଭାତ ବେହେରା ଉପସ୍ଥିତ ଥିଲେ। ନୂତନ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାନୁଶୀଳନ, ନୈତିକ ମୂଲ୍ୟବୋଧ ଓ ଶୃଙ୍ଖଳା ଅପଣେଇବାକୁ ଅଧ୍ୟକ୍ଷା ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଦୀପ ପ୍ରଜ୍ୱଳନ ଓ ପରମ୍ପରାଗତ ସ୍ୱାଗତ ସହ ଅତିଥିମାନଙ୍କୁ ସମ୍ମାନ ଜଣାଇ କାର୍ଯକ୍ରମର ଶୁଭାରମ୍ଭ ହୋଇଛି।

# କଣ୍ଟାଗୁଡ଼ା ଗ୍ରାମବାସୀଙ୍କ ଭରସା ବାଉଁଶ ପୋଲ



ଚିତ୍ରକୋଣ୍ଡା ,୧୨ ।୧୧(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ଗ୍ରାମକୁ ଭରସା ବାଉଁଶରେ ନିର୍ମିତ ପୋଲ। ଏହି ପୋଲ ଉପରେ ବିପଦସଙ୍କୁଳ ଅବସ୍ଥାରେ ବର୍ଷ ବର୍ଷ ଧରି ଯାତାୟାତ କରୁଛନ୍ତି ଗ୍ରାମବାସୀ। ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ ପରେ ମଧ୍ୟ ନିର୍ମାଣ ହୋଇ ପାରୁନାହିଁ କଙ୍କ୍ରିଟ୍ ବ୍ରିଜ। ଗୁରୁପ୍ରିୟା ସେତୁ ନିର୍ମାଣ ହେବାପରେ ମଧ୍ୟ ସ୍ୱାଭିମାନ ଅଞ୍ଚଳର ଗ୍ରାମ ଗୁଡିକୁ ରାସ୍ତା ବ୍ରିଜ୍ ପହଞ୍ଚିଛି ସତ, ହେଲେ ଏବେ ମଧ୍ୟ ଅନେକ ଗ୍ରାମକୁ ବିକାଶ ଅପହଞ୍ଚ ହୋଇ ରହିଛି। ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ରାଲେଗଡା ପଞ୍ଚାୟତ ଅନ୍ତର୍ଗତ କଣ୍ଟାଗୁଡା ଗ୍ରାମ। ଏହି ଗ୍ରାମକୁ ଯିବାକୁ ହେଲେ ଲୋକଙ୍କୁ ପାରି ହେବାକୁ ପଡେ ବାଉଁଶ ଓ କାଠରେ ନିର୍ମିତ ପୋଲ। ବର୍ଷା ଦିନ ଆସିଲେ ନଦୀରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ଏହି ଗ୍ରାମ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ଭାବରେ ବିଚ୍ଛିନ୍ନ ହୋଇଯାଏ। ଗ୍ରାମରେ କାହାର ଦେହ ଖରାପ ହେଲେ ହସ୍ପିଟାଲ ନେବା ପାଇଁ ଆମ୍ବୁଲାନ୍ସ ମଧ୍ୟ ଆସି ପାରେ ନାହିଁ। ଦୀର୍ଘ ୫୦ ବର୍ଷରୁ ଗ୍ରାମବାସୀ ଏଭଳି ସମସ୍ୟା ଭୋଗି ଆସୁଛନ୍ତି, ହେଲେ ନା ଶୁଣୁଛି ପ୍ରଶାସନ ନା ଶୁଣୁଛନ୍ତି ନେତା ମନ୍ତ୍ରୀ। ଏହି ଗ୍ରାମରେ ୩୦ରୁ ଅଧିକ ପରିବାର ବସବାସ କରୁଛନ୍ତି। ହେଲେ ପିଲାଙ୍କ ପାଠ ପଢ଼ିବା ଲାଗି ନାହିଁ ଅଙ୍ଗନବାଡି ଗୃହ କିମ୍ବା ସ୍କୁଲ ଗୃହ। ଫଳରେ କୁନି କୁନି ପିଲାମାନେ ଶିକ୍ଷା ବ୍ୟବସ୍ଥାରୁ ବଞ୍ଚିତ ହେବା ସହ ଗ୍ରାମରେ ଗାଈ ଚରାଇବା ସହ ଖେଳ କୁଦ କରି ସମୟ ଅତିବାହିତ କରୁଛନ୍ତି। ସେଭଳି ଗ୍ରାମରେ ଗୋଟିଏ ମଧ୍ୟ ପକ୍କାଘର ନଥିବା ବେଳେ ପାନୀୟଜଳ ସମସ୍ୟା ଲାଗି ରହିଛି। ଗ୍ରାମକୁ ଯିବାକୁ ରାସ୍ତା ନଥିବା ଯୋଗୁଁ ଗ୍ରାମବାସୀ ଅନେକ ସମସ୍ୟାର ସମ୍ମୁଖୀନ ହଉଥିବା ବେଳେ ନଦୀ ଉପରେ ବ୍ରିଜ ନିର୍ମାଣ ହେଉନଥିବା ଯୋଗୁଁ ଅଧାବାଟରେ ଅଟକିଛି ବିକାଶ। ତେବେ ଦେଖିବାକୁ ବାକି ରହିଲା, କେବେ ଏହି ଗ୍ରାମକୁ ଯାତାୟାତର ସୁବିଧା ହେଉଛି, କେବେ ନଦୀ ଉପରେ ବ୍ରିଜ୍ ନିର୍ମାଣ କରି ମୌଳିକ ସୁବିଧା ପହଞ୍ଚାଉଛି ପ୍ରଶାସନ।

# କୋରୁକୋଣ୍ଡା ଥାନା ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ




କୋରୁକୋଣ୍ଡା,୧୨ ।୧୧(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଥାନା ପକ୍ଷରୁ ଥାନା ଅଧିକାରୀ ହିମାଂସୁ ଶେଖର ବାରିକଙ୍କ ନେତୃତ୍ୱରେ କୋରୁକୋଣ୍ଡା ଠାରେ ସାଇବର ସୁରକ୍ଷା ଅଭିଯାନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କୋରୁକୋଣ୍ଡା ସଦର ସ୍ଥିତ ସ୍ୱାମୀ ଶିବାନନ୍ଦ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରୁ କୋରୁକୋଣ୍ଡା ଥାନାର ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀ ଛାତ୍ର ଏବଂ ଅଞ୍ଚଳବାସୀ ଏକ ଶୋଭାଯାତ୍ରାରେ ବାହାରି କୋରୁକୋଣ୍ଡା ସଦରର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସାଇବର ଠକେଇ ଏବଂ ଏଥିରୁ କିପରି ନିବୃତ୍ତ ରହିବେ ସେ ନେଇ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଏବଂ ଏଲଇଡି ଟିଭି ମାଧ୍ୟମରେ ସଚେତନ କରାଯାଇଥିଲା। ଏହା ପରେ ସ୍ୱାମୀ ଶିବାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ଏନେଇ ପୋଲିସ ପ୍ରଶାସନ ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ଥାନା ଅଧିକାରୀ ସଭାପତିତ୍ୱ କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଡୁଡାମେଟା ପଞ୍ଚାୟତର ସରପଞ୍ଚ ମାଧବ ମାଢ଼ି, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଶିବଦତ୍ତ ସାହୁ, କୋରୁକୋଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନଳିନୀ କାନ୍ତ ନାୟକ, କୋରୁକୋଣ୍ଡା ସରପଞ୍ଚ ପଦ୍ମା ମାଡକାମୀ, ତାର୍ଲାକୋଟା ସରପଞ୍ଚ ସାନରୀ ଖିଲ, ତୁମସାପାଲ୍ଲୀ ସରପଞ୍ଚ ଦେବା ମାଡାକାମୀ, ଡୁଡାମେଟା ପଞ୍ଚାୟତର ସମିତି ସଭ୍ୟା ସବିତା ଦାସ, କୋରୁକୋଣ୍ଡା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସତ୍ୟବ୍ରତ ବାରୋଇଙ୍କ ସମେତ ଏସ୍‌ଆଇ ପ୍ରଶାନ୍ତ କୁମାର ସାବତ ପ୍ରମୁଖ ଉପସ୍ଥିତ ଥିଲେ। ଯଦି କୌଣସି ବ୍ୟକ୍ତି ସାଇବର ଠକାମିର ଶିକାର ହେଉଛନ୍ତି ତେବେ ତୁରନ୍ତ ନିକଟସ୍ଥ ଥାନାରେ ଅବଗତ କରାଇବା ସହିତ ସରକାରଙ୍କ ଦ୍ୱାରା ଜାରୀ କରାଯାଇଥିବା ଟୋଲ ଫ୍ରି ନମ୍ବର ୧୯୩୦ ରେ ଫୋନ କରି ଘଟଣା ସମ୍ପର୍କରେ ଜଣାଇବାକୁ କୁହାଯାଇଥିଲା। ଏଥିସହ ଓଟିପି କିମ୍ବା ନିଜର କୌଣସି ବ୍ୟକ୍ତଗତ ତଥ୍ୟ କାହାରିକୁ ନଦେବାକୁ ସଚେତନ କରାଯାଇଥିଲା। ଏହି ଅବସରରେ ସାଇବର ସଚେତନତାକୁ ନେଇ ବିଭିନ୍ନ ବିଦ୍ୟାଳୟର ଛାତ୍ରୀ ଛାତ୍ର ମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯବା ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ସଭାରେ ଉପସ୍ଥିତ ଥିବା ଛାତ୍ର ଛାତ୍ରୀ ଏବଂ ଅଞ୍ଚଳବାସୀଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରାଯାଇଥିଲା।

# ମହୁଲି ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ବଦଳି ଦାବି

ବୈପାରୀଗୁଡ଼ା, ୧୨।୧୧(ସମିସ): ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ ମହୁଲି ପଞ୍ଚାୟତ ସଦର ମହକୁମା ସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ସହ ଶିକ୍ଷୟିତ୍ରୀ ପ୍ରତିଭା ପଟ୍ଟନାୟକଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ନିକଟରେ ଫେରାଦ ହେଲେ ଗ୍ରାମବାସୀ। ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟରୁ ବଦଳି କରାଯାଉ ବୋଲି କୁନ୍ଦୁରା ବ୍ଲକ କାର୍ଯ୍ୟାଳୟରେ ଏଡିଏମ ଟପନ କୁମାର ନାୟକଙ୍କୁ ଲିଖିତ ଅଭିଯୋଗ ଦେଇଛନ୍ତି ଗ୍ରାମବାସୀ। ଅଭିଯୋଗ ଅନୁଯାୟୀ, ଶିକ୍ଷୟିତ୍ରୀ ପ୍ରତିଭା ପଟ୍ଟନାୟକ ନିୟମିତ ସ୍କୁଲକୁ ଆସନ୍ତି ନାହିଁ। ଶ୍ରେଣୀ ଗୃହରେ ମୋବାଇଲରେ ବ୍ୟସ୍ତ ରୁହନ୍ତି। ପିଲାଙ୍କ ପାଠପଢ଼ାରେ ଗୁରୁତ୍ୱ ଦିଅନ୍ତି ନାହିଁ। ଏ ସମ୍ପର୍କରେ ଶିକ୍ଷୟତ୍ରୀଙ୍କୁ ଅଭିଭାବକ କିମ୍ବା ଗ୍ରାମବାସୀ ଜନ ପ୍ରତିନିଧି କେହିବି ପଚାରିଲେ ତାଙ୍କୁ ଦୁର୍ବ୍ୟବହାର କରନ୍ତି ବୋଲି ଅଭିଯୋଗ ହୋଇଛି। ପରିଚାଳନା କମିଟି ଏବଂ ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କ କଥାକୁ ମଧ୍ୟ ଖାମୁଖିଆଲି ନିଅନ୍ତି । ଏଭଳି ସମସ୍ୟା ନେଇ ବିଦ୍ୟାଳୟର ଶିକ୍ଷାଦାନରେ ବାଧା ସୃଷ୍ଟି ହେଉଛି। ଏଣୁ ସମ୍ପୃକ୍ତ ଶିକ୍ଷୟିତ୍ରୀ ଙ୍କୁ ବଦଳି ପାଇଁ ଦାବି କରିଛନ୍ତି ପରିଚାଳନା କମିଟି ସଭାପତି ଚନ୍ଦ୍ରସେନ ବେହେରା, ସମିତି ସଭ୍ୟ ଭକ୍ତରାମ ହରିଜନ, ପୂର୍ବତନ ସରପଞ୍ଚ ଧାନସାଇ ପରଜା ଓ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ।

# ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା




ପଦ୍ମପୁର,୧୨।୧୧(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଖିଲାମଣ୍ଡା ଆରଏମ୍‌ସି ପରିସରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ପରିଷଦ ତରଫରୁ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ମୃଣାୟ କୁମାର ପଣ୍ଡା, ସଭାପତି ଭାବେ ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶୁ ଚନ୍ଦ୍ର ଜାନୀ, ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମଣିମାଳା ଶବର, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସାଂସଦ ପ୍ରତିନିଧି ମାଝୀ ସୁରେଶ କୁମାର, ପଦ୍ମପୁର ତହସିଲଦାର ଶୁଭାଶିଷ ଶତପଥୀ, ଜିଲ୍ଲା ପରିଷଦ ସଭ୍ୟ ରବିନାରାୟଣ ଆଚାର୍ଯ୍ୟ, ପଦ୍ମପୁର ପ୍ରାଣୀ ଧନ ଚିକିତ୍ସାଧିକାରୀ ଡାକ୍ତର ସୁକାନ୍ତ କୁମାର ସାହୁ,, ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗୌଡ଼ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ମେଳାରେ ବିଭାଗୀୟ ଅଧିକାରୀ ମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ତଥା ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ପ୍ରାଣୀ କଲ୍ୟାଣ ଯୋଜନା, ଜାତୀୟ ପ୍ରାଣୀଧନ ମିଶନ୍ ଉପରେ ଅବଗତ କରାଯାଇଥିଲା। ମେଳାରେ ମିଶନ୍ ଶକ୍ତି, ମିଲେଟ୍ ମିଶନ୍, ଆଇସିଡିଏସ୍ ପ୍ରାଣୀ ବିଭାଗ ଓ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟିଲ ଗୁଡିକ ପ୍ରଦର୍ଶନ କରାଯାଇଥିଲା। ସଫଳ ପ୍ରାଣୀ ପାଳକ ଓ ମତ୍ସ୍ୟ ଚାଷୀ ମାନଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜିଲ୍ଲାପାଳଙ୍କ ନାଁରେ ନକଲି ଫେସ୍‌ବୁକ ଆକାଉଣ୍ଟ!

▶ ଆକାଉଣ୍ଟ ମାଧ୍ୟମରେ ମାଗିଲେ ଆର୍ଥିକ ସହାୟତା
▶ ପୁଲିସକୁ ସୂଚନା ଦେଲେ ଜିଲ୍ଲାପାଳ

ରାୟଗଡ଼ା,୧୨।୧୧(ସମିସ): ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନାମରେ ନକଲି ଫେସବୁକ୍ ଆକାଉଣ୍ଟ ଖୋଲି ଅନ୍ୟମାନଙ୍କୁ ଫ୍ରେଣ୍ଡ ରିକ୍ୟୁଷ୍ଟ ପଠାଇ ଆର୍ଥିକ ସହାୟତା ମାଗୁଥିବା ଭଳି ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଯାହାର ସୂଚନା ଦେଇଛନ୍ତି ରାୟଗଡ଼ାସହରର ଜଣେ ଯୁବକ ଅଂଶୁମାନ ପଟ୍ଟନାୟକ। ଅଂଶୁମାନଙ୍କ କହିବାନୁସାରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନାମ ଓ ଫଟୋ ରହିଥିବା ଏକ ଫେସବୁକ ପ୍ରୋଫାଇଲରୁ ବନ୍ଧୁତା ପାଇଁ ଅନୁରୋଧ ଆସିଥିଲା। ଅଂଶୁମାନ ଏହା ଜିଲ୍ଲାପାଳଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଭାବି ବନ୍ଧୁତା ଅନୁରୋଧକୁ ଗ୍ରହଣ ପୂର୍ବକ ଉକ୍ତ ଆକାଉଣ୍ଟ ସହ ଯୋଡ଼ି ହୋଇଥିଲେ। ଏହାପରେ ଉକ୍ତ ଆକାଉଣ୍ଟରୁ ଫେସବୁକ ମେସେଞ୍ଜର ମାଧ୍ୟମରେ ଅଂଶୁମାନଙ୍କୁ ନମସ୍କାର ସହିତ ମୋବାଇଲ ନମ୍ବର ମାଗିଥିଲେ। ଏଥି ସହିତ ଉକ୍ତ ଆକାଉଣ୍ଟରୁ ତାଙ୍କର ଜଣେ ବନ୍ଧୁ ସିଆରପିଏଫ୍ ଅଫିସର ଏବଂ ବଦଳି କାରଣରୁ ନିଜର ସମସ୍ତ ଘରକରଣା ସାମଗ୍ରୀ ବିକ୍ରି କରିଦେବେ କହୁଛନ୍ତି। ତେଣୁ ଆପଣ ଯଦି କିଣିବାକୁ ରାଜି ତେବେ ସେ ଆପଣଙ୍କୁ ଫୋନ କରିବେ ବୋଲି ସେଥିରେ ମେସେଜରେ ଉଲେଖ କରିଛନ୍ତି। ହେଲେ ପରବର୍ତି ସମୟରେ ଅଂଶୁମାନଙ୍କୁ ସନ୍ଦେହ ହେବାରୁ ସେ ଏନେଇ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇଥିଲେ। ଗଣମାଧ୍ୟମ ପ୍ରତିନିଧି ଏନେଇ ଜିଲ୍ଲାପାଳଙ୍କୁ ସୂଚନା ଦେବା ପରେ ଜିଲ୍ଲାପାଳ କୁଲକର୍ଣ୍ଣି ପୁଲିସକୁ ଏହାର ଯାଞ୍ଚ କରି ଉକ୍ତ ଆକାଉଣ୍ଟକୁ ସୋସିଆଲ ମିଡିଆରୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏନେଇ ଏସ୍‌ପି ସ୍ୱାଥି ଏସ.କୁମାରଙ୍କୁ ପଚାରିବାରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଏନେଇ ଫେସ୍‌ବୁକକୁ ଏହାର ସୂଚନା ଦିଆଯିବା ସହିତ ତଥ୍ୟ ମଗାଯାଇଛି ବୋଲି କହିଛନ୍ତି। ବର୍ତ୍ତମାନ ଜିଲ୍ଲାରେ ପୁଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସାଇବର ସୁରକ୍ଷା ସଚେତନତାକୁ ଜୋର ଦିଆଯାଉଥିବା ବେଳେ ଜିଲ୍ଲାର ମୁଖିଆ ଜିଲ୍ଲାପାଳଙ୍କ ଫୋଟୋ ଓ ନାମକୁ ବ୍ୟବହାର କରି ସାଇବର ଠକମାନେ ବହୁ ସୁବିଧାରେ ସିଧାସଳଖ ଜନତାଙ୍କୁ ଠକାମୀର ଶିକାର କରିବାକୁ ପ୍ରୟାସ କରୁଥିବାରୁ ପ୍ରଶାସନର ସଚେତନତା କେତେ ଦୂର କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ବାକି ରହିଛି।

## ୨୬/୧୧ ଭଳି ବହୁ ସହରରେ ଆକ୍ରମଣ ଯୋଜନା ପଣ୍ଡ

# ୨୦୦ ବୋମାରେ ହୋଇଥାନ୍ତା ସିରିଜ୍ ବିସ୍ଫୋରଣ

ନୂଆଦିଲ୍ଲୀ, ୧୨।୧୧ (ଏଜେନ୍ସି): ସୋମବାର ସନ୍ଧ୍ୟାରେ ଦିଲ୍ଲୀରେ ହୋଇଥିବା ବିସ୍ଫୋରଣଠାରୁ ଅତି ଭୟଙ୍କର ଯୋଜନା ପ୍ରସ୍ତୁତ କରିଥିଲେ ଆତଙ୍କବାଦୀ। ଏହି ଫରିଦାବାଦ ମଡ୍ୟୁଲୋରେ ସାମିଲ ଆତଙ୍କବାଦୀମାନେ ୨୦୦ ବୋମା (ଆଇଇଡି)ରେ ୨୬/୧୧ ଭଳି ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର କରିଥିଲେ ବୋଲି ଜଣାପଡ଼ିଛି। ଏଥିପାଇଁ ଫରିଦାବାଦରୁ ଗିରଫ ଡ. ସାହିନ ସାହିଦ ଦୁଇ ବର୍ଷ ହେଲା ବିସ୍ଫୋରକ ସଂଗ୍ରହ କରୁଥିଲା। ସାହିନ ଏବଂ ତାର ସହଯୋଗୀ ମିଶି 'ହ୍ୱାଇଟ କଲାର ଟେରର ମଡ୍ୟୁଲୋ' ଗଠନ କରିଥିଲେ। କାହାକୁ ସନ୍ଦେହ ନ ହେବା ପାଇଁ ଏଥିରେ କେବଳ ବୃତ୍ତିଗତ ଲୋକଙ୍କୁ ସାମିଲ କରିଥିଲେ। ଏହି ଆତଙ୍କବାଦୀ ଜୈସ-ଇ-ମହମ୍ମଦ ଏବଂ ଅନ୍‌ସାର ଗଜୱତ-ଉଲ-ହିନ୍ଦ ନାମକ ସଂଗଠନ ସହ ଜଡ଼ିତ ଥିଲେ।



ହରିୟାଣା ପୁଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଆତଙ୍କବାଦୀ ମଡ୍ୟୁଲୋ ୨୦୦ରୁ ଅଧିକ ଆଇଇଡି ପ୍ରସ୍ତୁତ କରିବାକୁ ଯୋଜନା କରିଥିଲେ। ଏଥିପାଇଁ ୨୯୦୦ କେଜି ବିସ୍ଫୋରକ ସହିତ ଟାଇମର ଏବଂ ବୋମା ପ୍ରସ୍ତୁତିରେ ବ୍ୟବହୃତ ଅନ୍ୟ ସାମଗ୍ରୀ ଆଣି ଥିଲେ। ଏମାନେ ଏକାସଙ୍ଗେ ଅନେକ ସହରରେ ୨୬/୧୧ ଭଳି ଆକ୍ରମଣ କରିବାକୁ ଯୋଜନା କରିଥିଲେ। କେବଳ ବିସ୍ଫୋରଣ ନୁହେଁ, ଏକେ-୫୬, ୪୭ ଭଳି ରାଇଫଲରୁ ସାର୍ବଜନୀନ ସ୍ଥାନରେ ଗୁଳିଗୋଳା ମାଡ଼ କରି ଲୋକଙ୍କ ଜୀବନ ନେବାକୁ ଚାହୁଁଥିଲେ। ଆଖପାଖରେ ଡାକ୍ତରଖାନା ନ ଥିବା ଅଞ୍ଚଳକୁ ନିଶାଣ କରିବାକୁ ଯୋଜନା କରିଥିଲେ। ଲୋକଙ୍କୁ ସହଜରେ ହସ୍ପିଟାଲରେ ପହଞ୍ଚିବାକୁ ନ ଦେବା ପାଇଁ ଏପରି କରିଥିଲେ।

ଦିଲ୍ଲୀ, ଗୁରୁଗ୍ରାମ ଏବଂ ଫରିଦାବାଦ ନିଶାଣରେ ଥିଲା। ଦିଲ୍ଲୀର ଲାଲକିଲ୍ଲା, ଇଣ୍ଡିଆ ଗେଟ୍, କନ୍‌ଷ୍ଟିଚ୍ୟୁସନ କ୍ଲବ ଏବଂ ଗୌରୀ ଶଙ୍କର ମନ୍ଦିର ଭଳି ପ୍ରମୁଖ ସ୍ଥାନକୁ ଆକ୍ରମଣ ପାଇଁ ଆତଙ୍କବାଦୀ ବାଛି ଥିଲେ। ଏହା ବ୍ୟତୀତ ସାରା ଦେଶର ରେଳ ଷ୍ଟେସନ ଏବଂ ବଡ଼ ମଲ୍ ମଧ୍ୟ ଟାର୍ଗେଟରେ ଥିଲା। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଷଡ଼ଯନ୍ତ୍ର ଗତ ଜାନୁଆରୀରୁ ଆରମ୍ଭ ହୋଇଥିଲା। ଜେଇଏମ ସହ ଏହି ଆତଙ୍କବାଦୀଙ୍କ ସମ୍ପର୍କ ଥିଲା। ଧାର୍ମିକ ସ୍ଥଳରେ ଆକ୍ରମଣ କରି ଦେଶରେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରିବା ସେମାନଙ୍କର ଉଦ୍ଦେଶ୍ୟ ଥିଲା। ଏଥିପାଇଁ କଶ୍ମୀରର ପୁଲୱାମା, ସୋପିଆନ ଏବଂ ଅନନ୍ତନାଗର କିଛି ଡାକ୍ତରଙ୍କୁ ବାଛି ଥିଲେ। ବିନା ସମସ୍ୟାରେ ଆକ୍ରମଣ ପାଇଁ ଏହି ପନ୍ଥା ଆପଣାଇ ଥିଲେ। ଆତଙ୍କବାଦୀମାନେ ଫରିଦାବାଦରେ ଦୁଇଟି ଘର ଭଡ଼ା ନେଇଥିଲେ। ପ୍ରଥମ ଠିକଣାଟି ଧୌଜ ଗ୍ରାମରେ ଥିଲା। ଏହା ଫଲାହ ବିଶ୍ୱବିଦ୍ୟାଳୟରୁ ମାତ୍ର ୩୦୦ ମିଟର ଦୂରରେ ରହିଛି। କୋଠା ତିଆରି ପାଇଁ ସାମଗ୍ରୀ ଯୋଗାଣ କରୁଥିବା ଇକବାଲ ଏହି ଆତଙ୍କବାଦୀମାନଙ୍କୁ ଘର ଦେଇଥିଲା। ତା ଘରୁ ୩୬୦ କେଜି ଆମୋନିୟମ ନାଇଟ୍ରେଟ, ରାଇଫଲ୍ସ ଏବଂ ଅନ୍ୟ ଅସ୍ତ୍ରଶସ୍ତ୍ର ମିଳିଥିଲା। ଏଠାରେ ଏକ ସିମେଣ୍ଟ ଗୋଦାମ ଥିଲା। କାହାର ସନ୍ଦେହ ନ ହେବା ପାଇଁ ବିସ୍ଫୋରକ ଏଠାରେ ରଖା ଯାଇଥିଲା। ସେହିପରି ଅନ୍ୟ ଠିକଣାଟି ଫତେହପୁର ଗ୍ରାମରେ ଥିଲା। ଏହା ବିଶ୍ୱବିଦ୍ୟାଳୟରୁ ତିନି କିମି ଦୂରରେ ରହିଥିଲା। ଏହା ନୁହ ବାସିନ୍ଦା ମୌଲବୀ ଇସ୍ତିୟାକର ଘର ଥିଲା। ଏଠାରୁ ୨୫୬୩ କେଜି ଆମୋନିୟମ ନାଇଟ୍ରେଟ ଜବତ କରାଯାଇଥିଲା। ଜାଣିଶୁଣି ମୁସଲିମ ବହୁଳ ଅଞ୍ଚଳରେ ଘର ଭଡ଼ା ନେଇ ଏହା ରଖାଯାଇଥିଲା। ଏହି ଘର ବାହାରେ ସିସିଟିଭି ଲାଗିଥିଲା। ମୌଲବୀର ଘର ହୋଇଥିବାରୁ ସନ୍ଦେହର କୌଣସି ଆଶଙ୍କା ନ ଥିଲା। କାରଣ ମୁସଲିମ ସମାଜ ମୌଲବୀଙ୍କ ଘରେ ଥିବା ଭଡ଼ାଟିଆଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖି ନ ଥାଏ।

## ନାକେଦମ କଲା ନାଲିଆ କାର୍; ହରିୟାଣାରୁ ଜବତ

ନୂଆଦିଲ୍ଲୀ, ୧୨।୧୧ (ଏଜେନ୍ସି): ଲାଲକିଲ୍ଲା ନିକଟରେ ସୋମବାର ହୋଇଥିବା ଭୟଙ୍କର ବିସ୍ଫୋରଣ ଏକ ଆତ୍ମଘାତୀ ଆତଙ୍କବାଦୀ ଆକ୍ରମଣ ଥିଲା ବୋଲି ଦିଲ୍ଲୀ ପୁଲିସ ସ୍ପଷ୍ଟ କରିଛି। ଜୈସ-ଇ-ମହମ୍ମଦ (ଜେଇଏମ)ର ସ୍ଲିପର୍ ସେଲ୍ ଏହି ବିସ୍ଫୋରଣ ଘଟାଇ ଥିଲା। ପ୍ରଥମ ଥର ପାଇଁ ଆମୋନିୟମ୍ ନାଇଟ୍ରେଟ୍‌କୁ ଅସ୍ତ୍ର କରି ଏଭଳି ଆତ୍ମଘାତୀ ଆକ୍ରମଣ କରାଯାଇଥିଲା ବୋଲି କୁହାଯାଉଛି। ଏପରି ସମୟରେ ଆଉ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍‌ନାକୁ ଆସିଛି। ଲାଲ୍ ରଙ୍ଗର ଫୋର୍ଡ ଇକୋସ୍ପୋର୍ଟ ଗାଡ଼ିକୁ ନେଇ ଚେତାବନୀ ଜାରି କରାଯାଇଛି। ମୁଖ୍ୟ ଷଡ଼ଯନ୍ତ୍ରକାରୀ ଆତଙ୍କବାଦୀ ଡାକ୍ତର ଉମର-ଉନ-ନବି ପାଖରେ ଏହି କାର୍ ଥିଲା ବୋଲି ଜଣାପଡ଼ିଛି। ସେ ଧଳା ରଙ୍ଗର କାର ସହିତ ଏହି ଇକୋ ସ୍ପୋର୍ଟ କାର (ଡିଏଲ୧୦ସିକେ୦୪୫୮) ମଧ୍ୟ କିଣିଥିଲା। ଆଇ୨୦ ବିସ୍ଫୋରଣରେ ଜଳି ଯାଇଥିବାବେଳେ ଇକୋ ସ୍ପୋର୍ଟ କାର୍ କୁଆଡେ ଗଲା ବୋଲି କାହା ପାଖରେ କିଛି ଖବର ନ ଥିଲା। ଏହା ନବି ନାମରେ ମଧ୍ୟ ପଞ୍ଜିକୃତ ହୋଇଛି। ସେ ଏହି କାର୍‌ର ଦ୍ୱିତୀୟ ମାଲିକ। ଏହି କାର୍ ୨୦୧୭ ନଭେମ୍ବର ୨୨ରେ ରାଜୌରୀ ଗାର୍ଡେନ୍ ଆରଟିଓରେ ପଞ୍ଜିକୃତ ହୋଇଥିଲା। ଏହି କାର୍ ଭିତରେ ମଧ୍ୟ ବିସ୍ଫୋରକ ଥାଇପାରେ। ଏହାକୁ ଧରିବା ପାଇଁ ନେଇ ଦିଲ୍ଲୀ ବ୍ୟତୀତ ଉତ୍ତର ପ୍ରଦେଶ (ୟୁପି) ଏବଂ ହରିୟାଣା ପୁଲିସ ନାକେଦମ ହୋଇଛି। ଏହି କାର୍‌କୁ ହରିୟାଣାର ଖନ୍ଦାବଲି ଗ୍ରାମରୁ ଜବତ କରାଯାଇଛି। ଏହାର ଯାଞ୍ଚ ପାଇଁ ଘଟଣାସ୍ଥଳରେ ପୁଲିସ ଏବଂ ଏନଆଇଏ ଅଧିକାରୀ ପହଞ୍ଚିଛନ୍ତି। ଏହି ମାମଲାରେ ଜଣେ ବ୍ୟକ୍ତିକୁ ଗିରଫ କରାଯାଇଛି। ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି କାର୍‌କୁ ଛାନଭିନ କରୁଛି। ମଙ୍ଗଳବାରଠାରୁ କାର୍ ଏଠାରେ ଥିଲା ବୋଲି ସ୍ଥାନୀୟ ଅଧିବାସୀ କହିଛନ୍ତି।



## ବନ୍ଧୁତା: ଡାକ୍ତରରୁ ଆତଙ୍କବାଦୀ

କଶ୍ମୀରର ପୁଲୱାମା ଜିଲ୍ଲା କୋଇଲ ଗ୍ରାମର ଦୁଇ ଯୁବକ ଡ. ମୁଜାମିଲ ଏବଂ ଡ. ଉମର ନବି ଏକାଠି ପଢ଼ି ଡାକ୍ତର ହୋଇଥିଲେ। ପରେ ଉଭୟରେ ହିଂସାର ମାର୍ଗକୁ ଆପଣାଇ ଆତଙ୍କବାଦୀ ପାଲଟି ଯାଇଥିଲେ। ଉଭୟଙ୍କ ଘର ମଧ୍ୟରେ ଦୂରତା କେବଳ ୮୦୦ ମିଟର। ଏହି ଚରମପନ୍ଥୀ କାର୍ଯ୍ୟ ପାଇଁ ମୁଜାମିଲକୁ ଗିରଫ ହୋଇଛି। ବିସ୍ଫୋରଣରେ ଉମର ପ୍ରାଣ ହରାଇଥିବା କୁହାଯାଉଛି। ଏବେ ଗାଁରେ ଉମରଙ୍କ ପରିବାର ଶୋକରେ ବୁଡି ରହିଛି। ଶେଷ ଥର ପାଇଁ ଗତ ଶୁକ୍ରବାର ଉମର ପରିବାର ଲୋକଙ୍କ ସହ କଥା ହୋଇଥିଲା। ଆଜି ଉମର ପାଇଁ ଆମେ ଲଜ୍ଜିତ ବୋଲି ଗ୍ରାମବାସୀ କହୁଛନ୍ତି। ଏହି ବିସ୍ଫୋରଣ ମାମଲାର ୮ ଜଣ ଗିରଫ ହେଲେଣି। ଏମାନଙ୍କ ମଧ୍ୟରୁ ୭ ଜଣ କଶ୍ମୀରର ବାସିନ୍ଦା। ସେମାନେ ହେଲେ ନୌଗାମର ଆରିଫ ନିସାର ଡାର ଓରଫ ସାହିଲ, ୟାସିର-ଉଲ-ଅସରଫ, ମକସୁଦ ଅହମ୍ମଦ ଡାର ଓରଫ ସାହିଦ, ସୋପିଆନର ମୌଲବୀ ଇର୍ଫାନ ଅହମ୍ମଦ, ଗାନ୍ଦେରବାଲର ଜମିର ଅହମ୍ମଦ ଅହଙ୍ଗର ଓରଫ ମୁତାଲିସ, ପୁଲୱାମାର ଡ. ମୁଜାମିଲ ଅହମ୍ମଦ ଗନି ଓରଫ ମୌସବୀ ଏବଂ କୁଲଗାମର ଡ. ଆଦିଲ। ସେହିପରି ଲକ୍ଷ୍ନୌର ସାହିନ ସୈୟିଦ ସାମିଲ ରହିଛି।

## ଅଷ୍ଟ୍ରେଲିଆ ଯିବାକୁ ଚାହୁଁଥିଲା ଡ. ସାହିନ୍

ବିସ୍ଫୋରଣର ଅନ୍ୟତମ ଅଭିଯୁକ୍ତ ଡ. ସାହିନ ଆହ୍ଲାବାଦ ମେଡିକାଲ କଲେଜରୁ ଏମବିବିଏସ କରିବା ପରେ କାନପୁର ମେଡିକାଲ କଲେଜରେ ସହାୟକ ପ୍ରାଧାପିକା ଥିଲା। ୨୦୨୧ରେ ସେ ସେଠାରୁ ଗାଏବ ହୋଇ ମୁଜାମିଲ ସମ୍ପର୍କରେ ଆସିଥିଲା। ପରେ ପାକିସ୍ତାନୀ ଆତଙ୍କବାଦୀଙ୍କ ନିର୍ଦ୍ଦେଶରେ ମହିଳାଙ୍କୁ ଚରମପନ୍ଥୀ କାର୍ଯ୍ୟକଳାପରେ ସାମିଲ କରୁଥିଲା। ସେ ଅଲ-ଫଲାହ ବିଶ୍ୱବିଦ୍ୟାଳୟରେ ଜୁନିଅର ଡାକ୍ତରଙ୍କ ବ୍ରେନ ୱାସ୍ କରୁଥିଲା। ଏହି ବିଶ୍ୱବିଦ୍ୟାଳୟ ବ୍ରେନ୍ ୱାସର କେନ୍ଦ୍ର ପାଲଟି ଯାଇଥିଲା। ୪୫ ବର୍ଷୀୟା ସାହିନ ୩୬ ବର୍ଷୀୟ ଡ. ମୁଜାମିଲକୁ ପ୍ରେମ କରୁଥିଲା। ଉଭୟେ ପ୍ରାୟତଃ ସବୁବେଳେ ଏକାଠି ଭୋଜନ କରୁଥିଲେ। ସେହିପରି ସାହିନର ପୂର୍ବତନ ସ୍ୱାମୀ ଡ. ହୟାତ ଜାଫର ବଡ଼ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଥମେ ସାହିନ ଚରମପନ୍ଥୀ ନ ଥିଲା। ସେ ଉଦାରବାଦୀ ଥିଲା। ଦୁଇ ପିଲା ଏବଂ ପରିବାର ସହ ସେ ଅଷ୍ଟ୍ରେଲିଆ କିମ୍ବା ୟୁରୋପରେ ଯାଇ ରହିବାକୁ ଚାହୁଁଥିଲା। କିନ୍ତୁ ଦମ୍ପତି ୨୦୧୨ରେ ଅଲଗା ହୋଇ ଯାଇଥିଲେ।


## ଷଡ଼ଯନ୍ତ୍ରର ପ୍ରମୁଖ କେନ୍ଦ୍ର ଅଲ୍-ଫଲାହ ବିଶ୍ୱବିଦ୍ୟାଳୟ

ଦିଲ୍ଲୀ ବିସ୍ଫୋରଣରେ ସାମ୍‌ନାକୁ ଆସିଥିବା ଅଭିଯୁକ୍ତଙ୍କ ସମ୍ବନ୍ଧ ଫରିଦାବାଦର ଅଲ୍-ଫଲାହ ୟୁନିଭର୍ସିଟି ସହ ରହିଛି। ଏ ପର୍ଯ୍ୟନ୍ତ ମାମଲାରେ ୭ ଡାକ୍ତରଙ୍କ ନାମ ସାମ୍‌ନାକୁ ଆସିଲାଣି। ପରସ୍ପର ସହ ଏମାନଙ୍କର କୌଣସି ନା କୌଣସି ସମ୍ବନ୍ଧ ଥିବା ଜଣାପଡ଼ିଛି। ବିସ୍ଫୋରଣ ଦିନ କାର୍ ଚଳାଉଥିବା ଡ. ଉମର ଉନ ନବି ପ୍ରାଣ ହରାଇଥିବା କୁହାଯାଉଛି। ସେହିପରି ଏ ପର୍ଯ୍ୟନ୍ତ ଏହି ମାମଲାରେ ୬ ଡାକ୍ତରଙ୍କୁ ଗିରଫ କରାଗଲାଣି। ଜଣେ ଏବେ ବି ଫେରାର ରହିଛି। ଏପରି ସମୟରେ ଅଲ-ଫଲାହ ୟୁନିଭର୍ସିଟିର ଚାନ୍‌ସେଲର ମଧ୍ୟପ୍ରଦେଶରୁ ଦିଲ୍ଲୀ ଯାଇଥିବା ଜଣାପଡ଼ିଛି। ସେ ହିଁ ଏହି କଲେଜ ଖୋଲିଥିଲା ଏବଂ ନିଜେ ଚାନ୍‌ସେଲର ହୋଇଥିଲା।

ଫରିଦାବାଦ ଆତଙ୍କବାଦୀ ମଡ୍ୟୁଲ୍ ପର୍ଦ୍ଦାଫାସ୍ ହେବା ପରେ ଅଲ୍-ଫଲାହ ବିଶ୍ୱବିଦ୍ୟାଳୟ ସୁରକ୍ଷା ଏଜେନ୍ସିଙ୍କ ରାଡାରରେ ରହିଛି। ବିଶ୍ୱବିଦ୍ୟାଳୟ ସହ ଜଡିତ ତିନି ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ପୂର୍ବରୁ ଗିରଫ କରାଯାଇଥିବା ବେଳେ ସେମାନଙ୍କଠାରୁ ବିପୁଳ ପରିମାଣରେ ବିସ୍ଫୋରକ ଜବତ କରାଯାଇଛି। ଆଜି ଏନଆଇଏ ଅଧିକାରୀ ଏହି ବିଶ୍ୱବିଦ୍ୟାଳୟକୁ ଯାଇ ଯାଞ୍ଚ କରିଛନ୍ତି। ଦିଲ୍ଲୀ କାର୍ ବୋମା ବିସ୍ଫୋରଣର ସମସ୍ତ ଷଡ଼ଯନ୍ତ୍ର ଫରିଦାବାଦର ଅଲ୍-ଫଲାହ ବିଶ୍ୱବିଦ୍ୟାଳୟର ୧୭ ନମ୍ବର ବିଲ୍ଡିଂର ୧୩ ନମ୍ବର ରୁମ୍‌ରେ କରା ଯାଇଥିଲା। ୧୭ ନମ୍ବର ବିଲ୍ଡିଂର ତୃତୀୟ ମହଲାରେ ଥିବା ଏହି ରୁମ୍ ଡାକ୍ତର ମୁଜାମିଲ ନାମରେ ଆବଣ୍ଟିତ ହୋଇଥିଲା। କିନ୍ତୁ ଏହି ରୁମ୍‌ରେ ଉମର ରହୁଥିଲା। ଉମରକୁ ପାଖରେ ଏକ କୋଠରୀ ଦିଆଯାଇଥିଲେ ବି ସେ ନିଜ ରୁମ୍‌ରେ ରହୁ ନ ଥିଲା। ଜମ୍ମୁ-କଶ୍ମୀର ପୁଲିସ, ହରିୟାଣା ପୁଲିସ ଏବଂ ଏନଆଇଏ ଏ ସମ୍ପର୍କରେ ପୁନର୍ବାର ବିଶ୍ୱବିଦ୍ୟାଳୟ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ପଚରାଉଚରା କରିଛି। ବାହାରୁ ତାଲା ପଡ଼ିଥିବାରୁ ଏଟିଏସ ତୃତୀୟ ମହଲାରେ ଥିବା ଡାକ୍ତର ମୁଜାମିଲ ଏବଂ ଉମର ରୁମ୍‌ର କବାଟ ଭାଙ୍ଗି ତଲାସୀ ନେଇଥିଲା। ଏହି ଟିମ୍ ଦୁଇ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଯାଞ୍ଚ କରିଥିଲା। ଏଠାରୁ ବିଭିନ୍ନ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଥିବା ସୂଚନା ମିଳିଛି।




## ବ୍ରେନୱାସ କରୁଥିଲା ମୌଲବୀ ଇର୍ଫାନ



ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା କାର୍ ବୋମା ବିସ୍ଫୋରଣର ଲିଙ୍କ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ସହ ରହିଥିବା କୁହାଯାଉଛି। ଭାରତରେ ଆତଙ୍କବାଦୀ ଆକ୍ରମଣ ପାଇଁ ତିନିରୁ ଚାରି ମାସ ହେଲା ଏଠାରେ ଷଡ଼ଯନ୍ତ୍ର କରାଯାଉଥିଲା। ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦ ଏବଂ ଲସ୍କର-ଇ-ତୋଏବା ଏଥିରେ ସାମିଲ ଥିଲା। ପିଓକେରେ ଆତଙ୍କବାଦୀଙ୍କୁ ଇଣ୍ଟରସେପ୍ଟ କରି ସୁରକ୍ଷା ଏଜେନ୍ସି ଏହା ଜାଣିବାକୁ ପାଇଛି। ସୁରକ୍ଷା ଏଜେନ୍ସିଗୁଡିକର ସୂଚନା ଅନୁଯାୟୀ, ଜେଇଏମର ମହିଳା ଶାଖା ଅକ୍ଟୋବର ମାସରୁ ଭାରତରେ ସକ୍ରିୟ ଥିଲା। ଯୁବତୀମାନଙ୍କୁ ବ୍ରେନ ୱାସ କରିବା ସେମାନଙ୍କର ଲକ୍ଷ୍ୟ ଥିଲା। ଫରିଦାବାଦରେ ଗିରଫ ହୋଇଥିବା ତିନି ଜଣ ଡାକ୍ତର ଏହି ମଡ୍ୟୁଲୋର ଅଂଶ ଥିଲେ।

ଦିଲ୍ଲୀ ବିସ୍ଫୋରଣର ଷଡ଼ଯନ୍ତ୍ର କଶ୍ମୀରର ନୌଗାମରୁ ଆରମ୍ଭ ହୋଇଥିଲା। ମାମଲାର ତଦନ୍ତ ସମୟରେ ପୁଲିସ ମୌଲବୀ ଇର୍ଫାନ ଅହମ୍ମଦ ପାଖରେ ପହଞ୍ଚିଥିଲା। ସେ ହିଁ ଡାକ୍ତରମାନଙ୍କ ବ୍ରେନ୍ ୱାସ୍ କରିଥିଲା। ଡାକ୍ତରଙ୍କୁ ବିସ୍ଫୋରଣ ପାଇଁ ସେ ଉସୁକାଇ ଥିଲା। ଶ୍ରୀନଗରର ସରକାରୀ ମେଡିକାଲ କଲେଜରେ କାମ କରୁଥିବାବେଳେ ସେ ସବୁ ଛାତ୍ରଛାତ୍ରୀଙ୍କ ସହ ଯୋଗାଯୋଗରେ ଥିଲା। ଇର୍ଫାନ ନୌଗାମ ମସ୍‌ଜିଦର ଇମାମ ମଧ୍ୟ ଥିଲା। ସେ ଜେଇଏମ ଦ୍ୱାରା ପ୍ରଭାବିତ ହୋଇଥିଲା। ସେ ଛାତ୍ରଛାତ୍ରୀଙ୍କୁ ଚରମପନ୍ଥୀଙ୍କ ଭିଡିଓ ଦେଖାଉ ଥିଲା। ଆଫଗାନିସ୍ତାନ ସହ ଇର୍ଫାନର ଲିଙ୍କ ଥିଲା। ଭଏସ ଓଭର ଇଣ୍ଟରନେଟ ପ୍ରୋଟୋକଲରେ ସେ ଅନ୍ୟ ଆତଙ୍କବାଦୀଙ୍କସହ କଥା ହେଉଥିଲା। ଇର୍ଫାନ ଏହି ମଡ୍ୟୁଲୋର ମାଷ୍ଟରମାଇଣ୍ଡ ଥିଲା। ଡ. ମୁଜାମିଲ ଏବଂ ଉମରକୁ ତାକୁ କାମରେ ସହାୟତା କରୁଥିଲେ। ସାହିନ କେବଳ ଦୁଇ ଥର ସହାୟତା କରିଥିଲା। ଟେଲିଗ୍ରାମ ଏବଂ ଥ୍ରିମାରେ ଇର୍ଫାନର ଆକାଉଣ୍ଟ ଥିଲା। ସେ ଏହା ମାଧ୍ୟମରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଥିଲା। ଏଥିପାଇଁ ତାକୁ ପାକିସ୍ତାନରୁ ପାଣ୍ଠି ମିଳୁଥିଲା।

ସୂତ୍ରରୁ ଜଣାପଡ଼ିଛି ଯେ ଅଗଷ୍ଟ ଏବଂ ଅକ୍ଟୋବର ମଧ୍ୟରେ ପିଓକେରେ ବିଭିନ୍ନ ଆତଙ୍କବାଦୀ ଗୋଷ୍ଠୀର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜମାତ-ଇ-ଇସଲାମି ଏବଂ ଆଇଏସଆଇର ବରିଷ୍ଠ ଅଧିକାରୀ ସାମିଲ ହୋଇ ପୁରୁଣା ନେଟୱର୍କକୁ ସକ୍ରିୟ କରିବା ପାଇଁ କହିଥିଲେ।

## କଳା ସାମ୍ରାଜ୍ୟର କଳାକାର



ଦିଲ୍ଲୀ ବିସ୍ଫୋରଣ ଚେର ମଧ୍ୟପ୍ରଦେଶ ମହୁ ପର୍ଯ୍ୟନ୍ତ ଲମ୍ବି ଯାଇଛି। ମୁଖ୍ୟ ଅଭିଯୁକ୍ତ ଡ. ଓମର ନବି ଫରିଦାବାଦର ଯେଉଁ ବିଶ୍ୱବିଦ୍ୟାଳୟରେ ପଢୁଥିଲା ତାହାର ଅଧକ୍ଷ ଜବାଦ ଅହମ୍ମଦ ସିଦ୍ଦିକ ମଧ୍ୟପ୍ରଦେଶ ମହୁର ମୂଳ ବାସିନ୍ଦା। ଯାଞ୍ଚରୁ ଜଣାପଡ଼ିଛି ଯେ ଜବାଦ ପ୍ରଥମେ ଅଲ-ଫଲାହ ନାମରେ ଏକ ନିବେଶ କମ୍ପାନୀ ଖୋଲିଥିଲା। ସେ ଏହା ମାଧ୍ୟମରେ ଅଧିକ ଲାଭର ଲୋଭ ଦେଖାଇ ଲୋକଙ୍କୁ ଠକିଥିଲା। ପରେ ୨୦୦୧ରେ ଆର୍ଥିକ ଠକେଇରେ ଫସିବାରୁ ପରିବାର ସହିତ ଦିଲ୍ଲୀ ପଳାଇ ଆସିଥିଲା। ଫରିଦାବାଦରେ ଏକ ମହାବିଦ୍ୟାଳୟ (କଲେଜ) ଖୋଲିଥିଲା। ପରେ ଏହାକୁ ବିଶ୍ୱବିଦ୍ୟାଳୟରେ ପରିଣତ କରି ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଥିଲା। ମହୁର ଅତିରିକ୍ତ ଏସ୍‌ପି ରୁପେଶ ଦ୍ୱିବେଦୀ କହିଛନ୍ତି ଯେ ଜବାଦ ଏବଂ ତା ପରିବାରର ପୁରୁଣା ରେକର୍ଡ ଯାଞ୍ଚ କରାଯାଉଛି। ସେ ପ୍ରାୟ ୨୫ ବର୍ଷ ତଳେ ମହୁର କାୟସ୍ଥ ଅଞ୍ଚଳରେ ରହୁଥିଲା। ତାର ଦୁଇ ଭାଇ ଏଠାରେ ପଢିଛନ୍ତି। ବାପା ମହମ୍ମଦ ହମାଦ ସିଦ୍ଦିକି ମହୁ ସହରରେ କାଜି ଅଛନ୍ତି। ଜବାଦର ସାବତ ଭାଇ ଅଫାମ ହତ୍ୟା ମାମଲାରେ ଜେଲ୍ ଯାଇଛି। ମହୁ ସ୍ଥିତ ଘରେ ତା ପରିବାରର କୌଣସି ସଦସ୍ୟ ରହୁନାହାନ୍ତି। ମୁଖ୍ୟ ଫାଟକରେ ତାଲା ଲାଗିଛି। ସାମାଜିକ ଗଣମାଧ୍ୟମରୁ ଜବାଦ ବିଷୟରେ ସୂଚନା ମିଳିଥିଲା। ଏବେ ତାହାର ତଦନ୍ତ ଜାରି ରହିଛି।

## ତଦନ୍ତ ଆରମ୍ଭ କଲା ଏନ୍‌ଆଇଏ 'ସ୍ପେଶିଆଲ ୧୦'

ଏନଆଇଏ ବିସ୍ଫୋରଣର ତଦନ୍ତ ପାଇଁ 'ସ୍ପେଶିଆଲ ୧୦' ଅଧିକାରୀଙ୍କ ଏକ ଦଳ ଗଠନ କରିଛି। ଏଥିରେ ଜଣେ ଆଇଜି, ଦୁଇ ଜଣ ଡିଆଇଜି ଏବଂ ତିନି ଜଣ ଏସପି ସାମିଲ ଅଛନ୍ତି। ଅନ୍ୟମାନେ ଡିଏସ୍‌ପି ସ୍ତରୀୟ ଅଧିକାରୀ ଏହି ଦଳରେ ସାମିଲ ରହିଛନ୍ତି। ଏନଆଇଏ ଡିଜି ଏବଂ ଆଇବି ମୁଖ୍ୟ ମଧ୍ୟ ବୁଧବାର ଦିଲ୍ଲୀ ବିସ୍ଫୋରଣ ସମ୍ପର୍କରେ ଏକ ବୈଠକ କରିଥିଲେ ବୋଲି ଜଣାଯାଇଛି। ଏନଆଇଏ ଟିମ୍ ଆଜି ଜମ୍ମୁ-କାଶ୍ମୀର, ଦିଲ୍ଲୀ ଏବଂ ହରିୟାଣା ପୁଲିସଠାରୁ ଜୈସ ମଡ୍ୟୁଲୋ ସମ୍ବନ୍ଧିତ ସମସ୍ତ ମାମଲାର ପ୍ରମାଣପତ୍ର ନିଜ ହାତକୁ ନେଇପାରେ। ଏନ୍‌ଆଇଏ ଡିଜି ବିଜୟ ସାଖରେ ଏହି ଟିମ୍‌ର ନେତୃତ୍ୱ ନେଉଛନ୍ତି। ୧୯୯୬ ବ୍ୟାଚ୍‌ର ଏହି କେରଳ କ୍ୟାଡର ଅଧିକାରୀ ପୂର୍ବରୁ ଏନଆଇଏର ଆଇଜି ଥିଲେ। ଗତ ସେପ୍ଟେମ୍ବରରେ ସେ ଡିଜି ଭାବେ ଦାୟିତ୍ୱଗ୍ରହଣ କରିଥିଲେ।

## ପୀଡ଼ିତଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ



ଭୁଟାନ ଗସ୍ତରୁ ଫେରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀ ବିସ୍ଫୋରଣରେ ଆହତ ହୋଇଥିବା ବ୍ୟକ୍ତିଙ୍କୁ ଭେଟିଛନ୍ତି। ସେ ଏଲଏନଜେପି ହସ୍ପିଟାଲକୁ ଯାଇ ଆହତମାନଙ୍କ ସହ କଥା ହୋଇଛନ୍ତି ଏବଂ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମୋଦୀ ଡାକ୍ତରଙ୍କ ସହ କଥା ହୋଇ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ବୁଝିଛନ୍ତି। ଏହି ଷଡ଼ଯନ୍ତ୍ରରେ ସାମିଲ ଥିବା ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ। ସମସ୍ତଙ୍କୁ ନ୍ୟାୟର କାଠଗଡ଼ାକୁ ଟଣାଯିବ ବୋଲି ମୋଦୀ କହିଛନ୍ତି।

## ଅନେକ ଅସମାହିତ ପ୍ରଶ୍ନ

ଲାଲକିଲ୍ଲା ବିସ୍ଫୋରଣର ତଦନ୍ତରୁ ଏ ପର୍ଯ୍ୟନ୍ତ ୪୨ରୁ ଅଧିକ ପ୍ରମାଣ ମିଳିଲାଣି। ଘଟଣାସ୍ଥଳରୁ ପ୍ରାୟ ୪୦ ନମୁନା ସଂଗ୍ରହ କରାଗଲାଣି। ତଥାପି ଅନେକ ଅସମାହିତ ପ୍ରଶ୍ନର ଉତ୍ତର ଖୋଜୁଛନ୍ତି ଯାଞ୍ଚ ଏଜେନ୍ସି। ଏଗୁଡ଼ିକ ମଧ୍ୟରେ ୨୬/୧୧ ତାରିଖରେ ଆକ୍ରମଣ ପାଇଁ ଷଡ଼ଯନ୍ତ୍ର କରାଯାଇଥିଲା କି? ଏହି ବିସ୍ଫୋରଣର ମାଷ୍ଟରମାଇଣ୍ଡ କିଏ? ବିସ୍ଫୋରଣ ପଛରେ ବିଦେଶୀ ଶକ୍ତିର ହାତ ଅଛି କି? ସମ୍ପୂର୍ଣ୍ଣ ମଡ୍ୟୁଲୋ ଏବଂ ନେଟୱାର୍କ କେମିତି ପ୍ରସ୍ତୁତ ହୋଇଥିଲା? ଅଲ-ଫଲାହ ୟୁନିଭର୍ସିଟି ଷଡ଼ଯନ୍ତ୍ରର କେନ୍ଦ୍ର କେମିତି ପାଲଟି ଥିଲା? ଏତେ ବିସ୍ଫୋରକ ସଂଗ୍ରହ କରିବାର ପ୍ରକୃତ କାରଣ କ'ଣ ଥିଲା? ଏହି ଷଡ଼ଯନ୍ତ୍ର ବିଷୟରେ ସୁରକ୍ଷା ଏଜେନ୍ସିଗୁଡ଼ିକ ଜାଣିପାରିଲେ ନାହିଁ କେମିତି? ବିସ୍ଫୋରଣ ପୂର୍ବରୁ ତିନି ଘଣ୍ଟା ପର୍ଯ୍ୟନ୍ତ ଡ. ଉମର କାହିଁକି କାର୍‌ରେ ବସି ରହିଥିଲା? ସେ କାହାର ନିର୍ଦ୍ଦେଶକୁ ଅପେକ୍ଷା କରି ରହିଥିଲା କି? ନିର୍ଦ୍ଦେଶ ମିଳିବା ପରେ ବିସ୍ଫୋରଣ କରିଥିଲା କି? ଏହି କାର୍‌ରେ ବସିଥିବା ଅନ୍ୟ ଯାତ୍ରୀମାନେ କିଏ? ଏଭଳି ଅନେକ ପ୍ରଶ୍ନ ଉଙ୍କି ମାରୁଛି।

## ଜମ୍ମୁ-କଶ୍ମୀରରୁ ବରଖାସ୍ତ; ଅଲ-ଫଲାହରେ ନିଯୁକ୍ତି

ଦିଲ୍ଲୀ ବିସ୍ଫୋରଣ ଷଡ଼ଯନ୍ତ୍ରର ପ୍ରମୁଖ କେନ୍ଦ୍ର ପାଲଟି ଥିବା ଅଲ-ଫଲାହ ବିଶ୍ୱବିଦ୍ୟାଳୟର ଗୋଟିଏ ପରେ ଗୋଟିଏ କଳାକାରନାମା ସାମ୍‌ନାକୁ ଆସିବାରେ ଲାଗିଛି। ଯାଞ୍ଚ ଏଜେନ୍ସି ରାଡାରରେ ଥିବା ଏହି ବିଶ୍ୱବିଦ୍ୟାଳୟର ଜଣେ ପ୍ରାଧ୍ୟାପକ ଏବେ ଫେରାର ରହିଛି। ତାଙ୍କ ନାମ ଡ. ନାସିର-ଉଲ-ହାସନ। ପୂର୍ବରୁ ମଧ୍ୟ ସେ ବିବାଦରେ ଥିଲେ। ଆତଙ୍କବାଦୀ ସଂଗଠନ ସହ ଲିଙ୍କ୍ ଯୋଗୁଁ ଜମ୍ମୁ-କଶ୍ମୀର ସରକାର ତାକୁ ୨୦୨୩ରେ ବରଖାସ୍ତ କରି ଦେଇଥିଲେ। କିନ୍ତୁ ଏହି ପ୍ରାଧ୍ୟାପକକୁ ଅଲ-ଫଲାହ ବିଶ୍ୱବିଦ୍ୟାଳୟ ନିଯୁକ୍ତି ଦେଇଥିଲା। ସେ ମେଡିସନ ବିଭାଗର ପ୍ରାଧ୍ୟାପକ ପାଲଟି ଥିଲା। ସେ ଏଠାରେ ଡାକ୍ତରମାନଙ୍କ ମାଇଣ୍ଡ ୱାସ୍ କରୁଥିବା କୁହାଯାଉଛି।

## ପାକିସ୍ତାନ ଛାଡ଼ିବେ ଶ୍ରୀଲଙ୍କା ଖେଳାଳି

କଲମ୍ବୋ, ୧୨।୧୧(ଏଜେନ୍ସି): ପାକିସ୍ତାନରେ ବୋମା ବିସ୍ଫୋରଣ ପରେ ଘରୋଇ ଦଳ ସହ ଦିନିକିଆ ସିରିଜ୍ ଖେଳୁଥିବା ଶ୍ରୀଲଙ୍କାର କ୍ରିକେଟ ଖେଳାଳିମାନେ ଜୀବନ ଭୟରେ ସ୍ୱଦେଶ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ୬ଜଣ ଖେଳାଳି ତୁରନ୍ତ ପାକିସ୍ତାନ ଛାଡ଼ିବାକୁ ଶ୍ରୀଲଙ୍କା କ୍ରିକେଟ ସଂଘକୁ ନିବେଦନ କରିଛନ୍ତି। ଗତକାଲି ପାକିସ୍ତାନର ରାୱଲପିଣ୍ଡିରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୧୨ ଜଣ ମୃତ୍ୟୁବରଣ କରିଥିଲେ ଓ ୨୭ ଜଣ ଆହତ ହୋଇଥିଲେ। ଏହା ସତ୍ତ୍ୱେ ରାୱଲପିଣ୍ଡିରେ ପ୍ରଥମ ଦିନିକିଆ ଆୟୋଜିତ ହୋଇଥିଲା ଓ ପାକିସ୍ତାନ ଏହାକୁ ୬ ରନ୍‌ରେ ଜିତିଥିଲା। କିନ୍ତୁ ଆଜି ଖେଳାଳିମାନେ ସ୍ୱଦେଶ ଫେରିଯିବାକୁ କହିବା ପରେ ଶ୍ରୀଲଙ୍କା କ୍ରିକେଟର ସଭାପତି ସାମି ସିଲ୍‌ଭା କିଛି ନିଷ୍ପତ୍ତି ନେଇପାରି ନାହାନ୍ତି। ସେମାନଙ୍କ ବଦଳରେ ନୂଆ ଖେଳାଳିଙ୍କୁ ପାକିସ୍ତାନ ପଠାଯିବ ବୋଲି ଶ୍ରୀଲଙ୍କା କ୍ରିକେଟ ସୂତ୍ରରୁ ସୂଚନା ମିଳିଛି। କିନ୍ତୁ ଆସନ୍ତାକାଲି ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆ ଆୟୋଜନ ନେଇ ସନ୍ଦେହ ପ୍ରକାଶ ପାଇଛି।

### ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ

## ହିନ୍ଦୀ କହିବାକୁ ବାଧ୍ୟ କରିପାରିବେନି

ନୂଆଦିଲ୍ଲୀ, ୧୨।୧୧ (ଏଜେନ୍ସି): ଦିଲ୍ଲୀରେ କେରଳର ଦୁଇ ଛାତ୍ରଙ୍କୁ ମାଡ଼ ମାରିବା ଉପରେ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। କୋର୍ଟ ଏହାକୁ ନେଇ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଜଷ୍ଟିସ ସଞ୍ଜୟ କୁମାର ଏବଂ ଜଷ୍ଟିସ ଆଲୋକ ଅରାଧେଙ୍କ ଖଣ୍ଡପୀଠ କହିଛନ୍ତି ଯେ ଆମେ ଗୋଟିଏ ଦେଶର ବାସିନ୍ଦା। ହିନ୍ଦୀ କହିବାକୁ କାହାରିକୁ ବାଧ୍ୟ କରାଯାଇପାରିବ ନାହିଁ। ଲୁଙ୍ଗିର ଉପହାସ ଉଡ଼ାଇବାକୁ ବରଦାସ୍ତ କରାଯିବ ନାହିଁ। ଏଭଳି ସାଂସ୍କୃତିକ ଏବଂ ଜାତିଗତ ଭେଦଭାବ ମାମଲାକୁ ନେଇ କେନ୍ଦ୍ର ସରକାର ଗମ୍ଭୀର ହେବା ଉଚିତ। ଦେଶରେ ସାଂସ୍କୃତିକ ଏବଂ ଜାତିଗତ ଭେଦଭାବକୁ ନେଇ ଲୋକଙ୍କୁ ନିଶାଣ କରିବା ଅତ୍ୟନ୍ତ ଦୁଃଖର ବିଷୟ। ଆମ ଦେଶରେ ଲୋକେ ବିଭିନ୍ନତାରେ ଏକତାର ସହ ରହୁଛନ୍ତି। ଏଭଳି ମାମଲା ଉପରେ ସରକାର ଦୃଷ୍ଟିଦେବା ଉଚିତ। ଖଣ୍ଡପୀଠ ଏହି ଟିପ୍ପଣୀ ଦେବା ସମୟରେ ଦିଲ୍ଲୀରେ ଜଣେ ବ୍ୟକ୍ତିଙ୍କ ସହ ହୋଇଥିବା ଘଟଣା ବିଷୟରେ ଉଲ୍ଲେଖ କରିଥିଲେ। ଏଥିରେ ଜଣେ ଛାତ୍ରଙ୍କୁ ହିନ୍ଦୀ କହିବାକୁ ବାଧ୍ୟ କରାଯାଇଥିଲା। ଲୁଙ୍ଗି ପିନ୍ଧିଥିବାରୁ ଛାତ୍ରଙ୍କୁ ଉପହାସ କରାଯାଇଥିଲା। ଲାଲକିଲ୍ଲା ନିକଟରେ ଏଭଳି ହୋଇଥିଲା। ଉଭୟ ଛାତ୍ର ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଜାକିର ହୁସୈନ କଲେଜର ପ୍ରଥମ ବର୍ଷର ଛାତ୍ର ଥିଲେ। ଉଭୟଙ୍କୁ ପୁଲିସ ଏବଂ ସ୍ଥାନୀୟ ଲୋକ ବାଡ଼େଇ ଥିଲେ।

ସୁପ୍ରିମକୋର୍ଟ ୨୦୧୫ର ଏକ ଆବେଦନ ଉପରେ ମଙ୍ଗଳବାର ଶୁଣାଣି କରିଥିଲେ। ଦିଲ୍ଲୀରେ ଅରୁଣାଚଳ ପ୍ରଦେଶର ଛାତ୍ର ନିଡୋ ତାନିଆଙ୍କ ମୃତ୍ୟୁ ପରେ ଏହି ଆବେଦନ ଦାଏର କରାଯାଇଥିଲା। ସେତେବେଳେ କେନ୍ଦ୍ରକୁ ଏକ କମିଟି ଗଠନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଜାତିଗତ ଆକ୍ଷେପ, ଅତ୍ୟାଚାର ଏବଂ ହିଂସା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ କୋର୍ଟ ଏହି କମିଟିକୁ ଅଧିକାର ଦେଇଥିଲେ। ଏହା ସହିତ ଏଭଳି ମାମଲା ରୋକିବା ପାଇଁ ଉପାୟ ସୁପାରିସ କରିବାକୁ କହିଥିଲେ।

## କଙ୍ଗନାଙ୍କ ବିରୋଧରେ ଚାଲିବ ଦେଶଦ୍ରୋହ ମାମଲା

ଆଗ୍ରା, ୧୨।୧୧ (ଏଜେନ୍ସି): ଆଗ୍ରାରେ ବିଜେପି ସାଂସଦ ତଥା ଅଭିନେତ୍ରୀ କଙ୍ଗନା ରାଣାୱତଙ୍କ ଉପରେ ଚାଷୀଙ୍କୁ ଅପମାନିତ ଏବଂ ଦେଶଦ୍ରୋହ ମାମଲା ଚାଲିବ। କଙ୍ଗନାଙ୍କ ବିରୋଧରେ ଦାଏର ସମୀକ୍ଷା ଆବେଦନକୁ ସ୍ୱୀକାର କରି ଏମପି/ଏମଏଲଏ କୋର୍ଟର ବିଚାରପତି ଲୋକେଶ କୁମାର ଏଥିପାଇଁ ଅନୁମତି ଦେଇଛନ୍ତି। ଯେଉଁ ନିମ୍ନ କୋର୍ଟ କଙ୍ଗନାଙ୍କ ମାମଲାକୁ ଖାରଜ କରିଥିଲେ, ସେହି କୋର୍ଟରେ ଏହାର ଶୁଣାଣି ହେବ। ଏହା ପୂର୍ବରୁ ଗତ ୧୦ ତାରିଖରେ କୋର୍ଟ ଉଭୟ ପକ୍ଷର ଯୁକ୍ତି ଶୁଣି ରାୟକୁ ସଂରକ୍ଷିତ ରଖିଥିଲେ। ଏବେ କଙ୍ଗନାଙ୍କ ବିରୋଧରେ ବିଏନଏସର ଧାରା ୩୫୬ ଏବଂ ୧୫୨ ଅଧିନରେ ମାମଲା ଚାଲିବ।

## ହସ୍ପିଟାଲରୁ ଛାଡ଼ ପାଇଲେ ଧର୍ମେନ୍ଦ୍ର, ଗୋବିନ୍ଦା

ମୁମ୍ବଇ, ୧୨।୧୧ (ଏଜେନ୍ସି): ଅଭିନେତା ଧର୍ମେନ୍ଦ୍ର ଏବଂ ଗୋବିନ୍ଦାଙ୍କୁ ସୋମବାର ସକାଳେ ହସ୍ପିଟାଲରୁ ଘରକୁ ପଠାଇ ଦିଆଯାଇଛି। ଧର୍ମେନ୍ଦ୍ର ମୁମ୍ବଇର ବ୍ରିଚ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏବେ ଘରେ ତାଙ୍କ ଚିକିତ୍ସା କରାଇବାକୁ ପରିବାର ସଦସ୍ୟ ନିଷ୍ପତ୍ତି ନେଇଛନ୍ତି। ଧର୍ମେନ୍ଦ୍ରଙ୍କ ଡାକ୍ତର ପ୍ରତୀତ ସମଦାନି ଏହି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଘରେ ଚେତା ହରାଇବା ପରେ ମଙ୍ଗଳବାର ରାତିରେ ମୁମ୍ବଇର କ୍ରିଟିକେୟାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସକାଳେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି। ବେଶୀ ବ୍ୟାୟାମ କରିଥିବାରୁ ଏପରି ହେଲା ବୋଲି ଗୋବିନ୍ଦା ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି।



## ଓଠ ଚାରିପଟେ କଳାଦାଗ

ଓଠ ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ । ହେଲେ ଅନେକ ସମୟରେ ଓଠ ଚାରିପଟେ କଳାଦାଗ ପଡ଼ି ମୁହଁ ଅସୁନ୍ଦର ଦେଖାଯାଏ । ଏହି ସମସ୍ୟା ବିଶେଷ କରି ମହିଳା ଓ ଯୁବତୀଙ୍କ ଠାରେ ଦେଖିବାକୁ ମିଳିଥାଏ । କିନ୍ତୁ କିଛି ଘରୋଇ ଉପାୟ ତଥା ଠିକ୍ ଦେଖାଶୁଣା କଲେ ଏହି ସମସ୍ୟା ଦୂର ହୋଇପାରିବ ।



### ଲେମ୍ବୁ ଓ ମହୁ

ଲେମ୍ବୁ ଓ ମହୁ ମିଶାଇ ଲଗାଇଲେ ଏହି ଦାଗ ସମସ୍ୟା ଦୂର ହୋଇଥାଏ । ଲେମ୍ବୁରେ ପ୍ରାକୃତିକ ବ୍ଲିଚିଂଗୁଣ ରହିଥାଏ । ସେହିପରି ମହୁ ତ୍ୱଚାକୁ ମଏଶ୍ଚରାଇଜ୍ କରିବାରେ ସହାୟକ ହୋଇଥାଏ । ଏଥିପାଇଁ ପ୍ରତିଦିନ ରାତିରେ ଲେମ୍ବୁରସରେ ମହୁ ମିଶାଇ ଓଠର ଚାରିକଡ଼େ ଲଗାଇପାରିବେ । ଏହାକୁ ୧୫-୨୦ ମିନିଟ୍ ପରେ ଧୋଇ ଦିଅନ୍ତୁ । ଏପରି କଲେ ଧୀରେ ଧୀରେ କଳାଦାଗ ଦୂର ହୋଇଥାଏ ।

### ଘିକୁଆଁରୀ



ଘିକୁଆଁରୀ ଜେଲ୍ ତ୍ୱଚାକୁ ଆର୍ଦ୍ର ଓ ଥଣ୍ଡା ରଖିଥାଏ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଓ ଭିଟାମିନ୍ ରହିଥାଏ । ତେଣୁ ଏହା ବ୍ୟବହାର କରିବା ଦ୍ୱାରା ତ୍ୱଚା ପୂର୍ନଗଠିତ ହୋଇଥାଏ । ସତେଜ ଘିକୁଆଁରୀକୁ ଓଠ ଚାରିପଟେ ଲଗାଇ ହାଲୁକା ହାତରେ ମସାଜ୍ କରନ୍ତୁ । ଏହାକୁ ରାତିରେ ଲଗାଇ ସକାଳେ ଧୋଇ ଦିଅନ୍ତୁ । ଏହାଦ୍ୱାରା ଓଠ କଳାଦାଗ ଦୂର ହୋଇଥାଏ ।

## କପଡ଼ା ବ୍ୟାଗ୍ ମାଧ୍ୟମରେ ପରିବେଶ ସଚେତନତା ବାର୍ତ୍ତା



ପଲିଥିନ୍ ଉଭୟ ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ । ଏହା ବର୍ଷ ବର୍ଷ ଧରି ଭୂମିରେ ପଡ଼ି ରହି ମାଟିର ଉର୍ବରତା ହ୍ରାସ କରିଥାଏ । ଏହାଦ୍ୱାରା ଜଳନିଷ୍କାସନ ବାଧାପ୍ରାପ୍ତ ହେବା ସହ ପରିବେଶ ପ୍ରଦୂଷିତ ହୋଇଥାଏ । ତେଣୁ ପଲିଥିନ୍ ମୁକ୍ତ ପରିବେଶ ପାଇଁ ମଧ୍ୟପ୍ରଦେଶ ବୁର୍‌ହାନ୍‌ପୁର ଜିଲ୍ଲା ଶାହପୁରର ମହିଳାମାନେ ଏକ ନୂତନ ପଦକ୍ଷେପ ହାତକୁ ନେଇଛନ୍ତି । ଏହା ଅନୁଯାୟୀ ମହିଳାମାନେ ସୂତା କପଡ଼ାରେ ଭଳିକି ଭଳି ବ୍ୟାଗ୍ ପ୍ରସ୍ତୁତ କରି ସ୍ଥାନୀୟ ଅଞ୍ଚଳରେ ବାଣ୍ଟିବା ସହ ପଲିଥିନ୍ ମୁକ୍ତ ପରିବେଶ ପାଇଁ ସଚେତନତା ବାର୍ତ୍ତା ଦେଉଛନ୍ତି ।

### ପଲିଥିନ୍ ବଦଳରେ କପଡ଼ା

ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମିଳିତ ହୋଇ ଏହି ବ୍ୟାଗ୍ ପ୍ରସ୍ତୁତି ପଦକ୍ଷେପ ନେଇଛନ୍ତି । ମହିଳାମାନେ ବିଭିନ୍ନ କପଡ଼ାକୁ ଏକତ୍ର କରି ସେଥିରେ ଛୋଟ ଛୋଟ ବ୍ୟାଗ୍ ତିଆରି କରିଥାନ୍ତି । ଘରୁ ବାହାରକୁ ଗଲେ ଏହି କପଡ଼ା ବ୍ୟାଗ୍ ସାଥିରେ ନେଇ ଯାଇଥାନ୍ତି । ଏଥିସହ ଅନ୍ୟ ଲୋକଙ୍କୁ ବଜାରକୁ ଯିବା ସମୟରେ କପଡ଼ା ବ୍ୟାଗ୍ ନେବାକୁ ପ୍ରୋତ୍ସାହିତ କରିଥାନ୍ତି । ଏହି ପରିବର୍ତ୍ତନ ଦ୍ୱାରା ଦୋକାନୀଙ୍କ ସମେତ ଆଖପାଖ ଗାଁର ଲୋକମାନେ ମଧ୍ୟ ପ୍ରଭାବିତ ହେଉଛନ୍ତି । ପ୍ଲାଷ୍ଟିକ୍ ପରିବେଶ ପାଇଁ କେତେ କ୍ଷତିକାରକ ସେମାନେ ତାହା ଧୀରେ ଧୀରେ ଅନୁଭବ କରୁଛନ୍ତି । ଶାହପୁରର ଗଳି କନ୍ଦିରେ ପ୍ଲାଷ୍ଟିକ୍ ଛାଡ଼ି କପଡ଼ା ବ୍ୟାଗ୍ ଆପଣାଇବାର ବାର୍ତ୍ତା ଏବେ ଗୁଞ୍ଜରିତ ହେଉଛି ।

### ନିଶୁଳ୍କରେ ଯୋଗାଉଛନ୍ତି ବ୍ୟାଗ୍

ସ୍ୱୟଂ ସହାୟକ ଗୋଷ୍ଠୀର ଗୀତାଞ୍ଜଳୀ ପାଟିଲ୍‌ଙ୍କ କହିବାନୁଯାୟୀ, ସେ ପ୍ରଥମେ ଚାରିଜଣ ମହିଳାଙ୍କୁ ନେଇ ଏହି ଅଭିଯାନ ଆରମ୍ଭ କରିଥିଲେ । ଏବେ ଏଥିରେ ୫୦ ରୁ ଉର୍ଦ୍ଧ୍ୱ ମହିଳା ଯୋଡ଼ି ହୋଇଛନ୍ତି । ମହିଳାମାନେ ନିଜେ ସିଲେଇ କରି ଏହି କପଡ଼ା ବ୍ୟାଗ୍ ପ୍ରସ୍ତୁତ କରିଥାନ୍ତି । ଏହାକୁ ଦୋକାନୀ ସମେତ ଆଖପାଖ ଗାଁ ଗୁଡ଼ିକରେ ବିନା ମୂଲ୍ୟରେ ଲୋକମାନଙ୍କୁ ଯୋଗାଇଥାନ୍ତି । ମହିଳାଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପରିବେଶ ସଂରକ୍ଷଣ କରି ଆଗାମୀ ପିଢ଼ିଙ୍କୁ ସ୍ୱଚ୍ଛ ବାତାବରଣ ପ୍ରଦାନ କରିବା ।

### ଘରୁ ଆରମ୍ଭ ପଦକ୍ଷେପ

ସ୍ଥାନୀୟ ମହିଳାଙ୍କ କହିବାନୁଯାୟୀ ଏହି ପଦକ୍ଷେପ ସେମାନେ ପ୍ରଥମେ ନିଜ ଘରୁ ଆରମ୍ଭ କରିଛନ୍ତି । ଘରୁ କୌଣସି ବ୍ୟକ୍ତି ବାହାରକୁ ଗଲେ ସାଥିରେ କପଡ଼ା ବ୍ୟାଗ୍ ନେଇ ଯାଇଥାନ୍ତି । ଏହାର ପ୍ରଭାବ ଦୋକାନୀଙ୍କ ଉପରେ ମଧ୍ୟ ପଡ଼ିଥାଏ । ଫଳରେ ସେମାନେ ଦୋକାନକୁ ଆସୁଥିବା ଗ୍ରାହକଙ୍କୁ କପଡ଼ା ବ୍ୟାଗ୍ ନେଇ ଆସିବା ପାଇଁ କହିଥାନ୍ତି । ଏହାଦ୍ୱାରା ଗାଁରେ ଏକ ସକାରାତ୍ମକ ବାତାବରଣ ପରିଲକ୍ଷିତ ହୋଇଛି । ଶାହପୁର ଗାଁର ଏହି ନିଆରା ପଦକ୍ଷେପ ସମଗ୍ର ଅଞ୍ଚଳ ପାଇଁ ପ୍ରେରଣା ପାଲଟିଛି । ମହିଳାମାନଙ୍କର ଏହି ପଦକ୍ଷେପ ଆଗାମୀ ଦିନରେ ଏକ ବଡ଼ ସାମାଜିକ ପରିବର୍ତ୍ତନ ଆଣିବାରେ ସହାୟକ ହେବ ।

## ଜେଲ୍ ନେଲ୍‌ପଲିସ୍

ସମୟ ଅନୁସାରେ ବିଭିନ୍ନ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ଜେଲ୍ ନେଲ୍ ପଲିସର ଲୋକପ୍ରିୟ ରହିଛି । ନେଲ୍ ପଲିସ୍ ନଖର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ । ଏହା ଆଖିକୁ ସୁନ୍ଦର ଦିଶିବା ସହ, ଦୀର୍ଘ ସମୟ ରହିଥାଏ । ସେହିପରି ଏହା ସାଧାରଣ ନେଲ୍‌ପଲିସ୍ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ ।



### ଜେଲ୍ ନେଲ୍ ପଲିସ୍ କ'ଣ ?

ଜେଲ୍ ନେଲ୍ ପଲିସ୍ ସାଧାରଣ ନେଲ୍ ପଲିସ୍ ଭଳି ପବନର ଆବଶ୍ୟକତା କରେ ନାହିଁ । ଏହାକୁ ୟୁଭି ବା ଏଲ୍‌ଇଡି ଲାଇଟ୍‌ରେ ଶୁଖାଯାଇଥାଏ । ଏହାଦ୍ୱାରା ନଖ ସୁପରଗ୍ଲସି, ସ୍ମୁଥ୍ ଓ ସ୍ମଜ୍ ଫ୍ରୁପ୍ ରହିଥାଏ । ଜେଲ୍ ନେଲ୍ ପଲିସ୍‌ର ବିଶେଷତା ହେଉଛି ଏହାର ଦୀର୍ଘସ୍ଥାୟୀ ଗୁଣ । ଏହାକୁ ଠିକ୍ ଭାବେ ଲଗାଇଲେ ଏହା ଦୁଇରୁ ତିନି ସପ୍ତାହ ରହିଥାଏ । ବାରମ୍ବାର ନେଲ୍‌ପଲିସ୍ ଲଗାଇବାକୁ ଚାହୁଁ ନ ଥିବା ମହିଳାଙ୍କ ପାଇଁ ଏହା ବେଶ୍ ଲାଭଦାୟକ ହୋଇଥାଏ ।

### ଜେଲ୍ ନେଲ୍‌ପଲିସ୍ ଲଗାଇବାର ଫାଇଦା

- ଏହି ନେଲ୍‌ପସିଲ୍ ଲଗାଇଲେ ଏହା ୧୫-୨୦ ଦିନ ରହିଥାଏ ।
- ୟୁଭି ଲାଇଟ୍‌ରେ ଶୁଖାଇବା ଦ୍ୱାରା ଏହା ଜଲ୍‌ଦି ଶୁଖିଯାଏ । ତେଣୁ ନେଲ୍‌ପଲିସ୍ ଶୁଖିବା ପାଇଁ ବାରମ୍ବାର ଅପେକ୍ଷା କରିବାକୁ ପଡ଼େନି ।
- ଏହା ନଖକୁ ଏକ ସୁରକ୍ଷା ପରସ୍ତ ଦେଇଥାଏ । ନଖ ଭାଙ୍ଗିବାରୁ ସୁରକ୍ଷା ଦେଇଥାଏ । ଏହା ସୁନ୍ଦର ଓ ଉଜ୍ଜ୍ୱଳ ଦିଶିଥାଏ ।

## ଶରୀର ସୌନ୍ଦର୍ଯ୍ୟ ପାଇଁ ଡାଲି

ସାଧାରଣତଃ ନିଜ ତ୍ୱଚାର ଯତ୍ନ ନେବା ପାଇଁ ସମସ୍ତେ ଚାହାଁନ୍ତି । ଏଥିପାଇଁ ଅନେକେ ପାର୍ଲର ଯାଇ ଟଙ୍କା ଖର୍ଚ୍ଚ କରି ବଡି ପଲିସ୍ କରିଥାନ୍ତି । କିନ୍ତୁ ସମସ୍ତଙ୍କ ପକ୍ଷେ ଏହା ସମ୍ଭବ ହୋଇ ନ ଥାଏ । ତେଣୁ ଚାହିଁଲେ ଘରେ ପ୍ରାକୃତିକ ଉପାୟରେ ବଡି ପଲିସ୍ କରିପାରିବେ । ଏଥିପାଇଁ ଘରେ ଥିବା ଡାଲିକୁ ଉପଯୋଗ କରି ସ୍କ୍ରବ୍ ଦ୍ୱାରା ତ୍ୱଚା ସୁସ୍ଥ, ସୁନ୍ଦର ଓ ଉଜ୍ଜ୍ୱଳ ରଖିପାରିବେ ।





### ଡାଲି ସ୍କ୍ରବ୍

ଗୋଟିଏ ପାତ୍ରରେ ପାଣି ନେଇ ଦୁଇ ଚାମଚ ମସୁର କିମ୍ବା ମୁଗଡାଲି ଦେଇ ଗୋଟିଏ ରାତି ବତୁରାଇ ରଖନ୍ତୁ । ପରେ ଏହାକୁ ଦରବଟା କରି ବାଟନ୍ତୁ । ଏଥିରେ ଦୁଇଚାମଚ ଦହି, ଏକ ଚାମଚ ମହୁ ଓ ଚୁଟ୍‌କି ହଳଦି, ଓ ଏକ ଚାମଚ ନଡ଼ିଆ ତେଲ ମିଶାଇ ସ୍କ୍ରବ୍ ପ୍ରସ୍ତୁତ କରନ୍ତୁ ।

### ଲଗାଇବା ପ୍ରକ୍ରିୟା

- ପ୍ରଥମେ ପାଣି ନେଇ ଶରୀରକୁ ଓଦା କରନ୍ତୁ ।
- ଏହାପରେ ପ୍ରସ୍ତୁତ କରିଥିବା ସ୍କ୍ରବ୍‌କୁ ସମ୍ପୂର୍ଣ୍ଣ ଶରୀରରେ ଲଗାନ୍ତୁ ।
- ସ୍କ୍ରବ୍ କରିବା ସମୟରେ କହୁଣୀ, ଆଣ୍ଠୁ ଓ ଗଣ୍ଠି ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ।
- ଏହାକୁ ଗୋଲାକାର ଭାବେ ହାଲୁକା ହାତରେ ୧୦-୧୫ ମିନିଟ୍ ମସାଜ୍ କରନ୍ତୁ ।
- ଏହାକୁ ପାଞ୍ଚମିନିଟ୍ ଲଗାଇ ରଖନ୍ତୁ ।
- ଏହାପରେ ଉଷୁମ ପାଣିରେ ତ୍ୱଚା ଧୋଇ ଦିଅନ୍ତୁ । ଶେଷରେ ତ୍ୱଚାକୁ ଶୁଷ୍କପଣରୁ ରକ୍ଷା କରିବା ପାଇଁ ବଡି ଲୋସନ ଲଗାନ୍ତୁ ।

### ଫାଇଦା

- ଡାଲିସ୍କ୍ରବ୍‌ରୁ ସୁଫଳ ଚାହୁଁଥିଲେ ଏହାକୁ ସପ୍ତାହରେ ଥରେ ବ୍ୟବହାର କରିପାରିବେ ।
- ଶରୀରରେ ଏହାକୁ ଲଗାଇବା ପୂର୍ବରୁ ପ୍ରଥମେ ପ୍ୟାଚ୍ ଟେଷ୍ଟ କରିବା ଜରୁରୀ ।
- ସେହିପରି ତେଲିଆ ତ୍ୱଚା ଥିଲେ ଏଥିରେ କ୍ଷୀର ଓ ତେଲ ବଦଳରେ ଦହି ବ୍ୟବହାର କରିପାରିବେ ।
- ସେହିପରି ତ୍ୱଚାରେ ଅଧିକ ଟ୍ୟାନିଙ୍ଗ୍ ସମସ୍ୟା ଥିଲେ ଏଥିରେ ଦୁଇ ତିନି ବୁନ୍ଦା ଲେମ୍ବୁରସ ମିଶାଇପାରିବେ । ହେଲେ ସମ୍ବେଦନଶୀଳ ତ୍ୱଚା ଥିଲେ ଲେମ୍ବୁ ଲଗାନ୍ତୁନି ।

## କନ୍ଦମୂଳ ଗୋଲାପ ଜାମୁନ୍

ମୋ ହାଣ୍ଡିଶାଳରୁ...



### ଆବଶ୍ୟକ ସାମଗ୍ରୀ

ସିଝା କନ୍ଦମୂଳ ଚୋରୋଟି, ମିଲ୍କ ପାଉଡର୍ – ଏକ କପ୍, ଚିନି- ଦୁଇ କପ୍, କେଶର – ଅଧା ଚାମଚ, ଗୁଜରାତି ଗୁଣ୍ଡ – ଅଧା ଚାମଚ, ତେଲ ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

କନ୍ଦମୂଳକୁ ପ୍ରେସର୍‌ରେ ଦେଇ ଦୁଇଟି ସିଟି ଆସିବା ପରେ ଗ୍ୟାସ ବନ୍ଦ କରି ଦିଅନ୍ତୁ । ଏହାପରେ ସିଝା କନ୍ଦମୂଳରୁ ଚୋପା ଛଡ଼େଇ ସେଥିରେ ମିଲ୍କ ପାଉଡର୍ କିମ୍ବା ଅମୁଲ୍ ମିଶାଇ ଭଲ ଭାବେ ଚକଟି ଦିଅନ୍ତୁ । ପରେ ସେହି ଚକଟାକୁ ହାତରେ ନେଇ ସେଥିରେ ଛୋଟ ଛୋଟ ବଲ୍ ପ୍ରସ୍ତୁତ କରନ୍ତୁ । ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ତେଲ ଦିଅନ୍ତୁ । ଗରମ ହୋଇଗଲେ ସେଥିରେ ପ୍ରସ୍ତୁତ କରି ରଖିଥିବା କନ୍ଦମୂଳଗୁଳାକୁ ଦେଇ ଛାଣନ୍ତୁ । ଏହା ହାଲୁକା ସୁନେଲି ରଙ୍ଗ ହୋଇଯିବା ପରେ ଏକ ପ୍ଲେଟ୍‌ରେ କାଢ଼ି ରଖନ୍ତୁ । ପରେ ଆଉ ଏକ କଡ଼େଇରେ ଦୁଇକପ୍ ଚିନି ଦେଇ ଗରମ କରନ୍ତୁ । ଚିନି ତରଳି ସିରା ହୋଇଯିବା ପରେ ସେଥିରେ କେଶର ଓ ହାଲୁକା ଗୁଜରାତି ଗୁଣ୍ଡ ମିଶାନ୍ତୁ । ପରେ ସେଥିରେ ଛାଣି ରଖିଥିବା ଗୋଲାପ୍ ଜାମୁନ୍‌କୁ ଦେଇ ଦିଅନ୍ତୁ । ଏକଘଣ୍ଟା ପରେ ଏକ ବାଉଲ୍‌ରେ କାଢ଼ି ପରଷନ୍ତୁ ସ୍ୱାଦିଷ୍ଟ 'କନ୍ଦମୂଳ ଗୋଲାପ ଜାମୁନ୍' ।

## ସାଧା ପୋଷାକରେ ଆଧୁନିକ ସ୍ପର୍ଶ



ଅଧିକାଂଶ ଲୋକେ ସାଧା ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । ଏହା ପିନ୍ଧିବାକୁ ଆରାମଦାୟକ ଓ ସୁବିଧାଜନକ ହୋଇଥାଏ । ସାଧା ପୋଷାକରେ ଆଧୁନିକ ସ୍ପର୍ଶ ଦେବାକୁ ଚାହୁଁଥିଲେ ଏହି ଟିପ୍‌ସ ଆପଣାଇପାରିବେ ।

ଅଳଙ୍କାର ଯେ କୌଣସି ସାଧା ପୋଷାକକୁ ଆକର୍ଷଣୀୟ କରିଥାଏ । ତେଣୁ ପ୍ଲେନ୍ କୁର୍ତ୍ତା, ଟି – ସାର୍ଟ, ଟପ୍ ପିନ୍ଧୁଥିଲେ ଏଥିସହିତ ଷ୍ଟେଟ୍‌ମେଣ୍ଟ ଜୁଏଲାରୀ ବା ଭାରୀ ଅଳଙ୍କାର ପିନ୍ଧିପାରିବେ । ଏହା ଲୁକ୍‌କୁ ଏକ ଭିନ୍ନ ଲୁକ୍ ଦେଇଥାଏ । ଚାହିଁଲେ ପତଳା କାନଫୁଲ କିମ୍ବା ଷ୍ଟଡ୍ ଇୟରିଙ୍ଗ୍ ମଧ୍ୟ ପିନ୍ଧିପାରିବେ ।

ସିମ୍ପଲ୍ ଆଉଟ୍‌ଫିଟ୍‌ରେ ସ୍କାର୍ଫ ପକାଇଲେ ଏହା ଲୁକ୍‌କୁ ସନ୍ତୁଳନ କରିଥାଏ । ହାଲୁକା ରଙ୍ଗର ଟପ୍ ସାଥିରେ ପ୍ରିଣ୍ଟେଡ୍ ବା ରଙ୍ଗିନ୍ ସ୍କାର୍ଫ ପିନ୍ଧିପାରିବେ । ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ ।

## ମୁଖ ଗଠନ ଅନୁଯାୟୀ ବ୍ଲଶ୍

ସାଧାରଣତଃ ମେକ୍‌ଅପ୍ କଲାବେଳେ ସମସ୍ତେ ବ୍ଲଶ୍ ଲଗାଇଥାନ୍ତି । ଏହା ସମ୍ପୂର୍ଣ୍ଣ ଲୁକ୍‌କୁ ପରିବର୍ତ୍ତନ କରି ତ୍ୱଚାକୁ ସୁନ୍ଦର ଓ ହାଇ୍‌ଲାଇଟ୍ କରିଥାଏ । ଅନେକେ ବ୍ଲଶ୍ ଲଗାଇବାକୁ ସହଜ ଭାବନ୍ତି, କିନ୍ତୁ ବାସ୍ତବରେ ଏହା ସେତେ ସହଜ ହୋଇ ନ ଥାଏ । ତେଣୁ ମୁହଁର ଗଠନ ଅନୁଯାୟୀ କିପରି ବ୍ଲଶ୍ ଲଗାଇବେ ଜାଣି ରଖନ୍ତୁ ସେ ବିଷୟରେ ।



### ଗୋଲାକାର

ମୁହଁର ଗଠନ ଗୋଲାକାର ଥିଲେ, ବ୍ଲଶ୍‌କୁ ସିଧାସଳଖ ଗାଲର ଉପରେ ଲଗାନ୍ତୁ ନାହିଁ । ଏହାକୁ ହାଲୁକା ତଳେ ଲଗାନ୍ତୁ । ଏହାକୁ ଭଲ ଭାବେ ହାତରେ ବ୍ଲେଣ୍ଡ କରି ଦିଅନ୍ତୁ । ଏଥିପାଇଁ ପିଚ୍ କିମ୍ବା ହାଲୁକା ଗୋଲାପୀ ରଙ୍ଗର ମ୍ୟାଟ୍ ବ୍ଲଶ୍ ଲଗାଇପାରିବେ । ଅଧିକ ସିମର୍ ବ୍ଲଶ୍ ଲଗାଇବାରୁ ଦୂରେଇ ରୁହନ୍ତୁ ।

### ଓଭାଲ୍ ସେପ୍

ଓଭାଲ୍ ସେପ୍ ଥିଲେ ବ୍ଲଶ୍ ଲଗାଇବା ସମୟରେ ଦେଖାଯିବା ଜରୁରୀ । ତେଣୁ ହାଲୁକା ହସି ଗାଲର ଉପର ଅଂଶରେ ବ୍ଲଶ୍ ଲଗାଇ ସ୍ମଜ୍ କରନ୍ତୁ । ବିଶେଷ କରି କ୍ରିମ୍ ବ୍ଲଶ୍ ଏ ପ୍ରକାର ମୁଖ ଗଠନକୁ ସତେଜ ଲୁକ୍ ଦେଇଥାଏ । ତେଣୁ ନିଜ ଆଉଟ୍‌ଫିଟ୍‌କୁ ଧ୍ୟାନରେ ରଖି ହାଲୁକା ଗୋଲାପୀ, ସଫ୍ଟ ରୋଜ ସେଡ୍ ଲଗାଇପାରିବେ ।

### ସ୍କ୍ୱେୟାର

ସ୍କ୍ୱେୟାର ଥିଲେ , ହାଲୁକା ହସି ଗାଲରେ ଆପଲ୍ସରେ ବ୍ଲଶ୍ ଲଗାନ୍ତୁ । ଏହାକୁ ହାତରେ ଗୋଲାକାରରେ ସ୍ମଜ୍ କରନ୍ତୁ । ବିଶେଷ କରି ବ୍ଲଶ୍ ଲଗାଇବା ସମୟରେ ତ୍ୱଚାର କେନ୍ଦ୍ରସ୍ଥଳ ଉପରେ ଧ୍ୟାନ ଦିଅନ୍ତୁ । ଜ ଲାଇନ୍‌କୁ ହାଇଲାଇଟ୍ କରନ୍ତୁନି । ଏଥିପାଇଁ ମ୍ୟାଟ୍ କିମ୍ବା ସାଟିନ୍ ଲୁକ ଥିବା ଫାଉଣ୍ଡେସନ ଚୟନ କରିପାରିବେ ।

### ଡାଇମଣ୍ଡ

ଡାଇମଣ୍ଡ ଫେସ୍ ଥିଲେ ଏଥିପାଇଁ ଚିକ୍‌ବୋନ୍‌ରେ ବ୍ଲଶ୍ ଲଗାଇପାରିବେ । ମ୍ୟାଟ୍ କିମ୍ବା ସାଟିନ୍ ଫିନିଶ୍ ଫାଉଣ୍ଡେସନ ଲଗାଇପାରିବେ । ଗୋଲାପୀ ଓ ବେରି ଟୋନ୍ ବ୍ଲଶ୍ ଭଲ ମାନିଥାଏ ।

## ଗୋଟିଏ ଦିନ ପରେ ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ

# ଇଡେନ୍‌ରେ ଖେଳିବେ ପନ୍ତ୍ ଓ ଜୁରେଲ





କୋଲକାତା,୧୨।୧୧(ଏଜେନ୍ସି):

ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ଆଉ ଗୋଟିଏ ଦିନ ପରେ ଅର୍ଥାତ ଶୁକ୍ରବାରଠାରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହି ମୁକାବିଲା ଲାଗି ଉଭୟ ଦଳ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଅଭ୍ୟାସ ପରେ ଭାରତୀୟ ଦଳର ସହକାରୀ କୋଚ୍ ର୍ୟାନ୍ ଟେନ୍ ଡୋଏଶେଟ୍‌ଙ୍କ ଅନୁଯାୟୀ ପ୍ରଥମ ଟେଷ୍ଟରେ ଭାରତର ଦୁଇ ୱିକେଟରକ୍ଷକ ବ୍ୟାଟର ଋଷଭ ପନ୍ତ୍ ଓ ଧ୍ରୁବ ଜୁରେଲ ଖେଳିବେ। ଇଂଲଣ୍ଡ ଟୁର୍‌ରେ ଆହତ ହୋଇଥିବା ପନ୍ତ୍ ଏବେ ଫିଟ୍ ହୋଇଯାଇଛନ୍ତି। ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା-ଏ' ସହ ଖେଳାଯାଇଥିବା ୨ ମ୍ୟାଚ୍ ବିଶିଷ୍ଟ ଅନ୍‌ଅଫିସିଆଲ ଟେଷ୍ଟ ସିରିଜ୍‌ରେ ସେ ଭାରତର ନେତୃତ୍ୱ ନେଇ ଉଭୟ ବ୍ୟାଟିଂ ଓ କିପିଙ୍ଗ୍ କରିବାକୁ ଫିଟ୍ ବୋଲି ପ୍ରମାଣିତ କରିଛନ୍ତି। ସେ ପ୍ରଥମ ପସନ୍ଦର ୱିକେଟରକ୍ଷକ ଭାବେ ଖେଳିବେ।

ସେହିପରି ପନ୍ତ୍‌ଙ୍କ ଅନୁପସ୍ଥିତିରେ ଇଂଲଣ୍ଡରେ ଗୋଟିଏ ଓ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍ ସହ ୨ଟି ଯାକ ଟେଷ୍ଟରେ ୱିକେଟ କିପିଙ୍ଗ କରିବା ସହ ଟେଷ୍ଟ କ୍ୟାରିୟରରେ ପ୍ରଥମ ଶତକ ମଧ୍ୟ ହାସଲ କରିଥିଲେ। ଏହା ସହ ସେ ଖେଳିଥିବା ଶେଷ ୮ଟି ପ୍ରଥମ ଇନିଂସରେ ୪ଟି ଶତକ ହାସଲ କରି ଭାରତୀୟ ଦଳରେ ନିଜର ସ୍ଥାନ ସୁରକ୍ଷିତ କରିଥିବା ଡୋଏଶେଟ୍‌ଙ୍କ କଥାରୁ ପ୍ରମାଣିତ ହୋଇଛି। ଡୋଏଶେଟ୍‌ଙ୍କ ମତରେ ଆମ ଦଳରେ ୩ଜଣ ସ୍ପିନ୍ ଅଲ୍‌ରାଉଣ୍ଡର ଯଥା ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦର ରହିଛନ୍ତି। ଏମାନେ ସମସ୍ତେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବେ। ଏଣୁ ଜଣେ ଅଧିକ ବ୍ୟାଟର ନେଇ ଖେଳିଲେ ଆମକୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ନାହିଁ। ଏଣୁ ପ୍ରଥମ ଟେଷ୍ଟରେ ଜୁରେଲ ଖେଳିବା କଥା ସ୍ପଷ୍ଟ କରିଛନ୍ତି ଭାରତର ସହକାରୀ କୋଚ୍। ସେ ଆହୁରି କହନ୍ତି ଆମେ ପ୍ରତ୍ୟେକ ମ୍ୟାଚ୍ ଲାଗି ଭିନ୍ନ ଭିନ୍ନ ରଣନୀତି ପ୍ରସ୍ତୁତ କରିଥାଉ। ଏଣୁ ଜଣେ ଅଧିକ ବ୍ୟାଟରଙ୍କୁ ଖେଳାଇବା ଲାଗି ଆମେ ପ୍ରସ୍ତୁତ ହୋଇଛୁ। 'ମୁଁ ଭାବୁଛି ଟିମ୍ କମ୍ବିନେସନ ଲାଗି ଆମ ନିକଟରେ ଭଲ ସୂଚନା ରହିଛି। ଗତ ୬ ମାସ ମଧ୍ୟରେ ଧ୍ରୁବ ଯେପରି ବ୍ୟାଟିଂ କରିଛନ୍ତି ତାଙ୍କୁ ଦଳରୁ ବାଦ୍ ଦେବା କଷ୍ଟକର। ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟର ଉଭୟ ଇନିଂସରେ ଶତକ, ସିରିଜ୍‌ରେ ଆଉ ଏକ ଅର୍ଦ୍ଧଶତକ ଓ ୪୦ରୁ ଅଧିକ ରନ୍ କରିଛନ୍ତି। ଏଭଳି ପ୍ରଦର୍ଶନ ପରେ ସେ ନିଶ୍ଚିତ ଖେଳିବେ ବୋଲି ଆମର ଆଶା ରହିଛି। ପନ୍ତ୍‌ଙ୍କ ପ୍ରତ୍ୟାବର୍ତ୍ତନ ପରେ ଦଳରେ ଜୁରେଲଙ୍କୁ ନେଇ ଯେଉଁ ଆଶଙ୍କା ପ୍ରକାଶ ପାଇଥିଲା ତାହା ଡୋଏଶେଟ୍‌ଙ୍କ ସୂଚନା ପରେ ଦୂର ହୋଇଛି। ଏଭଳି ସ୍ଥିତିରେ ତାଙ୍କୁ ଯେ ଅଣଦେଖା କରାଯାଇ ପାରିବ ନାହିଁ ସେ ତାଙ୍କ ପ୍ରଦର୍ଶନ ମାଧ୍ୟମରେ ସ୍ପଷ୍ଟ କରିଛନ୍ତି।

# 'ଇତିହାସ ସୃଷ୍ଟି କରିବ ଦକ୍ଷିଣ ଆଫ୍ରିକା'



କୋଲକାତା: ଆମ ନିକଟରେ ଭାରତୀୟ ସ୍ପିନରଙ୍କୁ ମୁକାବିଲା କରିବାକୁ ଭଲ ବ୍ୟାଟର ରହିଛନ୍ତି। ନିକଟରେ ଏମାନେ ପାକିସ୍ତାନରେ ସ୍ପିନ୍ ବୋଲିଂକୁ ଉଚିତ ମୁକାବିଲା କରିଛନ୍ତି। ଭାରତରେ ସ୍ପିନରଙ୍କୁ ସହାୟତା ମିଳିଥାଏ ବୋଲି ସର୍ବଦା ଚର୍ଚ୍ଚା ହୋଇଥାଏ। ଏହା ଯଦି ହୁଏ, ତେବେ ଆମ ନିକଟରେ କେଶବ ମହାରାଜ, ସେନୁରନ ମୁଥୁସ୍ୱାମୀ ଓ ସାଇମନ ହାର୍ମରଙ୍କ ଭଳି ଯାଦୁକରୀ ସ୍ପିନର ରହିଛନ୍ତି। ଏଣୁ ଆମେ ଭାରତୀୟ ବ୍ୟାଟିଂକୁ ଧୂଳିସାତ କଲା ଭଳି ଦକ୍ଷତା ରଖିଛୁ। ବିଶେଷତଃ ଏହି ବିଭାଗରେ ଆମେ ଅଧିକ ଶକ୍ତିଶାଳୀ। ଯୋଜନା ଅନୁଯାୟୀ ଯଦି ଆମକୁ ସଫଳତା ମିଳେ ତେବେ ଆମେ ଭାରତରେ ଇତିହାସ ସୃଷ୍ଟି କରିବୁ ବୋଲି କହିଛନ୍ତି ଦକ୍ଷିଣ ଆଫ୍ରିକାର ହେଡ୍ କୋଚ୍ ସୁକରି କନରାଡ। କନରାଡଙ୍କ ରଣନୀତି ଖୁବ୍ ଶାଣିତ। ନିଜ ଦଳର ଖେଳାଳିମାନଙ୍କୁ ସେ କିପରି ବ୍ୟବହାର କରନ୍ତି ତାହା ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଦେଖାଇଛନ୍ତି। ଅଷ୍ଟ୍ରେଲିଆକୁ ହରାଇ ଦକ୍ଷିଣ ଆଫ୍ରିକା ପ୍ରଥମଥର ଟେଷ୍ଟ ଚାମ୍ପିଅନ ହୋଇଛି। କିନ୍ତୁ ଭାରତ ଦୁଇଥର ଫାଇନାଲ ଖେଳି ମଧ୍ୟ ଥରେ ହେଲେ ଟାଇଟଲ ଜିତିପାରି ନାହିଁ। ଏଣୁ ରଣନୀତି ଓ ଖେଳାଳିଙ୍କଠାରୁ କିପରି ଶ୍ରେଷ୍ଠ ପ୍ରଦର୍ଶନ ବାହାର କରାଯାଇପାରିବ ସେଥିରେ ସେ ସିଦ୍ଧହସ୍ତ।

ସୂଚନା ଯୋଗ୍ୟ କୋଲକାତାରେ ଶୁକ୍ରବାରଠାରୁ ପ୍ରଥମ ଟେଷ୍ଟ ଆରମ୍ଭ ପୂର୍ବରୁ ଉଭୟ ଦେଶ ୪୪ଟି ମ୍ୟାଚ୍‌ରେ ମୁକାବିଲା କରିଛନ୍ତି। ଏହା ମଧ୍ୟରୁ ଦକ୍ଷିଣ ଆଫ୍ରିକା ୧୮ଟିରେ ଓ ଭାରତ ୧୬ଟିରେ ବିଜୟୀ ହୋଇଛନ୍ତି। ଅନ୍ୟ ୧୦ଟି ମ୍ୟାଚ୍ ହାରଜିତ ବିନା ଫଇସଲାରେ ଶେଷ ହୋଇଛି। କିନ୍ତୁ ଭାରତ ମାଟିରେ ଖେଳାଯାଇଥିବା ୧୯ଟି ଟେଷ୍ଟ ମଧ୍ୟରୁ ଭାରତ ୧୧ଟିରେ ଓ ଦକ୍ଷିଣ ଆଫ୍ରିକା ୫ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଅନ୍ୟ ୩ଟି ଟେଷ୍ଟ ଡ୍ର ରହିଛି। ସେହିପରି ଦକ୍ଷିଣ ଆଫ୍ରିକା ୭ଥର ସିରିଜ୍ ଖେଳିବାକୁ ଭାରତ ଆସିଛି। ଏହି ଦଳ ଶେଷଥର ଲାଗି ହାନ୍ସି କ୍ରୋନିଏଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଭାରତରେ ୧୯୯୯-୨୦୦୦ ଟେଷ୍ଟ ସିରିଜ୍‌କୁ ୨-୦ରେ ଜିତିଥିଲା। ଏହା ପରେ ୫ଟି ସିରିଜ୍ ଆୟୋଜିତ ହୋଇଥିଲେ ମଧ୍ୟ ଥରେ ହେଲେ ଦକ୍ଷିଣ ଆଫ୍ରିକା ଜିତିବାରେ ସମର୍ଥ ହୋଇନାହିଁ। ଏହି ରେକର୍ଡକୁ ସେ ଅତିକ୍ରମ କରିବେ ବୋଲି ପରୋକ୍ଷରେ ସୂଚନା ଦେଇଛନ୍ତି। ସାମ୍ପ୍ରତିକ କ୍ରିକେଟର ସ୍ଥିତିକୁ ଦେଖିଲେ ଦକ୍ଷିଣ ଆଫ୍ରିକା ବୋଲିଂରେ ଭାରତ ଅପେକ୍ଷା ଶକ୍ତିଶାଳୀ। ଉଭୟ ସ୍ପିନ୍ ଓ ପେସ୍ ବୋଲରମାନେ ବେଶ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। କିନ୍ତୁ ବ୍ୟାଟରଙ୍କ ପ୍ରଦର୍ଶନରେ କିଛିଟା ଦୁର୍ବଳତା ରହିଛି। ସେମାନଙ୍କ ମଧ୍ୟରୁ କିଛି ଖେଳାଳି ଭାରତ ମାଟିରେ ଅନେକ ଶ୍ରେଷ୍ଠ ଇନିଂସ ଖେଳିଛନ୍ତି। କିନ୍ତୁ ଏହା ମଧ୍ୟରେ ମ୍ୟାଚ୍ ବିଜୟୀ ହେବାର ଇନିଂସ ନାହିଁ। ଭାରତୀୟ ବୋଲିଂକୁ ଯଦି ମୁକାବିଲା କରିବାକୁ ଦକ୍ଷିଣ ଆଫ୍ରିକା ବ୍ୟାଟର ସକ୍ଷମ ହୁଅନ୍ତି ତେବେ କନରାଡଙ୍କ ଭବିଷ୍ୟବାଣୀ ନିଶ୍ଚୟ ସତ ହେବ।

# ସାତ୍ତ୍ୱିକ ସ୍ୱାଇଁ ହେଲେ ସିଏମ୍



ଭୁବନେଶ୍ୱର,୧୨।୧୧(ସମିସ): ଓଡ଼ିଶାର ବିସ୍ମୟ ଚେସ୍ ପ୍ରତିଭା ସାତ୍ତ୍ୱିକ ସ୍ୱାଇଁ ହେଲେ ସିଏମ୍ ବା କ୍ୟାଣ୍ଡିଡେଟ୍ସ ମାଷ୍ଟର। ଚେସ୍‌ରେ କ୍ରମାଗତ ଉନ୍ନତ ଖେଳ ପ୍ରଦର୍ଶନ କରି ଗୋଟିକ ପରେ ଗୋଟିଏ ରେକର୍ଡ କରୁଥିବା ସାତ୍ତ୍ୱିକ ରାଜ୍ୟର ସର୍ବକନିଷ୍ଠ ସିଏମ୍ ହୋଇଛନ୍ତି। ନିକଟରେ ସର୍ବକନିଷ୍ଠ ଭାବେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଥିବା ଏହି ଖେଳାଳିଙ୍କୁ କିଙ୍ଗ ଚେସ୍ ସେଣ୍ଟର ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି ଓ ଖୁବ୍ ଶୀଘ୍ର ତାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଏହାର ପ୍ରତିଷ୍ଠାତା ବିଶ୍ୱଜିତ ରାୟ ପ୍ରକାଶ କରିଛନ୍ତି। ସାତ୍ତ୍ୱିକଙ୍କୁ ଏଓସିଓ ପକ୍ଷରୁ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ସମ୍ପାଦକ ଦେବବ୍ରତ ଭଞ୍ଜଙ୍କ ସମେତ ବିଭିନ୍ନ ଚେସ ସଂଗଠନ, ଖେଳାଳି ଓ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

# ରଣଜୀ ଦଳକୁ ଫେରିଲେ ବିପ୍ଳବ

ଭୁବନେଶ୍ୱର,୧୨।୧୧(ସମିସ): ଚଳିତ ରଣଜୀ ସିଜନରେ ପ୍ରଥମ ୪ଟି ମ୍ୟାଚ୍‌ରୁ ୩ଟିରେ ହାରିଯିବା ପରେ ଅଭିଜ୍ଞ ଅଲରାଉଣ୍ଡର ବିପ୍ଳବ ସାମନ୍ତରାୟଙ୍କୁ ଦଳରେ ସାମିଲ କରିଛି ଓଡ଼ିଶା। ଭୁବନେଶ୍ୱରରେ ଖେଳାଯିବାକୁ ଥିବା ନାଗାଲାଣ୍ଡ ବିପକ୍ଷ ମ୍ୟାଚ୍ ଲାଗି ବିପ୍ଳବଙ୍କ ସହ ୱିକେଟରକ୍ଷକ ସୱାନ ପାହାଡିଆଙ୍କୁ ଦଳରେ ନିଆଯାଇଛି। ବ୍ୟାଟର ସନ୍ଦୀପ ପଟ୍ଟନାୟକ, ୱିକେଟରକ୍ଷକ ରାଜେଶ ଧୂପର ଓ ବାମହାତୀ ସ୍ପିନର ଜାମଲାଭଞ୍ଜନ ମହାପାତ୍ରଙ୍କୁ ବାଦ୍ ଦିଆଯାଇଛି।

ପରିବର୍ତ୍ତିତ ଦଳ: ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ, ଗୌରବ ଚୌଧୁରୀ, ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ସୱାନ ପାହାଡିଆ, ସୌରଭ ଗୌଡ଼ା, ଅନୀଲ ପରିଡ଼ା, ସମ୍ବିତ ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ରାଜେଶ ମହାନ୍ତି, ତାପସ ଦାସ, ପ୍ରଶାନ୍ତ ରଣା ଓ ତାରିଣୀ ସ'।

## ୧୪ ବର୍ଷ ପରେ ଭାରତ ଆସିବେ ମେସୀ



ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ଦୀର୍ଘ ୧୪ ବର୍ଷର ବ୍ୟବଧାନ ପରେ ଭାରତ ଗସ୍ତରେ ଆସିବେ ଆର୍ଜେଣ୍ଟିନା ତଥା ବିଶ୍ୱ ଫୁଟବଲର ସୁପରଷ୍ଟାର ଲିଓନେଲ ମେସୀ। ଏ ସମ୍ପର୍କରେ ମେସୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଡିସେମ୍ବର ୧୩ରୁ ୧୫ ତାରିଖଯାଏ ସେ କୋଲକାତା, ଅହମ୍ମଦାବାଦ୍, ମୁମ୍ବଇରେ ବିଭିନ୍ନ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ପରେ ସ୍ୱଦେଶ ଫେରିଯିବେ। ଜିଓଏଟି ଟୁର୍‌ରେ ସେ ଏଠାରେ ସିଲେବ୍ରେଟୀ ମ୍ୟାଚ୍ ଓ କନସର୍ଟରେ ଭାଗନେବେ।

### ବିଶ୍ୱ ସୁଟିଂ ଚାମ୍ପିଅନସିପ୍ ୧୦ ମିଟର ଏୟାର ପିସ୍ତଲ

## ସମ୍ରାଟ ଭାରତର ପ୍ରଥମ ବିଶ୍ୱ ଚାମ୍ପିଅନ



କାଏରୋ,୧୨।୧୧(ଏଜେନ୍ସି): ଏଠାରେ ଚାଲିଥିବା ବିଶ୍ୱ ସୁଟିଂ ଚାମ୍ପିଅନସିପ୍‌ରେ ଇତିହାସ ରଚିଛନ୍ତି ଭାରତୀୟ ସୁଟର ସମ୍ରାଟ ରାଣା। ପୁରୁଷ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସମ୍ରାଟ ପ୍ରଥମ ଭାରତୀୟ ସୁଟର ଭାବେ ସ୍ୱର୍ଣ୍ଣ ପଦକ ଜିତିବା ସହ ବିଶ୍ୱ ଚାମ୍ପିଅନ ହୋଇଛନ୍ତି। କେବଳ ସେ ବ୍ୟକ୍ତିଗତ ସ୍ୱର୍ଣ୍ଣପଦକ ଜିତିନାହାନ୍ତି, ବରଂ ନିଜ ଦଳକୁ ମଧ୍ୟ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ନେଇଛନ୍ତି। ଅଲିମ୍ପିକ୍ ଇଭେଣ୍ଟ ସୁଟିଂରେ ଏହା ଭାରତ ଲାଗି ପ୍ରଥମ ସ୍ୱର୍ଣ୍ଣ ହୋଇଥିଲାବେଳେ ଗୋଟିଏ ଦିନରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚୀନ୍ ପଛକୁ ଭାରତ ପଦକ ତାଲିକାରେ ଦ୍ୱିତୀୟ ସ୍ଥାନକୁ ଯାଇଛି। ମହିଳା ୫୦ ମିଟର ୩ପି ଇଭେଣ୍ଟରେ ଅଶି ଚୋକସୀ ଓ ଅଞ୍ଜୁମ ମୌଦଗିଲ ଫାଇନାଲରେ ପ୍ରବେଶ କରିପାରି ନାହାନ୍ତି।

### ଟୋକିଓ ବଧିର ଅଲିମ୍ପିକ୍ସ

## ଧ୍ୱଜା ବହନ କରିବେ ଜେର୍ଲିନ୍



ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ୩ଥରର ବଧିର ଅଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜେତା ବ୍ୟାଡମିଣ୍ଟନ ଖେଳାଳି ଜେର୍ଲିନ ଜେ. ଟୋକିଓରେ ହେବାକୁ ଯାଉଥିବା ବଧିର ଅଲିମ୍ପିକ୍ସରେ ଭାରତର ଧ୍ୱଜା ବହନ କରିବେ। ଏହି ମେଗା ବଧିର ଅଲିମ୍ପିକ୍ସ ଟୋକିଓରେ ନଭେମ୍ବର ୧୫ରୁ ଆରମ୍ଭ ହେବ। ଏଥିରେ ୧୧୧ ଜଣ ଭାରତୀୟ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ମଦୁରାଇ ଜନ୍ମିତ ସଟଲର ୨୦୧୩ରେ ମାତ୍ର ୧୩ ବର୍ଷ ବୟସରେ ଏହି ଇଭେଣ୍ଟରେ ଭାଗନେଇଥିଲେ। ଏହା ପରେ ୨୦୨୧ରେ ସ୍ୱର୍ଣ୍ଣପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ଏଠାରେ ସେ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଥିଲାଗି ମଧ୍ୟ ଭାରତ ପକ୍ଷରୁ ତାଙ୍କୁ ୨୦୨୨ରେ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜି ଭାରତର ପ୍ରଥମ ଦଳ ଟୋକିଓ ଅଭିମୁଖେ ଯାତ୍ରା କରିଛନ୍ତି।

### ସେକ୍ରେଟାରିଏଟ୍ କପ୍ ଫୁଟବଲ

## ଗୃହ ବିଭାଗ ଚାମ୍ପିଅନ, ସମବାୟ ରନର୍ସ ଅପ୍



ଭୁବନେଶ୍ୱର, ୧୨।୧୧ (ସମିସ): ରାଜ୍ୟ ସରକାରଙ୍କ କଲଚରାଲ ଆସୋସିଏସନ୍ ପିଆର ଏବଂ ଡିଡବ୍ଲ୍ୟୁ ପକ୍ଷରୁ ଅନୁଷ୍ଠିତ ସେକ୍ରେଟାରିଏଟ୍ କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଗୃହ ବିଭାଗ (ଇଲେଭେନ) ଦଳ ଚାମ୍ପିଅନ ହୋଇଛି। ସମବାୟ ଦଳ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛି। ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଗୃହ ବିଭାଗ (ଇଲେଭେନ) ଦଳ ୩-୧ ପେନାଲ୍‌ଟିରେ ସମବାୟ ବିଭାଗକୁ ପରାଜିତ କରିଥିଲା। ଏହି ପ୍ରତିଯୋଗିତାରେ ଅର୍ଥ ବିଭାଗ ଦଳ ତୃତୀୟ, ପଞ୍ଚାୟତରାଜ ବିଭାଗ-ବି ଦଳ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ଅଧିନାୟକ ନବୀନଙ୍କୁ ବେଷ୍ଟ ସ୍ପୋର୍ଟ୍ସମ୍ୟାନ ସିପ୍ ପୁରସ୍କାର ଦିଆଯାଇଥିଲା। ଜିତେନ୍ଦ୍ରଙ୍କୁ ପ୍ଲେୟାର ଅଫ୍ ଦ ସିରିଜ୍, ସଂଗ୍ରାମ ଶ୍ରେଷ୍ଠ ଗୋଲକିପର, ନିର୍ମଳ ଶ୍ରେଷ୍ଠ ଡିଫେଣ୍ଡର, ଅମିତ ଓରାମ ଶ୍ରେଷ୍ଠ ଉଦୀୟମାନ ଖେଳାଳି, ଜର୍ଜଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଗୋଲ, କାହ୍ନୁ ମ୍ୟାନ ଅଫ୍ ଦ ଫାଇନାଲ, ଶୁଭାଶିଷ ତୃତୀୟ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ଲାଭ କରିଛନ୍ତି।

### ବାରବାଟୀରେ ଅନ୍ତର୍ଜାତୀୟ ଟି-୨୦

# କାଉଣ୍ଟରକୁ ଯିବ ୧୦ହଜାରରୁ ଅଧିକ ଟିକଟ

କଟକ,୧୨।୧୧(ସମିସ):

ବିଗତ ଦିନରେ ବାରବାଟୀ ଷ୍ଟାଡିୟମରେ କାଉଣ୍ଟର ଟିକଟ ବିକ୍ରିକୁ ନେଇ ଅପ୍ରୀତିକର ପରିସ୍ଥିତି ଉପୁଜିଥିବା ଉଦାହରଣ ରହିଛି। ପୁଲିସ, ପ୍ରଶାସନ ଏବଂ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଭିତରେ ସମନ୍ୱୟ ଅଭାବ ଯୋଗୁଁ ବ୍ୟାରିକେଡ ଭିତରେ କ୍ରିକେଟପ୍ରେମୀ ଦଳାଚକଟା ହୋଇଥିଲେ। ଅନେକ ଅଣନିଶ୍ୱାସୀ ହୋଇ ପ୍ରାଣ ବିକଳରେ ଧାଡି ଭାଙ୍ଗି ଚାଲି ଆସିଥିଲେ। ଏହି ଘଟଣାକୁ ନେଇ ଚାରିଆଡେ ନିନ୍ଦା କରାଯାଇଥିଲା। କିଛି ଦିନ ପୂର୍ବେ ଗଣମାଧ୍ୟମକୁ ସାକ୍ଷାତକାର ଦେବା ବେଳେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଅନଲାଇନ୍ ଜରିଆରେ ସମସ୍ତ ଟିକଟ ବିକ୍ରି କରାଯିବା ବାବଦରେ ମତ ଦେଇଥିଲେ। ହେଲେ ବିଚାରବିମର୍ଶ ପରେ ଏହା ସ୍ପଷ୍ଟ ହେବ ବୋଲି କହିଥିଲେ। ଏହି ପ୍ରସଙ୍ଗରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଆସନ୍ତା ଡିସେମ୍ବର ୯ ତାରିଖରେ ଏଠାରେ ହେବାକୁ ଥିବା ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ପ୍ରଥମ ଟି-୨୦ ମ୍ୟାଚ୍ ନିମନ୍ତେ ୧୦ହଜାରରୁ ଅଧିକ ଟିକଟ କାଉଣ୍ଟରକୁ ଯିବ ବୋଲି ସୂଚନା ମିଳିଛି। ଦୁଇ ଦିନ ଭିତରେ ଏହାର ତାଲିକା ପ୍ରସ୍ତୁତ କରାଯାଇ ଡିଷ୍ଟ୍ରିକ୍ଟ ବାଏ ଜୋମାଟୋକୁ ହସ୍ତଗତ କରାଯିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି। କେଉଁ ଗ୍ୟାଲେରୀରୁ କେତେ ସଂଖ୍ୟକ ଟିକଟ କାଉଣ୍ଟରରେ ବିକ୍ରି ହେବ ତାହା ଖୁବଶୀଘ୍ର ସ୍ପଷ୍ଟ ହେବ।

### ଡିଷ୍ଟ୍ରିକ୍ଟ ବାଏ ଜୋମାଟୋକୁ ତାଲିକା ଦେବ ଓସିଏ

ପ୍ରକାଶଥାଉକି, ଗତ ଫେବୃଆରୀ ୯ ତାରିଖରେ ବାରବାଟୀରେ ଭାରତ-ଇଂଲଣ୍ଡ ଅନ୍ତର୍ଜାତୀୟ ଏକଦିବସୀୟ ମ୍ୟାଚ୍ ଖେଳାଯାଇଥିଲା। ୪୦ହଜାରରୁ ଅଧିକ ଦର୍ଶକ କ୍ଷମତା ରଖିଥିବା ବାରବାଟୀରେ ସର୍ବମୋଟ ୨୪ହଜାର ୬୯୨ ଟିକଟ ବିକ୍ରି ପାଇଁ ଧାର୍ଯ୍ୟ କରିଥିଲା ଓସିଏ। ପ୍ରଥମେ ଅନଲାଇନ୍ ଜରିଆରେ ୪ହଜାର ଟିକଟ ବିକ୍ରି ହୋଇଥିଲା। ପରେ ଅନୁବନ୍ଧିତ ୟୁନିଟ ସମେତ କର୍ମକର୍ତ୍ତା,



କାଉନସିଲ ସଦସ୍ୟ ଟିକଟ କ୍ରୟ କରିଥିଲେ। ୧୧ହଜାର ୮୦ ଖଣ୍ଡ ଟିକଟ କାଉଣ୍ଟରକୁ ବିକ୍ରି ନିମନ୍ତେ ପଠାଯାଇଥିଲା। ଷ୍ଟାଡିୟମ ସନ୍ନିକଟ ରାସ୍ତାରେ ୪ଟି କାଉଣ୍ଟର ବ୍ୟବସ୍ଥା ହୋଇଥିଲା। ହର୍ଷଗେଟ୍ ନିକଟରେ ଗୋଟିଏ କାଉଣ୍ଟର ଖୋଲିଥିବା ବେଳେ ଏଠାରେ କେବଳ ସ୍ପେଶିଆଲ ଏନକ୍ଲୋଜର, ଏସି ବକ୍ସ, କର୍ପୋରେଟ ବକ୍ସ, ନ୍ୟୁ ପ୍ୟାଭିଲିୟନ ଭଳି ଦାମୀ ଟିକଟ ସବୁ ବିକ୍ରି କରାଯାଇଥିଲା। ଫାଟକ ନଂ-୧୩ ନିକଟରେ ୩ଟି କାଉଣ୍ଟର ଖୋଲିଥିଲା। ତିନୋଟି ଯାକ କାଉଣ୍ଟରରେ କେବଳ ଗ୍ୟାଲେରୀ ଟିକଟ ବିକ୍ରି ହୋଇଥିଲା। ମାତ୍ର ଯେଉଁ କାଉଣ୍ଟରରେ କେବଳ ଗ୍ୟାଲେରୀ ଟିକଟ ବିକ୍ରୟ ହେଉଥିଲା ସେଠାରେ ବିଶୃଙ୍ଖଳା ସୀମା ଟପିବା ସହ ଶହଶହ କ୍ରିକେଟପ୍ରେମୀ ଠେଲାପେଲା ହୋଇଥିଲେ। ସଂକୀର୍ଣ୍ଣ ରାସ୍ତାରେ ୪ଟି ଧାଡିରେ ବ୍ୟାରିକେଡ ବନ୍ଧା ହୋଇଥିବାରୁ ଟିକଟ ଆଶାୟୀ ଭିତରେ ଫସି ରହି ଅଣନିଶ୍ୱାସୀ ହୋଇ ପଡ଼ିଥିଲେ। ଏହି ଘଟଣାରେ ଓସିଏ ଏବଂ ପୁଲିସ ପରସ୍ପରକୁ ଦୋଷ ଦେଇ ନିଜେ ଖସିବାକୁ ଚେଷ୍ଟା କରିଥିଲେ। ଆଗାମୀ ଅନ୍ତର୍ଜାତୀୟ ମ୍ୟାଚ୍ ପୂର୍ବରୁ କାଉଣ୍ଟର ଟିକଟ ବିକ୍ରି ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ ଓସିଏ ଉଦ୍ୟମ କରିବା ଆବଶ୍ୟକ ବୋଲି କ୍ରିକେଟପ୍ରେମୀଙ୍କ ଆଶା ରହିଛି।

ନନ୍ଦିଘୋଷ

**'ନନ୍ଦିଘୋଷ ଟିଭି'**

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ
୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com
ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS